# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଫେବୃୟାରୀ ୧୯/୨୦୨୦ (୨୦ ପୃଷ୍ଠା+ସାହିତ୍ୟାୟନ) | Bhubaneswar, Wednesday, February 19/2020 | ★★★★

୪୬ଶ ଭାଗ ୮୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ରେସ୍‌ଲର ସୁନୀଲଙ୍କୁ ସ୍ୱର୍ଣ୍ଣ ପଦକ**

ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍ ଗ୍ରୀକୋ-ରୋମାନ ବିଭାଗରେ ଭାରତର ସୁନୀଲ କୁମାର ଏକ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

୧୮

୧୨

**ନେହାଙ୍କ ସହ ବ୍ରେକ୍‌ଅପ୍ ନେଇ ମୁହଁ ଖୋଲିଲେ ହିମାଂଶ**

ସହମତିରେ ବ୍ରେକ୍‌ଅପ୍ ହୋଇଥିଲା। ହେଲେ ସୋସିଆଲ ମିଡିଆରେ ନେହା ମୋତେ ଖଳନାୟକ କରିଦେଲେ ବୋଲି କହିଛନ୍ତି ହିମାଂଶ।



# କୃଷି, ପୋଷଣ ଉପରେ ଫୋକସ୍

## ବିଧାନସଭାରେ ୧.୫ ଲକ୍ଷ କୋଟି ଟଙ୍କାର ଇ-ବଜେଟ ଉପସ୍ଥାପିତ

**ଭୁବନେଶ୍ୱର,୧୮।୨(ବ୍ୟୁରୋ)**

ରାଜ୍ୟ ସରକାର ପ୍ରଥମଥର ପାଇଁ ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ୧ ଲକ୍ଷ ୫୦ ହଜାର କୋଟି ଟଙ୍କାର ଇଲେକ୍ଟ୍ରୋନିକ ବଜେଟ ପ୍ରସ୍ତୁତ କରିଛନ୍ତି। ଏହାକୁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଆଇପ୍ୟାଡ୍ ମାଧ୍ୟମରେ ବିଧାନସଭାରେ ମଙ୍ଗଳବାର ଉପସ୍ଥାପନ କରିଛନ୍ତି। ଆଗକୁ ପୌର ନିର୍ବାଚନ ହେବାକୁ ଯାଉଛି। ସହରବାସୀଙ୍କୁ ଖୁସି କରିବାକୁ ପ୍ରୟାସ କରିଛନ୍ତି ସରକାର। ପଞ୍ଚମ ଅର୍ଥ କମିଶନରେ ପୌର ସଂସ୍ଥାଗୁଡିକ ପାଇଁ ସରକାର ଅଧିକ ବ୍ୟୟବରାଦ କରିଥିବାବେଳେ ଏହି ବଜେଟରେ ମଧ୍ୟ ସହରାଞ୍ଚଳର ବିକାଶ ଉପରେ ଅଧିକ ଫୋକସ କରିଛନ୍ତି। ଏଥିସହିତ ଐତିହ୍ୟ ସ୍ଥଳଗୁଡିକର ବିକାଶ, ପିଲାମାନଙ୍କ ପୁଷ୍ଟିକୁ ସର୍ବାଧିକ ଗୁରୁତ୍ୱ ଦେବା ସହ ଜଳବାୟୁ ପରିବର୍ତ୍ତନ ମୁକାବିଲାକୁ ନେଇ ମଧ୍ୟ ନିଜର ଆଗୁଆ ପ୍ରସ୍ତୁତିକୁ ସୂଚାଇଛନ୍ତି। କୃଷି, ସ୍ୱାସ୍ଥ୍ୟ, ପାନୀୟ ଜଳ, ଜଳସେଚନ, ଭିତ୍ତିଭୂମି ବିକାଶ, ଶିକ୍ଷା ସାମାଜିକ ନିରାପତ୍ତା, ମହିଳା ଶସକ୍ତିକରଣ, ଖାଦ୍ୟ ନିରାପତ୍ତା, ଏସ୍‌ସି/ଏସଟି, ପଛୁଆ ବର୍ଗ କଲ୍ୟାଣ ପର୍ଯ୍ୟଟନ, ବିପର୍ଯ୍ୟୟ ପରିଚାଳନାକୁ ମଧ୍ୟ ବଜେଟରେ ପ୍ରାଧାନ୍ୟ ଦିଆଯାଇଛି। ସରକାର ହାତ ଗଣତି କେଇଟି ନୂଆ ଯୋଜନା ଘୋଷଣା କରିଥିଲେ ମଧ୍ୟ ଚାଲୁ ରହିଥିବା ଯୋଜନାକୁ କାର୍ଯ୍ୟକାରୀ କରି ଆର୍ଥିକ ଅବସ୍ଥାକୁ ସମ୍ଭାଳିବାକୁ ଭରପୂର ପ୍ରୟାସ କରିଛନ୍ତି। ଏହି ବଜେଟରେ ୫-ଟି ଏବଂ ମୋ ସରକାର ଜରିଆରେ ଲୋକମାନଙ୍କୁ କିପରି ଉନ୍ନତ ମାନର ସେବା ଯୋଗାଇ ଦିଆଯାଇ ପାରିବ, ତାହା ଉପରେ ପ୍ରାଧାନ୍ୟ ଦେଇଛନ୍ତି। ନୂଆ ଓଡିଶା ଲକ୍ଷ୍ୟ ନେଇ ବଜେଟର ରୂପରେଖ ପ୍ରସ୍ତୁତ କରାଯାଇଛି। କୃଷି ଏବଂ ଏହାର ଆନୁସଙ୍ଗିକ କ୍ଷେତ୍ରକୁ ପ୍ରଗତିଶୀଳ ପରିବର୍ତ୍ତନ ପାଇଁ ବଜେଟରେ ଗବେଷଣା, ବିକାଶ ଏବଂ କାର୍ଯ୍ୟପଦ୍ଧତିର ପରିସରକୁ ବୃଦ୍ଧି କରିବା ଦିଗରେ ଗୁରୁତ୍ୱ ଦିଆଯାଇଛି। କୃଷି କ୍ଷେତ୍ରରେ ଉନ୍ନତି ଆଣିବା ଲାଗି ୧୯,୪୦୮ କୋଟି ଟଙ୍କାର ସ୍ୱତନ୍ତ୍ର ବଜେଟ ବିଧାନସଭାରେ ଉପସ୍ଥାପନ କରାଯାଇଛି।

ବିଧାୟକ ସ୍ଥାନୀୟ ଅଞ୍ଚଳ ଉନ୍ନୟନ ପାଣ୍ଠି(ଏମ୍‌ଏଲଏ ଲାଡ୍ ଫଣ୍ଡ୍ ) ବଢାଇବାକୁ ବିଭିନ୍ନ ସମୟରେ ବିଧାୟକମାନେ ଦାବି କରି ଆସୁଥିଲେ। ରାଜ୍ୟ ସରକାର ବଜେଟରେ ବିଧାୟକମାନଙ୍କୁ ଖୁସି କରିଛନ୍ତି। ଏମ୍‌ଏଲଏ ଲାଡ୍ ଫଣ୍ଡ୍ ଅର୍ଥ ରାଶିକୁ ୧ କୋଟିରୁ ୩ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ସେଥିରୁ ୨କୋଟି ଟଙ୍କା ସାଧାରଣ ଉନ୍ନୟନ କାର୍ଯ୍ୟ ଲାଗି ଖର୍ଚ୍ଚ କରାଯାଇପାରିବ। ଅବଶିଷ୍ଟ ୫୦ ଲକ୍ଷ ରାସ୍ତା କାର୍ଯ୍ୟ ଏବଂ ୫୦ ଲକ୍ଷ କଲେଜ ଶିକ୍ଷା ସମ୍ବନ୍ଧୀୟ ଉନ୍ନୟନ କାର୍ଯ୍ୟ ପାଇଁ ବ୍ୟୟ ହେବ। ଏଥିପାଇଁ ବଜେଟରେ ୪୪୧କୋଟିଟଙ୍କା ଏବଂ ପଶ୍ଚିମ ଓଡିଶା ବିକାଶ ପାଣ୍ଠି ପାଇଁ ୮୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

୨୦୨୦-୨୧ ବଜେଟ ଗତ ବଜେଟଠାରୁ ୧୧.୧ ପ୍ରତିଶତ ଅଧିକ ରହିଛି। ୨୦୧୯-୨୦ ବଜେଟ ୧ ଲକ୍ଷ ୩୫ ହଜାର କୋଟି ଟଙ୍କା ଥିଲା। ଏଥିରେ ପ୍ରଶାସନିକ ଖର୍ଚ୍ଚ ୬୫ ହଜାର ୬୫୫ କୋଟି ଟଙ୍କା, ବିଭିନ୍ନ କାର୍ଯ୍ୟକ୍ରମ ବାବଦ ଖର୍ଚ୍ଚ ୭୪ ହଜାର, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିକୁ ୩,୨୦୦ କୋଟି ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୭,୧୪୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ବଜେଟରେ ଆକଳନ କରାଯାଇଥିବା ବ୍ୟୟ ୮୩ ପ୍ରତିଶତ ରାଜସ୍ୱରୁ ଏବଂ ୧୭ ପ୍ରତିଶତ ପୁଞ୍ଜି ପ୍ରାପ୍ତିରୁ ସଂଗ୍ରହ କରିବେ ବୋଲି ସରକାର ଆକଳନ କରିଛନ୍ତି। ରାଜସ୍ୱରୁ ୧,୨୪,୩୦୦ କୋଟି ଟଙ୍କା ମିଳିବ ବୋଲି ଲକ୍ଷ୍ୟ ରଖାଯାଇଥିବାବେଳେ ରାଜ୍ୟ ସରକାରଙ୍କ ନିଜସ୍ୱ ଟିକସ ଓ ଅଣ ଟିକସ ବାବଦକୁ ୫୬ ହଜାର କୋଟି, କେନ୍ଦ୍ରୀୟ ଅନୁଦାନ ବାବଦରେ ୬୮ ହଜାର ୩୦୦ କୋଟି ଟଙ୍କା ସଂଗ୍ରହ କରିବା ନେଇ ଲକ୍ଷ୍ୟ ଧାର୍ଯ୍ୟ

☞ପୃଷ୍ଠା-୧୫




**କାଗଜ ବିହୀନ ବଜେଟ**

ଚଳିତ ବଜେଟ ଉପସ୍ଥାପନ କାଗଜବିହୀନ ହୋଇଛି, ଯାହାଦ୍ୱାରା ପ୍ରାୟ ୭୫ ଲକ୍ଷ ପୃଷ୍ଠାର କାଗଜ ଓ ମୁଦ୍ରଣ ଖର୍ଚ୍ଚ ସଞ୍ଚୟ କରାଯାଇ ପାରିଛି। ପରିବେଶ ସୁରକ୍ଷା ଏବଂ ଜଙ୍ଗଲ ରକ୍ଷା ପାଇଁ ରାଜ୍ୟ ସରକାର ଏପରି ନିଷ୍ପତ୍ତି ନେଇଛନ୍ତି। ପୂର୍ବବର୍ଷ ଭଳି ଯଦି ବଜେଟ୍ ପୁସ୍ତିକା ଏଥର ଛପା ଯାଇଥାନ୍ତା, ତେବେ ଏଥିଲାଗି କାଗଜ ପାଇଁ ୧୦୦୦ରୁ ଅଧିକ ଗଛ କାଟିବାକୁ ପଡ଼ିଥାନ୍ତା। ଏତେପରିମାଣର ଗଛ କଟାକୁ ରୋକିବା ସହିତ ପରିବେଶ ସନ୍ତୁଳିତ ବଜେଟ ଉପସ୍ଥାପନ କରିବାକୁ ଡିଜିଟାଲ ମୋଡକୁ ଆପଣା ଯାଇଛି। ଏହି ଡିଜିଟାଲ ପ୍ରକ୍ରିୟାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଗତ କରିବା ସହ ରାଜ୍ୟ ସରକାର ସବୁଜ ଓ ନିରନ୍ତର ବିକାଶ ଲାଗି ବଦ୍ଧପରିକର। ଏହାକୁ ଗ୍ରୀନ୍ ବଜେଟ୍ ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି।



ଇ-ବଜେଟ୍ ସମ୍ପର୍କିତ ପେନ୍ ଡ୍ରାଇଭ୍ ପ୍ରଦର୍ଶନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ।

- ଅଭିବୃଦ୍ଧି ଲକ୍ଷ୍ୟ ୭.୫%
- ୩% ହେବ ବିତ୍ତୀୟ ନିଅଣ୍ଟ
- ଋଣଭାର ରହିବ ଜିଏସ୍‌ଡିପିର ୧୮.୯୯%
- କୃଷି ବଜେଟ ୧୯୪୦୮ କୋଟି ଟଙ୍କା
- ଫୋକସରେ ସହର, ଐତିହ୍ୟ, ଜଳବାୟୁ
- ପିଲେ ହେବେ କୁପୋଷଣ ମୁକ୍ତ
- ଏମ୍‌ଏଲଏ ଲ୍ୟାଡ୍ ୧ କୋଟିରୁ ୩ କୋଟିକୁ ବଢ଼ିଲା, ବିଧାୟକ ଖୁସ୍
- ସହର ପାଇଁ ୬,୧୮୦ କୋଟି ଟଙ୍କା
- ସ୍ୱାସ୍ଥ୍ୟସେବା ପାଇଁ ୭,୭୦୦କୋଟି
- ଦକ୍ଷତା ବିକାଶ ପାଇଁ ୨୨ ହଜାର କୋଟି
- ପ୍ରଶାସନିକ ବ୍ୟୟ ପରିମାଣ ୬୫ ହଜାର ୬୬୫ କୋଟି
- କାର୍ଯ୍ୟକ୍ରମ ବ୍ୟୟ ପରିମାଣ ୭୪ ହଜାର କୋଟି
- ବିପର୍ଯ୍ୟୟ ପ୍ରଶମନ ବାବଦ ବ୍ୟୟ ୩ ହଜାର ୨ ଶହ କୋଟି
- କାଳିଆ ଯୋଜନାରେ ବିନା ସୁଧରେ ଦିଆଯିବ ୭୦୫ କୋଟିର ଋଣ

**ରାଜ୍ୟ ବଜେଟରେ ଚାଷକୁ ପ୍ରାଧାନ୍ୟ**




# ଆଜିଠୁ ମାଟ୍ରିକ ପରୀକ୍ଷା

- କପି ରୋକିବାକୁ ୧୦୦୦ କେନ୍ଦ୍ରରେ ସିସିଟିଭି କ୍ୟାମେରା
- ପରୀକ୍ଷା ପରିଚାଳନା ପାଇଁ ୪ସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା
- ଅଭିଯୋଗ ପାଇଁ ୧୨ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି
- ୨୮୮୮ କେନ୍ଦ୍ରରେ ପରୀକ୍ଷା ଦେବେ ୫,୬୦,୯୦୫ ଛାତ୍ରୀଛାତ୍ର

**କଟକ ଅଫିସ,୧୮।୨**

ବୁଧବାରଠାରୁ ଆରମ୍ଭ ହେବ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା। ଏଥିସହ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଓ ମଧ୍ୟମା ପରୀକ୍ଷା ଗୋଟିଏ ଦିନରୁ ହିଁ ଆରମ୍ଭ ହେବ। ଚଳିତବର୍ଷ ମୋଟ୍ ୨୮୮୮ ପରୀକ୍ଷା କେନ୍ଦ୍ରରେ ୫ ଲକ୍ଷ ୬୦ହଜାର ୯୦୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏ ନେଇ ବୋର୍ଡ କର୍ତ୍ତୃପକ୍ଷ ସମସ୍ତ ପ୍ରସ୍ତୁତି ଶେଷ କରିଛନ୍ତି ବୋଲି ସଭାପତି ରାମାଶିଷ ହାଜରା ସୂଚନା ଦେଇଛନ୍ତି।

ମାଟ୍ରିକ ପରୀକ୍ଷା ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଫେବୃୟାରୀ ୨୯ ଓ ମଧ୍ୟମା ପରୀକ୍ଷା ଫେବୃୟାରୀ ୨୮ରେ ଶେଷ ହେବ। ଦୁଇଟି ସିଟିଂରେ ପରୀକ୍ଷାଗୁଡ଼ିକ କରାଯିବ। ପରୀକ୍ଷା ଖାତା ଗଚ୍ଛିତ ରଖିବା ପାଇଁ ୩୦୭ ନୋଡାଲ କେନ୍ଦ୍ର ସ୍ଥିର କରାଯାଇଛି। ସେଥିମଧ୍ୟରୁ ସମ୍ବେଦନଶୀଳ ସ୍ଥାନ ଭାବେ ଗଣା ହେଉଥିବା ପରୀକ୍ଷାକେନ୍ଦ୍ରର ପରୀକ୍ଷା ଖାତା ଥାନାରେ ରଖାଯିବ। କୋରାପୁଟ ଜିଲାର ୫, କନ୍ଧମାଳ ଜିଲାର ୭ ଓ ମାଲକାନଗିରି ଜିଲାର ୧୦ଟି ଥାନାକୁ ନୋଡାଲ କେନ୍ଦ୍ର କରାଯାଇଛି। ପରୀକ୍ଷା ପରିଚାଳନା ନିମନ୍ତେ ବୋର୍ଡ କର୍ତ୍ତୃପକ୍ଷ ୪ ସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ବୋର୍ଡ ପକ୍ଷରୁ ୬୯ଟି ସ୍ୱତନ୍ତ୍ର ଫ୍ଲାଇଂ ସ୍କ୍ୱାଡ୍ ଓ ଜିଲା ଶିକ୍ଷାଧିକାରୀମାନଙ୍କୁ ନେଇ ୪୪ଟି ସ୍କ୍ୱାଡ୍ ଗଠନ ହୋଇଛି। ଫ୍ଲାଇଂ ସ୍କ୍ୱାଡ୍‌ରେ ଅଧ୍ୟାପକମାନଙ୍କୁ ସାମିଲ କରାଯାଇଛି। ଅନ୍ୟପକ୍ଷରେ କପି ରୋକିବା ପାଇଁ

☞ପୃଷ୍ଠା-୧୫

**ଆଜିର ସମ୍ପାଦକୀୟ**

## ଦୟାର ପାତ୍ର ନୁହେଁ

**ଆଜିର ମନ୍ତବ୍ୟ**

"ଅର୍ଥନୀତି ସମ୍ପର୍କିତ ତଥ୍ୟ ଲୁଚାଇ ପ୍ରାଚୀର ପଛପଟେ ଦାରିଦ୍ର୍ୟକୁ ଢାଙ୍କିବାକୁ ଉଦ୍ୟମ କରୁଛନ୍ତି କେନ୍ଦ୍ର ସରକାର।

-ରଣଦୀପ ସୁର୍ଜେୱାଲା, କଂଗ୍ରେସ ମୁଖପାତ୍ର

# ୩ ବର୍ଷରେ ମଲେଣି ୨୪୬ ହାତୀ

- ରାଜ୍ୟରେ ଅଛନ୍ତି ୧୯୭୬ ହାତୀ
- ୧୩ ବନଖଣ୍ଡରେ ନାହାନ୍ତି ଗୋଟିଏ ବି ହାତୀ

**ଭୁବନେଶ୍ୱର, ୧୮।୨(ବ୍ୟୁରୋ)**

ଓଡ଼ିଶାରେ ବିପଦରେ ଅଛନ୍ତି ହାତୀ। ଗତ ୩ ବର୍ଷରେ ବିଭିନ୍ନ କାରଣରୁ ୨୪୬ ହାତୀଙ୍କ ମୃତ୍ୟୁ ହୋଇଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି। ମଙ୍ଗଳବାର ବିଧାନସଭାରେ ବଲାଙ୍ଗୀର ଲୋଇସିଂହା ଭାଜପା ବିଧାୟକ ମୁକେଶ ମହାଲିଙ୍ଗ ରାଜ୍ୟରେ ହାତୀ ସଂଖ୍ୟା କେତେ ରହିଛି, ବିଗତ ୩ ବର୍ଷ ମଧ୍ୟରେ କେତେ ହାତୀଙ୍କ ମୃତ୍ୟୁ ହୋଇଛି ଏବଂ ସେମାନଙ୍କ ସୁରକ୍ଷା ପାଇଁ ସରକାରଙ୍କ ତରଫରୁ କି ପ୍ରକାର ପଦକ୍ଷେପ ନିଆଯାଇଛି ବୋଲି ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତର ରଖି ମନ୍ତ୍ରୀ କହିଛନ୍ତି, ରୋଗରେ ଆକ୍ରାନ୍ତ, ବିଦ୍ୟୁତ୍‌ଜନିତ ଦୁର୍ଘଟଣା, ଟ୍ରେନ୍ ଦୁର୍ଘଟଣା ଭଳି କାରଣ ଯୋଗୁ ହାତୀଙ୍କ ମୃତ୍ୟୁ ହୋଇଛି। ୨୦୧୭ ହାତୀଗଣନା ଅନୁଯାୟୀ, ରାଜ୍ୟର ବିଭିନ୍ନ ବନଖଣ୍ଡରେ ମୋଟ ୧୯୭୬ ହାତୀ ରହିଛନ୍ତି। ସେଥିମଧ୍ୟରୁ ଶିମିଳିପାଳ (କୋର୍)ରେ ସର୍ବାଧିକ ୩୩୦ ହାତୀ ରହିଥିବାବେଳେ ଢେଙ୍କାନାଳରେ ୧୬୯, ସାତକୋଶିଆରେ ୧୪୭ ଓ ଆଠଗଡ଼ରେ ୧୧୫ ହାତୀ ଅଛନ୍ତି। ତେବେ ଓଡ଼ିଶାର ୫୦ ବନଖଣ୍ଡ ମଧ୍ୟରୁ ୧୩ଟିରେ ଆଦୌ ହାତୀ ନାହାନ୍ତି। ଏପରି କି ଭୁବନେଶ୍ୱର ଉପକଣ୍ଠରେ ଥିବା ଚନ୍ଦକା ବନଖଣ୍ଡରେ ମାତ୍ର ଗୋଟିଏ ହାତୀ ଅଛି ବୋଲି ମନ୍ତ୍ରୀ ଦେଇଥିବା ତଥ୍ୟରେ ପ୍ରକାଶ ପାଇଛି। ହାତୀଙ୍କ ସୁରକ୍ଷା ପାଇଁ ସରକାରଙ୍କ ଦ୍ୱାରା ଅନେକ ପଦକ୍ଷେପ ନିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ବିଦ୍ୟୁତ୍‌ଜନିତ ହେଉଥିବା ହାତୀ ମୃତ୍ୟୁ ସଂଖ୍ୟାକୁ ରୋକିବା ଲାଗି ପର୍ଯ୍ୟାୟକ୍ରମେ ଶକ୍ତି ବିଭାଗ ସହିତ ମିଳିତ ବୈଠକ ହେଉଛି। ସେହିପରି ଦୁର୍ଘଟଣା ରୋକିବା ପାଇଁ ରେଳ ଓ ସଡ଼କ ପରିବହନ ବିଭାଗକୁ ସଚେତନ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ୧୪ଟି ହାତୀ କରିଡର୍ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ହାତୀ କରିଡର୍ ସହିତ ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନରେ ନୂଆ ପୋଖରୀ ଖୋଳାଯିବା ସହ ହାତୀଙ୍କ ଖାଦ୍ୟ ପାଇଁ ବୃକ୍ଷରୋପଣ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।







Vencobb Fresh Chicken — 18.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 52 | 96 | 106 |
| CTC | 54 | 98 | 108 |
| DKL | 54 | 98 | 108 |
| BDK | 59 | 105 | 115 |
| BLS | 60 | 106 | 116 |
| ANG | 54 | 98 | 108 |
| BHM | 52 | 96 | 106 |

*Conditions Apply

Issued in the Interest of Consumers



# କୃଷି କ୍ଷେତ୍ରକୁ ଅଗ୍ରାଧିକାର

ରାଜ୍ୟର ଅର୍ଥନୀତି ଗ୍ରାମ୍ୟଭିତ୍ତିକ ଓ କୃଷିଭିତ୍ତିକ। ୨୦୦୦- ୨୦୦୧ ରୁ ୨୦୧୬-୧୭ ଆର୍ଥିକ ବର୍ଷ ମଧ୍ୟରେ ଓଡିଶାର କୃଷି ଭିତ୍ତିକ ଘରୋଇ ଉତ୍ପାଦ ପ୍ରାୟ ଦ୍ୱିଗୁଣିତ ହୋଇଛି। ଏହାର ବାର୍ଷିକ ହାରାହାରି ଅଭିବୃଦ୍ଧି ହାର ରାଜ୍ୟରେ ୪.୫% ରହିଥିବା ବେଳେ ସାରା ଦେଶରେ ବିକାଶ ହାର ୩.୧% ରହିଛି। ୨୦୦୨-୦୩ ରୁ ୨୦୧୨-୧୩ ମଧ୍ୟରେ କୃଷକଙ୍କ ଆୟ ଦୁଇଗୁଣ କରିବାରେ ସକ୍ଷମ ହୋଇଥିବା ଦେଶର କିଛି ରାଜ୍ୟଗୁଡିକ ମଧ୍ୟରେ ଓଡିଶା ଅନ୍ୟତମ ହୋଇଛି। ଏ ଦିଗରେ ବିଭିନ୍ନ ପଦକ୍ଷେପ ଚଳିତ ବର୍ଷ ବଜେଟରେ ମଧ ଘୋଷଣା କରାଯାଇଛି। ୨୦୨୦-୨୧ ଲାଗି ରାଜ୍ୟର କୃଷି କ୍ଷେତ୍ର ଲାଗି ୧୯ ହଜାର ୪ ଶହ ୮ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି।

### ସମୃଦ୍ଧ କୃଷି ନୀତି ୨୦୨୦

୨୦୨୦-୨୧ ରାଜ୍ୟ ବଜେଟରେ ସମୃଦ୍ଧ କୃଷି ନୀତି ୨୦୨୦ ଘୋଷଣା କରାଯାଇଛି। କୃଷକଙ୍କ ନିରନ୍ତର ବିକାଶ ଏବଂ ଅନ୍ତର୍ଭୁକ୍ତୀକରଣ ଉପରେ ଏଥିରେ ଫୋକସ କରାଯାଇଛି। ଆଗାମୀ ୫ ବର୍ଷରେ କୃଷକଙ୍କ ଆୟରେ ସ୍ଥିତାବସ୍ଥା, ପୋଷଣୀୟ ଏବଂ ଅଭିବୃଦ୍ଧି କରାଇବାକୁ ଏଥିରେ ଲକ୍ଷ୍ୟ ରଖାଯାଇଛି। କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଅଭୁତପୂର୍ବ ପରିବର୍ତ୍ତନ ଆଣିବା ଲାଗି ଗବେଷଣା, ଉନ୍ନୟନ, ସମ୍ପ୍ରସାରଣ କାର୍ଯ୍ୟକ୍ରମ ଉପରେ ଏହି ଯୋଜନା ଦ୍ୱାରା ଫୋକସ କରାଯିବ।

### କାଳିଆ ଯୋଜନାକୁ ୩,୧୯୫ କୋଟି

୨୦୧୮-୧୯ରେ କୃଷକ ଆସିଷ୍ଟାନ୍ସ ଫର୍ ଲାଇଭଲିହୁଡ ଆଣ୍ଡ ଇନ୍‌କମ ଅଗମେଣ୍ଟେଶନ(କାଳିଆ) ଯୋଜନା ପ୍ରଣୟନ କରାଯାଇଥିଲା। ଏହା ପ୍ରମୁଖ ବ୍ୟକ୍ତି କୈନ୍ଦ୍ରିକ ଯୋଜନା ହିତାଧିକାର ଯୋଜନା ବୋଲି ବିଚାର କରାଯାଏ। ଏହି ଯୋଜନା ପାଇଁ ବଜେଟରେ ୩,୧୯୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଏଥିରେ ୪୩ ଲକ୍ଷ କୃଷକଙ୍କ ବ୍ୟାଙ୍କ ଖାତାକୁ ୫,୧୧୫ କୋଟି ଟଙ୍କା ସିଧାସଳଖ ପ୍ରେରଣ କରାଯାଇଛି। କୃଷକଙ୍କ କଠିନ ପରିଶ୍ରମ ଯୋଗୁ ଓଡିଶା ୨୦୧୩-୧୪ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୫ ଥର କୃଷି କର୍ମଣ ପୁରସ୍କାର ଲାଭ କରିଛି।

### ଜୈବିକ କୃଷିକୁ ପ୍ରୋତ୍ସାହନ

ଚଳିତ ଥର ବଜେଟରେ ଜୈବିକ କୃଷିକୁ ପ୍ରୋତ୍ସାହିତ କରିବା ଲାଗି ସରକାର ପଦକ୍ଷେପ ନେଇଛନ୍ତି। ପରମ୍ପରାଗତ କୃଷି ଯୋଜନା ମାଧ୍ୟମରେ ୨୦,୮୦୦ ହେକ୍ଟର ଜମିରେ ଜୈବିକ କୃଷିର ଉନ୍ନତୀକରଣ ଲାଗି ପଦକ୍ଷେପ ନିଆଯିବାକୁ ଯୋଜନା ରହିଛି। ଏଥିଲାଗି ୪୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି।

### ଆବର୍ତ୍ତ ପାଣ୍ଠି

ଚାଷୀମାନଙ୍କୁ ଆଗୁଆ ବିହନ ଯୋଗାଇ ଦେବା ଲାଗି ଆବର୍ତ୍ତ ପାଣ୍ଠି (ରିଭଲଭିଂ ପଣ୍ଡ) ବ୍ୟବସ୍ଥା କରାଯାଇଛି। ବିହନ ଯୋଗାଣ ଲାଗି ୧୦୦ କୋଟି ଟଙ୍କା ଏବଂ ସାର ଯୋଗାଣ ଲାଗି ୧୦୦ କୋଟି ଟଙ୍କା ପାଣ୍ଠି ବ୍ୟବସ୍ଥା କରାଯାଇଛି।

## କୃଷି ପାଇଁ ୧୯,୪୦୮ କୋଟି ବ୍ୟୟବରାଦ

### ବ୍ୟବସାୟିକ କୃଷିରେ ପୁଞ୍ଜି ବିନିଯୋଗ

ବ୍ୟବସାୟିକ କୃଷି ଉଦ୍ୟୋଗ ପ୍ରତିଷ୍ଠାନରେ ପୁଞ୍ଜି ବିନିଯୋଗ ଲାଗି ୧୦୦ କୋଟି ଟଙ୍କା ସବ୍‌ସିଡି ପ୍ରସ୍ତାବ ରଖାଯାଇଛି। ଏହା ସହ କୃଷି ଯନ୍ତ୍ରପାତି ଓ ଡିଜେଲ ପମ୍ପ ସେଟ୍‌ର ଲୋକପ୍ରିୟତା ବଢାଇବା ଲାଗି ୨୨୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି।

### ଉତ୍କର୍ଷ କେନ୍ଦ୍ର ହେବ ଓୟୁଏଟି

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)କୁ ଉତ୍କର୍ଷ କେନ୍ଦ୍ର (ସେଣ୍ଟର ଅଫ ଏକ୍ସଲେନ୍ସ)ରେ ପରିଣତ କରିବା ଲାଗି ସରକାର ବଜେଟରେ ପ୍ରସ୍ତାବ ଦେଇଛନ୍ତି। କୃଷି ଗବେଷଣା ଓ ସମ୍ପ୍ରସାରଣ କ୍ଷେତ୍ରରେ ବିଶ୍ୱସ୍ତରୀୟ ମାନଦଣ୍ଡ ସୃଷ୍ଟି କରିବା ଦିଗରେ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ। କୃଷି ଗବେଷଣା ଓ ଭିତ୍ତିଭୂମି ବିକାଶ ଲାଗି ୧୫୦ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ଏହା ୨୦୧୯-୨୦ ବ୍ୟୟ ବରାଦ ତୁଳନାରେ ପ୍ରାୟ ୫ ଗୁଣ ଅଧିକ।

### ଆତ୍ମା ,ଉଦ୍ୟାନ କୃଷି

ଜିଲା ସ୍ତରରେ କୃଷି ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା) ମାଧ୍ୟମରେ କୃଷି ସମ୍ପ୍ରସାରଣକୁ ପ୍ରୋତ୍ସାହିତ କରାଯିବାକୁ ପ୍ରସ୍ତାବ ରହିଛି। ଏଥି ଲାଗି ୧୫୦ କୋଟି ଏବଂ ଜାତୀୟ ଉଦ୍ୟାନ କୃଷି ମିଶନରେ ୧୨୩ କୋଟି ବ୍ୟୟ ବରାଦ ହୋଇଛି। ଏହାବାଦ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟକ୍ରମ, ଖାଦ୍ୟ ପ୍ରକ୍ରିୟାକରଣ, ପଣ୍ୟାଗାର ଓ ଅନ୍ୟାନ୍ୟ ପରିଚାଳନା କ୍ଷେତ୍ରରେ ଫାର୍ମର ପ୍ରଡ୍ୟୁଶର ଅର୍ଗାନାଇଜେଶନ (ଏଫ୍‌ପିଓ)କୁ ସହାୟତା ପ୍ରଦାନ ଲାଗି ୬୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି।



## କୃଷି ବଜେଟର ମୁଖ୍ୟାଂଶ

- ୨୦୨୦-୨୧ ରାଜ୍ୟ କୃଷି ବଜେଟ୍ ପାଇଁ ୧୯,୪୦୮ କୋଟି ଟଙ୍କାର ବ୍ୟୟ ବରାଦ
- ରାଜ୍ୟରେ କୃଷି ଅଭିବୃଦ୍ଧି ହାର ୪.୫% ରହିଛି
- ରାଜ୍ୟକୁ ୫ଥର ମିଳିଛି କୃଷି କର୍ମଣ ପୁରସ୍କାର
- କୃଷକଙ୍କ ସଶକ୍ତିକରଣ ପାଇଁ 'କାଳିଆ' ଯୋଜନା କାର୍ଯ୍ୟକାରୀ କରାଯାଉଛି
- କାଳିଆ ଯୋଜନା ପାଇଁ ୩,୧୯୫ କୋଟି ଟଙ୍କାର ବ୍ୟୟ ବରାଦ
- କାଳିଆ ଯୋଜନାରେ ୫୧୧୫ କୋଟି ଟଙ୍କା ଚାଷୀଙ୍କ ଖାତାରେ ଜମା କରାଯାଇଛି
- ବିହନ ପାଇଁ ୧୦୦ ଓ ସାର ପାଇଁ ୧୦୦ କୋଟିର ଆବର୍ତ୍ତନ ପାଣ୍ଠି ବ୍ୟବସ୍ଥା
- ଚଳିତ ଆର୍ଥିକ ବର୍ଷରେ ୧.୮୪ ଲକ୍ଷ ହେକ୍ଟର ଜମିକୁ ଜଳ ସେଚନ ସୁବିଧା ଲକ୍ଷ୍ୟ
- ଗୋପାଳନ ଓ ଦୁଗ୍ଧ ଉତ୍ପାଦନ ପାଇଁ ୧୦୦ କୋଟିର ବ୍ୟବସ୍ଥା
- ବିନା ସୁଧରେ କାଳିଆ ଯୋଜନାରେ ୭୦୫ କୋଟି ଟଙ୍କାର କୃଷି ଋଣ
- ଗତ ୫ ବର୍ଷରେ ୬ଟି ବୃହତ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି
- ୧୫ ଜିଲାରେ ୧୦ହଜାର ପୋଖରୀ ନବୀକରଣ କରାଯିବ
- ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ପାଇଁ ୭୦୦କୋଟି ଟଙ୍କାର ବ୍ୟୟ ବରାଦ
- ମିଲେଟ ମିଶନ ପାଇଁ ୧୦୬ କୋଟିର ବ୍ୟୟ ବରାଦ
- ମତ୍ସ୍ୟ ଓ ପଶୁ ପାଳନ ପାଇଁ ୧୨୧୧ କୋଟି ଟଙ୍କାର ବ୍ୟୟ ବରାଦ
- କୃଷି ଗବେଷଣା ପାଇଁ ରେକର୍ଡ ପରିମାଣର ୧୫୦କୋଟି ଟଙ୍କାର ବ୍ୟୟ ବରାଦ
- ଓୟୁଏଟି ହେବ ଉତ୍କର୍ଷ କେନ୍ଦ୍ର

# ୧.୮୪ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଲକ୍ଷ୍ୟ

ରାଜ୍ୟରେ ସ୍ୱଳ୍ପ, ଅନିଶ୍ଚିତ ଓ ଅନିୟମିତ ବର୍ଷା, କୃଷି ଉତ୍ପାଦନକୁ ପ୍ରଭାବିତ କରିଥାଏ। ଏହାକୁ ଧ୍ୟାନରେ ରଖି ବଜେଟରେ ୨୦୨୦-୨୧ ଆର୍ଥିକ ବର୍ଷରେ ୧.୮୪ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା କରିବାକୁ ଲକ୍ଷ୍ୟ ରଖାଯାଇଛି। ଆଗାମୀ ୫ ବର୍ଷରେ ରାଜ୍ୟର ମୁଖ୍ୟ ନଦୀଗୁଡିକରେ ୧୨୦୦୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗରେ ଇନଷ୍ଟ୍ରିମ ଷ୍ଟୋରେଜ ଷ୍ଟ୍ରକଚର(ଆଇଏସ୍‌ଏସ୍) ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି। ୨୦୨୦-୨୧ରେ ଆର୍ଥିକ ବର୍ଷ ଲାଗି ଏବାବଦରେ ୧୦୯୨ କୋଟି ଟଙ୍କା ବ୍ୟୟବରାଦ ପ୍ରସ୍ତାବ ରହିଛି। ନିର୍ମାଣାଧୀନ ସମସ୍ତ ବୃହତ୍, ମଧ୍ୟମ ଏବଂ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡିକୁ ଶେଷ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ଶୀଘ୍ର ଶେଷ ହେବାକୁ ଥିବା ପ୍ରକଳ୍ପଗୁଡିକୁ ଅଗ୍ରାଧିକାର ଦିଆଯାଇଛି। ବିଭିନ୍ନ ପ୍ରତିବନ୍ଧକ ସତ୍ତ୍ୱେ ଗତ ୫ ବର୍ଷରେ ୬ଟି ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ଶେଷ କରାଯାଇଛି। ଏହା ମଧ୍ୟରେ ଇନ୍ଦ୍ରାବତୀ କେନାଲ ସମ୍ପ୍ରସାରଣ,



ଟିଟିଲାଗଡ, ରେତ, ରୁକୁରା, ବାଘଲଟି, ତେଲେଙ୍ଗିରି ଜଳଭଣ୍ଡାର ରହିଛି। ଏହାବାଦ ୩୭ ମଧ୍ୟମ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ତ୍ୱରିତ ଜଳସେଚନ ସୁବିଧା ଯୋଜନା ମାଧ୍ୟମରେ ଅସମ୍ପୂର୍ଣ୍ଣ ଥିବା ପ୍ରକଳ୍ପଗୁଡିକୁ ଶେଷ କରିବା ଲାଗି ୮୧୧ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଜଳକ୍ଷେତ୍ର ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟକ୍ରମ ଅଧୀନରେ ନିର୍ମାଣାଧୀନ ଓ ନୂତନ ପ୍ରକଳ୍ପଗୁଡିକ ଲାଗି ୯୧୦ କୋଟି ପାଣ୍ଠି ବ୍ୟବସ୍ଥା ହୋଇଛି। ଏହାବାଦ ବନ୍ୟା ନିୟନ୍ତ୍ରଣ ଓ ଜଳ ନିଷ୍କାସନ କାର୍ଯ୍ୟ ଲାଗି ୧୦୬୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ଡିପ ଜମିକୁ ଜଳସେଚନ ସୁବିଧା ଯୋଗାଣ ଲାଗି ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଯୋଜନା ଅଧୀନରେ ଚାଲୁ ରହିଥିବା ୩୩ ଗୋଟି ପ୍ରକଳ୍ପକୁ ଶେଷ କରିବା ଲାଗି ୫୪୦ କୋଟି ପାଣ୍ଠି ବ୍ୟବସ୍ଥା କରାଯାଇଛି।

### ଜଳ ସଂରକ୍ଷଣ ଲାଗି ନୂଆ ଯୋଜନା

ଜଳ ସଂରକ୍ଷଣ ଲାଗି ୨ ଯୋଜନା ଏକତ୍ର କରିବାକୁ ଯୋଜନା ହାତକୁ ନିଆଯାଇଛି। ଛାତ ଉପର ଜଳ ସଂରକ୍ଷଣ ଏବଂ ଗ୍ରାଉଣ୍ଡ ୱାଟର ରିଚାର୍ଜକୁ



ଏକତ୍ର ମିଶାଇ ରୁଫ ଟପ ରେନ୍ ୱାଟର ଆଣ୍ଡ ଗ୍ରାଉଣ୍ଡ ୱାଟର ରିଚାର୍ଜ ନାମରେ ନୂଆ ଯୋଜନା ଆରମ୍ଭ କରାଯାଇଛି। ଆଗାମୀ ୫ ବର୍ଷରେ ଏଥିରେ ୨୪୬ କୋଟି ଟଙ୍କା ବିନିଯୋଗ କରାଯିବ। ୨୭ଟି ସହରାଞ୍ଚଳ ସ୍ଥାନୀୟ ନିକାୟ ଓ ୪୯ ଜଳକ୍ଲିଷ୍ଟ ବ୍ଲକରେ ରୁଫ ଟପ୍ ରେନୱାଟର ହାର୍ଭେଷ୍ଟିଂ ଆଣ୍ଡ ଗ୍ରାଉଣ୍ଡ ୱାଟର ରିଚାର୍ଜ କାର୍ଯ୍ୟକ୍ରମ ହାତକୁ ନିଆଯିବ। ୨୦୨୦-୨୧ରେ ଏହି ଯୋଜନା ଲାଗି ୩୫ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି।

### ଜଳନିଧି ଯୋଜନା

୨୦୨୦-୨୧ରେ ଜଳନିଧି ଯୋଜନାରେ ଅତିରିକ୍ତ ଜଳସେଚନ କ୍ଷମତା ସୃଷ୍ଟି ଲାଗି ଆର୍‌ଆଇଡିଏଫ୍ ସହାୟତାରେ ୧୮୦ କୋଟି ବ୍ୟୟ ବରାଦ ହୋଇଛି। ୧୫ ହଜାର ଗଭୀର ନଳକୂପ ସମ୍ପୂର୍ଣ୍ଣ ନିମନ୍ତେ ଡିପ୍ ବୋରୱେଲ ସ୍କିମ ଅଧୀନରେ ୧୨୫୦ ଗୋଷ୍ଠୀ ଉଠା ଜଳସେଚନ ପଏଣ୍ଟ ସ୍ଥାପନ ଲାଗି ବିଜୁ କୃଷକ ଯୋଜନାରେ ୩୬୦ କୋଟି ବ୍ୟବସ୍ଥା କରାଯାଇଛି।

### ସେଚାଞ୍ଚଳ ଉନ୍ନୟନ ଯୋଜନା ଓ ଅନ୍ୟାନ୍ୟ

ସେଚାଞ୍ଚଳ ଉନ୍ନୟନ ଯୋଜନାରେ ୩ ଶହ କୋଟି ବ୍ୟବସ୍ଥା କରାଯାଇଛି। ଜଳ ସଞ୍ଚାଳନ କ୍ଷତିକୁ କମାଇବା ଲାଗି କେନାଲ ଲାଇନିଂ ସିଷ୍ଟମ ରିହାବିଲିଟେଶନ ପ୍ରୋଗ୍ରାମ ପ୍ରଚଳନ କରାଯାଇଛି। ଏଥି ଲାଗି ୧୯୦ କୋଟି ପୁଞ୍ଜି ବ୍ୟବସ୍ଥା ହୋଇଛି। ନବକୃଷ୍ଣ ଚୌଧୁରୀ ସେଚ୍ ଉନ୍ନୟନ ଯୋଜନାରେ ୬୩୫ କୋଟି ଖର୍ଚ୍ଚ କରାଯିବ। ୨୦୨୦-୨୧ରେ ଏଥି ବାବଦ ୯୦ କୋଟି ଟଙ୍କା ପ୍ରଦାନ କରାଯାଇଛି।

### ଓଆଇଆଇପିସିଆର୍‌ଏ

ବିଶ୍ୱ ବ୍ୟାଙ୍କ ସହାୟତାରେ ଓଡିଶା ଇଣ୍ଟିଗ୍ରେଟେଡ ଇରିଗେଶନ ପ୍ରୋଜେକ୍ଟ ଫର କ୍ଲାଇମେଟ ରେଜିଲିଏଣ୍ଟ ଏଗ୍ରିକଲଚର(ଓଆଇଆଇପିସିଆର୍‌ଏ) ଯୋଜନା ଗ୍ରହଣ କରାଯାଇଛି। ଏଥିରେ ୫୩୮ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ନବୀକରଣ ଓ ପୁନରୁଦ୍ଧାର କରାଯିବ। ଏଥି ଲାଗି ୧୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

### ନବୀକରଣ ହେବ ୧୦ ହଜାର ପୋଖରୀ

ଗ୍ରିନ କ୍ଲାଇମେଟ୍ ଫଣ୍ଡ, ଏମ୍‌ଜିଏନ୍‌ଆର୍‌ଇଜିଏ ଏବଂ ରାଜ୍ୟର ନିଜସ୍ୱ ପାଣ୍ଠିକୁ ସଂଯୋଜନା କରି ୧୦୯୮ କୋଟି ବ୍ୟୟ ଅଟକଳରେ ଗ୍ରାଉଣ୍ଡ ୱାଟର ରିଚାର୍ଜ ଥ୍ରୋ କମ୍ୟୁନିଟି ପଣ୍ଡ ଯୋଜନା କାର୍ଯ୍ୟକାରୀ ହେବ। ଏଥିରେ ୧୫ ଜିଲାରେ ୧୦ ହଜାର ପୋଖରୀର ନବୀକରଣ କରାଯିବାକୁ ପ୍ରସ୍ତାବ ରହିଛି। ଏହାବାଦ ୨୦୨୦-୨୧ ଆର୍ଥିକ ବର୍ଷରେ ୧୯୩ କୋଟି ଟଙ୍କା ବ୍ୟୟ ଅଟକଳରେ ୧୨୦୦ ଅଚଳ ଉଠା ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର କରିବାକୁ ଲକ୍ଷ୍ୟ ରଖାଯାଇଛି।

# ଆନୁଷଙ୍ଗିକ କାର୍ଯ୍ୟକ୍ରମ ପାଇଁ ୩୫% ଅଧିକ ଅର୍ଥ

ଚଳିତବର୍ଷ ବଜେଟରେ ମତ୍ସ୍ୟଚାଷ, ପଶୁପାଳନ କ୍ଷେତ୍ରରେ ବ୍ୟୟ ବରାଦ ଯଥେଷ୍ଟ ବଢିଛି। ଏହି ବାବଦ ବ୍ୟୟବରାଦ ୧୨୧୧ କୋଟି ଟଙ୍କା ରହିଛି। ଏହା ଗତ ବର୍ଷ ତୁଳନାରେ ୩୫% ଅଧିକ।



**ମାଛ ଚାଷ**

- ଖାରଜଳ ମାଛଚାଷ, ସାମୁଦ୍ରିକ ମାଛ ଚାଷ, ସଘନ ଓ ଆଭ୍ୟନ୍ତରୀଣ ମାଛ ଚାଷର ଉନ୍ନୟନ ନିମନ୍ତେ ୧୬ କୋଟି
- ମାଛ ଚାଷ ଲାଗି ନୂଆ ପୋଖରୀ ଖୋଳା ଯୋଜନାରେ ମଧୁର ଜଳରେ ମତ୍ସ୍ୟ ଉତ୍ପାଦନ ଲାଗି ଚଳିତ ବର୍ଷ ଅଲଗା ଭାବେ ୬୮ କୋଟି ବ୍ୟୟ ବରାଦ।
- ମତ୍ସ୍ୟ ଚାଷୀଙ୍କ ଦକ୍ଷତା ବିକାଶ, ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ ପାଇଁ ୬ କୋଟି
- ନୀଳ ବିପ୍ଳବ ଯୋଜନା ଅଧୀନରେ ୧୧୬ କୋଟି

**ପଶୁପାଳନ,ଗୋପାଳନ**

- ପଶୁପାଳନ,ଗୋପାଳନ ଗବେଷଣା ଓ ବିକାଶକୁ ତ୍ୱରାନ୍ୱିତ କରିବା ଲାଗି ୧୦ କୋଟି ବ୍ୟୟ ବରାଦରେ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଫର ଭେଟେରିନାରି ସାଇନ୍ସ ସ୍ଥାପନ ଯୋଜନା
- ଶ୍ୱେତ ବିପ୍ଳବ ଯୋଜନାରେ ଗୋପାଳନ ଉନ୍ନୟନ ଓ ପଶୁଧନ ପରିଚାଳନା ପାଇଁ ୧୦୦ କୋଟି ବ୍ୟୟ ବରାଦ।
- ଉନ୍ନତ ମାନର ଦୁଗ୍ଧ ପ୍ରକ୍ରିୟାକରଣ ନିମିତ୍ତ ଓମଫେଡ ମାଧ୍ୟମରେ ୫ ଲକ୍ଷ ଏଲ୍‌ପିଡି ବିଶିଷ୍ଟ ଡାଇରୀ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଆର୍‌ଆଇଡିଏଫ୍ ସହାୟତାରେ ୫୯ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି।
- ପଶୁ ଚିକିତ୍ସା କେନ୍ଦ୍ର ମାଧ୍ୟମରେ ରାଜ୍ୟର ସମସ୍ତ ବ୍ଲକରେ ମାସକୁ ୨୦ ଦିନ ପଶୁ ଚିକିତ୍ସା ସେବା ପ୍ରଦାନ ନିମନ୍ତେ ଭ୍ରାମ୍ୟମାଣ ପଶୁ ଚିକିତ୍ସା ୟୁନିଟ ପାଇଁ ୧୮ କୋଟି ବ୍ୟୟ ବରାଦ।
- ପଶୁଧନ ସ୍ୱାସ୍ଥ୍ୟ ସେବା ଉନ୍ନୟନ ଲାଗି ୬୦ କୋଟି ଟଙ୍କାର ବ୍ୟୟ ବରାଦ।



# ପିଏଲ୍‌ପିରେ କୃଷି କ୍ଷେତ୍ରକୁ ମିଳିବ ୪୩,୨୮୨ କୋଟି

ନାବାର୍ଡ ସହ ପରାମର୍ଶ କରି ୨୦୨୦-୨୧ ବର୍ଷ ପାଇଁ ଜିଲା ଭିତ୍ତିରେ ଡିଷ୍ଟ୍ରିକ୍ଟ ୱାଇଜ ପୋଟେନସିଆଲ୍ ଲିଙ୍କଡ କ୍ରେଡିଟ ପ୍ଲାନ ( ପିଏଲ୍‌ପି) ପ୍ରସ୍ତୁତ କରାଯାଇଛି। କୃଷି ଓ ଆନୁଷଙ୍ଗିକ କାର୍ଯ୍ୟକ୍ରମରେ ୪୩,୨୮୨ କୋଟି ଟଙ୍କାର ଋଣ କ୍ଷମତା ସୃଷ୍ଟି କରାଯାଇଛି। ବାଣିଜ୍ୟିକ ବ୍ୟାଙ୍କଗୁଡିକ ଏହି ଋଣ ଯୋଗାଣ କରିବେ। କାଳିଆ



ଯୋଜନାରେ କୃଷକଙ୍କୁ ଋଣ ଯୋଗାଣ ଲାଗି ବ୍ୟବସ୍ଥା କରାଯାଇଛି। ସୁଧ ସବ୍‌ସିଡି ଏବଂ ସବ୍‌ଭେନଶନ ଯୋଜନାରେ ସୁଧ ରିହାତି ପ୍ରଦାନ ନିମନ୍ତେ ୭୦୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ୨୦୨୦-୨୧ରେ ସମବାୟ ବ୍ୟାଙ୍କ ୧୫ ହଜାର କୋଟି ଟଙ୍କାର କୃଷି ଋଣ ଯୋଗାଣ କରିବେ। ଏହି ସମୟରେ ସମବାୟ ବ୍ୟାଙ୍କଗୁଡିକୁ ଆର୍ଥିକ ସହାୟତା ବାବଦ ୨୪ କୋଟି, ସାଧାରଣ ଅଂଶ ସହାୟତା ପାଇଁ ୪୦ କୋଟି, କୃଷି ସମବାୟ ସମିତିକୁ ପୁଞ୍ଜି ଅଂଶ ନିବେଶ ବାବଦ ୭୮ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି।

### ସଂଯୋଜନା ଜରିଆରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର

- ଚାଷୀ ମାନଙ୍କଠାରୁ ଠିକ ସମୟରେ ଧାନ ସଂଗ୍ରହ ଲାଗି ବଜେଟ ବହିର୍ଭୂତ ସମ୍ବଳରୁ ପ୍ରାୟ ୧୨ ହଜାର କୋଟି ଟଙ୍କା ବ୍ୟୟ ବରାଦ କରାଯିବ।
- ଏମ୍‌ଜିଏନ୍‌ଆର୍‌ଇଜିଏ ପାଣ୍ଠିର ସଂଯୋଜନା ମାଧ୍ୟମରେ ଏହି କ୍ଷେତ୍ରରେ ଅଧିକ କାର୍ଯ୍ୟକ୍ରମ ହାତକୁ ନିଆଯିବ।
- ୨୦୨୦-୨୧ରେ ସୁନ୍ଦରଗଡ, ମୟୂରଭଞ୍ଜ ଓ କୋରାପୁଟ ଜିଲାରେ ଓଏମ୍‌ବିଏଡିସି ପାଣ୍ଠି ଅଧୀନରେ ପ୍ରାୟ ୧୪୦ କୋଟି ଟଙ୍କା ବ୍ୟୟ ଅଟକଳରେ ୪ଟି ୱାଟରସେଡ୍ କ୍ଲଷ୍ଟର ଓ ୧୨୦୨ କୋଟି ୱାଟର ହାର୍ଭେଷ୍ଟିଂ ଷ୍ଟ୍ରକଚର ନିର୍ମାଣ ଲକ୍ଷ୍ୟ ରଖାଯାଇଛି।
- ଡିଷ୍ଟ୍ରିକ୍ଟ ମିନେରାଲ ଫଣ୍ଡ ସଂଯୋଜନାରେ ୨୨୦ କୋଟି ଟଙ୍କା ବ୍ୟୟ ଅଟକଳରେ ବୃହତ୍ ଉଠାଜଳସେଚନ ପ୍ରକଳ୍ପ, ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଏବଂ ଆଡିବନ୍ଧ ନିର୍ମାଣ ପ୍ରସ୍ତାବ ରଖାଯାଇଛି।

### ବିପତ୍ତି ପ୍ରଶମନ, କୃଷି ବୀମା

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ କୃଷକଙ୍କୁ ତୁରନ୍ତ ସହାୟତା ଓ କ୍ଷତିପୂରଣ ନିମନ୍ତେ ୭୦୦ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ୨୦୨୦-୨୧ରେ ଏହି ଯୋଜନାରେ ୨୭ ଲକ୍ଷ ଚାଷୀଙ୍କୁ ବୀମା ଭୁକ୍ତ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏଥିରେ ବିନା ଋଣରେ କୃଷି କାର୍ଯ୍ୟ କରୁଥିବା ୫ ଲକ୍ଷ ଚାଷୀ ଅନ୍ତର୍ଭୁକ୍ତ।

### ଅମଳ ପରବର୍ତ୍ତୀ ପରିଚାଳନା

ଧାନ ସଂଗ୍ରହର ମୂଲ୍ୟ ପି-ପିଏଏସ୍ ପୋର୍ଟାଲ ମାଧ୍ୟମରେ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କର କୋର ବ୍ୟାଙ୍କିଙ୍ଗ ଜରିଆରେ କୃଷକମାନଙ୍କର ଖାତାରେ ସିଧାସଳଖ ଜମା କରାଯାଉଛି।

### ଓଡିଶା ମିଲେଟ ମିଶନ

ଆଦିବାସୀ ଅଞ୍ଚଳରେ ମାଣ୍ଡିଆ ଇତ୍ୟାଦି ଚାଷ କରୁଥିବା କୃଷକମାନଙ୍କୁ ସୁଲଭ ମୂଲ୍ୟ ଯୋଗାଇ ଦେବା ଲକ୍ଷ୍ୟରେ ଏଭଳି ଏକ ପଦକ୍ଷେପ ଗ୍ରହଣ କରାଯାଇଛି। ଏହାକୁ ନୀତି ଆୟୋଗ ପ୍ରଶଂସା କରିଛନ୍ତି। ଏହି ମିଶନ ଲାଗି ୧୦୬ କୋଟି ଟଙ୍କା ପ୍ରଦାନ କରାଯାଇଛି।

### କ୍ଲାଇମେଟ ବଜେଟ

କ୍ଲାଇମେଟ ବଜେଟ ନାମରେ ଏକ ଦସ୍ତାବିଜ ପ୍ରସ୍ତୁତ କରିବାର ପ୍ରସ୍ତାବ ରହିଛି। ଏହା ଜଳବାୟୁ ସମ୍ବନ୍ଧୀୟ ସରକାରୀ ଖର୍ଚ୍ଚର ତଥ୍ୟ ହାସଲ କରିବାରେ ସହାୟକ ହେବ। ଏଭଳି ଦସ୍ତାବିଜ ପ୍ରସ୍ତୁତ କରିବାରେ ଓଡିଶା ପ୍ରଥମ ରାଜ୍ୟ ହେବ।

# କୃଷି କ୍ଷେତ୍ରରେ ଯୋଗଦାନ ଲାଗି ପୁରସ୍କୃତ ହେବେ ବ୍ୟାଙ୍କ

କୃଷି କ୍ଷେତ୍ରର ଉନ୍ନତି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରେଷ୍ଠ ବ୍ୟାଙ୍କ ଲାଗି ମୁଖ୍ୟମନ୍ତ୍ରୀ ପୁରସ୍କାର, କ୍ଷୁଦ୍ର ଉଦ୍ୟୋଗୀଙ୍କ ଉନ୍ନତି ଲାଗି କାର୍ଯ୍ୟ କରୁଥିବା ଶ୍ରେଷ୍ଠ ବ୍ୟାଙ୍କ ଲାଗି ମୁଖ୍ୟମନ୍ତ୍ରୀ ପୁରସ୍କାର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଉନ୍ନତି ସାଧନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟାଙ୍କ ମଧ୍ୟ ଏହି ପୁରସ୍କାର ପ୍ରଦାନ କରାଯିବ। ଏହି ପୁରସ୍କାର ପ୍ରତିବର୍ଷ ଦିଆଯିବ। ଗରିବ, କୃଷକ ଏବଂ ମହିଳାଙ୍କ କଲ୍ୟାଣ ସାଧନ ଲାଗି ଯୋଗଦାନ ରଖିଥିବା ବ୍ୟାଙ୍କଗୁଡିକୁ ସରକାର ସମସ୍ତ ପ୍ରକାରର ସହଯୋଗ ପ୍ରଦାନ କରିବେ।

# ଅନୁପ, ବର୍ଦ୍ଧନଙ୍କୁ କୋର୍ଟରେ ହାଜର କଲା ପୋଲିସ

ଭୁବନେଶ୍ୱର(ବ୍ୟୁରୋ)/ଝାରସୁଗୁଡ଼ା ଅଫିସ, ବ୍ରଜରାଜନଗର(ଡି.ଏନ.ଏ.), ୧୮।୨

ବହୁ ଚର୍ଚ୍ଚିତ କଳ୍ପନା ଦାଶ ଓ ବବ୍‌ଲି ହତ୍ୟା ଘଟଣାରେ ପୂର୍ବତନ ବିଧାୟକ ଅନୁପ ସାଏ ଓ ତାଙ୍କ ଡ୍ରାଇଭର ବର୍ଦ୍ଧନ ଟପ୍ପୋଙ୍କୁ ରିମାଣ୍ଡରେ ନେବା ପାଇଁ ପୋଲିସ ମଙ୍ଗଳବାର ରାୟଗଡ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆବେଦନ କରିଛି। ସେଥିପାଇଁ ଉଭୟଙ୍କୁ ରାୟଗଡ ଜେଲରୁ ଦିନ ପ୍ରାୟ ୧୧ଟା ୩୦ରେ ଏସ୍‌ଡିଜେଏମଙ୍କ କୋର୍ଟକୁ ଅଣାଯାଇଥିଲା। ସେମାନଙ୍କୁ ଅପରାହ୍ନ ୪ଟା ୩୦ରେ କୋର୍ଟରେ ହାଜର କରାଯାଇଥିଲା। ହେଲେ ପୋଲିସ ଆବେଦନ କରିବା ବେଳେ କୋର୍ଟରେ ଉପଯୁକ୍ତ କାଗଜପତ୍ର ଦେଇ ପାରି ନ ଥିବାରୁ କୋର୍ଟ ଦିନକ ପାଇଁ ରାୟ ସ୍ଥଗିତ ରଖିଛନ୍ତି। ସରକାରୀ ଓକିଲ ବେଦପ୍ରକାଶ ପଟେଲ କହିଛନ୍ତି, ପୋଲିସ ପକ୍ଷରୁ ଉଭୟଙ୍କୁ ୭ ଦିନି ରିମାଣ୍ଡରେ ନେବା, ନାର୍କୋ ଓ ଡିଏନଏ ଟେଷ୍ଟ ପାଇଁ ଆବେଦନ କରାଯାଇଛି। କୋର୍ଟ ମଙ୍ଗଳବାର ଆବେଦନ ଗ୍ରହଣ କରିଥିଲେ ମଧ୍ୟ ରାୟ ସ୍ଥଗିତ ରଖିଛନ୍ତି। ବୁଧବାର ରାୟ ପ୍ରକାଶ ପାଇବ।



ଡ୍ରାଇଭର ବର୍ଦ୍ଧନ ଟପ୍ପୋ ଓ ଅନୁପ ସାଏଙ୍କୁ କୋର୍ଟରେ ହାଜର ପାଇଁ ନିଆଯାଉଛି।

## ରାଜଧାନୀରେ ଅନୁପଙ୍କ ୩ ସାଙ୍ଗଙ୍କୁ ନୋଟିସ୍

କଳ୍ପନା ଏବଂ ଝିଅ ବବ୍‌ଲି ହତ୍ୟା ଘଟଣାରେ ପୋଲିସ ଏକାଧିକ ଲୋକଙ୍କୁ ପଚରାଉଚରା କରୁଛି। ଅନୁପଙ୍କ କକା ପୁଅ ଭାଇ ନୃପଲାଲ ସାଏ, ପୁତୁରା ସଂଗ୍ରାମ ସାଏ ଓ କଳ୍ପନାଙ୍କ ଭାଉଜ ରୀନା ଦାଶଙ୍କୁ ମଙ୍ଗଳବାର ଥାନାରେ ହାଜର ହେବାକୁ ଛତିଶଗଡ଼ ପୋଲିସ ନୋଟିସ କରିଥିଲା। ରାୟଗଡ଼ ଏସ୍‌ପି ସନ୍ତୋଷ ସିଂ କହିଛନ୍ତି, ଏହି ମାମଲାରେ ଅନୁପଙ୍କ କେତେକ ଅତି ଘନିଷ୍ଠ ବନ୍ଧୁଙ୍କୁ ମଧ୍ୟ ପଚରାଉଚରା କରାଯିବା ପାଇଁ ନୋଟିସ କରାଯାଇଛି। କେଉଁମାନଙ୍କୁ ନୋଟିସ ଜାରି କରାଯାଇଛି ସେନେଇ ତଦନ୍ତ ଚାଲିଥିବାରୁ କହିବା ଠିକ୍ ନୁହେଁ ବୋଲି ସେ କହିଛନ୍ତି।

## ନାର୍କୋ, ଡିଏନ୍ଏ ଟେଷ୍ଟ ପାଇଁ ଆବେଦନ

ଅନୁପ ସାଏ, ଡ୍ରାଇଭର ବର୍ଦ୍ଧନ ଟପ୍ପୋ ଜୋରା ବେଳେ କଥା ବଦଳାଉଛନ୍ତି। ଉଭୟ ପୋଲିସକୁ ଭିନ୍ନ କାହାଣୀ କହୁଛନ୍ତି। ତେଣୁ ଉଭୟଙ୍କ ନାର୍କୋ ଟେଷ୍ଟ କରିବା ପାଇଁ କୋର୍ଟରେ ମଙ୍ଗଳବାର ଆବେଦନ କରାଯାଇଛି। ଏପରିକି ଅନୁପଙ୍କ ଡିଏନଏ ପରୀକ୍ଷା ପାଇଁ ମଧ୍ୟ ଆବେଦନ କରାଯାଇଛି। ଉଭୟ କଳ୍ପନା ଓ ବବ୍‌ଲିଙ୍କୁ ଲୁହାରଡ଼ରେ ପିଟି ହତ୍ୟା କରିବା ପରେ ମୃତଦେହକୁ ଗାଡି ଚଢାଇ ପ୍ରମାଣ ନଷ୍ଟ ଲାଗି ଉଦ୍ୟମ କରାଯାଇଥିଲା। କିନ୍ତୁ ଏହି ହତ୍ୟାକାଣ୍ଡ ସମୟରେ ଅନ୍ୟ ଏକ ଗାଡି ସେଠାରେ ଉପସ୍ଥିତ ଥିଲା ବୋଲି ବର୍ଦ୍ଧନ ପୋଲିସକୁ କହିଛନ୍ତି। ତେଣୁ ତାଙ୍କୁ ଅଧିକ ପଚରାଉଚରା କରିବା ସହ ମୁହାଁମୁହିଁ ଜେରା କରାଯିବ। ଏହାପରେ କୋର୍ଟଙ୍କ ଅନୁମତି ପରେ ନାର୍କୋ ଟେଷ୍ଟ କରାଯିବ। ଏହା ହେଲେ ଅଭିଯୁକ୍ତ ମିଛ ଲୁଚାଇ ପାରିବେ ନାହିଁ।

## କଳ୍ପନାଙ୍କ ସାମଗ୍ରୀ ପୋଡ଼ି ଦିଆଯାଇଥିଲା

କଳ୍ପନା ଓ ବବ୍‌ଲିଙ୍କୁ ହତ୍ୟା ପରେ ଅନୁପ ସାଧାରଣ ମଣିଷ ଭଳି ଭୁବନେଶ୍ୱରସ୍ଥିତ ସୁନ୍ଦରପଦା ଫ୍ଲାଟକୁ ଯିବା ଆସିବା କରୁଥିଲେ। କିଛିଦିନ ପରେ ଉକ୍ତ ଫ୍ଲାଟକୁ ଅନ୍ୟ ଜଣଙ୍କୁ ବିକ୍ରି କରି ଦେଇଥିଲେ । ବିକ୍ରି କରିବା ପୂର୍ବରୁ କଳ୍ପନାଙ୍କ ବିଭିନ୍ନ ସାମଗ୍ରୀକୁ ଘର ପଛ ପଟେ ପୋଡି ଦେଇଥିବା ସୁନ୍ଦରପଦାରେ ରହୁଥିବା ଜଣେ ପଡୋଶୀ କହିଛନ୍ତି। ଏପରିକି ବର୍ତ୍ତମାନ ରହୁଥିବା ଘର ମାଲିକ କହିଛନ୍ତି ସେମାନେ ରହିବା ପୂର୍ବରୁ ଘର ପୂରା ଖାଲି ଥିଲା। କିଛି ବି ସାମଗ୍ରୀ ନ ଥିଲା। ଘର ରଙ୍ଗ ଦିଆ ଯିବା ପରେ ସେମାନେ ରହିଥିଲେ ବୋଲି ଘର ମାଲିକ ସୁରେଶ ଚନ୍ଦ୍ର ଦାଶ କହିଛନ୍ତି।

## କେହି ହାଜର ହେଲେନି

ଛତିଶଗଡ ପୋଲିସ ତରଫରୁ ମୃତକଙ୍କ ଭାଉଜ ରୀନା ଦାଶ, ଅନୁପଙ୍କ ବଡଭାଇ ପ୍ରମୋଦ ସାଏ ଓ ଅଭିଯୁକ୍ତଙ୍କ କାକା ପୁଅ ଭାଇ ନୃପଲାଲ ସାଏଙ୍କୁ ସୋମବାର ନୋଟିସ ଦିଆଯାଇଥିଲା। ପ୍ରମୋଦ ସାଏ ଘରେ ନ ଥିବାରୁ ତାଙ୍କ ପୁଅ ସଂଗ୍ରାମ ସାଏ ପୋଲିସଠାରୁ ନୋଟିସ ଗ୍ରହଣ କରିବା ସହିତ ତଦନ୍ତରେ ସହାୟତା କରିବା ପାଇଁ ଛତିଶଗଡ଼ ପୋଲିସକୁ କହିଥିଲେ। ସେହିପରି ରୀନା ଦାଶ ଏକୁଟିଆ ମହିଳା ହୋଇଥିବାରୁ କାହା ସହ ଯିବେ ବୋଲି ପୋଲିସକୁ କହିଥିଲେ। ସେହିପରି ନୃପଲାଲ ସାଏ ଘରେ ନ ଥିବାରୁ ତାଙ୍କ ବାପାଙ୍କୁ ପୋଲିସ ନୋଟିସ ଦେଇଥିଲା। ମଙ୍ଗଳବାର କେହି ହେଲେ ପୋଲିସକୁ ଦେଖା କରିବାକୁ ନ ଯାଇ ଫୋନ୍‌ରେ କଥା ହୋଇଛନ୍ତି। ନିଜ ସୁବିଧାରେ ଆସି ଦେଖା କରିବାକୁ ପୋଲିସ କହିଛି।

## ବୋଲେରୋ ମାଲିକ ଥାନାରେ ହାଜର

ହତ୍ୟାକାଣ୍ଡରେ ବ୍ୟବହୃତ ବୋଲେରୋ (ନଂ. ଓଆର୍ ୦୨ ଏୱାଇ– ୮୫୯୬)ର ମାଲିକ ଲୋଇସିଂ ପଞ୍ଚାୟତର ବାରଖଣ୍ଡିଆ ଗ୍ରାମର ସୁନୀଲ ସାଏ ଚକ୍ରଧରନଗର ଥାନାରେ ହାଜର ହୋଇଛନ୍ତି। ହତ୍ୟାକାଣ୍ଡରେ ଉକ୍ତ ବୋଲେରୋର ସଂପୃକ୍ତି ରହିଥିବା ଛତିଶଗଡ଼ ପୋଲିସ କହୁଛି। ୨୦୧୪ ନିର୍ବାଚନରେ ସତ୍ୟପାଠରେ ଦାଖଲ କରାଯାଇଥିବା ଉକ୍ତ ବୋଲେରୋ ୨୦୧୫ ମସିହାରେ ଅନୁପଙ୍କଠାରୁ ସୁନୀଲ କିଣିଥିଲେ। ପରେ ଭୁବନେଶ୍ୱର ଆରଟିଓ କ୍ଲିୟରାନ୍ସ ଦେଇଛି। ବର୍ତ୍ତମାନ ଉକ୍ତ ବୋଲେରୋ ଗୁଜରାଟର ଆଲମପୁର ଅଞ୍ଚଳରେ ଚାଲୁଛି। ବୋଲେରୋ ଠାବ କରିବା ପରେ ଛତିଶଗଡ ପୋଲିସ ଆଣିବାକୁ ଯାଇଛି।




ହତ୍ୟାକାଣ୍ଡରେ ବ୍ୟବହୃତ ବୋଲେରୋ

## ଆକ୍ରମଣକାରୀଙ୍କୁ ୬ ମାସ ଜେଲ

ଜୁନାଗଡ,୧୮।୨(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ନକଟିଗୁଡା ଗ୍ରାମରେ ଝଗଡା ସମାଧାନ କରିବାକୁ ଯାଇଥିବା ଜଣେ ମଧ୍ୟସ୍ଥିଙ୍କୁ ଆକ୍ରମଣ କରିବା ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଜୁନାଗଡ ଜେଏମ୍ଏଫ୍‌ସି କୋର୍ଟ ବିଚାରପତି ଦେଶପ୍ରିୟ ବାରିକ ଏହି ଘଟଣାରେ ଉକ୍ତ ଗ୍ରାମର ସୁଶାନ୍ତ ନାଏକଙ୍କୁ ଦୋଷୀ ସାବସ୍ତ୍ୟ କରି ଆଇପିସି ୩୨୩ ଦଫାରେ ୬ ମାସ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୫ ଶହ ଟଙ୍କା ଜରିମାନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଆହୁରି ୧୫ ଦିନ ଅଧିକ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୭ ଅଗଷ୍ଟ ୮ରେ ଜୁନାଗଡ ବ୍ଲକ ନକଟିଗୁଡା ଗ୍ରାମର ସୁଶାନ୍ତ ନାଏକ ତାଙ୍କ ପରିବାର ଲୋକଙ୍କ ସହ ଝଗଡା କରୁଥିଲେ। ଉକ୍ତ ଗ୍ରାମର ସଞ୍ଜୟ ମେହେର ମଧ୍ୟସ୍ଥି ସାଜି ଝଗଡ଼ା ସମାଧାନ କରିବାକୁ ଯାଇଥିଲେ। ଝଗଡା କରୁଥିବା ସୁଶାନ୍ତ ହଠାତ୍ ଉତ୍କ୍ଷିପ୍ତ ହୋଇ ସଞ୍ଜୟଙ୍କ ମୁଣ୍ଡକୁ ପଥରରେ ଆକ୍ରମଣ କରିଥିଲେ। ଏହି ଘଟଣାକୁ ନେଇ ସଞ୍ଜୟ ସେତେବେଳେ ଜୁନାଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ମାମଲା ଥାନାରୁ କୋର୍ଟକୁ ଆସିଥିଲା। ସେତେବେଳେ ଆଇପିସି ୩୪୧,୨୯୪, ୩୨୩, ୫୦୬ ଦଫାରେ ଏକ ମାମଲା (ନଂ.୨୫୨/୧୭) ରୁଜୁ ହୋଇଥିଲା।

# ଦୁର୍ଦ୍ଦାନ୍ତ ମାଓବାଦୀ ରାମଦାସଙ୍କ ଆତ୍ମସମର୍ପଣ

- ବରିଷ୍ଠଙ୍କ ନିର୍ଯାତନା ଅସହ୍ୟ ଥିଲା
- ସରକାର ୪ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ

ଭବାନୀପାଟଣା,୧୮।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ଓ କନ୍ଧମାଳ ଜିଲା ବାଲିଗୁଡା ଥାନା ଅଧୀନରେ ଗତ ୨୦୧୦ରୁ ଅଦ୍ୟାବଧି ମାଓବାଦୀ ସଙ୍ଗଠନରେ କାର୍ଯ୍ୟ କରୁଥିବା ଦୁର୍ଦ୍ଦାନ୍ତ ମାଓବାଦୀ ରାମଦାସ ଓରଫ ଦୀପକ ମଙ୍ଗଳବାର କଳାହାଣ୍ଡି ପୋଲିସ ନିକଟରେ ଆତ୍ମସର୍ମପଣ କରିଛନ୍ତି। ବରିଷ୍ଠ ମାଓବାଦୀଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ସଙ୍ଗଠନ ଛାଡି ପୋଲିସ ନିକଟରେ ସେ ଆତ୍ମସର୍ମପଣ କରିଛନ୍ତି ବୋଲି ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଏସ୍‌ପି ବାତୁଲା ଗଙ୍ଗାଧର ସୂଚନା ଦେଇଛନ୍ତି।

ଏସ୍‌ପି ଗଙ୍ଗାଧର କହିଛନ୍ତି , ଛତିଶଗଡ ରାଜ୍ୟର ବିଜାପୁର ଜିଲାର ଗୋପାଳପାଟନା ଥାନା ଅଧୀନ ପାଲସେଗୁଣ୍ଡାପୁର ଗ୍ରାମର ରାମଦାସ ଓରଫ କେଶବ ଭେଲାଦି ଓରଫ ଦୀପକ (୨୭) ୨୦୦୯ରେ ମାଓବାଦୀ ସଙ୍ଗଠନରେ ସାମିଲ ହୋଇଥିଲେ। ପରବର୍ତ୍ତୀ ସମୟରେ ୨୦୧୧ରୁ ୨୦୧୮ ପର୍ଯ୍ୟନ୍ତ କରଙ୍ଗା ନଦୀ ଏରିଆ କମିଟିରେ କାର୍ଯ୍ୟ କରିଥିଲେ। ପରେ ସେ କଳାହାଣ୍ଡି ଜିଲାରେ ମ. ରାମପୁର ଓ କନ୍ଧମାଳ ଜିଲା ବାଲିଗୁଡା ଥାନା ଅଧୀନରେ କାର୍ଯ୍ୟ କରୁଥିବା ଏରିଆ କମିଟି ଦାୟିତ୍ୱରେ ରହିଥିଲେ। ରାଜ୍ୟ ସରକାର ତାଙ୍କ ନାମରେ ୪ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଥିଲେ। ବରିଷ୍ଠ ମାଓବାଦୀମାନେ ଅମାନୁଷିକ ଭାବେ ଶାରୀରିକ ଓ ମାନସିକ ଅତ୍ୟାଚାର କରିବା, ଭଲ ଖାଇବାକୁ ନ ଦେବା, ମାଓବାଦୀ ସଙ୍ଗଠନର ଆଦର୍ଶ ଓ ନୀତିକୁ ଗୁରୁତ୍ୱ ନ ଦେଇ ନିଜର ସ୍ୱାର୍ଥରେ ବୁଡିରହିବା, ମାଓବାଦୀ ସଙ୍ଗଠନରେ କାର୍ଯ୍ୟରତ ମହିଳା ମାଓବାଦୀମାନେ ମାନସିକ ଓ ଶାରୀରିକ ନିର୍ଯାତନା ଦେବା, ଆଦିବାସୀମାନଙ୍କୁ ଶୋଷଣ କରିବା, ଆଦିବାସୀ ଅଞ୍ଚଳର ବିକାଶ ପାଇଁ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ବାଧା ସୃଷ୍ଟି କରିବା ଆଦି ଘଟଣାରେ ସେ ଅତିଷ୍ଠ ହୋଇପଡିଥିଲେ। ଏପରିକି ମାଓବାଦୀଙ୍କ ଆତ୍ମସମର୍ପଣ କଲେ ସେମାନଙ୍କୁ ଥଇଥାନ କରିବା ପାଇଁ ଓଡିଶା ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗରେ ଆକୃଷ୍ଟ ହୋଇ ସେ ମାଓବାଦୀ ସଙ୍ଗଠନ ଛାଡି ମଙ୍ଗଳବାର କଳାହାଣ୍ଡି ଏସ୍‌ପି ବାତୁଲା ଗଙ୍ଗାଧରଙ୍କ ନିକଟରେ ଆତ୍ମସମର୍ପଣ କରିଥିଲା ବୋଲି ଏସ୍‌ପି ଖବରଦାତା ସମ୍ମିଳନୀରେ ପ୍ରକାଶ କରିଥିଲେ।



ରାମଦାସ







## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଶିବାଶିଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**ରାଉରକେଲା ଅଫିସ,୧୮।୨:** ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ବଳାତ୍କାର କରିବା ସହ ପ୍ରତାରଣା ଅଭିଯୋଗରେ ବନ୍ଧମୁଣ୍ଡା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେହେଲେ ଜବାଘାଟ ଅଞ୍ଚଳର ମାନସିଂ ମୁଣ୍ଡାରୀ(୩୫)। ବର୍ଷକ ତଳେ ମାନସିଂ ଏବଂ ଯୁବତୀ ଜଣକ ସାଙ୍ଗ ହୋଇ ଛେଳି ଚରାଇବାକୁ ଯାଉଥିଲେ। ଏହାରି ମଧ୍ୟରେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ପରେ ମାନସିଂ ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏନେଇ ଯୁବତୀ ଜଣକ ମାନସିଂଙ୍କୁ ବିବାହ କରିବାକୁ କହିଥିଲେ। ହେଲେ ମାନସିଂ ତାଙ୍କୁ ବିଭିନ୍ନ ଆଳ ଦେଖାଇ ଦିନ ଗଡାଇ ଚାଲିଥିଲେ।

# ପ୍ରଥମଥର ପାଇଁ ଆସିଲା ସ୍ୱତନ୍ତ୍ର ପୋଷଣ ବଜେଟ



**ଭୁବନେଶ୍ୱର,୧୮।୨(ବ୍ୟୁରୋ):** ଓଡ଼ିଶା ସରକାରଙ୍କ ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଉପସ୍ଥାପନ କରିଥିବା ୨୦୨୦-୨୧ ଆର୍ଥିକ ବର୍ଷର ବଜେଟରେ ସ୍ୱାସ୍ଥ୍ୟ କ୍ଷେତ୍ରକୁ ଗୁରୁତ୍ୱ ଦେଇଛନ୍ତି। ଏହି ବଜେଟରେ ସରକାର ପୋଷଣକୁ ପ୍ରାଧାନ୍ୟ ଦେଇଛନ୍ତି। ଉପଯୁକ୍ତ ପୋଷଣ ଯେ କୌଣସି ରାଜ୍ୟର ଶିଶୁ ଓ ମାତୃଶକ୍ତି ସୁଦୃଢ କରିଥାଏ। ତେଣୁ ପ୍ରଥମଥର ସରକାର ସ୍ୱତନ୍ତ୍ର ପୋଷଣ ବଜେଟ ଉପସ୍ଥାପନ କରିଛନ୍ତି। ଭାରତବର୍ଷରେ ଏହା ଅନ୍ୟ କୌଣସି ରାଜ୍ୟରେ ପୂର୍ବରୁ ଦେଖାଯାଇନାହିଁ। ରାଜ୍ୟର ଆବଶ୍ୟକତା ଅନୁଯାୟୀ ପୋଷଣ ସମ୍ପର୍କିତ ବ୍ୟୟବରାଦର ଉପଯୁକ୍ତ ବିନିଯୋଗ ଏହାର ମୂଳଲକ୍ଷ୍ୟ ବୋଲି କୁହାଯାଇଛି। ନିରନ୍ତର ବିକାଶ ହାସଲ ଦିଗରେ ଏହି ପୋଷଣ ବଜେଟ ସହାୟକ ହେବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। କ୍ଷୁଧାଜନିତ ସମସ୍ୟାକୁ ହ୍ରାସ କରିବାରେ ଏହା ନିର୍ଣ୍ଣାୟକ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି। ନ୍ୟୁଟ୍ରିଶନ୍ ସ୍ପେସିଫିକ୍(ପୋଷଣ ସ୍ୱତନ୍ତ୍ର) କାର୍ଯ୍ୟକ୍ରମରେ ୧୨ ଯୋଜନା ଏବଂ ନ୍ୟୁଟ୍ରିଶନ୍ ସେନ୍ସିଟିଭ(ପୋଷଣ ସମ୍ବେଦନଶୀଳ) କାର୍ଯ୍ୟକ୍ରମରେ ୮୪ ଯୋଜନାକୁ ଚିହ୍ନଟ କରାଯାଇଛି।

ନ୍ୟୁଟ୍ରିଶନ୍ ସ୍ପେସିଫିକ୍ କାର୍ଯ୍ୟକ୍ରମ ଅଧୀନରେ ୫୨୧୦୨୮.୭୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରହିଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପାଇଁ ୧୦୪୦୭୦.୬୪ ଲକ୍ଷ ଟଙ୍କା, ସ୍କୁଲ ଓ ଗଣଶିକ୍ଷା ୮୬୩୫୦ ଲକ୍ଷ ଏବଂ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ପାଇଁ ୩୩୦୬୦୮.୦୬ ଲକ୍ଷ ଟଙ୍କାର ବ୍ୟୟବରାଦ ରଖାଯାଇଛି। ନ୍ୟୁଟ୍ରିଶନ୍ ସେନ୍ସିଟିଭରେ ୨୮୯୬୪୦୬.୪୭ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରହିଛି। ତନ୍ମଧ୍ୟରେ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ପାଇଁ ୪୧୬୨୦୬ ଲକ୍ଷ, ସ୍କୁଲ ଓ ଗଣଶିକ୍ଷା ୪୦୧୧୩.୭୫ ଲକ୍ଷ, ଏସ୍‌ସି,ଏସ୍‌ଟି ଉନ୍ନୟନ ୪୧୦୫.୨୮ ଲକ୍ଷ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ୫୩୬୯୦.୭୪ ଲକ୍ଷ, ଗୃହ ଓ ନଗର ଉନ୍ନୟନ ବିଭାଗକୁ ୩୯୧୦୨୫.୦୯ ଲକ୍ଷ ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ସେହିଭଳି ପଞ୍ଚାୟତିରାଜ ଓ ପାନୀୟ ଜଳ ୩୫୧୯ ଲକ୍ଷ, କୃଷି ଓ କୃଷକ ସଶକ୍ତୀକରଣ ୮୦୯୭୨୪.୧୪ ଲକ୍ଷ ଟଙ୍କା, ମତ୍ସ୍ୟ ଓ ପ୍ରାଣୀସମ୍ପଦ ୩୩୨୫୧୮ ଲକ୍ଷ, ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ୨୬୧୩୬୬.୯୫ ଲକ୍ଷ, ଏମ୍‌ଏସ୍‌ଏମ୍‌ଇ ୬୦୫୪.୭୩ ଲକ୍ଷ ଏବଂ ଏସ୍‌ଏସ୍‌ପିଇଡି ବିଭାଗକୁ ୫୭୦୫୪.୦୯ ଲକ୍ଷ ଟଙ୍କା ଦିଆଯିବ।

ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ଏହି ପୋଷଣ ସମ୍ପର୍କିତ କାର୍ଯ୍ୟକ୍ରମ ମନିଟରିଂ କରାଯିବ। ଏହି ବିଭାଗ ବ୍ୟତୀତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଏସ୍‌ସି,ଏସ୍‌ଟି,ଓବିସି ଏବଂ ସଂଖ୍ୟାଲଘୁ ଉନ୍ନୟନ ବିଭାଗ ଏବଂ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ମଧ୍ୟ ସକ୍ରିୟଭାବେ ପୋଷଣ ସମ୍ପର୍କିତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବ। ଏହି ସବୁ ସରକାରୀ ବିଭାଗକୁ ଛାଡିଦେଲେ ସିଭିଲ ସୋସାଇଟି, ଗଣମାଧ୍ୟମ, ୟୁନିସେଫ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପୋଷଣ ସମ୍ପର୍କିତ ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରିବେ। ଏହାକୁ ତଦାରଖ କରିବା ପାଇଁ ଷ୍ଟେଟ୍ ମିଶନ୍ ଷ୍ଟିଅରିଂ ଗ୍ରୁପ୍ କମ୍ ନ୍ୟୁଟ୍ରିଶନ୍ କାଉନସିଲ୍, ଷ୍ଟେଟ ଏମ୍ପାୱାରଡ୍ ପ୍ରୋଗାମ କମିଟି, ଷ୍ଟେଟ୍ ଲେବଲ୍ ମନିଟରିଂ ଆଣ୍ଡ ରିଭାଇଜ୍ କମିଟି, ଡିଷ୍ଟ୍ରିକ୍ଟ ଆଣ୍ଡ ବ୍ଲକ ଲେଭଲ ମନିଟରିଂ ଏବଂ ରିଭାଇଜ୍ କମିଟି କାର୍ଯ୍ୟ କରିବ। ପୋଷଣ ସମ୍ବନ୍ଧୀୟ ବିଭିନ୍ନ ଯୋଜନା ଅନୁମୋଦନ, ଗଠନଧର୍ମୀ ପ୍ରସ୍ତାବ, ନୀତିଗତ ଆଲୋଚନା ହିଁ ଏହି ଫୋରମର ମୁଖ୍ୟ କାର୍ଯ୍ୟ ହେବ। ମୋଟ ୬ ପର୍ଯ୍ୟାୟ ଦେଇ ଏହି ସ୍ୱତନ୍ତ୍ର ବଜେଟ ପ୍ରସ୍ତୁତ କରାଯାଇଛି। ସର୍ବପ୍ରଥମେ ପୋଷଣ ସମ୍ପର୍କିତ ବିଭାଗଗୁଡିକର ସମୀକ୍ଷା କରାଯାଇଥିଲା। ଏହା ପରେ ଉଭୟ ସ୍ପେସିଫିକ୍ ଏବଂ ସେନ୍ସିଟିଭ କାର୍ଯ୍ୟକ୍ରମରେ ଯୋଜନାଗୁଡିକର ଚିହ୍ନଟ କରାଯାଇଥିଲା। ଏସବୁ ପରେ ପ୍ରସ୍ତାବିତ ବ୍ୟୟଅଟକଳ ଅନୁଯାୟୀ ଅର୍ଥ ବରାଦ କରାଗଲା। ପ୍ରତି ଯୋଜନାକୁ ନ୍ୟୁଟ୍ରିଶନ୍ ସ୍ପେସିଫିକ୍ ଏବଂ ନ୍ୟୁଟ୍ରିସନ୍ ସେନ୍ସିଟିଭଭାବେ ବର୍ଗୀକୃତ କରାଯାଇଛି। ଏହି ସମସ୍ତ ବର୍ଗୀକରଣକୁ ଆହୁରି ସୁଦୃଢ଼ ଏବଂ ସୁନିଶ୍ଚିତ କରାଗଲା। ସର୍ବଶେଷରେ ୨୦୧୮-୧୯ ଆର୍ଥିକ ବର୍ଷ ସହ ୨୦୨୦-୨୧ର ତୁଳନାତ୍ମକ ଚିତ୍ର ପ୍ରଦାନ କରାଯାଇ ବ୍ୟୟବରାଦ କରାଗଲା। ସମ୍ବେଦନଶୀଳ ପୋଷଣ କାର୍ଯ୍ୟକ୍ରମରେ ପ୍ରାୟ ୮୪ ପ୍ରତିଶତ ଏବଂ ସ୍ୱତନ୍ତ୍ର ପୋଷଣ କାର୍ଯ୍ୟକ୍ରମରେ ୧୪ ପ୍ରତିଶତ ବ୍ୟୟ ଅଟକଳ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଭାଗ୍ୟସ୍ଥାନରେ ସୌଭାଗ୍ୟପ୍ରଦ ଯୋଗ ସମସ୍ତ କାର୍ଯ୍ୟରେ ସିଦ୍ଧି ପ୍ରଦାନ କରିବ। କିନ୍ତୁ ମନାନ୍ତର ଜନିତ ପାରିବାରିକ ଜୀବନରେ ଅଶାନ୍ତି ପରିସ୍ଥିତି ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କୁ ଉତ୍ତମ ପରାମର୍ଶ ଦେଇ ପ୍ରଶଂସିତ ହେବେ। ଆନୁଷ୍ଠାନିକ, ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ସ୍ଥିତି ସନ୍ତୋଷଜନକ ରହିବ।

**ବୃଷ** ରାଶ୍ୟାଧିପ ଏକାଦଶସ୍ଥ ଓ ଭାଗ୍ୟାଧିପ ସ୍ୱଗୃହସ୍ଥ ଯୋଗୁ ଆଜି ଯେଉଁ କାମରେ ହାତଦେବେ ସେଥିରେ ସଫଳତା ନିଶ୍ଚିତ। କିନ୍ତୁ ପାପଗ୍ରହ ଯୁକ୍ତ ତୃତୀୟାଧିପ କାରଣରୁ କୌଣସି ଜଣେ ହିତୈଷୀ ବନ୍ଧୁ ଆପଣଙ୍କ କୁତ୍ସାରଟନା କରିପାରନ୍ତି। କର୍ମକ୍ଷେତ୍ରରେ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରି ବ୍ୟସ୍ତତା ଅନୁଭବ କରିବେ।

**ମିଥୁନ** ଦ୍ୱାଦଶସ୍ଥ ରାହୁ ଆପଣଙ୍କୁ ଆଜି କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଦୀର୍ଘସମୟ ରହିବାକୁ ଦେଇ ନ ପାରେ। କିନ୍ତୁ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ ସକାଶେ ଦିନଟି ଅନୁକୂଳ ରହିବ। ଶୁକ୍ର ଓ ଶନିଙ୍କ ସମ୍ବନ୍ଧ ଆପଣଙ୍କ ଚିନ୍ତାଧାରାକୁ କଳୁଷିତ କରିଦେବାର ଆଶଙ୍କା ରହିଛି। ଅଟକି ରହିଯାଇଥିବା କାମ ପାଇଁ ଚିନ୍ତା ପ୍ରକଟ କରିପାରନ୍ତି।

**କର୍କଟ** ପାପଗ୍ରହ ପ୍ରଭାବରେ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବା ସାଙ୍ଗକୁ ଯାତ୍ରା,ବାଣିଜ୍ୟ ମଧ୍ୟ ପ୍ରଭାବିତ ହୋଇପାରେ। ଘାତବାର ହେତୁ ବିବାଦ, ପ୍ରତିଦ୍ୱନ୍ଦ୍ୱିତା କିମ୍ବା ଆଲୋଚନାରେ ପରିସ୍ଥିତି ସରଗରମ ରହିବ। ଯାତ୍ରା ସମୟରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ବିଷମ ପରିସ୍ଥିତିରେ ମଧ୍ୟ ସହକର୍ମୀଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ।

**ସିଂହ** ରାଶି ପ୍ରତି ବକ୍ରୀବୁଧ ଓ ରବିଙ୍କ ଦୃଷ୍ଟି ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଉନ୍ନତ ଫଳ ପ୍ରଦାନ କରିବ। ଫଳରେ ଯେମିତି ଚାହୁଁଛନ୍ତି ସେପରି କାମ ସମ୍ପନ୍ନ ହେବାରେ କୌଣସି ଅସୁବିଧା ରହିବନାହିଁ। କିନ୍ତୁ ଅଳ୍ପ ଖର୍ଚ୍ଚରେ କାମ ହାସଲ କରିବାକୁ ଯାଇ ବେଶି ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ।

**କନ୍ୟା** ଶୁକ୍ରଙ୍କ ସୁପ୍ରଭାବରେ ଅର୍ଥଲାଭ, କାର୍ଯ୍ୟସିଦ୍ଧିଜନିତ ସଫଳତାରୁ ମନ ଖୁସି ରହିବ। କିନ୍ତୁ ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ସକାଶେ ଆଶା ଅନୁରୂପ ଫଳ ପାଇବାରେ କେତେକ ସାମୟିକ ପ୍ରତିବନ୍ଧକ ଦେଖାଦେବାର ଆଶଙ୍କା ରହିଛି। ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ। ବାଣିଜ୍ୟ,ବ୍ୟବସାୟ ଭଲ ରହିବ।

**ତୁଳା** ଦିନଟିରେ ଯାତ୍ରା, ବାଣିଜ୍ୟ, ସରକାରୀ ସ୍ତରର କାମ,ସଭାସମିତିରେ ଆଲୋଚନା କ୍ଷେତ୍ର ଆପଣଙ୍କ ସକାଶେ ଭଲ ରହିବ। ଆତ୍ମୀୟସ୍ୱଜନଙ୍କ ମାଧ୍ୟମରେ ଅନ୍ୟମାନଙ୍କ ସହ ସୁସମ୍ପର୍କ ସ୍ଥାପନ କରିବାରେ ସମର୍ଥ ହେବେ। ସହକର୍ମୀମାନଙ୍କୁ ସୁପରାମର୍ଶ ଏବଂ ଗଠନ ମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ବିଛା** ଗ୍ରହସ୍ଥିତି ଭଲ ହେତୁ ସାମଗ୍ରିକ ଦୃଷ୍ଟିକୋଣରୁ ଆଜି ଯେଉଁ କାମ କରିବେ ସେଥିରେ ସଫଳତା ମିଳିବ। କିନ୍ତୁ ନିଜ ଲୋକମାନଙ୍କ ବେପରୁଆ ମନୋଭାବ ଯୋଗୁ ସାମୟିକ ସମସ୍ୟା ଉପୁଜିପାରେ। ତଥାପି ଅନୁରାଧା ନକ୍ଷତ୍ର ସଜ୍ଜନମାନଙ୍କ ସାନିଧ୍ୟ ଲାଭ କରି କର୍ମକ୍ଷେତ୍ରରେ ଉତ୍ସାହିତ ହେବେ। ଯାନ୍ତ୍ରିକ ଜିନିଷ ସଜାଡିବା ପାଇଁ ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ।

**ଧନୁ** ରାଶିରେ ପାପଗ୍ରହଙ୍କ ସମାବେଶ କାରଣରୁ ଚିନ୍ତାଧାରା ବିକ୍ଷିପ୍ତ ରହିବ ତଥାପି କର୍ମକ୍ଷେତ୍ରରେ ହାତପାହାନ୍ତାରେ ସୁଯୋଗ ପାଇ କାମ ହାସଲ କରିବେ। ପଡ଼ୋଶୀମାନେ ସାଧାରଣ କଥାକୁ ଅତିରଞ୍ଜିତ କରି ସମସ୍ୟା ସୃଷ୍ଟି କରିପାରନ୍ତି। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ, ପଦାଧିକାରୀଙ୍କ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ରହିପାରନ୍ତି।

**ମକର** ରବି ଓ ବୁଧଙ୍କ ପ୍ରଭାବରେ ଆପଣଙ୍କ ଅପ୍ରିୟ ସତ୍ୟକଥା ଓ ବିବାଦୀୟ ଭାବନା ପ୍ରତିକୂଳ ପରିବେଶ ସୃଷ୍ଟି କରିବାର ଆଶଙ୍କା ରହିଛି। ସମସ୍ୟା ଆସିଲେ ମଧ୍ୟ କର୍ମକ୍ଷେତ୍ରରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ସାମାଜିକ ସ୍ତରରେ ପ୍ରଶଂସା ପାଇବେ।

**କୁମ୍ଭ** ବିଶିଷ୍ଟବ୍ୟକ୍ତିଙ୍କ ଛତ୍ରଛାୟାତଳେ ରହି ପ୍ରତ୍ୟେକ କାର୍ଯ୍ୟ ସାଧନ କରିବେ। ସାମାଜିକ ଓ ପାରିବାରିକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବାରୁ ମନୋବଳ ବଢିଯିବ। ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନର ଆଶା ରହିଛି। ପୈତୃକ ସମ୍ପତ୍ତି, ଅର୍ଥ ସମ୍ପର୍କୀୟ କିମ୍ବା ଜମିର ମାଲିକାନାକୁ ନେଇ ବିବାଦୀୟ ସ୍ଥିତି ଉପୁଜିବାର ଆଶଙ୍କା ରହିଛି।

**ମୀନ** ତୃତୀୟ ଅଷ୍ଟମାଧିପ ପ୍ରଭାବଶାଳୀ ଶୁକ୍ର ପରିବାର, ଲୋକସମ୍ପର୍କ, ଗୃହ, ଯାନବାହନାଦି କ୍ଷେତ୍ରରେ ବିବାଦୀୟ ସ୍ଥିତି ଉତ୍ପନ୍ନ କରିବେ। ନିଜର ଅସନ୍ତୋଷକୁ କଡ଼ାକଥାରେ ବ୍ୟକ୍ତ କରିବା ଅଶାନ୍ତିର କାରଣ ହୋଇପାରେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ଆଧ୍ୟାତ୍ମିକ କାର୍ଯ୍ୟରୁ ମାନସିକ ତୃପ୍ତି ମିଳିବ।

ଆଜି ଫାଲ୍‌ଗୁନ କୃଷ୍ଣପକ୍ଷର ସର୍ବସମ୍ମତ ପଙ୍କୋଦ୍ଧାର ଏକାଦଶୀ ବୁଧବାର, ଫେବୃୟାରୀ ୧୯ତାରିଖ, ରାଶିନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, କର୍କଟ ରାଶିର ଘାତବାର,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ,ଏକାଦଶୀର ଉପବାସ, ଶ୍ରୀକ୍ଷେତ୍ରସ୍ଥ ଲୋକନାଥ ଦେବଙ୍କ ପଙ୍କୋଦ୍ଧାର ଉତ୍ସବ ଦର୍ଶନ। ସକାଳ ଘ୬।୪୯ମି. ମଧ୍ୟେ ଘ୧୦।୦୫ମି. ଗତେ, ଘ୧୧।୩୭ମି. ମଧ୍ୟେ ଅମୃତବେଳା। ଅପରାହ୍ନ ଘ୧।୫୪ମି. ଗତେ ଘ୩।୨୬ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ୧୨।୦୦ମି. ଗତେ ଘ୧।୨୬ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




## BRIDE WANTED

Widow Brahmin boy 1979 Dy. Manager BBSR 14 LPA.9776562742. D-16779

ସଫ୍‌ଟୱେୟାର ଇଂଜିନିୟର ମାସିକ ଏକଲକ୍ଷ ପନ୍ଦର ହଜାର ଟଙ୍କା ଦରମାରେ ଏକ ପ୍ରତିଷ୍ଠିତ ବ୍ୟାଙ୍କରେ କାର୍ଯ୍ୟରତ ପାତ୍ର ପାଇଁ ଶିକ୍ଷିତା ସୁନ୍ଦରୀ ପାତ୍ରୀ ଆବଶ୍ୟକ। କୌଣସି ପ୍ରକାର ଯୌତୁକ ଦାବି ନାହିଁ। Mobile-9178585570. D-69012

For M.Tech, (IIT Bombay), Internship (Steinbeis University Germany) Qualified Commander in Indian Navy. Contact- +919438183860. D-16583

Wanted beautiful qualified Gen/ OBC bride for handsome Rangani boy 1978/ Aries/ Ph.D. Math/ Working in Deemed University), Call- 9437178454 (No Mediator Please). D-59535

Require Educated & culture Bride Age Between 35 to 40 for a well Establish Alone Groom (43) ,Caste No Bar No Demand Only Registry Marriage prefer call:- 9007037200. D-16745

Wanted a widow/ divorcee 40+ for remarriage widower, pensioner. Contact: Whatsapp- 7326037796, Mob: 9853151643. Family pension allowed. D-16772

Wanted Bengali bride for Bengali groom 35yrs, 5'8", LIC agent, Medicine business. Father Retd. Govt. employee, only son. 9040005722, 9937671096. D-16770

## GROOM WANTED

Khandayat girl M.Sc./ Railway service 26+/ SBI/PO. SUHAG: 9938199964, 9090486408. D-67292

Wanted Gen/ OBC groom (Class-II Govt. service preferred) for a Rangani girl (1984/ Aries/ Govt. JE) Call- 9437178454, 9861182688 (No Mediator Please). D-59536

10th qualified ବିଧବା ଗୋଟିଏ ଶିଶୁ ଥିବା 25ବର୍ଷ ବୟସ୍କା SC ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଆବଶ୍ୟକ। 7381366103. D-67931

Beautiful Khandayat girl 1988 MBA 5'4", 20/9 and 1992 MSC 5'3", 16/7 required Bank/Govt./Software handsome boy, 9040120506. D-67538

Gudia beautiful girl 5'4" B.Sc. BED. 1989, 27/12 wanting for Govt/ Teacher, Bhubaneswar, Khordha, Brahmapur, 9348364198, 9692968456. D-16736

Now Matrimonial ads. only on Wednesday & Sunday Book 1 Get 1 FREE




Shivam logistic packers movers. Household/ car relocation countrywide. 9777044177, 9338461133. D-16741




Full body herbal massage with refreshment expert therapist. 7381239385, 06742540855. D-69000

Experience full body massage with us (expert). Call: 7377048581, 06742597822. D-69201

Herbal full body massage by smart / expert therapist. Contact: 8338067247. D-69202

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69203

Body massage @ 1099 at mystic Unisex Salon and Spa. 9556978408. D-69206

Elite Unisex Salon- A complete family Spa. Male to male and female to female- 7326977966. D-69207

Rejuvenate and Ayurvedic full body massage by smart therapist. 9114402304. D-69204

Ayurvedic refreshment massage therapy refresh mind and body. Appointment: 7894855541. D-68583

Newly open full body massage by ladies, gents therapist. 8018656899 D-60870

Ayurvedic full body massage by ladies, gents therapist. 7008773793 D-60871

Ayurvedic full body massage ladies and gents. Contact: 9861064981. D-68789

Sai herbal spa refresh your body with smart, expert therapist. 7608062524. D-69205

Monalisa Massage Club: All types body massage with hiprofile smart lady rooms service available- 9708545108. D-16737




**Gharka khana/ Caterer, North Indian Lunch & Dinner, weekly 3days nonveg with home/ office delivery @ 3500/- per month. Pokharipur, Bhubaneswar. Contact: 9668732935.** D-67291

## AFFIDAVIT

By virtue of an affidavit before the Notary Public, Cuttack I Sasmita Pandav daughter of Sahadev Pandab, Chakeishani, Rasulgarh, Bhubaneswar. I have changed my name from Sasmita Pandab to Sasmita Pandav for all purposes as well in records. D-16780

ଏତଦ୍ୱାରା ଆମ୍ଭେ ସତ୍ୟପାଠ କରିଆରେ ଘୋଷଣା କରୁଅଛୁ ଯେ ଆମ୍ଭେ ଦୁର୍ଯ୍ୟୋଧନ ବେହେରା, ପିତା: ଶୁକଦେବ ବେହେରା, ସା/ପୋ: କଷଣଅଣ୍ଡା, ଭାୟା/ଥାନା: ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡା। ଆମ୍ଭର ସ୍କୁଲ ସାର୍ଟିଫିକେଟ୍ ଅନୁସାରେ ଦୁର୍ଯ୍ୟୋଧନ ବେହେରା ରହିଛି। ବିଭିନ୍ନ ସରକାରୀ ଦପ୍ତରରେ ରବୀନ୍ଦ୍ର ପରିବର୍ତ୍ତେ ଆମ୍ଭେ ଦୁର୍ଯ୍ୟୋଧନ ନାମରେ ପରିଚିତ ହେବୁ। ଏହା ପଟ୍ଟାମୁଣ୍ଡାଇ ପଟ୍ଟାମୁଣ୍ଡାଇ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ସତ୍ୟପାଠ କରି ଜଣାଉଅଛୁ। ଧ-୧୬୭୭୭

### 22nd Birthday Wish



**Shibasish Mishra**
May god give you all the success....
Many many happy returns of the day dear...
Happy Birthday to you....
-:Best wishes From:-
Nana, Bou, Bhai, Bhauja, Kara and Friends...
D-16778




## SALE

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍‌ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। 9437166686, 7609956035. D-68487

New Ready to move 2BHK flat sale at Srusti Mansion, Sundarpada main road side @ 25lakh- 9937097791. D-68492

ଭୁବନେଶ୍ୱର କଟଣୀଗେଟ୍‌ଠାରେ sqft-185/-, SC plot sqft-120/-, ନଖରା SC plot sqft-390/- IIT ଅରଗୁଳ sqft-120/-, immediate possession/ registration, 8144706560, 7750909843. D-68488

ଭୁବନେଶ୍ୱର ହଂସପାଳଛକଠାରୁ 4k.m ଦୂରତାରେ 30' ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣ୍ଟପୁର ପେଟ୍ରୋଲ ପମ୍ପ ପାଖରେ @ 10,80,000/-, 9437033320. D-68479

**2BHK earthquake proof quality flats in Avantika Apartment near Gokul Residency on GGP Pandara Road touching Puri Highway for sale. Contact: 9437396718, 8763935874 during office hours immediately.** D-68065

2000 sqft land at Vijay Vihar, Samantarpur, Bhubaneswar. Mobile-9437177313 & 8917242678. D-16743

**2800sqft. boundary wall gharabari plot sale near NH-5 C.V. Raman Engg. College, Bhubaneswar. 9437110746.** D-68491

30'road boundary, gharabari fully developed plot Gudiapokhari (KEC) 9937166932. D-68589

ଭୁବନେଶ୍ୱର ବାଳକାଟି ବଜାରରୁ 2km sqft.-550/-, (ଘରବାରି) କଟଣୀଗେଟ୍‌ଠାରେ sqft.-200/-, କଟକ ତ୍ରିଶୁଳିଆରୁ 4km sqft.-300/- ପ୍ଲଟ୍ ମିଳୁଅଛି। 7978939440, 9178004547. D-68489

ଭୁବନେଶ୍ୱର ପଟିଆ ରେଲ୍‌ୱେ ଷ୍ଟେସନରୁ 500 ମିଟର ଦୂରରେ yellowzone ପ୍ଲଟ୍ ବର୍ଗଫୁଟକୁ ୬୫୦/-, 9938846611, 8327714482. D-68590

**2400sqft. corner plot with boundary wall, electricity near Infocity-2 7008818121, 9938770157.** D-68493

## GENERAL SALE

Good running Unisex Saloon with all advance machineries district center Chandrasekharpur, Bhubaneswar, 8249909768. D-68586




2BHK ground floor with two bathroom south facing car parking at Palashpalli BDA Colony near main road and bus route. Contact: 9437025913. D-16776

ଅଫିସ ଓ ଗୋଦାମ ଘର ଭଡ଼ା ଦିଆଯିବ। ଚାରିନଳା, ଜଗନ୍ନାଥ ବିହାର, ପୁରୀ। ମୋବାଇଲ: ୭୭୩୫୬୮୫୬୪୮ ଧ-୧୬୭୭୪

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଗୁରୁବାର ଅରୁଣାଚଳପ୍ରଦେଶ ଗସ୍ତରେ ଯାଇ ରାଜ୍ୟ ଗଠନର ୩୪ତମ ବାର୍ଷିକୋତ୍ସବରେ ଯୋଗଦେବା ସହ ଏକାଧିକ ପ୍ରକଳ୍ପର ଉଦ୍‌ଘାଟନ କରିବେ। ସେ ଅରୁଣାଚଳପ୍ରଦେଶ ପୋଲିସର ନୂତନ ମୁଖ୍ୟାଳୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ନିଜ ରାଜ୍ୟରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ। ୧୯୮୭ ଫେବୃୟାରୀ ୨୦ରେ ଅରୁଣାଚଳପ୍ରଦେଶ ପୂର୍ଣ୍ଣ ରାଜ୍ୟର ମାନ୍ୟତା ଲାଭ କରିଥିଲା।

# ହିନ୍ଦୁ ଆତଙ୍କବାଦ ରୂପ ଦେବାକୁ ହୋଇଥିଲା ଚକ୍ରାନ୍ତ

ମୁମ୍ବାଇ,୧୮।୨(ପି.ଟି.)



**୨୬/୧୧ ମୁମ୍ବାଇ ଆକ୍ରମଣ**

- ରାକେଶ ମାରିଆଙ୍କ ପୁସ୍ତକରେ ପ୍ରଘଟ
- ଜେଲରେ କସବଙ୍କୁ ହତ୍ୟା ଲାଗି ଦାଉଦ ଗୋଷ୍ଠୀକୁ ଦିଆଯାଇଥିଲା ଦାୟିତ୍ୱ
- ସମୀର ଚୌଧୁରୀ ପରିଚୟରେ ମରିଥାନ୍ତେ କସବ

୨୬/୧୧ ମୁମ୍ବାଇ ଆକ୍ରମଣକୁ ହିନ୍ଦୁ ଆତଙ୍କବାଦ ରୂପ ଦେବା ଲାଗି ଲଶ୍କର-ଇ-ତୋଇବା ଯୋଜନା ପ୍ରସ୍ତୁତ କରିଥିଲା ବୋଲି ପୂର୍ବତନ ମୁମ୍ବାଇ ପୋଲିସ କମିଶନର ରାକେଶ ମାରିଆ କହିଛନ୍ତି। ପାକିସ୍ତାନୀ ଆତଙ୍କବାଦୀ ମହମ୍ମଦ ଅଜମଲ କସବଙ୍କୁ ବେଙ୍ଗାଲୁରୁର ସମୀର ଚୌଧୁରୀ ପରିଚୟରେ ମରିବା ପାଇଁ କୁହାଯାଇଥିଲା। ମାରିଆଙ୍କ ଲିଖିତ ପୁସ୍ତକ 'ଲେଟ୍ ମି ସେ ଇଟ୍ ନାଓ' ସୋମବାର ଉନ୍ମୋଚିତ ହୋଇଛି। ଏଥିରେ ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣାର ତଦନ୍ତ ସମ୍ପର୍କରେ ଉଲ୍ଲେଖ ରହିଛି। ଉକ୍ତ ପୁସ୍ତକ ଅନୁଯାୟୀ ୨୬/୧୧ ଆକ୍ରମଣର ମୁଖ୍ୟ ପ୍ରମାଣ କସବଙ୍କୁ ଜେଲରେ ହତ୍ୟା କରିବା ପାଇଁ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇ ଏବଂ ଲଶ୍କର ଆତଙ୍କବାଦୀ ସଂଗଠନ ପକ୍ଷରୁ ଯୋଜନା ହୋଇଥିଲା। ଏହି ଦାୟିତ୍ୱ ଦାଉଦ ଇବ୍ରାହିମଙ୍କ ଗ୍ୟାଙ୍ଗକୁ ଦିଆଯାଇଥିଲା। ସେମାନଙ୍କ ଯୋଜନା ଅନୁଯାୟୀ କାର୍ଯ୍ୟ ହୋଇଥିଲେ କସବ ଜେଲ୍‌ରେ ସମୀର ଚୌଧୁରୀ ନାମରେ ମରିଥାନ୍ତା ଓ ଗଣମାଧ୍ୟମ ମୁମ୍ବାଇ ଆକ୍ରମଣ ପାଇଁ ହିନ୍ଦୁ ଆତଙ୍କବାଦକୁ ଦାୟୀ କରିଥାନ୍ତା ବୋଲି ମାରିଆ ଲେଖିଛନ୍ତି। ସେଥିପାଇଁ ଭାରତୀୟ ଠିକଣାରେ ଜାଲ୍ ପରିଚୟ ପତ୍ର କଶବ ପାଇଁ ପ୍ରସ୍ତୁତ ହୋଇଥିଲା। ସୁରକ୍ଷା କାରଣରୁ ମୁମ୍ବାଇ ପୋଲିସ କସବ ସମ୍ପର୍କିତ ସମସ୍ତ ସୂଚନା ଗୁପ୍ତ ରଖିବାକୁ ଚାହୁଁଥିବାବେଳେ କେନ୍ଦ୍ରୀୟ ସଂସ୍ଥା ତାଙ୍କ ଫଟୋ ଛାଡ଼ିଦେଇଥିଲା ବୋଲି ମାରିଆ କହିଛନ୍ତି। ଏହି ଫଟୋରେ କସବ ଡାହାଣ ହାତରେ ଏକ ଲାଲ୍ ସୂତା ବନ୍ଧାଯାଇଥିବା ଦେଖିବାକୁ ମିଳିଥିଲା, ଯାହା ଫଳରେ ସେ ଜଣେ ହିନ୍ଦୁ ବୋଲି ବିଶ୍ୱାସ ହେବ। ଏପରିକି ସେତେବେଳେ କେତେକ ଗଣମାଧ୍ୟମ ମୁମ୍ବାଇ ଆକ୍ରମଣରେ ହିନ୍ଦୁ ଆତଙ୍କବାଦୀ ସମ୍ପୃକ୍ତ ବୋଲି ଖବର ପ୍ରକାଶ କରିଥିଲେ। ହେଲେ ଆତଙ୍କବାଦୀଙ୍କ ଯୋଜନା କାମ ନ କରିବାରୁ ୨୬/୧୧ ଆକ୍ରମଣର ଏକମାତ୍ର ଜୀବିତ ଆତଙ୍କବାଦୀ ପାକିସ୍ତାନ ଫରିଦକୋଟର ଅଜମଲ ଅମୀର କସବ ବୋଲି ଜଣାପଡିଯାଇଥିଲା। ସେମାନଙ୍କ ଯୋଜନାକୁ ଭଣ୍ଡୁର କରିବାରେ ମୁମ୍ବାଇ କନ୍‌ଷ୍ଟେବଲ ତୁକାରାମ ଓମ୍ବଲେଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ସେ କସବଙ୍କୁ ଜୀବନ୍ତ କାବୁ କରିଥିଲେ।

ମାରିଆଙ୍କ ପୁସ୍ତକ ଅନୁଯାୟୀ କସବ ଲଶ୍କର ସଂଗଠନରେ ଯୋଗଦେଇଥିଲେ ହେଁ ଜେହାଦ ସହ ତାଙ୍କର ସମ୍ପର୍କ ନ ଥିଲା। ମୁମ୍ବାଇ ଆକ୍ରମଣ ମିଶନରେ ଆସିବା ପୂର୍ବରୁ ତାଙ୍କୁ ୧.୨୫ ଲକ୍ଷ ଟଙ୍କା ଦିଆଯାଇ ସପ୍ତାହେ ଛୁଟିରେ ଛଡ଼ାଯାଇଥିଲା। କସବ ତାଙ୍କ ଭଉଣୀ ବାହାଘର ପାଇଁ ଉକ୍ତ ଟଙ୍କା ପରିବାରକୁ ଦେଇଥିଲେ। ୨୦୦୮ ନଭେମ୍ବର ୨୬ରେ କସବ ସମେତ ୧୦ ସଶସ୍ତ୍ର ଆତଙ୍କବାଦୀ ସମୁଦ୍ରପଥରେ ମୁମ୍ବାଇରେ ପହଞ୍ଚି ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ୧୬୬ ଜଣଙ୍କ ମୃତ୍ୟୁ ହେବା ସହ ୩୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ୯ ଆତଙ୍କବାଦୀ ସୁରକ୍ଷା କର୍ମୀଙ୍କ ଗୁଳିରେ ନିହତ ହୋଇଥିବାବେଳେ ବଞ୍ଚିଯାଇଥିବା କସବଙ୍କୁ ୨୦୧୨ ନଭେମ୍ବର ୨୧ରେ ଫାଶୀ ଦିଆଯାଇଥିଲା।

# ଗଡ୍‌ସେ ନା ଗାନ୍ଧିଜୀଙ୍କ ପକ୍ଷରେ

**ନୀତୀଶଙ୍କୁ ପ୍ରଶାନ୍ତ କିଶୋରଙ୍କ ପ୍ରଶ୍ନ**

ପାଟନା,୧୮।୨(ପି.ଟି.)



କ୍ଷମତା ପାଇଁ ଭାଜପା ସହ ମେଣ୍ଟ କରିଥିବା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ରାଜନୈତିକ ରଣନୀତିକାର ତଥା ରାଜନେତା ପ୍ରଶାନ୍ତ କିଶୋର କଡ଼ା ସମାଲୋଚନା କରିଛନ୍ତି। ଜେଡିୟୁ ନେତା ଭାବରେ ସେ ନାଥୁରାମ ଗଡ୍‌ସେ ନା ମହାତ୍ମା ଗାନ୍ଧୀଙ୍କ ପକ୍ଷରେ ତାହା ସ୍ପଷ୍ଟ କରନ୍ତୁ ବୋଲି ପ୍ରଶାନ୍ତ କିଶୋର ଆହ୍ୱାନ ଦେଇଛନ୍ତି। ଜେଡିୟୁ ନେତା ଗାନ୍ଧୀବାଦୀ ବିଚାରଧାରା ସହ ରହିପାରିଲେ ନାହିଁ। ତାହା ପରିବର୍ତ୍ତେ ସେ ଗଡ୍‌ସେଙ୍କ ସମର୍ଥକମାନଙ୍କ ପକ୍ଷ ନେଲେ ବୋଲି ଏକ ଖବରଦାତା ସମ୍ମିଳନୀରେ ପ୍ରଶାନ୍ତ କିଶୋର କହିଛନ୍ତି। ଜେଡିୟୁରୁ ବହିଷ୍କୃତ ହେବା ପରେ ଏହା ଥିଲା ତାଙ୍କର ପ୍ରଥମ ଖବରଦାତା ସମ୍ମିଳନୀ।

ବିହାର ମୁଖ୍ୟମନ୍ତ୍ରୀ ଗାନ୍ଧୀନୀତି ପ୍ରତି ତାଙ୍କର ପ୍ରତିବଦ୍ଧତା ପାଳନ ନ କରିବା ଏବଂ ଭାଜପା ସହ ମେଣ୍ଟ କରିବାରୁ ତାଙ୍କ ସହିତ ମତପାର୍ଥକ୍ୟ ସୃଷ୍ଟି ହୋଇଥିଲା ବୋଲି ପ୍ରଶାନ୍ତ କିଶୋର ସ୍ୱୀକାର କରିଛନ୍ତି। ଗାନ୍ଧୀ, ଜୟପ୍ରକାଶ ଓ ଲୋହିଆଙ୍କ ବିଚାରଧାରାରୁ କଦାପି ନିବୃତ୍ତ ହେବେନାହିଁ ବୋଲି କହୁଥିବା ନୀତୀଶଜୀ କିପରି ଗଡ୍‌ସେ ବିଚାରଧାରାର ସମର୍ଥକମାନଙ୍କ ସହ ଏକାଠି ହୋଇପାରିଲେ ବୋଲି ପ୍ରଶାନ୍ତ ପ୍ରଶ୍ନ କରିଛନ୍ତି। ଯଦି ସେ ଭାଜପାରେ ରହିବାକୁ ଚାହୁଁଛନ୍ତି ତେବେ ସେଥିରେ କୌଣସି ସମସ୍ୟା ନାହିଁ, ତେବେ ଏକସଙ୍ଗେ ଉଭୟ ପକ୍ଷରେ ହୋଇପାରିବେ ନାହିଁ ବୋଲି ପ୍ରଶାନ୍ତ କହିଛନ୍ତି।

ନୀତୀଶ କୁମାର ସରକାରଙ୍କ ବିକାଶ ମଡେଲକୁ ନେଇ ପ୍ରଶାନ୍ତ ପ୍ରଶ୍ନ ଉଠାଇଛନ୍ତି। ତାଙ୍କର ଏଭଳି ସମାଲୋଚନାରେ ଜେଡିୟୁ କ୍ଷୁବ୍ଧ ହୋଇଛି। ରାଜନୀତିରେ ବୁଡ଼ି ନ ରହି ନିଜ କାମରେ ମନ ଦେବା ପାଇଁ ଜେଡିୟୁ ତାଙ୍କୁ ପରାମର୍ଶ ଦେଇଛି। ଏବେ ତାଙ୍କୁ ଆମ୍ ଆଦ୍‌ମୀ ପାର୍ଟି ପାଇଁ କାମ କରିବାକୁ ହେବ। ବ୍ୟବସାୟକୁ ଆଗେଇନେବା ପାଇଁ ସମୟ ଦେବା ତାଙ୍କ ପାଇଁ ଭଲ ହେବ ବୋଲି ଜେଡିୟୁ ମୁଖପାତ୍ର କେ.ସି. ତ୍ୟାଗୀ କହିଛନ୍ତି।

# ତାପସ ପାଲ୍‌ଙ୍କ ପରଲୋକ

କୋଲକାତା,୧୮।୨(ପି.ଟି.)



ବର୍ଷୀୟାନ ବଙ୍ଗାଳୀ ଅଭିନେତା ତଥା ତୃଣମୂଳ କଂଗ୍ରେସର ପୂର୍ବତନ ଏମ୍‌ପି ତାପସ ପାଲ୍‌ଙ୍କର ମଙ୍ଗଳବାର ଭୋର ୪ଟା ସମୟରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୬୧ ବର୍ଷ ହୋଇଥିଲା। ନିଜ ଝିଅଙ୍କୁ ଦେଖିବା ଲାଗି ତାପସ ମୁମ୍ବାଇ ଯାଇଥିଲେ। ସେଠାରୁ କୋଲକାତା ଫେରିବାବେଳେ ମୁମ୍ବାଇ ବିମାନବନ୍ଦରରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଜୁହୁସ୍ଥିତ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ଦେହାନ୍ତ ହୋଇଯାଇଥିଲା ବୋଲି ପରିବାର ସୂତ୍ରରୁ କୁହାଯାଇଛି। ଗତ ଦୁଇବର୍ଷ ମଧ୍ୟରେ ସେ ଏକାଧିକ ଥର ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ।

ତାପସ କ୍ରିଷ୍ଣନଗରରୁ ଦୁଇଥର ଏମ୍‌ପି ଓ ଆଲିପୁରରୁ ବିଧାୟକ ଥିଲେ। ତାଙ୍କର ସ୍ତ୍ରୀ ଓ ଗୋଟିଏ ଝିଅ ଅଛନ୍ତି। ରୋଜ୍ ଭ୍ୟାଲି ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ ୨୦୧୬ ଡିସେମ୍ବରରେ ସିବିଆଇ ତାଙ୍କୁ ଗିରଫ କରିଥିଲା। ୧୩ ମାସ ପରେ ସେ ଜାମିନରେ ଆସିଥିଲେ। ଏହା ପରେ ସେ ଚଳଚ୍ଚିତ୍ର ଦୁନିଆଠାରୁ ଦୂରେଇ ରହିଥିଲେ। 'ସାହେବ', 'ପ୍ରଭାତ ପ୍ରିୟା', 'ଭାଲୋବାସା ଭାଲୋବାସା', 'ଅନୁରାଗେର ଚୋୟାନ ଏବଂ ଅମର ବନ୍ଧନ ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଅଭିନୟ କରି ତାପସ ଲୋକପ୍ରିୟତା ଅର୍ଜନ କରିଥିଲେ।

# ଗ୍ୟାସ୍ ଲିକ୍: ୧୪ ମୃତ

**କରାଚୀ,୧୮।୨(ପି.ଟି.):** ପାକିସ୍ତାନର ବନ୍ଦର ସହର କରାଚୀରେ ରହସ୍ୟମୟ ବିଷାକ୍ତ ଗ୍ୟାସ୍ ଲିକ୍ ହୋଇ ୧୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଅସୁସ୍ଥ ହୋଇପଡିଛନ୍ତି। ରବିବାର ରାତିରେ କରାଚୀର କେମାରି ଅଞ୍ଚଳର ବହୁସଂଖ୍ୟାରେ ଲୋକେ ଶ୍ୱାସକ୍ରିୟାରେ ସମସ୍ୟା ଅନୁଭବ କରି ହସ୍ପିଟାଲ ଆସିବା ପରେ କର୍ତ୍ତୃପକ୍ଷ ସଜାଗ ହୋଇଯାଇଥିଲେ। ତେବେ ବିଷାକ୍ତ ଗ୍ୟାସ୍ କେଉଁଠୁ ଲିକ୍ ହେଲା ତାହା ଏପର୍ଯ୍ୟନ୍ତ ଜଣାପଡିନାହିଁ। ଜିଆଉଦ୍ଦିନ ହସ୍ପିଟାଲରେ ଦୁଇଦିନରେ ୯ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ କୁଟିୟାନା ହସ୍ପିଟାଲରେ ୨ ଜଣ ପ୍ରାଣ ହରାଇଛନ୍ତି। କରାଚୀର ବିଭିନ୍ନ ହସ୍ପିଟାଲରେ ବହୁସଂଖ୍ୟାରେ ଲୋକ ଚିକିତ୍ସିତ ହେଉଛନ୍ତି। ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ବରିଷ୍ଠ ପୋଲିସ ଅଧିକାରୀମାନେ ଡାକ୍ତରମାନଙ୍କ ସହ ଯୋଗାଯୋଗରେ ଅଛନ୍ତି। ବନ୍ଦରରେ ସୋୟାବିନ୍ ଭର୍ତ୍ତି ଜାହାଜରୁ ମାଲ୍ ଖାଲି କଲାବେଳେ ଏଭଳି ଗ୍ୟାସ୍ ଲିକ୍ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି।




ଗରଦପୁର ବ୍ଲକର ବଙ୍ଗାଳପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ହୁରାସାହି ଉ.ପ୍ରା ବିଦ୍ୟାଳୟରେ (୨୦୦୩ ବ୍ୟାଚ୍)ର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ଛାତ୍ର ଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ବର୍ତ୍ତମାନର ଶିକ୍ଷକ, ଶିକ୍ଷୟିତ୍ରୀ ଏକତ୍ରିତ ହୋଇଥିଲେ।






# ଉହାନ ହସ୍ପିଟାଲ ନିର୍ଦ୍ଦେଶକଙ୍କ ମୃତ୍ୟୁ

ବେଜିଂ,୧୮।୨(ଏଏଫ୍‌ପି)

- କରୋନା ମୃତ୍ୟୁସଂଖ୍ୟା ୧୯୦୦ ଛୁଇଁଲା
- ୭୨ ହଜାର ସଂକ୍ରମିତ
- ଜାପାନ ଜାହାଜରେ ୫୪୨କରୋନା ରୋଗୀ
- ୬ ଭାରତୀୟ ରୋଗୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତି

ଚାଇନାରେ ମାରାତ୍ମକ କରୋନା ଭୂତାଣୁ (କୋଭିଡ-୧୯) ସଂକ୍ରମଣ ଜନିତ ମୃତ୍ୟୁସଂଖ୍ୟା ୧୯୦୦ ଛୁଇଁଥିବାବେଳେ ୭୨ ହଜାରରୁ ଊର୍ଦ୍ଧ୍ୱ ସଂକ୍ରମିତ ହୋଇଛନ୍ତି। ଏହି ରୋଗରେ ଉହାନର ଉଚାଙ୍ଗ୍ ହସ୍ପିଟାଲର ନିର୍ଦ୍ଦେଶକ ଲିଉ ଝିମିଙ୍ଗ୍‌ଙ୍କର ମଙ୍ଗଳବାର ସକାଳେ ମୃତ୍ୟୁ ଘଟିଛି। ବିଭିନ୍ନ ହସ୍ପିଟାଲରେ ୬ ସ୍ୱାସ୍ଥ୍ୟକର୍ମୀଙ୍କ ମୃତ୍ୟୁ ଘଟିଥିବାବେଳେ ୧୭୧୬ ଜଣ ସଂକ୍ରମିତ ହୋଇଛନ୍ତି। ଡିସେମ୍ବର ଶେଷ ଭାଗରେ କରୋନା ସଂକ୍ରମଣ ସମ୍ପର୍କରେ ଲୋକଲୋଚନକୁ ଆଣିଥିବା ଉହାନ ଡାକ୍ତର ଲି ୱେନଲିଆଙ୍ଗଙ୍କର ପୂର୍ବରୁ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଚାଇନାରେ ଉତ୍ତେଜନା ପ୍ରକାଶ ପାଇଥିଲା। କାରଣ କରୋନା ସମ୍ପର୍କରେ ସୂଚନା ଦେବାରୁ ତାଙ୍କୁ ଚାଇନା କର୍ତ୍ତୃପକ୍ଷ ଦଣ୍ଡିତ କରିଥିଲେ। କରୋନା ସଂକ୍ରମଣ ବୃଦ୍ଧି ପାଇଁ ସରକାରଙ୍କ ବିଫଳତାକୁ ଲୋକେ ଦାୟୀ କରିଥିଲେ।

ସାରା ବିଶ୍ୱରେ କରୋନା ଭୂତାଣୁ ସଂକ୍ରମିତଙ୍କ ସଂଖ୍ୟା ୭୩ ହଜାର ଟପିଲାଣି। ମେନ୍‌ଲ୍ୟାଣ୍ଡ ଚାଇନାରେ ମୃତ୍ୟୁସଂଖ୍ୟା ୧୮୬୮ ହୋଇଥିବା ବେଳେ ସେଠାରେ ୭୨,୪୩୬ ଆକ୍ରାନ୍ତ ହୋଇଛନ୍ତି। ସେହିପରି ହଂକଂରେ ୫୮ଜଣଙ୍କଠାରେ ସଂକ୍ରମଣ ହୋଇଥିବାବେଳେ ଜଣଙ୍କର ମୃତ୍ୟୁ ହୋଇଛି। ଜାପାନରେ ଲାଗିଥିବା ଜାହାଜରେ ୫୪୨ ଜଣ ସଂକ୍ରମିତଙ୍କୁ ମିଶାଇ ସେଠାରେ ରୋଗୀ ସଂଖ୍ୟା ୬୧୦ ହୋଇଥିବାବେଳେ ସିଙ୍ଗାପୁରରେ ୭୭, ଥାଇଲାଣ୍ଡରେ ୩୧, ମାଲେସିଆରେ ୨୨, ତାଇୱାନରେ ୨୨ ରୋଗୀ ଥିବାବେଳେ ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ଆମେରିକାରେ ୧୫ ରୋଗୀ ଚିହ୍ନଟ ହୋଇଥିବାବେଳେ ଭିଏତନାମରେ ୧୬ ଓ ଜର୍ମାନୀରେ ୧୬ ରୋଗୀ ଚିହ୍ନଟ ହୋଇଛନ୍ତି। ଜଣେ ଆମେରିକୀୟଙ୍କର ଚାଇନାରେ ମୃତ୍ୟୁ ଘଟିଛି। ଫ୍ରାନ୍ସରେ ୧୨ ରୋଗୀ ଚିହ୍ନଟ ହୋଇଥିବାବେଳେ ଜଣକ ମୃତ୍ୟୁ ଘଟିଛି।

ଜାପାନ ଉପକୂଳରେ ଅଟକି ରହିଥିବା ଡାଇମଣ୍ଡ ପ୍ରିନ୍ସେସ ଜାହାଜରେ ଆଉ ୮୮ କରୋନା ସଂକ୍ରମିତ ରୋଗୀ ଚିହ୍ନଟ ହେବା ପରେ ସେଠାରେ ମୋଟ ରୋଗୀସଂଖ୍ୟା ୫୪୨ରେ ପହଞ୍ଚିଛି। ଜାହାଜରେ କରୋନା ଆକ୍ରାନ୍ତ ଥିବା ୬ ଭାରତୀୟଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଥିବା ଦୂତାବାସ ପକ୍ଷରୁ କୁହାଯାଇଛି। ଉକ୍ତ ଜାହାଜରେ ୧୩୮ ଭାରତୀୟଙ୍କ ସମେତ ୩୭୧୧ ଜଣ ରହିଥିଲେ। ବୁଧବାର ଜାହାଜରୁ ୫୦୦ ଯାତ୍ରୀଙ୍କୁ ଛଡ଼ାଯିବ। ସେମାନଙ୍କ ଠାରେ କରୋନା ଭୂତାଣୁ ନ ଥିବା ପରୀକ୍ଷାରୁ ଜଣାପଡିଛି।

## ଜାପାନରେ ଫେସ୍‌ମାସ୍କ ଚୋରି

ଟୋକିଓ,୧୮।୨(ଏଏଫ୍‌ପି)

କରୋନା ଭୂତାଣୁ ଯୋଗୁ ଜାପାନରେ ଫେସ୍ ମାସ୍କ ଅଭାବ ଦେଖାଦେବା ସହ



ଏହାର ଅନ୍‌ଲାଇନ ମୂଲ୍ୟ ଯଥେଷ୍ଟ ବୃଦ୍ଧି ପାଇଛି। ସେଠାରେ ଥିବା ଏକ ହସ୍ପିଟାଲରୁ ଚୋରମାନେ ୬୦୦୦ ସର୍ଜିକାଲ ମାସ୍କ ଚୋରିକରି ନେଇଛନ୍ତି। କୋବେ ସହରରେ ଥିବା ରେଡ୍‌କ୍ରସ ହସ୍ପିଟାଲରେ ୪ଟି ବାକ୍ସରେ ଥିବା ଏହି ମାସ୍କଗୁଡ଼ିକୁ ଚୋରିକରି ନିଆଯାଇଥିବା ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି। ଚୋରମାନେ ଏହାକୁ ଅନ୍ୟମାନଙ୍କୁ ବିକ୍ରି କରିପାରନ୍ତି। ସେଥିପାଇଁ ପୋଲିସ ଖୋଳତାଡ଼ ଚଳାଇଛି।

**ଇତିହାସର ଆଇନାରେ**

**ଫେବୃୟାରୀ ୧୯ର ପ୍ରମୁଖ ଘଟଣା**

## ଶିବାଜୀଙ୍କ ଜନ୍ମ

୧୬୩୦ ଫେବୃୟାରୀ ୧୯ରେ ଛତ୍ରପତି ଶିବାଜୀଙ୍କର ଜନ୍ମ ହୋଇଥିଲା। ସେ ଅନେକ ରାଜ୍ୟ ଜୟ କରି ମରାଠା ସାମ୍ରାଜ୍ୟର ବିସ୍ତାର କରିଥିଲେ। ୧୬୭୪ରେ ସେ ଏହାର ସମ୍ରାଟ ହୋଇଥିଲେ। ୧୬୮୦ ଏପ୍ରିଲ ୩ରେ ରାଇଗଡ଼ ଦୁର୍ଗରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଗୋଖ୍‌ଲେଙ୍କ ଦେହାନ୍ତ

୧୯୧୫ ଫେବୃୟାରୀ ୧୯ରେ ଗୋପାଳକୃଷ୍ଣ ଗୋଖ୍‌ଲେଙ୍କ ଦେହାନ୍ତ ହୋଇଥିଲା। ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ତଥା ସର୍ଭାଣ୍ଟସ୍ ଅଫ ଇଣ୍ଡିଆନ ସୋସାଇଟିର ପ୍ରତିଷ୍ଠାତା ଗୋଖ୍‌ଲେ ଜଣେ ସମାଜ ସଂସ୍କାରକ ଥିଲେ। ମହାତ୍ମା ଗାନ୍ଧୀ ତାଙ୍କୁ ନିଜର ରାଜନୈତିକ ଗୁରୁ ମାନୁଥିଲେ।

# ଭାରତ ବିରୋଧୀ କାର୍ଯ୍ୟ ଲାଗି ବ୍ରିଟିଶ ଏମ୍‌ପିଙ୍କ ଭିଜା ରଦ୍ଦ

ନୂଆଦିଲ୍ଲୀ,୧୮।୨(ପି.ଟି.)

ବ୍ରିଟିଶ ଏମ୍‌ପି ଡେବି ଆବ୍ରାହାମ୍ସ ଭାରତ ବିରୋଧୀ କାର୍ଯ୍ୟରେ ସମ୍ପୃକ୍ତ ଥିବାରୁ ତାଙ୍କର ଇ-ଭିଜା ରଦ୍ଦ କରାଯାଇଥିବା ସରକାରୀ ସୂତ୍ରରୁ କୁହାଯାଇଛି। ଏ ସମ୍ପର୍କରେ ତାଙ୍କୁ ଯଥେଷ୍ଟ ପୂର୍ବରୁ ଜଣାଇଦିଆଯାଇଥିଲା। ଭିଜା ପ୍ରଦାନ, ବାତିଲ କିମ୍ବା ରଦ୍ଦ କରିବା ଗୋଟିଏ ଦେଶର ସାର୍ବଭୌମ ଅଧିକାର। ଗତବର୍ଷ ଅକ୍ଟୋବର ୭ରେ ଆବ୍ରାହାମ୍ସଙ୍କୁ ଦିଆଯାଇଥିବା ଇ-ବିଜ୍‌ନେସ୍ ଭିଜା ଚଳିତ ବର୍ଷ ଅକ୍ଟୋବର ୫ ପର୍ଯ୍ୟନ୍ତ ବୈଧ ଥିଲା। ତେବେ ସେ ଭାରତର ଜାତୀୟ ସ୍ୱାର୍ଥ ବିରୋଧୀ କାର୍ଯ୍ୟରେ ନିଜକୁ ସମ୍ପୃକ୍ତ କରିବାରୁ ଗତ ଫେବୃୟାରୀ ୧୪ରେ ତାଙ୍କର ଇ-ଭିଜାକୁ ବାତିଲ କରାଗଲା। ଏ ସମ୍ପର୍କରେ ତାଙ୍କୁ ସେହିଦିନ ଜଣାଇଦିଆଯାଇଥିଲା ବୋଲି ସରକାରୀ ସୂତ୍ରରୁ କୁହାଯାଇଛି। ସୋମବାର ସେ ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିଥିଲେ ହେଁ ତାଙ୍କ ପାଖରେ ବୈଧ ଭିଜା ନ ଥିବାରୁ ଫେରାଇଦିଆଯାଇଥିଲା।

ବ୍ରିଟିଶ ଏମ୍‌ପିଙ୍କ ଭିଜା ବାତିଲକୁ କଂଗ୍ରେସ ନେତା ଅଭିଷେକ ମନୁ ସିଂଘଭି ସମର୍ଥନ ଜଣାଇଛନ୍ତି। ସେ କେବଳ ଏମ୍‌ପି ନୁହନ୍ତି, ପାକିସ୍ତାନର ପ୍ରତିନିଧି ଭାବେ କାର୍ଯ୍ୟ କରୁଥିଲେ। ପାକ୍ ସରକାର ଏବଂ ଆଇଏସ୍ଆଇ ସହ ତାଙ୍କର ଘନିଷ୍ଠ ସମ୍ପର୍କ ରହିଛି। ତେଣୁ ତାଙ୍କୁ ଫେରାଇଦେବା ବାସ୍ତବରେ ଜରୁରୀ ଥିଲା ବୋଲି ସିଂଘଭି କହିଛନ୍ତି।




> ଏକଥା ସତ ଯେ, ସ୍ୱାର୍ଥପରତା ଆତ୍ମାକୁ ନଷ୍ଟ କରେ। ସ୍ୱାର୍ଥପର ପ୍ରବୃତ୍ତିକୁ ଧ୍ୱଂସ କର। କିନ୍ତୁ ତୁମକୁ ଅନ୍ୟ ଦିଗରେ ମଧ ସାବଧାନ ହେବାକୁ ପଡିବ। କାରଣ ତୁମର ବଦାନ୍ୟତା ମଧ ଯେପରି ଅନ୍ୟମାନଙ୍କ ଆତ୍ମାକୁ ନଷ୍ଟ ନ କରେ। —ଶ୍ରୀଅରବିନ୍ଦ

# ଦୟାର ପାତ୍ର ନୁହେଁ

ଭାରତୀୟ ସେନାରେ ଏ ପର୍ଯ୍ୟନ୍ତ ମହିଳାଙ୍କ ପାଇଁ ପର୍ମାନେଣ୍ଟ କମିଶନ (୬୦ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟରତ) ପଦବୀ ସୃଷ୍ଟିର ସୁଯୋଗ ଦିଆଯାଇ ନ ଥିଲା। ୧୭ ଫେବୃୟାରୀ ୨୦୨୦ ସୋମବାର ସୁପ୍ରିମକୋର୍ଟ ଏକ ରାୟ ଦେଇ କେନ୍ଦ୍ର ସରକାରଙ୍କୁ ୩ ମାସ ମଧ୍ୟରେ ସେନାରେ କାର୍ଯ୍ୟ କରୁଥିବା ମହିଳାମାନଙ୍କୁ ପର୍ମାନେଣ୍ଟ କମିଶନ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟକୁ ଆଧୁନିକ ସମାଜ ନିଶ୍ଚିତ ସ୍ୱାଗତ କରିବ। ମାନବ ଇତିହାସକୁ ଦେଖିଲେ ଯେଉଁ ସମାଜରେ ମହିଳାମାନଙ୍କୁ ପୁରୁଷଙ୍କ ସମାସ୍କନ୍ଧ ହେବାର ସୁଯୋଗ ଦିଆଯାଇଛି, ସେଠାରେ ଅର୍ଥନୈତିକ ଓ ସାମାଜିକ ଅଗ୍ରଗତି ଘଟିଛି। ସାଧାରଣରେ ତାହା କରାଯାଏ ନାହିଁ ବୋଲି ଅନେକ ସମସ୍ୟା ସବୁବେଳେ ଉପୁଜିବାରେ ଲାଗିଛି। ବିଶେଷକରି ପୁରୁଷମାନେ ନିଜର ଦକ୍ଷତା ପ୍ରମାଣ କରିବାକୁ ଯାଇ ମହିଳାଙ୍କୁ ଦମନ କରିବା ଏକ ଦାୟିତ୍ୱ ବୋଲି ଭାବିନିଅନ୍ତି। ଏଭଳି ନକାରାତ୍ମକ ଚିନ୍ତାଧାରା ଯୋଗୁ ସମାଜର ୫୦ ପ୍ରତିଶତ ଶକ୍ତି ଦୁର୍ବଳ ହୋଇ ରହିଛି। ଭାରତରେ ଏଭଳି ମନୋଭାବ କାହିଁକି ଓ କେବେ ସୃଷ୍ଟି ହେଲା ବୁଝିବା କଷ୍ଟକର। ଏହି ମାଟିରେ ପୁରୁଷ ସହିତ ପ୍ରକୃତି ଏବଂ ଶିବ ସହିତ ଶକ୍ତି ଚିନ୍ତାଧାରା ଜନ୍ମିଥିଲା। ଅର୍ଥାତ୍ ମାତୃଶକ୍ତିକୁ କେବେହେଲେ ଭାରତୀୟ ଗୌଣ କରି ଦେଖି ନ ଥିଲେ, ଯେଉଁଥିପାଇଁ ଯେତିକି ଠାକୁର ଗଣିହେବେ ସେତିକି ଠାକୁରାଣୀ ମଧ ସଂସ୍କୃତିରେ ଦେଖାଯାଉଥିଲେ। କିନ୍ତୁ ଦୁଃଖର ବିଷୟ ଯେ, ଆଜି ସେହି ପରିସ୍ଥିତିର ବିରାଟବଡ଼ ପରିବର୍ତ୍ତନ ଘଟିଛି। ଆଧୁନିକ ସମାଜରେ ଯେତେବେଳେ ଅନ୍ୟ ଦେଶଗୁଡ଼ିକ ମହିଳାମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରୁଥିବାର ଦେଖୁଛନ୍ତି, ସେତେବେଳେ ଭାରତରେ ମହିଳାଙ୍କ ପ୍ରତି ହେଉଥିବା ଘୋର ଅନ୍ୟାୟ ଓ ଅବିଚାରର ଛବି ସମସ୍ତଙ୍କୁ ବିଚଳିତ କରୁଛି। ଆଜିର ପରିସ୍ଥିତିରେ ମହିଳାଙ୍କ ପ୍ରତି ଦୟା କରିବାର ପ୍ରୟୋଜନ ନାହିଁ। ଅର୍ଥାତ୍ ସେମାନେ ପୁରୁଷଙ୍କ ଦୟାର ପାତ୍ର ହୋଇ ରହିବା କଥା ନୁହେଁ। ଏହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ ଦେଇଥିବା ରାୟର ଗୁରୁତ୍ୱ ଯଥେଷ୍ଟ ରହିଛି।

ଭାରତୀୟ ସେନାରେ ମହିଳାଙ୍କୁ ସ୍ଥାୟୀ କମିଶନ ମିଳିନାହିଁ । ସର୍ବୋଚ୍ଚ ଅଦାଲତଙ୍କ କହିବା ଅନୁଯାୟୀ ଦୀର୍ଘଦିନ ଧରି ଚାଲିଆସିଥିବା ମାମଲାରେ ସେନା କର୍ତ୍ତୃପକ୍ଷ ଦେଇ ଆସୁଥିବା ତଥ୍ୟ ବିଭ୍ରାନ୍ତିକର ପ୍ରମାଣିତ ହୋଇ ଆସୁଛି। (ପୁରୁଷ) ମାନସିକତାରେ ପରିବର୍ତ୍ତନ ଆସିବା ଦରକାର ବୋଲି କୋର୍ଟ ଜୋର୍ ଦେଇ କହିଛନ୍ତି। ଏହା ବ୍ୟତୀତ କେନ୍ଦ୍ର ସରକାର ଏହି ମାମଲାରେ କହିଛନ୍ତି ଯେ, ମହିଳାଙ୍କ ଶାରୀରିକ ଗଠନ ଓ ସାମାଜିକ ଚାହିଦା ଯୋଗୁ ସେମାନଙ୍କୁ ସେନାରେ ନେତୃତ୍ୱ ଦେବା ସ୍ଥାନରେ ବସାଯାଇପାରିବ ନାହିଁ। ଅର୍ଥାତ୍ ସେଥିପାଇଁ ସେମାନଙ୍କୁ ପର୍ମାନେଣ୍ଟ କମିଶନ ଦିଆଯିବା ଉଚିତ ନୁହେଁ। କାରଣ ସ୍ଥାୟୀ ନିଯୁକ୍ତି ପାଇଲେ ମହିଳା ଅଫିସରଙ୍କ ବୟସ ଏବଂ ଅଭିଜ୍ଞତା ବୃଦ୍ଧି ସହିତ ପଦୋନ୍ନତି ଘଟିବା ନିଶ୍ଚିତ ହୋଇଯିବ। ତାହାହେଲେ ସେମାନେ ପୁରୁଷ ସେନା ଅଧିକାରୀଙ୍କ ସହିତ ନିର୍ଦ୍ଦେଶ ଦେବା ପଦବୀରେ ପହଞ୍ଚିପାରିବେ। ଏହାକୁ ରୋକିବା ହୋଇଛି ଉଭୟ ସେନା ଓ କେନ୍ଦ୍ର ସରକାରଙ୍କ ଦୀର୍ଘମିଆଦୀ ଚକ୍ରାନ୍ତ। ଉଲ୍ଲେଖ କରାଯାଇପାରେ କୋର୍ଟ ଦେଇଥିବା ରାୟରେ ସ୍ପଷ୍ଟ କୁହାଯାଇଛି ଯେ, ଯେଉଁ ମହିଳା ଅଫିସରଙ୍କ ଦକ୍ଷତା ଥିବ ସେହି ମହିଳା ପଦୋନ୍ନତିର ଲାଭ ପାଇପାରିବେ। ଅନ୍ୟଭାବେ କହିବାକୁ ଗଲେ ସୁପ୍ରିମକୋର୍ଟ ଏହି ରାୟ ଦ୍ୱାରା ଆଉ ଏକ ନୂତନ ସଂରକ୍ଷଣ ଆଇନ ସୃଷ୍ଟି କରିନାହାନ୍ତି। ଦକ୍ଷତା ହିଁ ମାପକାଠି ବୋଲି ଯେହେତୁ ରାୟରେ ସ୍ପଷ୍ଟ କରାଯାଇଛି, ସେହେତୁ ଏହାକୁ କଦର୍ଥ କରାଯାଇପାରିବ ନାହିଁ। ସର୍ବୋଚ୍ଚ ନ୍ୟାୟାଳୟ ଆହୁରି କହିଛନ୍ତି ଏହା ଦ୍ୱାରା କେବଳ ସେନା ନୁହେଁ, ମହିଳାମାନଙ୍କୁ ଜୀବନର ସବୁ କ୍ଷେତ୍ରରେ ନୂଆ ପ୍ରେରଣା ଯୋଗାଇବ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ମହିଳା ଅଫିସରଙ୍କୁ ସ୍ଥାୟୀ କମିଶନ କରିବା ଲାଗି ୨୦୧୦ରେ ଦିଲ୍ଲୀ ହାଇକୋର୍ଟ ରାୟ ଦେଇଥିଲେ। ଇତିମଧ୍ୟରେ ୧୦ ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲେ ମଧ କେନ୍ଦ୍ର ସରକାରଙ୍କ ତରଫରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଏଥିରୁ କେନ୍ଦ୍ର ସରକାର ଓ ସେନା କର୍ତ୍ତୃପକ୍ଷଙ୍କ ମହିଳା ବିରୋଧୀ ମନୋଭାବ ସ୍ପଷ୍ଟ ଜଣାପଡୁଛି। ଏହି ସପ୍ତାହ ଆରମ୍ଭରେ ସୁପ୍ରିମକୋର୍ଟ ପୁନର୍ବାର ସେହି ରାୟକୁ ଦୋହରାଇବା ସହିତ ଏକ ୯୦ ଦିନିଆ ସମୟସୀମା ସ୍ଥିର କରିଛନ୍ତି। ଏହି ସମୟ ମଧ୍ୟରେ ସେନାର ଯେଉଁ ମହିଳା ଅଫିସର ପର୍ମାନେଣ୍ଟ କମିଶନ ପାଇଁ ଆବେଦନ କରିବେ, ତାଙ୍କୁ ସେହି ସୁବିଧା ଯୋଗାଇ ଦିଆଯିବା ଉଚିତ। ଏବେ ନିର୍ଭର କରୁଛି ଉଭୟ କେନ୍ଦ୍ର ଓ ସେନାର ଆନ୍ତରିକତା ଏହିଭଳି ସାମାଜିକ ପରିବର୍ତ୍ତନର ସପକ୍ଷବାଦୀ ହେବ ନା ବିପକ୍ଷବାଦୀ।

# ବନଜୀବନ ଓ ଜନଜୀବନ



**ରାଧାମୋହନ ମହାପାତ୍ର**

ବନ ସହିତ ଜନର ସମ୍ପର୍କ ଓତପ୍ରୋତ ଭାବେ ଜଡିତ। ବନ ହେଉଛି ବିଶ୍ୱର ସର୍ବବୃହତ୍ ଓ ସର୍ବଶ୍ରେଷ୍ଠ ଗନ୍ତାଘର। ବନ ମଣିଷର ଆଦିଭୂମି। ପୃଥିବୀ ସୃଷ୍ଟିର ନିୟୁତ ନିୟୁତ ବର୍ଷ ପରେ ଏନ୍‌ଜିଓସ୍ୱାର୍ମ ବା ଉଦ୍ଭିଦ ଗୋଷ୍ଠୀର ଜନ୍ମ। ପ୍ରାୟ ଦଶକୋଟି ବର୍ଷ ପୂର୍ବେ ପ୍ରାକୃତିକ କ୍ରମବିକାଶ ଓ ବିବର୍ତ୍ତନ ପ୍ରକ୍ରିୟାରେ ଜଳକଲ୍ଲୋଳିତ ପୃଥିବୀ ତରୁଲତାରେ ପଲ୍ଲବିତ ହୋଇ ଅରଣ୍ୟରେ ପରିଶୋଭିତ ହେଲା। ଏ ପୃଥିବୀ କେବଳ ମଣିଷମାନଙ୍କ ଯୋଗୁ ଏତେ ସୁନ୍ଦର, ଏତେ ରହସ୍ୟମୟ ନୁହେଁ। ଏ ବିଶାଳ ଭୂମଣ୍ଡଳରେ ତିନିଭାଗ ଜଳ ଓ ଏକ ଭାଗ ମାତ୍ର ସ୍ଥଳ। ଏଇ ସ୍ଥଳଭାଗରେ ପରିପୂର୍ଣ୍ଣ ହୋଇରହିଛି ଶ୍ୟାମଳ ବନଭୂମି, ଉଚ୍ଚ ପାହାଡ଼ପର୍ବତ, ଧନଧାନ୍ୟଭରା ଶସ୍ୟକ୍ଷେତ, ଧୂସର ମରୁଭୂମି ଆଉ ଦିଗହୀନ ସବୁଜ ପ୍ରାନ୍ତର।

ମଣିଷ ସଭ୍ୟତାର ପ୍ରାକ୍ କାଳରୁ ବନ୍ୟଜୀବମାନେ ବହୁଭାବେ ମନୁଷ୍ୟର ଉପକାର କରି ଆସିଛନ୍ତି। ସେଥିପାଇଁ ସର୍ପ ପୂଜାର ବିଧି ଆମ ସଂସ୍କୃତିର ରୂପ ନେଇଛି। ଯୁଦ୍ଧ ସମୟରେ ଗଜ, ଅଶ୍ୱମାନଙ୍କ ଆବଶ୍ୟକତା ଓ କ୍ରୀଡାକୌଶଳ ସମୟରେ ସେମାନଙ୍କ ସାହଚର୍ଯ୍ୟ ପ୍ରାଣକୁ ପୁଲକିତ କରିଛି। ବିବାହାଦି ଶୁଭ କାର୍ଯ୍ୟରେ ସେମାନଙ୍କର ଉପସ୍ଥିତି ପ୍ରାଣକୁ ମଧ ମୂର୍ଚ୍ଛନାରେ ଭରିଦେଇଛି। ଆମର ଆରାଧ୍ୟ ଦେବଦେବୀଙ୍କ ବାହନ ରୂପେ ସ୍ୱୀକୃତ ହୋଇ ଆମର ପରମ୍ପରା ଓ ଜୀବନଧାରାକୁ ବିଶ୍ୱସଂସ୍କୃତିର ପୃଷ୍ଠପଟ୍ଟରେ ମାର୍ମିକ ତଥା ଆତ୍ମୀୟତାର ନବଦିଗନ୍ତ ସୃଷ୍ଟି କରିଛି। ବୃଷ୍ଟିଦେବତା ଇନ୍ଦ୍ରଙ୍କ ବାହନ ହାତୀ, ଅଗ୍ନିଙ୍କର ମେଣ୍ଢା, ଯମଙ୍କର ମଇଁଷି, ବରୁଣଙ୍କର କୁମ୍ଭୀର, ବାୟୁଦେବତାଙ୍କର ମୃଗ, ଧନର ଦେବତା କୁବେରଙ୍କର ଘୋଡ଼ା ଓ ବ୍ରହ୍ମାଙ୍କର ବାହନ ରୂପେ ହଂସକୁ ସ୍ୱୀକୃତି ଦିଆଯାଇଛି। ଏପରି କି ନିଶାଚର ପକ୍ଷୀ ପେଚା ନିଜର ଅସୁନ୍ଦର ଚେହେରା ପାଇଁ ଆମ ସମାଜରେ ଘୃଣିତ ହେଲେ ମଧ ମା' ଲକ୍ଷ୍ମୀଙ୍କର ସେ ବାହନ ଭାବେ ପରିଚିତ। ସାରା ବିଶ୍ୱରେ ମୂଷା ମଣିଷର ବଡ଼ ଶତ୍ରୁ ହେଲେ ମଧ ଗଣଦେବତା ବିଘ୍ନନାଶକ ଗଣେଶଙ୍କର ବାହନ ହୋଇଥିବାରୁ ସେ ଆମ ସଂସ୍କୃତିରେ ପୂଜିତ। ବର୍ଷାଋତୁର ଆଗମନର ସମ୍ଭାଷଣ ପାଇଁ ସୁନ୍ଦର ପକ୍ଷୀ ମୟୂରକୁ ସ୍ଥାନିତ କରାଯାଇଛି। କାଳର ସଙ୍କେତ ରୂପେ ଶାଗୁଣାକୁ ଗ୍ରହରାଜ ଶନିଙ୍କର ବାହନ ରୂପେ କଳ୍ପନା କରାଯାଇଛି। ଶାଗୁଣା ଭଳି ଏକ ଅମେଧ୍ୟ ଭକ୍ଷଣକାରୀ ପକ୍ଷୀର ମାନବ ସମାଜ ପ୍ରତି ଯେଉଁ ପରୋକ୍ଷ ଅବଦାନ ଅଛି ତାହା ସ୍ୱୀକାର କରି ଭାରତୀୟ ସଂସ୍କୃତି ଏହି ପକ୍ଷୀକୁ ମହାଗ୍ରହଙ୍କର ବାହନ ରୂପେ ସମ୍ମାନିତ କରିଛି। ସୌରଜଗତରେ ଅନ୍ୟତମ ମହାଗ୍ରହ ଶୁକ୍ର ମଣ୍ଡୁକ (ବେଙ୍ଗ) ଯାନରେ ଆରୋହଣ କରି ବିଶ୍ୱ ପରିକ୍ରମା କରିବାର ଦୃଷ୍ଟାନ୍ତ ଜ୍ୟୋତିଷଶାସ୍ତ୍ରରୁ ଉପଲବ୍ଧ ହୁଏ। ଭାରତୀୟ ସଂସ୍କୃତିରେ ବେଙ୍ଗ ଭଳି ସାଧାରଣ ପ୍ରାଣୀକୁ ଏହିପରି ଉଚ୍ଚ ସ୍ଥାନ ଦିଆଯାଇଛି। ଲୋକକଥାର ବେଙ୍ଗ ପୂଜାର୍ଚ୍ଚନାର ବିଧିରେ ଇନ୍ଦ୍ରଦେବ ସନ୍ତୁଷ୍ଟ ହେଲେ ବର୍ଷା ହେବା କଥା ଏହି ମାଟି, ପାଣି, ପବନରେ ସଂଜୀବିତ ହୋଇଛି।

ସମଗ୍ର ମାନବଜାତି ତଥା ସୌରଜଗତକୁ ନିୟନ୍ତ୍ରଣ କରିବାରେ ପଶୁ, ପକ୍ଷୀ ଓ ସରୀସୃପମାନଙ୍କୁ ଜଡିତ କରାଯାଇଛି। ଧରାଧାମକୁ ନାନା ବିପଦ, ଆପଦରୁ ରକ୍ଷା କରିବାକୁ ମାଛ, କଇଁଛ, ବରାହ ଓ ସିଂହ ରୂପେ ଭଗବାନ ଆବିର୍ଭୂତ ହେବାର ଉପାଖ୍ୟାନ ଭକ୍ତକବି ଜୟଦେବଙ୍କ ଦଶାବତାର ରଚନାରୁ ଉପଲବ୍ଧ ହୁଏ। ଅନେକ ପଶୁପକ୍ଷୀଙ୍କୁ ମଙ୍ଗଳସୂଚକ ଭାବେ ପରିକଳ୍ପନା କରାଯାଇ ଆମ ଲୋକଗୀତ ଓ ଢଗଢ଼ମାଳିରେ ସେମାନଙ୍କୁ ସ୍ଥାନିତ କରାଯାଇଛି– ବାଆଁରେ ଦେଖିବ ବାଆଁ ଶିଆଳ, ଡାହାଣେ ଦେଖିବ ଶଙ୍ଖା, ଆଗରେ ଦେଖିବ ଭଦଭଦଳିଆ, ପାରି ହୋଇଯିବ ଲଙ୍କା। ଡାକ ବଚନରେ ନେଉଳକୁ ଯାତ୍ରାପଥରେ ଦେଖିଲେ ସର୍ବଶୁଭ ବୋଲି କୁହାଯାଇଛି– "ବାଟରେ ଦେଖିଲେ ନେଉଳ, ଶୁଭ ହୋଇବ ଅନୁକୂଳ।" ଯୁଗ ଯୁଗ ଧରି ଆମର ସାଂସ୍କୃତିକ ଚେତନାରେ ବନ୍ୟଜୀବ ଓ ବନ୍ୟ ବାସିନ୍ଦାମାନେ ଯେପରି ଆଦୃତ, ପୃଥିବୀର ଅନ୍ୟ କୌଣସି ଦେଶରେ ଏହା ବିରଳ।

ବନ୍ୟଜୀବ ନ ଥିଲେ ଜନଜୀବନ ଏତେ ପ୍ରଭାବନ୍ତ ହୋଇପାରନ୍ତା ନାହିଁ। ଜୀବମାନଙ୍କ ଯୋଗୁ ମଣିଷର ଅନେକ ପରିକଳ୍ପନା ବାସ୍ତବ ରୂପ ନେଇଛି। ସବୁ ଉଦ୍ଭାବନର ଭିତ୍ତି ସଦୃଶ ସେ ପ୍ରଥମେ ହିଁ ମୌଳିକ ଉପାଦାନ ରୂପେ ମଣିଷର ଚେତନାରେ ସୂତ୍ରଧର ସାଜିଛି। ଜୈବ ବୈଷୟିକ ବିଜ୍ଞାନର ତ୍ୱରାନ୍ୱିତ ପ୍ରଭାବ ବାୟୋଟେକ୍ନୋଲୋଜି ସାହାଯ୍ୟରେ ମଣିଷ ତା'ର ବୁଦ୍ଧିର ପରାକ୍ରମ ଦେଖାଇ ପାରୁଛି। ଜୀବଜନ୍ତୁମାନଙ୍କ ସ୍ୱଭାବ, ଆଚରଣ, ବିଚରଣ, ପ୍ରଜନନ ପ୍ରକ୍ରିୟା ଓ ତା'ର ବୈଶିଷ୍ଟ୍ୟ ଅଧ୍ୟୟନ କରି ମଣିଷ ତାହାର ଜ୍ଞାନମାର୍ଗକୁ ସଂପ୍ରସାରିତ କରିପାରୁଛି। ବହୁ ମୂଲ୍ୟବାନ ତଥ୍ୟ ତା'ର ହସ୍ତଗତ ହୋଇପାରୁଛି। କ୍ଲୋନିଂ ଶିକ୍ଷା ବନ୍ୟ ଜୀବମାନଙ୍କଠାରୁ ମଣିଷ ଗ୍ରହଣ କରିଛି। ବନଜୀବନ ବିନା ଜନଜୀବନର ମୂଲ୍ୟବୋଧ ଏକ ଅପହଞ୍ଚ ଇଲାକାରେ ରହିଯିବ। କୃତ୍ରିମ ଉପାୟରେ ମେଷ ଶାବକର ସୃଷ୍ଟି ଆଜିର ବିଜ୍ଞାନ ପାଇଁ କୀର୍ତ୍ତିସ୍ତମ୍ଭ। ଏସବୁ ମୂଳରେ ପ୍ରାଣୀର ପ୍ରଭାବ ଅଛି। ମରୁଭୂମିଠାରୁ ଆରମ୍ଭ କରି ତୃଣଭୂମି ପର୍ଯ୍ୟନ୍ତ, ମାଟିରୁ ଆରମ୍ଭ କରି ପାହାଡ଼ ପର୍ଯ୍ୟନ୍ତ ବହୁ ବିବିଧତା ମଧ୍ୟରେ ଜଳବାୟୁ, ବୃକ୍ଷଲତା ଓ ପରିବେଶକୁ ଚାହିଁ ବିଧାତା ପୃଥିବୀପୃଷ୍ଠରେ ଭିନ୍ନ ଭିନ୍ନ ଜୀବଜନ୍ତୁ ସୃଷ୍ଟି କରିଛନ୍ତି। ସମସ୍ତଙ୍କର ଅଧିକାର ଅଛି ବଞ୍ଚିବା ପାଇଁ ଏହି ପୃଥିବୀରେ। ଏମାନଙ୍କ ମଧ୍ୟରେ କିଏ ଖାଦ୍ୟ ବା କିଏ ଖାଦକ, କିଏ ତୃଣଭୋଜୀ ବା କିଏ ମାଂସଭୋଜୀ, କିଏ ହିଂସ୍ର, କିଏ ନିରୀହ– ସବୁରି ଜୀବନର ଚକ୍ରରେ ପରିବେଶର ଭାରସାମ୍ୟ ରକ୍ଷା ହେବା ସହିତ ପୃଥିବୀର ଗତିଚକ୍ର ଗଡିଚାଲିଛି।

ମଣିଷ ଆଜି ଜଡ଼ ବିଜ୍ଞାନ ଓ ବୈଷୟିକ ବିଦ୍ୟା ବଳରେ ନୀଳ ଆକାଶରେ ପକ୍ଷୀ ପରି ଉଡି ପାରୁଛି। ସାଗରର ନୀଳ ବକ୍ଷରେ ମାଛ ପରି ସନ୍ତରଣ କରିପାରୁଛି। ଗ୍ରହ, ଉପଗ୍ରହ ସନ୍ଧାନରେ ଭୂପୃଷ୍ଠରୁ ଅନ୍ତରୀକ୍ଷ ପର୍ଯ୍ୟନ୍ତ ଯାତ୍ରା କରିପାରୁଛି। କିନ୍ତୁ ଏହି ମାଟିର ଧରାରେ କିପରି ସୁଖଶାନ୍ତିରେ ବଞ୍ଚିପାରିବ ତାହା ଶିକ୍ଷା କରିପାରୁନି। ପ୍ରକୃତି ଓ ପରିବେଶର ସୁରକ୍ଷା କରି ନ ପାରିଲେ ଜୀବନ ଯେ ହା-ହୁତାଶମୟ ହୋଇଯିବ, ଉତ୍ତରପୁରୁଷଙ୍କର ଜୀବନ ଯେ ଅସନ୍ତୋଷ ବହ୍ନିରେ ଜଳିଯିବ ଏହା ଧ୍ରୁବସତ୍ୟ। ପୃଥିବୀ କ୍ରମଶଃ ଜନବହୁଳ ଓ ବନବିରଳ ଆଡକୁ ମୁହାଁଉଛି। ଏଣୁ ସାମ୍ପ୍ରତିକ ସମୟରେ ପରିବେଶର ନିର୍ମଳତ୍ୱ ପାଇଁ ପ୍ରାଣୀ ସୁରକ୍ଷା ଏକାନ୍ତ ଆବଶ୍ୟକ। ବନ୍ୟ ଜୀବମାନଙ୍କୁ ସୁରକ୍ଷା ଦେଇ ନ ପାରିଲେ, ମଣିଷ ଜୀବନ ଯେ କୃତଘ୍ନତାରେ ପରିଣତ ହୋଇଯିବ, ଏଥିରେ ସନ୍ଦେହ ନାହିଁ। ବନ୍ୟଜୀବ ବଞ୍ଚିବା ପାଇଁ ମଣିଷ ଉପରେ ନିର୍ଭର କରନ୍ତି ନାହିଁ, ବରଂ ମଣିଷ ବଞ୍ଚିବା ପାଇଁ ବନ ଓ ବନ୍ୟଜୀବ ଉପରେ ନିର୍ଭରଶୀଳ। ମଣିଷ ସେମାନଙ୍କ ସେବା, ଦୟା, ସାହାଯ୍ୟ ଓ ସହଯୋଗ ପ୍ରତି କୃତଜ୍ଞତା ନ ଜଣାଇ ସେମାନଙ୍କୁ ଧ୍ୱଂସ କରୁଛି। ଏହା ମଣିଷର ଚରମ ଅକୃତଜ୍ଞତା ଯାହା ଆମ ବିନାଶର କାରଣ ହେବ। କେବଳ ପ୍ରକୃତି ତଥା ପରିବେଶ ସୁରକ୍ଷା ଏହାର ଏକମାତ୍ର ସମାଧାନ।

ଆଜି ସମଗ୍ର ମାନବ ସମାଜ ଅର୍ଥ ପଛରେ ଦୌଡୁଛି। ଏଥିପାଇଁ ପ୍ରତିଯୋଗିତାର ସମ୍ମୁଖୀନ ହେଉଛି। କୁହାଯାଏ, ଅର୍ଥ ମଣିଷର ଷଷ୍ଠ ଇନ୍ଦ୍ରିୟ, ଯାହାର ଅଭାବରେ ଅନ୍ୟ ଇନ୍ଦ୍ରିୟଗୁଡିକ ନିଷ୍ପ୍ରଭ। ଏ ସମାଜ ତଥା ଦେଶକୁ ସମୃଦ୍ଧ ତଥା ବିଶ୍ୱ ଜୀବନର ଶ୍ରେଷ୍ଠତ୍ୱରେ ପହଞ୍ଚାଇବାକୁ ହେଲେ ଆମକୁ ଅର୍ଥ ଉପାର୍ଜନ ମାର୍ଗକୁ ବିଚାର କରିବାକୁ ହେବ। ତପୋବନର ଏହି ଭୂମି, ଏହି ମାଟି, ଏହି ସଂସ୍କୃତିକୁ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରି ବୈଦେଶିକ ମୁଦ୍ରାର ଭଣ୍ଡାରରେ ଆମେ ପରିପୂର୍ଣ୍ଣ ହୋଇପାରିବା। ପର୍ଯ୍ୟଟନ କ୍ଷେତ୍ରରେ ଏହି ବନ୍ୟଜୀବ ଓ ପରିବେଶ ସୁରକ୍ଷାର ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ। ନିଘଞ୍ଚ ଶ୍ୟାମଳ ବନାନୀ ମଧ୍ୟରେ ମୁକ୍ତଭାବେ ବନ୍ୟ ପଶୁପକ୍ଷୀଙ୍କର ବିଚରଣ ଦେଖି ପର୍ଯ୍ୟଟକମାନେ ଅପାର ଆନନ୍ଦ ପାଇପାରିଲେ ଧନ ଓ ମନରେ ଆମେ ସମୃଦ୍ଧ ଓ ପ୍ରଶଂସିତ ହୋଇପାରିବା।

ବୁଦ୍ଧେଶ୍ୱରୀ, ଭୁବନେଶ୍ୱର,
ମୋ–୯୮୬୧୧୮୯୯୩୬

# ଧଳା ବଦଳରେ କଳା ହେଲେ ଜୋକ



**ତୁଷାରକାନ୍ତ**

ସେତେବେଳର ଲୋଭନୀୟ ଚାକିରି ଛାଡ଼ି ଜାତୀୟକବି ବୀରକିଶୋର ଦାସ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ ଓ ଅସୁମାରି କବିତା ଲେଖିଥିଲେ। ସେଥିମଧ୍ୟରୁ ଯେଉଁଟି ଅନ୍ୟମାନଙ୍କୁ ଯଥେଷ୍ଟ ଅନୁପ୍ରାଣିତ କରୁଥିଲା, ସେଇଟି ଥିଲା 'ଆମେ କେତେଜଣ ଜୀବନକୁ ପାଣି ଛଡ଼େଇ ନ ଦେଲେ ଚଳିବ କି, ଦଧୀଚିଙ୍କ ହାଡ଼ ଉଜାଡ଼ି ନ ଦେଲେ ଏ ଦେଶର ଭାଗ୍ୟ ଫେରିବ କି?' ସେଇ କବିତାରେ ମଧ ସେ ଆଶଙ୍କା ପ୍ରକାଶ କରିଥିଲେ ଯେ, 'ଧଳା (ବ୍ରିଟିଶ) ବଦଳରେ କଳା (ଭାରତୀୟ) ହେଲେ ଜୋକ (ଶାସକ), କଟିବ କି କୋଟି ଜନତାଙ୍କ ଦୁଃଖ, ଚାଷୀମୂଲିଆଙ୍କ ଖପୁରିକୁ ଚିରି, ଦିଲ୍ଲୀ ଦରବାର ଗଢିବା କି, ଆମେ କେତେଜଣ ଜୀବନକୁ ପାଣି ଛଡ଼େଇ ନ ଦେଲେ ଚଳିବ କି?'

'ଧଳା' ବଦଳରେ 'କଳା' ଶାସକ, ପ୍ରଶାସକ ଓ ଧର୍ମାବତାର ହେଲେ, ଚାଷୀମୂଲିଆଙ୍କ ଦୁଃଖ ବି କିଛିମାତ୍ରାରେ କଟିଲା କିନ୍ତୁ ଗାନ୍ଧିଜୀଙ୍କଠାରୁ ବୀରକିଶୋରଙ୍କ ଯାଏ ଯେଉଁ 'ଦୁଃଖ ହଟିବା' ପାଇଁ ସଂଗ୍ରାମ କରିଥିଲେ, ସେ ଦୁଃଖ ସମୂଳେ ହଟିଲା ନାହିଁ। ବରଂ, ଧନୀଙ୍କ ସମ୍ପତ୍ତି ବଢିବାରେ ଲାଗିଛି ଓ ଚାଷୀମୂଲିଆଙ୍କ ସମ୍ପତ୍ତି କମି କମି ଚାଲିଛି।

ବୀରକିଶୋରଙ୍କ ପରି ଆଉ ଜଣେ ତ୍ୟାଗୀ ସ୍ୱାଧୀନତା ସଂଗ୍ରାମୀ ଥିଲେ ସ୍ୱର୍ଗତ ଗୌରାଙ୍ଗ ଚରଣ ଦାସ (ତା୨୬।୦୧।୧୮୯୯ରୁ ୧୯।୦୨।୧୯୭୨)। ଏଥିରେ ପ୍ରଦତ୍ତ ଫଟୋଟି କଟକର ସ୍ୱରାଜ ଆଶ୍ରମରେ ଉଠାଯାଇଥିଲା, ଯେଉଁଟିରେ ଅଛନ୍ତି (ବାମରୁ) ନବକୃଷ୍ଣ ଚୌଧୁରୀ, ଗୌରାଙ୍ଗ ଚରଣ ଦାସ ଓ ଭଗବତୀ ଚରଣ ପାଣିଗ୍ରାହୀ (ତା୦୧।୦୨।୧୯୦୮ରୁ ତା୨୩।୧୦।୧୯୪୩ରିଖ)। ଏହି ଫଟୋଟି ଏବେ ବି ସ୍ୱର୍ଗତ ଗୌରାଙ୍ଗ ଚରଣ ଦାସଙ୍କ ଘରେ ଶୋଭାପାଉଛି। ଏମାନେ ସମସ୍ତେ ଥିଲାବାଲା ପରିବାରର ଦାୟାଦ ଥିଲେ ଓ ବ୍ରିଟିଶ ସରକାରଙ୍କ ସମର୍ଥକ ହୋଇ ଅନେକ ସୁଖ ଓ ସୁବିଧା ପାଇବାକୁ ଯୋଗ୍ୟ ଥିଲେ। ଅଥଚ, ସେମାନେ ବ୍ରିଟିଶ ବିରୋଧରେ ଲଢି ଅନେକ କଷଣ ସହିଥିଲେ।

ଆଜି ଗୌରାଙ୍ଗ ଚରଣ ଦାସଙ୍କ ୪୮ତମ ବାର୍ଷିକ ସ୍ମୃତି ଦିବସ। ସିଏ ନିଜର ପୁଅ ଶଶିଭୂଷଣ ଦାସଙ୍କ ସହିତ ନିଜ ଗ୍ରାମ ବାଗଲପୁରର ଆଉ ୧୬ ଜଣଙ୍କୁ (ସମୁଦାୟ ୧୮ଜଣ) ସ୍ୱାଧୀନତା ସଂଗ୍ରାମୀ କରେଇଥିଲେ। ସମସ୍ତଙ୍କ 'ଚିଉଭାଇ' (ସେମାନଙ୍କ ଭିତରୁ ଜଣେ) ଅବସରରେ ସେମାନଙ୍କ କଥା କାହିଁକି ମନେ ପକେଇଲେ କେଜାଣି ଭାରି ହତାଶାଭାବ ଘୋଟିଆସୁଛି। ଗାନ୍ଧିଜୀଙ୍କର ଶାସକ, ପ୍ରଶାସକ ତଥା ନ୍ୟାୟମୂର୍ତ୍ତିମାନଙ୍କ ଉଦ୍ଦେଶ୍ୟରେ ତାବିଜ (Tal-isman) (୧– ଯୋଜନାଟିଏ କଲାବେଳେ ଲକ୍ଷ୍ୟ ରଖିଥିବେ, ତାହାଦ୍ୱାରା ସମାଜର ସବୁଠାରୁ ତଳେ ଥିବା ଲୋକଟି କେତେ ମାତ୍ରାରେ ଉପକୃତ ହେଉଛନ୍ତି, ୨– ଯିଏ ତୁମମାନଙ୍କ ପାଖକୁ କୌଣସି କାମରେ ଆସୁଛନ୍ତି, ସେ ତୁମ କାମରେ ବାଧା ସୃଷ୍ଟି କରୁନାହାନ୍ତି, ତୁମର ନିଯୁକ୍ତି ସେମାନଙ୍କ ପାଇଁ ଏବଂ ୩– ପ୍ରକୃତି ସମସ୍ତଙ୍କ ଚଳିବା



ପାଇଁ ଯଥେଷ୍ଟ ଦେଇଛି, ଲୋଭର ପରିପୂରଣ ପାଇଁ ନୁହେଁ।)କୁ ଯଦି ସେମାନେ ଯଥାର୍ଥରେ ଆପଣେଇଥାନ୍ତେ ତେବେ ହୁଏତ ଧଳା ବଦଳରେ କଳାଙ୍କ ଶାସନ ଯଥାର୍ଥ ହୋଇଥାନ୍ତା।

ଶାସକ ଓ ପ୍ରଶାସକଗଣ ଅବାଟରେ ଗଲେ ତାହା ବିରୋଧରେ ଲୋକଙ୍କ ସୁରକ୍ଷା ପାଇଁ ନ୍ୟାୟପାଳିକାର ସୃଷ୍ଟି ହୋଇଥିଲା। ସ୍ୱାଧୀନ ଭାରତରେ ଗୋଟିଏ ସର୍ବୋଚ୍ଚ ନ୍ୟାୟାଳୟ ସ୍ଥାପନା ପାଇଁ ୧୯୩୦ ମସିହାରେ ମହାତ୍ମା ଗାନ୍ଧୀ ବ୍ରିଟିଶ ଲର୍ଡ ଚାନ୍‌ସେଲରଙ୍କୁ ଅନୁରୋଧ କରି କହିଥିଲେ "ମୋ ସ୍ୱପ୍ନର ନ୍ୟାୟାଳୟ ପ୍ରତିଷ୍ଠା ହେଲେ ତାହା ସମସ୍ତଙ୍କୁ ନ୍ୟାୟ ଦେବ ଯାହା ଦେବାରେ ହୁଏତ ମୁଁ (ଗାନ୍ଧିଜୀ) ସଫଳ ହେବି ନାହିଁ। ଅଥଚ, ଶାସକ ଓ ପ୍ରଶାସକଙ୍କ ଅନ୍ୟାୟ ଓ ଅତ୍ୟାଚାରକୁ ଆଖି ବୁଜିଦେଇ ନ୍ୟାୟାଳୟର ଅଧୀଶ୍ୱରମାନେ ଯେତେବେଳେ ସେମାନଙ୍କ ସହିତ ମିଶିଯାଆନ୍ତି, ସେତେବେଳେ 'ନାଗରିକ ସଂଶୋଧନ ଆଇନ୍' (ସିଏଏ)ର ବିରୋଧ କରି ୨୫ଜଣ ମୃତ୍ୟୁବରଣ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ଅଣଦେଖା କରି ସେହି ଆଇନ୍ ବିରୋଧରେ ଦିଲ୍ଲୀର ଶାହିନ୍‌ବାଗରେ ଚାଲୁଥିବା ଆନ୍ଦୋଳନରେ ଗୋଟିଏ ଶିଶୁର ମୃତ୍ୟୁକୁ ନେଇ ନିଜ ଆଡୁ ଶୁଣାଣି କରନ୍ତି।" କର୍ନାଟକର ବିଦାରଠାରେ ଏକ ବିଦ୍ୟାଳୟରେ ଛୋଟ ଛୋଟ ପିଲାଏ 'ସିଏଏ' ବିରୋଧରେ ନାଟକଟିଏ ପରିବେଷଣ କରିଥିବାରୁ ପୋଲିସ ସେମାନଙ୍କୁ ବାରମ୍ବାର ଜେରା କରେ ଓ ଅଭିଭାବକଙ୍କୁ ଜେଲରେ ପୂରାଏ ଅଥଚ ସର୍ବୋଚ୍ଚ ନ୍ୟାୟାଳୟ ଚୁପ୍ ରହନ୍ତି। ଆସାମରେ 'ଜାତୀୟ ନାଗରିକ ପଞ୍ଜିକା' ଯୋଗୁ ଅଟକ ଶିବିରରେ ରଖାଯାଇଥିବା ଲୋକଙ୍କ ବାବଦରେ ବିଚାରପତିମାନେ ଚୁପ୍। ବାବ୍ରୀ ମସଜିଦ ଭଙ୍ଗାଯିବା ବେଆଇନ ବୋଲି ଘୋଷଣା କରିଥିବା ବିଚାରପତିଗଣ ସେଥିପାଇଁ ଦାୟୀମାନଙ୍କୁ ଦଣ୍ଡବିଧାନ କରୁନାହାନ୍ତି। ଦିଲ୍ଲୀର ବିଚାରାଳୟ ଭିତରେ ଅଭିଯୁକ୍ତ ତଥା ପୋଲିସଙ୍କୁ ମାଡ଼ ହେବା, ସଂଖ୍ୟାଲଘୁ ବିଶ୍ୱବିଦ୍ୟାଳୟରେ ବିନା ଅନୁମତିରେ ପୋଲିସ ପଶି ବାଡ଼େଇବା, କିନ୍ତୁ ଆଉ ଗୋଟିଏ ବିଶ୍ୱବିଦ୍ୟାଳୟରେ ଗୁଣ୍ଡାମାନେ ଛାତ୍ରୀଛାତ୍ରଙ୍କୁ ବାଡ଼େଇଲେ ମଧ ପୋଲିସ ଚୁପ୍ ରହିବା, ଗୋଟିଏ ମହିଳା ମହାବିଦ୍ୟାଳୟରେ ଗୁଣ୍ଡାମାନେ ପଶି ଛାତ୍ରୀମାନଙ୍କ ପ୍ରତି ଅସଦ୍ ବ୍ୟବହାର କଲେ ମଧ ପୋଲିସ ଚୁପ୍ ରହିବା ଉପରେ ବିଚାରପତିମାନେ ବି ଚୁପ୍ ରୁହନ୍ତି।

ଆମର ପ୍ରଚଳିତ ଢଗଟିଏ ଅଛି 'ସେବା କାର୍ପଣ୍ୟ ତପ ବଳେ, କିବା ଅସାଧ ମହୀତଳେ'। ଗାନ୍ଧିଜୀଙ୍କଠାରୁ ଗୌରାଙ୍ଗ ଚରଣଙ୍କ ପର୍ଯ୍ୟନ୍ତ ସମସ୍ତେ ସେବା ପାଇଁ ଲାଗିଥିଲେ ଅଥଚ ଏବେ କଳା ଶାସକ, ପ୍ରଶାସକ ଓ ନ୍ୟାୟମୂର୍ତ୍ତିମାନେ ନିଜେ ସେବା ପାଇବା ପାଇଁ ବ୍ୟସ୍ତ ଓ ନିଜର ସ୍ୱାର୍ଥ ପାଇଁ କ୍ଷମତାଧାରୀମାନଙ୍କ ରଜ୍ଜୁରେ ନିଜେ ନିଜେ ବାନ୍ଧି ହୋଇ ନାଚୁଛନ୍ତି।

ଅତଏବ, ଜାତୀୟ କବିଙ୍କଠାରୁ ଆରମ୍ଭ କରି ଗୌରାଙ୍ଗ ଚରଣଙ୍କ ଯାଏ ସମସ୍ତଙ୍କ ଆଶଙ୍କା 'ଧଳା ବଦଳରେ କଳା ହେଲେ ଜୋକ, କଟିବ କି କୋଟି ଜନତାଙ୍କ ଦୁଃଖ'ଟି ଆଜି ବାସ୍ତବତାର ରୂପ ନେଇଛି। ତଥାପି, ସେମାନେ ଆମକୁ ସ୍ୱାଧୀନ ଭୂଖଣ୍ଡଟିଏ ଦେଇଥିବାରୁ ଗୌରାଙ୍ଗ ଚରଣ ଦାସଙ୍କ ପୁଣ୍ୟତିଥି ଅବସରରେ ସେ ଗୋଷ୍ଠୀଙ୍କର ସମସ୍ତଙ୍କ ପ୍ରତି ସଭକ୍ତି ସମ୍ମାନ ଜଣାଉଛି।

ମୋ : ୮୮୯୫୮୫୭୩୧୮

## ଏଇ ଭାରତରେ

ଗର୍ଭସ୍ଥ ଶିଶୁକୁ ସଂସ୍କାରିତ କରିବା ପାଇଁ ସବୁ ଧର୍ମରେ ଗର୍ଭବତୀମାନେ ଧର୍ମଗ୍ରନ୍ଥ ପାଠ କରିବା ସହ ବିଭିନ୍ନ ଧାର୍ମିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥାନ୍ତି। କିନ୍ତୁ ଦୁଇଜଣ ମୁସଲ୍‌ମାନ ମହିଳା ତାଙ୍କ ଗର୍ଭସ୍ଥ ଶିଶୁକୁ ସଂସ୍କାରିତ କରିବା ଲାଗି ସଦ୍‌ଭାବନାର ନିଆରା ଉଦାହରଣ ସୃଷ୍ଟି କରିଛନ୍ତି। ଗ୍ୱାଲିୟରର ଫୁଲ୍‌ବାଗ ପଡିଆରେ ଆୟୋଜିତ ଗର୍ଭସଂସ୍କାର ଓ ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞରେ ଦୁଇଜଣ ମୁସଲ୍‌ମାନ ଗର୍ଭବତୀ ପହଞ୍ଚିବା କ୍ଷଣି ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ହିନ୍ଦୁ ମହିଳାମାନେ ଉକ୍ତ ମୁସଲମାନ ମହିଳାଙ୍କୁ ସେମାନଙ୍କ ଗହଣରେ ବସିବା ଲାଗି ସ୍ଥାନ ଦେଇଥିଲେ। ସେମାନେ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ ଚାଲିଥିବା ବେଳେ କୁଣ୍ଡରେ ଆହୁତି ମଧ ଦେଇଥିଲେ। ଏହି ଅବସରରେ ଗର୍ଭସଂସ୍କାର ଲାଗି ୫୦୦ ମହିଳା ସାମିଲ ହୋଇଥିଲେ। ଗ୍ୱାଲିୟରର ଗୁଡିଗୁଡାଖ ଖଜାଞ୍ଚି ବାବାଙ୍କ ଦରଘା ନିବାସୀ ରୁଖ୍‌ସାର ଓ ଇବରା ନିବାସୀ ଖୁସ୍‌ବୁ ବାନୋ ଏହି ଯଜ୍ଞରେ ଭାଗନେଇଥିଲେ। କୋରାନ ସହ ଗାୟତ୍ରୀ ମନ୍ତ୍ରରେ ଗର୍ଭସ୍ଥ ଶିଶୁ ସଂସ୍କାରିତ ହୋଇଥାନ୍ତି ବୋଲି ବିଶ୍ୱାସ କରୁଥିବା ଏଇ ଦୁଇ ମହିଳାଙ୍କ ଭାବନାକୁ ସେମାନଙ୍କ ସ୍ୱାମୀ ମଧ ସମ୍ମାନ ଜଣାଇଛନ୍ତି। ଭଲ କାର୍ଯ୍ୟ ଯେକୌଣସି ଧର୍ମର ହେଲେ ବି ତାହାକୁ ଗ୍ରହଣ କରିବା ଉଚିତ ବୋଲି ସେମାନେ କହିଛନ୍ତି। ଖୁସ୍‌ବୁ ବାନୋଙ୍କ ପରିବାର ହିନ୍ଦୁମାନଙ୍କ ସହ ମିଳିମିଶି ଚଳନ୍ତି। ତାଙ୍କ ସ୍ୱାମୀ ସାଦିକ ବଜରଙ୍ଗବାଲୀଙ୍କ ଭକ୍ତ ଓ ନମାଜ ବି ପଢନ୍ତି। ଏହାବାଦ୍ ରୁଖ୍‌ସାର ନିୟମିତ ପୂଜାପାଠ କରିବା ସହ ତିଳକ ମଧ ଲଗାନ୍ତି ବୋଲି କୁହନ୍ତି ତାଙ୍କ ସ୍ୱାମୀ ଆବିର। ସେ କୁହନ୍ତି, କୋରାନ୍ ପଢି ଆମକୁ ଯେତିକି ଆନନ୍ଦ ମିଳେ ଗୀତା ଶୁଣି ବି ସେତିକି ଖୁସି ଲାଗେ।

## ଚିରନ୍ତନୀ

ମୋରପ୍ରିୟ ସବୁ ଦେଶେ ଅଛି ସବୁ କାଳେ,
ଅଛି ମମ୍ମୁଖରେ, ଅଛି ଦୂର ଚକ୍ରବାଳେ,
ଥିଲେ ହେଁ ମୁଁ ଅଜ୍ଞ ରୂପେ
ଚିରଦିନ ଅନ୍ଧକୂପେ
ତହିଁ ତୋ ଅଧର ହାସ କି ଆଲୋକ ଢାଳେ!
ଛୋଟ ଛୋଟ ଦିଓଟି ସେ ଛଳ ଛଳ ଆଖି
ଏ ଗଗନେ ଏ ପବନେ ଯାଇଛି ସେ ଲାଖି
ଦରୋଟି ଦୁଇଟି କଥା
ଏ ଭୁବନେ ଦିଏ ବ୍ୟଥା,
ଅତି କ୍ଷୁଦ୍ର ଦନ୍ତପୁଟେ ହାସ ରଖେ ଜାକି।
(ଚିତ୍ରୋତ୍ପଳା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୧୯ ଫେବୃୟାରୀ ୧୯୯୫**

- ବାଣିଜ୍ୟ ଓ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ସହଯୋଗ ପାଇଁ ମ୍ୟାନମାରର ଯୋଜନା ଓ ଅର୍ଥନୀତି ବିକାଶ ମନ୍ତ୍ରଣାଳୟ ଏବଂ ଜାପାନର ମାରୁବେଣ୍ଟ କର୍ପୋରେଶନ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।
- ପାରାଦୀପ–ଏନୋର କୋଇଲା ପରିବହନ ପ୍ରକଳ୍ପ ପାଇଁ ଏସୀୟ ଉନ୍ନୟନ ବ୍ୟାଙ୍କ ୨୮୫ ନିୟୁତ ଡଲାର ଋଣ ଯୋଗାଇଦେବା ନେଇ ନିଷ୍ପତ୍ତି।
- ପ୍ରକାଶ ଶାହାଙ୍କୁ ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ରୂପେ ନିଯୁକ୍ତି ଦିଆଯାଇଛି।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 5 | | | | 4 | | A | 7 | | | 1 | | E | |
| | | | | | | | | | | E | | | 7 | |
| 7 | | | 5 | | | B | E | 1 | | 9 | | 0 | | 3 |
| 0 | | | | B | A | 2 | 6 | | | | | | | |
| | | B | | | | | | | D | | | | | |
| | | | | 4 | | | | 9 | | | B | 3 | 0 | C |
| | | | 1 | 5 | | C | | | 2 | | | 7 | | |
| | | 6 | | | 8 | A | | E | | | 3 | | | 4 |
| | | 8 | | | 0 | | | | | D | | | | 9 |
| 1 | | D | | | 9 | | 0 | 3 | | | 7 | B | | E |
| D | | | 0 | | E | | B | 6 | | A | C | | | |
| 5 | | | | 6 | | 8 | | | B | 2 | | 1 | 3 | |
| B | 0 | | | 3 | 5 | 1 | | | | | | | | |
| | | | 7 | 8 | | | C | | 3 | | | | | |
| 2 | | | | | C | | | 4 | 9 | | 5 | 8 | A | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 6 | 7 | 2 | E | 3 | B | A | D | 5 | 1 | 0 | 4 | C | 9 |
| 9 | 2 | 3 | B | A | 4 | 5 | 6 | 8 | 7 | C | D | E | 1 | 0 |
| 0 | D | B | 1 | 7 | 5 | 4 | 9 | C | E | A | 2 | 3 | 6 | 8 |
| C | 5 | 1 | 8 | 6 | 9 | 7 | E | 0 | B | 4 | 3 | 2 | D | A |
| 4 | E | A | 0 | C | D | 1 | 2 | 3 | 6 | 8 | 9 | B | 7 | 5 |
| E | C | 4 | 3 | 5 | B | 6 | 1 | A | 8 | 2 | 7 | 9 | 0 | D |
| 3 | A | 0 | 9 | 4 | 7 | 8 | D | 5 | C | B | 6 | 1 | E | 2 |
| 6 | B | 2 | A | 0 | C | E | 7 | 9 | 1 | D | 5 | 8 | 4 | 3 |
| D | 9 | 8 | 6 | 1 | 2 | C | 0 | 4 | 3 | E | A | 5 | B | 7 |
| 7 | 1 | 5 | E | D | 8 | 3 | B | 2 | 9 | 0 | 4 | C | A | 6 |
| B | 7 | D | 5 | 8 | 0 | 2 | 4 | E | A | 9 | C | 6 | 3 | 1 |
| A | 0 | 6 | D | 2 | E | 9 | 5 | B | 4 | 3 | 1 | 7 | 8 | C |
| 5 | 8 | 9 | C | B | 1 | D | 3 | 6 | 0 | 7 | E | A | 2 | 4 |
| 2 | 4 | E | 7 | 3 | 6 | A | C | 1 | D | 5 | 8 | 0 | 9 | B |
| 1 | 3 | C | 4 | 9 | A | 0 | 8 | 7 | 2 | 6 | B | D | 5 | E |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସମଜଇ ନାହିଁ ସ୍ୱଜାତି ଭାଷା

ମହାଶୟ,

ସରକାର ପ୍ରଥମ ଶ୍ରେଣୀରୁ ସ୍ପୋକନ ଇଂଲିଶ ପ୍ରଚଳନ କରିବାକୁ ଯାଉଛନ୍ତି ଏହା ଏକ ପ୍ରହସନ ଛଡା କିଛି ନୁହେଁ। ନିଜ ମାତୃଭାଷା ଉପରେ ଯାହାର ଜ୍ଞାନ ନାହିଁ ଅନ୍ୟ ଭାଷା କହିଲେ କେବଳ ଲୋକହସା ହେବା କଥା। ବାସ୍ତବରେ ଯଦି ପ୍ରାଥମିକ ସ୍ତରରେ ଶିକ୍ଷାର ଉନ୍ନତି ଚାହୁଁଛନ୍ତି ତା'ହେଲେ ମଧ୍ୟାହ୍ନଭୋଜନ ବନ୍ଦ ହେଉ, ପ୍ରତ୍ୟେକ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କର ବର୍ଷକରେ ଥରେ ସେ ପଢାଉଥିବା ବିଷୟ ଉପରେ ଲିଖିତ ପରୀକ୍ଷା କରାଯାଉ। ତା'ହେଲେ ଜଣାଯିବ ୧୦୦ ଭାଗ ଠିକ୍ ଉତ୍ତର ଦେଉଛନ୍ତି କି ନାହିଁ। ଯଦି ନୁହଁ ତା'ହେଲେ ସେ ପଢାଇବାକୁ ଉପଯୁକ୍ତ କି ନୁହେଁ ବିଚାରକୁ ନେବା ଦରକାର।

ଅଦ୍ୱୈତପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ବସ୍‌ରେ ମହିଳାଙ୍କ ସୁରକ୍ଷା

ବିଭିନ୍ନ ସ୍ଥାନରୁ ମହିଳାମାନେ ବସ୍‌ରେ ଯାତାୟାତ କରିଥାନ୍ତି। ଏହି ଯାତ୍ରା ସମୟରେ ପୁରୁଷ ବସ୍‌ଯାତ୍ରୀମାନେ ସେମାନଙ୍କୁ ଅସଦାଚରଣ କରିବା ଖବର ଲୋକଲୋଚନକୁ ଆସୁଛି। ଏବେ କମିଶନରେଟ୍ ପୋଲିସ ମହିଳା ବସ୍‌ଯାତ୍ରୀଙ୍କ ସୁରକ୍ଷାକୁ ଧ୍ୟାନ ଦେଇ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିଛନ୍ତି। ତାହା ହେଲା– ଏଣିକି ବସ୍‌ରେ ଯାତ୍ରା କରୁଥିବା ମହିଳା କିମ୍ବା ଯୁବତୀ ଅସଦାଚରଣର ଶିକାର ହେଲେ ତୁରନ୍ତ ପ୍ରଦତ୍ତ ଫୋନ୍ ନମ୍ବରରେ ପୋଲିସ ସହାୟତା ପାଇଁ ଯୋଗାଯୋଗ କରିପାରିବେ। ନମ୍ବର ହେଲା– ୧୦୦ ଏବଂ ୦୬୭୪–୨୫୪୦୩୫୪୧। ହ୍ୱାଟ୍ସଆପ୍ ନମ୍ବର ୯୪୩୭୫୮୧୫୬୭୫ ଦ୍ୱାରା ମଧ ଭିଡିଓ ଓ ମେସେଜ୍ ମଧ ପଠାଇପାରିବେ। ଏଣିକି ମହିଳାଙ୍କ ସିଟ୍‌ରେ ପୁରୁଷ ଯାତ୍ରୀ ବସି ଯାତ୍ରା କରିପାରିବେ ନାହିଁ। ପ୍ରଥମ ପଦକ୍ଷେପସ୍ୱରୂପ ଏହା କଟକ, ଭୁବନେଶ୍ୱର ଓ ପୁରୀ ସହରର ବସ୍‌ଯାତ୍ରୀଙ୍କ ପାଇଁ ଲାଗୁ କରାଯିବ। ପରେ ସାରା ରାଜ୍ୟର ବସ୍‌ଯାତ୍ରୀଙ୍କ ପାଇଁ ଲାଗୁ କରାଯିବ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ବାଙ୍କୀ ଡବଲ୍ ମର୍ଡର ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି

ବାଙ୍କୀ,୧୮।୨(ସ୍ୱ.ପ୍ର.): ବାଙ୍କୀ ଡବଲ୍‌ମର୍ଡର ଘଟଣାକୁ ୪ ଦିନ ବିତିଛି। ମାତ୍ର ଘଟଣାରେ ପୋଲିସର ହାତ ଖାଲି ରହିଛି। ତେଣୁ ଏହାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚକୁ ଦେବାଲାଗି ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ ଓ ରାଷ୍ଟ୍ରୀୟ ଭାଜପା କୃଷକ ମୋର୍ଚ୍ଚା କାର୍ଯ୍ୟକାରୀ ସଭ୍ୟ ଶୁଭ୍ରାଂଶୁ ପାଢୀ ମଙ୍ଗଳବାର ଦାବି କରିଛନ୍ତି। ଅପରପକ୍ଷେ ମୃତ ଖବରଦାତା ଆଦିତ୍ୟ ରଣସିଂହଙ୍କ ବିରୋଧରେ କଟକ ଗ୍ରାମାଞ୍ଚଳ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀ ଗଣମାଧ୍ୟମରେ ଦେଇଥିବା ମନ୍ତବ୍ୟଙ୍କୁ ଉଭୟ ନେତା ନିନ୍ଦା କରିଛନ୍ତି। ଏସ୍‌ପିଙ୍କ ଏଭଳି ମନ୍ତବ୍ୟ ତଦନ୍ତରେ ବାଧା ସୃଷ୍ଟି କରିବ ବୋଲି ସେମାନେ ଅଭିଯୋଗ କରିଛନ୍ତି। ପାଢୀ ଖଜୁରିପଦା ଗ୍ରାମକୁ ଯାଇ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଗତ ୧୫ ତାରିଖରେ ବାଙ୍କୀ ଥାନା କିଆପଲା ଜୋକଲାଞ୍ଜି ଜଳସେଚନ ପ୍ରକଳ୍ପ ନିକଟରେ ଡବଲ୍ ମର୍ଡର ହୋଇଥିଲା। ନୂଆଗାଁ ସରପଞ୍ଚ ମମତା ମହାପାତ୍ରଙ୍କ ସ୍ୱାମୀ ଭଗବାନ ସ୍ୱାଇଁ ଏବଂ ଖଜୁରିପଦା ଗ୍ରାମର ଖବରଦାତା ଆଦିତ୍ୟ କୁମାର ରଣସିଂହଙ୍କୁ ଦୁର୍ବୃତ୍ତ ଗୋଡାଇ ଗୋଡାଇ ହାଣିଥିଲେ। ଘଟଣାସ୍ଥଳରେ ଆଦିତ୍ୟଙ୍କ ମୃତ୍ୟୁ ହୋଇଥିବା ବେଳେ କଟକ ବଡ଼ ଡାକ୍ତରଖାନାରେ ଭଗବାନଙ୍କ ମୃତ୍ୟୁ ଘଟିଥିଲା।

# ଜୀବିତଙ୍କୁ ମୃତ ଦର୍ଶାଇ ସହାୟତା ରାଶି ଚଳୁ

## ଜଡ଼ତିରା ପଞ୍ଚାୟତରେ ୬୦ ଲୋକଙ୍କ ଜାଲ୍ ଦସ୍ତଖତରେ ଅର୍ଥ ହଡ଼ପ ଅଭିଯୋଗ

ଜଗତ୍‌ସିଂହପୁର ଅଫିସ୍,୧୮।୨

ଗରିବ ତଥା ନିରାଶ୍ରୟ ଲୋକଙ୍କ ମୃତ୍ୟୁ ପରେ ସେମାନଙ୍କ ମୃତଦେହ ଦାହ କରିବା ପାଇଁ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ରାଶି ଯୋଗାଇ ଦେଉଛନ୍ତି। ମାତ୍ର ଏହି ରାଶି ଆତ୍ମସାତ କରିବାକୁ ଅନେକ ସରକାରୀ କର୍ମଚାରୀ ଓ ଲୋକ ପ୍ରତିନିଧି ପଛାଉନାହାନ୍ତି; ଯାହାକି ସାଧାରଣରେ ଅସନ୍ତୋଷର

**ତିର୍ତ୍ତୋଲ ବ୍ଲକରେ ହରିଶ୍ଚନ୍ଦ୍ର ଯୋଜନା କେଲେଙ୍କାରୀ**

କାରଣ ହୋଇଛି। ଏଭଳି ସଙ୍ଗୀନ ଅଭିଯୋଗ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଜଡ଼ତିରା ପଞ୍ଚାୟତରେ ହୋଇଛି। ଦୁଃଖର କଥା ହେଲା ଜଡ଼ତିରାର ଶେଷଦେବ ନାଥଶର୍ମା ଯେତେବେଳେ ଜୀବିତ ଥିଲେ ସେତେବେଳେ ତାଙ୍କୁ ମୃତ ଦର୍ଶାଯାଇ ହରିଶ୍ଚନ୍ଦ୍ର ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ୨ ହଜାର ଟଙ୍କା ଆତ୍ମସାତ କରି ଦିଆଯାଇଛି। ତାଙ୍କ ମୃତ୍ୟୁ ପରେ ଏହା ଜଣାପଡିବାରୁ ଲୋକେ ଆଶ୍ଚର୍ଯ୍ୟ ହୋଇଥିଲେ। ବଡ କଥା ହେଲା ତାଙ୍କ ପୁଅ ଶୁଭ୍ରଜିତ ନାବାଳକ ଥିଲାବେଳେ ତାଙ୍କୁ ବିବାହିତ ଦର୍ଶାଯିବା ସହ ତାଙ୍କ ସ୍ତ୍ରୀଙ୍କ ନାମ ଜ୍ୟୋତ୍ସ୍ନା ଦର୍ଶାଯାଇଛି। ହରିଶ୍ଚନ୍ଦ୍ର






ଡେଥ୍ ସାର୍ଟିଫିକେଟ୍‌ରେ ଦର୍ଶାଯାଇଥିବା ତାରିଖ ଓ ସହାୟତା ପ୍ରଦାନ ତାରିଖ ଭିନ୍ନ ରହିଛି।

ଯୋଜନାରେ ବୋହୂ ଜ୍ୟୋତ୍ସ୍ନାଙ୍କୁ ଏହି ସହାୟତା ରାଶି ଦିଆଯାଇଥିବା ଉଲ୍ଲେଖ ଅଛି। ଅନୁରୂପ ଭାବେ ଅନେକ ଗରିବ ମୃତ ବ୍ୟକ୍ତିଙ୍କ ପରିବାର ପକ୍ଷରୁ ସହାୟତା ପାଇବା ପାଇଁ ଆବେଦନ କରାଯାଇଥିଲେ ସୁଦ୍ଧା ଦିଆଯାଉନି। ଏହି ପଞ୍ଚାୟତର ପାଖାପାଖି ୬୦ ଜଣଙ୍କ ନାମରେ ମିଥ୍ୟା ଦସ୍ତଖତ ବଳରେ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ରାଶି ଚଳୁ କରାଯାଇଥିବା ଅଭିଯୋଗ ହୋଇଛି। ରାଜ୍ୟ ସରକାର ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବୃଦ୍ଧି ଆଦି ପାଇଁ ୫-ଟି ଓ ମୋ ସରକାର ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ ତିର୍ତ୍ତୋଲ ବ୍ଲକ ସମେତ ଜଗତ୍‌ସିଂହପୁର ଜିଲାର ଅନ୍ୟ ଅଞ୍ଚଳରେ ଦୁର୍ନୀତିଗ୍ରସ୍ତ କର୍ମଚାରୀ ଓ ରାଜନେତାଙ୍କ ଦୁର୍ନୀତି ଉପରେ ଆଶାନୁରୂପ ଅଙ୍କୁଶ ଲାଗି ପାରୁନାହିଁ, ଯାହାକି ସାଧାରଣରେ ଅସନ୍ତୋଷ ସୃଷ୍ଟି କରୁଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ୨୭।୧୧।୧୯ରେ ଜଡ଼ତିରାର ଶେଷଦେବ ନାଥଶର୍ମାଙ୍କ ଦେହାନ୍ତ ହୋଇଥିଲା। ମୃତ୍ୟୁ ପ୍ରମାଣପତ୍ର ୨୦।୨।୧୯ରେ ଦିଆଯାଇଥିଲା। କିନ୍ତୁ ୧୫।୯।୧୮ରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଦର୍ଶାଯାଇ ପଞ୍ଚାୟତ ତରଫରୁ ୨ହଜାର ଟଙ୍କାର ଭାଉଚର କରାଯାଇଥିଲା। ଶେଷଦେବଙ୍କ ପୁଅ ଶୁଭ୍ରଜିତ ନାବାଳକ ଥିଲାବେଳେ ତାଙ୍କୁ ବିବାହିତ ଦର୍ଶାଯାଇଥିଲା। ଯେତେବେଳେ ଶେଷଦେବଙ୍କ ମୃତ୍ୟୁ ହେଲା ଏବଂ ପରିବାର ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ପାଇବା ପାଇଁ ଆବେଦନ କରିଥିଲେ ସେତେବେଳେ ପଞ୍ଚାୟତ ସରପଞ୍ଚ ଓ ନିର୍ବାହୀ ଅଧିକାରୀ କିଛି ଶୁଣି ନ ଥିଲେ। ପରବର୍ତ୍ତୀ ସମୟରେ ଜଣାଯାଇଥିଲା ଯେ, ଶେଷଦେବ ଜୀବିତ ଥିବାବେଳେ ମୃତ ଦର୍ଶାଯାଇ ସହାୟତା ରାଶି ଚଳୁ କରି ଦିଆଯାଇଛି। ଅନୁରୂପ ଭାବେ ପଞ୍ଚାୟତରେ ଅନେକ ଲୋକଙ୍କ ନାଁରେ ମିଥ୍ୟା ଦସ୍ତଖତ ବଳରେ ସହାୟତା ଚଳୁ କରି ଦିଆଯାଇଛି। ସେମାନଙ୍କ ମଧ୍ୟରେ ନିୟତି ନାଥଶର୍ମା ଅନ୍ୟତମ। ମୃତ୍ୟୁ ପୂର୍ବରୁ ତାଙ୍କ ନାମରେ ହରିଶ୍ଚନ୍ଦ୍ର ସହାୟତା ଆତ୍ମସାତ କରାଯାଇଛି। ସେହିପରି ବଟ ସୁତାର, କୃଷ୍ଣଚନ୍ଦ୍ର ସୁତାର, ରଞ୍ଜନ ନାଥ ଓ ରବୀନ୍ଦ୍ର ଦାଶ ପ୍ରମୁଖଙ୍କ ମୃତ୍ୟୁ ପାଖାପାଖି ୧ ବର୍ଷ ପୂର୍ବରୁ ହୋଇଛି। ସେମାନଙ୍କ ପରିବାରକୁ ସହାୟତା ଦିଆ ନ ଯାଇ ଜାଲ୍ ଦସ୍ତଖତ ବଳରେ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ଏପରି କି ଜଣେ କି ଦୁଇଜଣ ନୁହେଁ ପଞ୍ଚାୟତର ୬୦ରୁ ଅଧିକ ଲୋକଙ୍କ ନାମରେ ସହାୟତା ରାଶି ହଡପ ହୋଇଥିବା ଶୁଭ୍ରଜିତ ନାଥଶର୍ମା, ଆଶିଷ ଶର୍ମା ଓ ବଇନ ଓଝା ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତିର୍ତ୍ତୋଲ ବିଡିଓ ରମେଶ ପରିଡ଼ାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

## ଦୁର୍ବୃତ୍ତ ଝାମ୍ପିନେଲେ ୨ ଲକ୍ଷ

ଜଗତ୍‌ସିଂହପୁର ଅଫିସ୍, ୧୮।୨

ଜଗତ୍‌ସିଂହପୁର ସହରରୁ ମଙ୍ଗଳବାର ପୂର୍ବାହ୍ନରେ ଲୁଟ୍ ହୋଇଛି। ବିରିଡ଼ି ଥାନା ଅନ୍ତର୍ଗତ ଅଣଖିଆର ସତ୍ୟବ୍ରତ ବିଶ୍ୱାଳ ନାମକ ବ୍ୟକ୍ତିଙ୍କଠାରୁ ୨ ଲକ୍ଷ ଟଙ୍କା ଦୁର୍ବୃତ୍ତ ଲୁଟ୍ କରିଛନ୍ତି। ବିଶ୍ୱାଳ ସ୍ଥାନୀୟ ଏକ ବ୍ୟାଙ୍କରୁ ୨ ଲକ୍ଷ ଟଙ୍କା ଉଠାଇ ବାଇକ୍ ଯୋଗେ ଗାଁକୁ ଫେରୁଥିବାବେଳେ କଲେଜ ଛକ ନିକଟରେ ଦୁର୍ବୃତ୍ତ ତାଙ୍କୁ ଅଟକାଇ ଟଙ୍କା ଛଡାଇ ନେଇଥିଲେ। ବିଶ୍ୱାଳଙ୍କ ଅଭିଯୋଗକ୍ରମେ ଜଗତ୍‌ସିଂହପୁର ପୋଲିସ ଦଫା ୩୯୨/୩୪ରେ ମାମଲା ସଂଖ୍ୟା ୫୮/୨୦ ରୁଜୁ କରି ତଦନ୍ତ ଜାରି ରଖିଛି। ବିଶ୍ୱାଳ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ସେ ୟୁବିଆଇ (ୟୁନାଇଟେଡ୍ ବ୍ୟାଙ୍କ ଅଫ ଇଣ୍ଡିଆ) ଜଗତ୍‌ସିଂହପୁର ଶାଖାରେ ପହଞ୍ଚି ଚେକ୍ ମାଧ୍ୟମରେ ଟଙ୍କା ଉଠାଇଥିଲେ। ଏହି ସମୟରେ ସାଥିରେ ଥିଲେ ସାଙ୍ଗ ସୁଦୀପ ସିଂ। ଟଙ୍କା ଉଠାଇ ସାରି ଦୁହେଁ ଏକ ବାଇକ୍‌ରେ ଅଣଖିଆ ଫେରୁଥିଲେ। ସିଂ ବାଇକ୍ ଚଳାଉଥବାବେଳେ ସେ ଟଙ୍କା ଧରି ପଛରେ ବସିଥିଲେ। କଲେଜ ଛକସ୍ଥିତ ଏକ କ୍ୟାଣ୍ଟିନର କିଛି ଆଗକୁ ଗଲାପରେ ହଠାତ୍ ଏକ ବାଇକ୍‌ରେ ୨ଜଣ ଯୁବକ ଆସି ଅଟକାଇଥିଲେ। ସେମାନଙ୍କ ମଧ୍ୟରୁ ଯିଏ ଗାଡି ଚଳାଉଥିଲେ ସେ ଚଷମା ସାଙ୍ଗକୁ ହେଲମେଟ୍ ପିନ୍ଧିଥିଲେ। ତାଙ୍କ ପଛରେ ବସିଥିବା ଅଭିଯୁକ୍ତଙ୍କ ରଙ୍ଗ କଳା। ତେବେ ସେମାନଙ୍କୁ ଏହି ବ୍ୟକ୍ତିଦ୍ୱୟ କାହିଁକି ଅଟକାଇଲେ ତାହା ବୁଝିବା ପୂର୍ବରୁ ବାଇକ୍ ପଛରେ ବସିଥିବା ଅଭିଯୁକ୍ତ ହଠାତ୍ ପାଖକୁ ଚାଲିଯାଇ ୨ ଲକ୍ଷ ଟଙ୍କା ଥିବା ଜରି ବ୍ୟାଗଟିକୁ ବଳପୂର୍ବକ ଛଡାଇ ନେଇଥିଲେ। ପରେ କାଳ ବିଳମ୍ବ ନ କରି ଯୁବକ ଦ୍ୱୟ ଜଗତ୍‌ସିଂହପୁର ଆଡକୁ ପଳାଇ ଯାଇଥିଲେ।

## ଦାଦାବଟି ନ ଦେବାରୁ ନିର୍ମାଣାଧୀନ ପାଚେରି ଭାଙ୍ଗିଦେଲେ

କୁଜଙ୍ଗ, ୧୮।୨(ଡି.ଏନ.ଏ.)



ଦୁର୍ବୃତ୍ତ ପାଚେରି ଭାଙ୍ଗି ଦେଇଛନ୍ତି।

ଠିକାଦାର ଦାଦାବଟି ନ ଦେବାରୁ ନିର୍ମାଣାଧୀନ ପାଚେରି ଭାଙ୍ଗି ଦେଇଛନ୍ତି ଦୁର୍ବୃତ୍ତ। କୁଜଙ୍ଗ ଥାନା ଅଞ୍ଚଳରେ ଘଟିଛି ଏହି ଘଟଣା। ଥାନା ଅଧୀନ ବାପୁଜୀ ବିଦ୍ୟାପୀଠର ପାଚେରି ନିର୍ମାଣ ନିମନ୍ତେ ସମାଗୋଳ ଗ୍ରାମର ଠିକାଦାର ଅରୁ ପ୍ରସାଦ ମହାନ୍ତି ଟେଣ୍ଡର ପାଇଥିଲେ। ଫଳରେ ଗତ ୫ତାରିଖଠାରୁ ନିର୍ମାଣକାମ ଆରମ୍ଭ ହୋଇଥିଲା। ଠିକାଦାରଙ୍କ ସାନଭାଇ ଗତ ୧୨ ତାରିଖ ଦିନ କାର୍ଯ୍ୟସ୍ଥଳରେ ରହି କାମ ଦେଖାଶୁଣା କରୁଥିଲେ। ଏହି ସମୟରେ ବାଲିଆ ଗ୍ରାମର ଜଣେ ଯୁବକ ସେଠାରେ ପହଞ୍ଚି ୫୦ ହଜାର ଟଙ୍କା ଦାଦାବଟି ମାଗିଥିଲେ। ବଟି ନ ଦେଲେ ପାଚେରି ଭାଙ୍ଗି ଦିଆଯିବ ଓ କାମ କରାଇ ଦିଆଯିବ ନାହିଁ ବୋଲି ଚୋଟବାନୀ ଦେଇଥିଲେ। ମାତ୍ର ଠିକାଦାର ଅରୁ ଘଟଣାକୁ ହାଲ୍‌କାଭାବେ ନେଇ କାର୍ଯ୍ୟ ଜାରି ରଖିଥିଲେ। ମାତ୍ର ମଙ୍ଗଳବାର ସକାଳୁ ଯାଇ ଦେଖିଲା ବେଳକୁ ପ୍ରାୟ ୨୦ଫୁଟ ଲମ୍ବର ନିର୍ମାଣାଧୀନ ପାଚେରି ଭଙ୍ଗା ଯାଇଥିଲା। ପରେ ଏନେଇ ସମ୍ପୃକ୍ତ ଠିକାଦାର କୁଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ହେଲେ ଏ ଦୁର୍ବୃତ୍ତଙ୍କ ପତ୍ତା ମିଳି ନ ଥିବା ତଦନ୍ତକାରୀ ଅଧିକାରୀ ଦେବରାଜ ପ୍ରଧାନ ସୂଚନା ଦେଇଛନ୍ତି।

## ୨ହାଇୱାରୁ ଜରିମାନା ଆଦାୟ

ସାଲେପୁର,୧୮।୨(ଡି.ଏନ୍.ଏ.): ସାଲେପୁର ଥାନା ଅନ୍ତର୍ଗତ ହରିଚନ୍ଦନପୁର ବ୍ୟାରେଜେ ଛକରୁ ସୋମବାର ବିଳମ୍ବିତ ରାତିରେ ବେଆଇନ ବାଲି ଚାଲାଣ କରୁଥିବା ୨ ହାଇୱାକୁ ପୋଲିସ ଜବତ କରିଛି। ଏନେଇ ଉଭୟ ଗାଡି ମାଲିକଙ୍କ ନିକଟରୁ ୨୫ ହଜାର ଟଙ୍କା ଲେଖାଏ ଜରିମାନ ଆଦାୟ ହୋଇଛି। ଚିତ୍ରୋତ୍ପଳା ଓ ମହାନଦୀ ପଠାରୁ ଉଭୟ ଗାଡି ବାଲି ଭର୍ତ୍ତି କରି ନେଉଥିବା ବେଳେ ବ୍ୟାରେଜେ ଛକ ନିକଟରେ ପୋଲିସ ପାଟ୍ରୋଲିଂ ଟିମ୍ ହାତରେ ଧରାପଡିଥିଲେ। ଉଭୟ ଗାଡିକୁ ଥାନାକୁ ନିଆଯିବ ସହ ତହସିଲଦାରଙ୍କୁ ଖବର ଦିଆଯାଇଥିଲା। ତହସିଲଦାର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ଥାନାରେ ପହଞ୍ଚି ଉଭୟ ଗାଡି ମାଲିକଙ୍କ ନିକଟରୁ ଜରିମାନା ଆଦାୟ କରିଥିଲେ।

## ନାବାଳିକା ନିର୍ଯାତନା ମାମଲା, ୩ ଗିରଫ

ଜଗତ୍‌ସିଂହପୁର ଅଫିସ୍,୧୮।୨

ପୃଥକ ନାବାଳିକା ନିର୍ଯାତନା ମାମଲାରେ ଜଗତ୍‌ସିଂହପୁର ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ମଇଉଦ୍ଦିନପୁରର ସଏଦ୍ ଇଷାବୁଦ୍ଦିନ୍, ମଣ୍ଡାସାହିର ଅତିଷ ଭୋଇ ଓ କୋଦଳର ମିହିର କୁମାର ରାଉତ। ଜଗତ୍‌ସିଂହପୁର ଥାନାରୁ ମିଳିଥିବା ସୂଚନା ଅନୁଯାୟୀ, ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ନାବାଳିକା ୨୮।୧।୨୦ରେ ବିଦ୍ୟାଳୟ ଯାଉଥିବାବେଳେ ଏହି ସମ୍ପ୍ରଦାୟର ସଏଦ୍ ଉଷାବୁଦ୍ଦିନ ନାମକ ଯୁବକ ତାଙ୍କୁ ଅପହରଣ କରି ବଳାତ୍କାର ସହ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ପୋଲିସ ଏ ସମ୍ପର୍କରେ ମାମଲା ସଂଖ୍ୟା ୩୬/୨୦ ରୁଜୁ ସହ ପରବର୍ତ୍ତୀ ସମୟରେ ନାବାଳିକାଙ୍କୁ ଉଦ୍ଧାର କରିଥିଲା। କିନ୍ତୁ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଳମ୍ବ ହୋଇଥିଲା। ସୌଭାଗ୍ୟ ମଙ୍ଗଳବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ସେହିପରି ୩୧।୭।୧୮ ସକାଳ ୯ଟା୩୦ରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଅନ୍ୟ ଜଣେ ନାବାଳିକା ତରିକୁଣ୍ଡ ମହାବିଦ୍ୟାଳୟ ଯାଉଥିବା ବେଳେ ତାଙ୍କୁ ଅପହରଣ କରାଯିବା ସହ ଯୌନ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଏହା ଉପରେ ପୋଲିସ ମାମଲା ସଂଖ୍ୟା ୧୬୮/୧୮ ରୁଜୁ କରିଥିଲା। ନାବାଳିକା ଉଦ୍ଧାର ପରେ ଥାନାରେ ସିଆରପିସି ୧୬୧ ଓ କୋର୍ଟରେ ୧୬୪ରେ ତାଙ୍କ ଷ୍ଟେଟମେଣ୍ଟ ରେକର୍ଡ କରାଯାଇଥିଲା। ଏହି ମାମଲାରେ ଅଭିଯୁକ୍ତ ମଣ୍ଡାସାହିର ଅକ୍ଷିତ ଭୋଇଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ୫।୯।୧୮ରେ ଏହି ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ କୋଦଳର ମିହିର ରାଉତ ଅପହରଣ ସହ ଯୌନ ଶୋଷଣ କରିଥିବା ଅଭିଯୋଗ ହୋଇଥିଲା। ପୋଲିସ ଏହା ଉପରେ ମାମଲା ସଂଖ୍ୟା ୨୧୦/୧୮ ରୁଜୁ କରିଥିଲେ ସୁଦ୍ଧା ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଳମ୍ବ କରିଥିଲା। ତେବେ ମଙ୍ଗଳବାର ରାଉତଙ୍କୁ ଗିରଫ ପରେ କୋର୍ଟଚାଲାଣ ସମ୍ଭବ ହୋଇଛି।

## ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ସ୍ୱାବଲମ୍ବୀ କର୍ମଶାଳା

ପାରାଦୀପ, ୧୮।୨ (ସ୍ୱ.ପ୍ର.): ସ୍ଥାନୀୟ ବଡ଼ପଡ଼ିଆସ୍ଥିତ ପାରାଦୀପ ଭବନ ପରିସରରେ ଥିବା ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ କମ୍ପାନୀ ଅଫିସରେ ଚାଲିଥିବା ଦୁଇ ଦିନିଆ କର୍ମଶାଳା ମଙ୍ଗଳବାର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପ୍ରସ୍ତାପିତ କାରଖାନା ଅଞ୍ଚଳର ୭୦ ଜଣ ଯୁବତୀ, ମହିଳାଙ୍କୁ ଆତ୍ମନିଯୁକ୍ତି ସମ୍ପର୍କରେ ତାଲିମ ଦିଆଯାଇଥିଲା। ଏରସମା ବ୍ଲକ ଢ଼ିଙ୍କିଆ ଅଞ୍ଚଳରେ ଉକ୍ତ କମ୍ପାନୀ ଏକ ଷ୍ଟିଲ୍ କାରଖାନା କରିବାର ଥିବାରୁ ସେହି ଅଞ୍ଚଳର ମହିଳା ଓ ଯୁବତୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଏହି କର୍ମଶାଳାର ଆୟୋଜନ କରାଯାଇଥିଲା। ସ୍ୟାହି ଏକ୍ସପୋର୍ଟର ପ୍ରଶିକ୍ଷକମାନେ ଯୋଗଦେଇ ମହିଳା, ଯୁବତୀଙ୍କୁ ଗାରମେଣ୍ଟ ଉପରେ ତାଲିମ ଦେଇଥିଲେ। ୧୮ରୁ ୩୫ ବର୍ଷୀୟା ଯୁବତୀ ଓ ମହିଳା ପ୍ରଶିକ୍ଷଣ ନେବା ପରେ ନିଶ୍ଚୟ ରୋଜଗାରକ୍ଷମ ହୋଇପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

**ବାର୍ତ୍ତା**



ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ୨୦୨୦ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା, ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଏବଂ ମଧ୍ୟମା ପରୀକ୍ଷା ଚଳିତ ବର୍ଷ ଫେବୃଆରୀ ୧୯ରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ କ୍ୟାରିଅର ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ । ତେଣୁ ପିଲାମାନେ ଯେପରି ସମ୍ପୂର୍ଣ୍ଣ ଚାପ ମୁକ୍ତ ହୋଇ ପରୀକ୍ଷା ଦେବେ ଏବଂ ପରୀକ୍ଷାରେ ଭଲ କରିବେ, ସେଥିପ୍ରତି ଆମେ ସମସ୍ତେ ଯତ୍ନବାନ ହେବା ଉଚିତ୍ । ଏତଦ୍‌ବ୍ୟତୀତ ଶାନ୍ତିପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ଭାବରେ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ, ଅଭିଭାବକ ଓ ସମସ୍ତଙ୍କ ସହଯୋଗ କାମନା କରୁଛି ।

ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ମୋର ଶୁଭକାମନା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

ନବୀନ ପଟ୍ଟନାୟକ

( ନବୀନ ପଟ୍ଟନାୟକ )

## ଅବଧି ସରିଲା: ଜରିମାନା ଭରିଲା ଗୋଟିଏ କମ୍ପାନୀ

ପାରାଦୀପ, ୧୮।୨ (ସ୍ୱ.ପ୍ର.)

**ପ୍ରଦୂଷଣ ପାଇଁ ଶିଳ୍ପ ସଂସ୍ଥାକୁ ଏନ୍‌ଜିଟିର ଜରିମାନା ନୋଟିସ ପ୍ରସଙ୍ଗ**

- ଅନ୍ୟ ଶିଳ୍ପ ସଂସ୍ଥା ପୈଠ କଲେନି ଜରିମାନା ରାଶି
- ସେମାନଙ୍କ ନାଁ ସତ୍ୟପାଠରେ ଦର୍ଶାଇବ ଏସ୍‌ପିସିବି

ପାରାଦୀପର ପ୍ରଦୂଷଣକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଶିଳ୍ପ ସଂସ୍ଥାଗୁଡ଼ିକୁ କରିଥିବା ଜରିମାନା ନୋଟିସ୍‌ର ଅବଧି ଗତ ୧୩ ତାରିଖରେ ଶେଷ ହୋଇଥିଲା। ଏହି ସମୟ ମଧ୍ୟରେ କେବଳ ଗୋଟିଏ ବୃହତ୍ ଶିଳ୍ପ (ଇଫ୍‌କୋ) ୧ କୋଟି ଟଙ୍କା ଭରଣା କରିଥିବା ବେଳେ ଅନ୍ୟ ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଶିଳ୍ପଗୁଡ଼ିକ ଧାର୍ଯ୍ୟ ଜରିମାନା ପୈଠ କରି ନ ଥିବା ଜଣାଯାଇଛି। ଏ ସମ୍ପର୍କରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ଆଞ୍ଚଳିକ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଏନ୍‌ଜିଟିକୁ ଜରିମାନା ଦେଇ ନ ଥିବା କମ୍ପାନୀଗୁଡ଼ିକ ନାମକୁ ବୋର୍ଡ ସତ୍ୟପାଠ ଜରିଆରେ ଦର୍ଶାଇବ। ତା'ପରେ ଏନ୍‌ଜିଟି ପରବର୍ତ୍ତୀ ଶୁଣାଣିରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଦର୍ଶାଇବେ।

ସୂଚନାଥାଉ କି, ପାରାଦୀପ ରାଜ୍ୟର ସବୁଠାରୁ ମାରାତ୍ମକ ପ୍ରଦୂଷିତ ଅଞ୍ଚଳ। ଗତ ୫ ବର୍ଷର ପ୍ରଦୂଷଣ ରିପୋର୍ଟ ଆଧାରରେ ପାରାଦୀପକୁ ଗତବର୍ଷ ସେପ୍ଟେମ୍ବର ୧୯ରେ ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ କ୍ରିଟିକାଲ ନୋଟିସ୍ (୧୭୬୭୪) ଜାରି କରାଯାଇଥିଲା। ପରେ ଏହାକୁ ନିୟମିତ ଯାଞ୍ଚ କରିବା ପାଇଁ ଜିଲାସ୍ତରୀୟ ପରିବେଶ କମିଟି ଗଠନ ପାଇଁ ସୁପାରିସ କରିଥିଲେ। ଏହି ଆଧାରରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ହେବା ସହ ଥରେ ସମୀକ୍ଷା ବୈଠକ ହୋଇଛି। ପରବର୍ତ୍ତୀ ବୈଠକ କେବେ ହେବ ସେ ନେଇ ଜିଲାପାଳଙ୍କ ପକ୍ଷରୁ ସେପରି ସବୁଜ ସଙ୍କେତ ମିଳିନାହିଁ। ଶିଳ୍ପ ସଂସ୍ଥା ଯୋଗୁ ପ୍ରଦୂଷଣ ଭୟଙ୍କର ହେଉଥିବାରୁ ଏନ୍‌ଜିଟି ଗତ ଜାନୁୟାରୀ ୨୯ରେ ଜରିମାନା ପାଇଁ ନୋଟିସ୍ ଜାରି କରିଥିଲେ। ଏଥିରେ ଦର୍ଶାଯାଇଥିଲା ଯେ, ୩୧(ଏ) ବାୟୁ ଆଇନ ୧୯୮୧ ଓ ଜଳ ଆଇନ ୧୯୭୪ ଅନୁସାରେ ସମ୍ପୃକ୍ତ ଶିଳ୍ପ ସଂସ୍ଥା ଜରିମାନା ଦେବେ। କ୍ଷୁଦ୍ର, ମଧ୍ୟମ ଓ ବୃହତ୍ ଶିଳ୍ପ ପାଇଁ ମୂଲ୍ୟ ଧାର୍ଯ୍ୟ କରାଯାଇଥିଲା। ୭ଟି ବୃହତ୍ ଶିଳ୍ପ ପାଇଁ ୧ କୋଟି ଟଙ୍କା, ମଧ୍ୟ ଶିଳ୍ପ ପାଇଁ ୫୦ ଲକ୍ଷ ଟଙ୍କା ଓ କ୍ଷୁଦ୍ର ଶିଳ୍ପ ପାଇଁ ୧୦ରୁ ୨୫ ଲକ୍ଷ ଟଙ୍କା ଦେବା ପାଇଁ ନିର୍ଦ୍ଦେଶ ଥିଲା। ଚିଠି ଦସ୍ତଖତ ହୋଇଥିବା ତାରିଖ (ଜାନୁୟାରୀ ୨୯)ରୁ ୧୫ ଦିନ ମଧ୍ୟରେ ଏହି ଅର୍ଥ ପୈଠ କରାଯିବା କଥା। କିନ୍ତୁ ଶିଳ୍ପ ସଂସ୍ଥାଗୁଡିକ ସେହି ନିର୍ଦ୍ଦେଶକୁ ପାଳନ କରି ନ ଥିବା ସ୍ପଷ୍ଟ ହୋଇଛି। ବିଶେଷଜ୍ଞଙ୍କ ମତରେ, ନଦୀପଥ ସଙ୍କୁଚିତ, ପ୍ରାକୃତିକ ହେନ୍ତାଳବଣକୁ ଧ୍ୱଂସ କରିବା ଯୋଗୁ ପାରାଦୀପ ତଥା ଆଖପାଖ ଅଞ୍ଚଳରେ ଜୈବ ବିବିଧତା ସନ୍ତୁଳନ ହରାଇ ସାରିଛି। ଏଥିସହିତ ନଦୀ ଓ ସମୁଦ୍ରରେ ଅନେକ ଜଳଜୀବ ଲୋପ ପାଇଗଲେଣି। ପାରାଦୀପ ଶିଳ୍ପାଞ୍ଚଳରେ ବର୍ଷତମାମ୍ ଧୂଳିଧୂଆଁ ଆସ୍ତରଣ ଲାଗି ରହୁଛି। ଏଭଳି ପ୍ରଦୂଷଣ ପାଇଁ ଲୋକମାନେ ଅନେକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଶୁଦ୍ଧପାଣି-ପବନ ମିଳିବା କଷ୍ଟକର ହେଲାଣି। ଏହାସତ୍ତ୍ୱେ ବିକାଶ ଆଳରେ ବିନାଶ ପାଇଁ ସବୁ ପ୍ରକାର ଭିତ୍ତିଭୂମି କରାଯାଉଛି।

## ୨୦ରେ ବ୍ଲକ ଘେରାଉ କରିବ ଭାଜପା

ବାଲିଆ, ୧୮।୨

ଆସନ୍ତା ୨୦ ତାରିଖ ଗୁରୁବାର ଭାଜପା ପକ୍ଷରୁ ବିରିଡ଼ି ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ। ବରିଷ୍ଠ ନେତା ରମାକାନ୍ତ ଭୋଇଙ୍କ ନେତୃତ୍ୱରେ ୭ଦଫା ଦାବିରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ। ଏ ନେଇ ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଭୋଇ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ଚୟନରେ ଅନିୟମିତତା, ବର୍ତ୍ତମାନ ବ୍ଲକ କାର୍ଯ୍ୟାଳୟରେ ଥିବା ସ୍ୱତନ୍ତ୍ର ବାକ୍ସରେ ଯେଉଁ ହିତାଧିକାରୀ ଫର୍ମ ପକାଉଛନ୍ତି, ସେମାନଙ୍କୁ ରସିଦ ଦେବା, ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ଆବାସ ଯୋଜନା ତାଲିକାରୁ ବାଦ୍ ଦେବା ସହ ଫନୀ ବାତ୍ୟା ଜନିତ ଘରଭଙ୍ଗା ସହାୟତା ପ୍ରଦାନ କରିବା ଓ ଫନୀ ବାତ୍ୟାରେ ବିଭିନ୍ନ ପୁନରୁଦ୍ଧାର କାର୍ଯ୍ୟ ପାଇ ମିଳିଥିବା ଅର୍ଥ କେଉଁ କେଉଁ କାର୍ଯ୍ୟରେ ଓ କେତେ ଟଙ୍କା ଖର୍ଚ୍ଚ କରାଯାଇଛି, ତାହାର ତଥ୍ୟ ପ୍ରଦାନ କରିବା ଆଦି ଦାବି ନେଇ ଘେରାଉ କରାଯିବ। ପୁରଣ ମଣ୍ଡଳ ସଭାପତି ତରୁଣ କୁମାର ଦାସ, ସମ୍ପାଦକ ବିଭୁତି ଭୂୟାଁ, ଯୁବମୋର୍ଚ୍ଚା ସଭାପତି ସତ୍ୟ ପଟ୍ଟନାୟକ, ବାରେଡିଆ ପଞ୍ଚାୟତ ପ୍ରମୁଖ ଦେବବ୍ରତ ପରିଜା ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ନଂ. MSM-ENHM-ISOC-STN-1-20

**କାର୍ଯ୍ୟର ନାମ :** ତିନି ବର୍ଷ ଅବଧି ନିମନ୍ତେ ସମ୍ବଲପୁର, ବଲାଙ୍ଗୀର, ଟିଟିଲାଗଡ଼ ଏବଂ କେସିଙ୍ଗା ଷ୍ଟେସନ ଠାରେ ISO 14001: 2015 ସାର୍ଟିଫିକେସନ ପାଇଁ ସାର୍ଟିଫିକେସନ ସର୍ଭିସ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹1,16,799/-, EMD (ଟଙ୍କାରେ) : ₹ 2,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹1,180/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ 03 (ତିନି)ବର୍ଷ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.03.03.2020 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ସିନିୟର ଡିଭିଜନାଲ ମେକାନିକାଲ ଇଞ୍ଜିନିୟର/ ସମ୍ବଲପୁର

PR-712/K/19-20

**ବାର୍ତ୍ତା**



ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଆନୁକୂଲ୍ୟରେ ଚଳିତ ମାସ ୧୯ ତାରିଖରୁ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ବାର୍ଷିକ ହାଇସ୍କୁଲ/ ରାଜ୍ୟ ମୁକ୍ତ ବିଦ୍ୟାଳୟ/ ମଧ୍ୟମା ସଂସ୍କୃତ ସାର୍ଟିଫିକେଟ୍ ପରୀକ୍ଷା ଅନୁଷ୍ଠିତ ହେଉଅଛି । ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ସେମାନଙ୍କର ସଫଳତା କାମନା କରୁଛି । ଛାତ୍ର ଜୀବନରେ ମାଟ୍ରିକ୍ ପରୀକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ପରୀକ୍ଷାର ସଫଳତା ଉଚ୍ଚଶିକ୍ଷାର ଭିତ୍ତିଭୂମୀ ନିର୍ମାଣ ଦିଗରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ । ଅତ୍ୟଧିକ ଚାପର ବଶବର୍ତ୍ତୀ ନ ହୋଇ ଛାତ୍ରଛାତ୍ରୀମାନେ ଉତ୍ତମ ଅଧ୍ୟୟନ, କଠିନ ପରିଶ୍ରମ ଓ ଦୃଢ଼ ଆତ୍ମ ବିଶ୍ୱାସକୁ ନେଇ ପରୀକ୍ଷାର ସମ୍ମୁଖୀନ ହୁଅନ୍ତୁ । ସେମାନେ ଏ କ୍ଷେତ୍ରରେ ଶୃଙ୍ଖଳା ଓ ସ୍ୱଚ୍ଛତା ରକ୍ଷା କରିବା ସଙ୍ଗେ ସଙ୍ଗେ ଗଭୀର ବିଶ୍ୱାସ ଓ ଆତ୍ମପ୍ରତ୍ୟୟର ସହିତ ପରୀକ୍ଷାରେ ଅଂଶଗ୍ରହଣ କରିବେ ବୋଲି ମୋର ଆଶା ଓ ବିଶ୍ୱାସ । ପରୀକ୍ଷା ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସମ୍ପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ପ୍ରଶାସନର ସହଯୋଗ କାମନା କରୁଛି ।

(ସମୀର ରଞ୍ଜନ ଦାଶ)

## ସଂକ୍ଷେପରେ

### ଚମ୍ପେକେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ



କୁଜଙ୍ଗ,୧୮।୨(ଡି.ଏନ.ଏ.): କୁଜଙ୍ଗ ବ୍ଲକ ଅଧୀନ ଜଗନ୍ନାଥପୁର ଗ୍ରାମରେ ବାବା ଚମ୍ପେକେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଶିଷ୍ଟ ଶ୍ରମିକ ନେତା ତଥା ରାଜ୍ୟ ବିଜେଡି ସମ୍ପାଦକ ସନ୍ତୋଷ କୁମାର ପଟ୍ଟନାୟକ, ସାମାଜିକ କର୍ମୀ ରଜନୀକାନ୍ତ ଦାସ, ଖବରଦାତା ବିଭୂତି ଭୂଷଣ ଦାସ, ଦୁଷ୍ମନ୍ତ ମାଝି, ହରିଗୁରୁ ଦାସ, ପରଦାର ସମ୍ପାଦକ ସରୋଜ କୁମାର ପଟ୍ଟନାୟକ, ବିଶ୍ୱନାଥ ବିଶ୍ୱାଳ ପ୍ରମୁଖଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ବାବା ଚମ୍ପେକେଶ୍ୱରଙ୍କ ଆଶୀର୍ବାଦ କାମନା କରିଥିଲେ। କାର୍ଯ୍ୟକ୍ରମକୁ ଅଶୋକ କୁମାର ନାଥ, ଅରୁଣ କୁମାର ନାଥ, ଅକ୍ଷୟ କୁମାର ନାଥ, ଆଲୋକ କୁମାର ନାଥ, ଦୀପକ କୁମାର ନାଥ ଓ ରବୀନ୍ଦ୍ର ନାଥ ପ୍ରମୁଖ ପରିଚାଳନା କରିଥିଲେ।

### ଆତ୍ମବିଶ୍ୱାସର ସହ ପରିଶ୍ରମ କଲେ ସଫଳତା ମିଳେ

ନାଉଗାଁ, ୧୮।୨ (ସ୍ୱ.ପ୍ର.): ନାଉଗାଁ ବ୍ଲକ ଅଧୀନ ଗାରୋଇସ୍ଥିତ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ସୋମବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଗୋବର୍ଦ୍ଧନ ପୀଠର ବାବା ଆଦିତ୍ୟ ନାରାୟଣ ଦାସ ମୁଖ୍ୟଅତିଥି, ପୂର୍ବତନ ପଞ୍ଚାୟତ ସମିତି ସଭ୍ୟ ଲୋଚନ ବିଶ୍ୱାଳ ମୁଖ୍ୟବକ୍ତା, ସାମାଜିକ କର୍ମୀ ନିର୍ଭୟ ରାଉତ, ସୁରେଶ ବିଶ୍ୱାଳ, ପ୍ରଭାତ ସ୍ୱାଇଁ, ଆଲୋକ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ସୁନିଲ କୁମାର ମହାପାତ୍ର, ହଟକିଶୋର ବିଶ୍ୱାଳ, ପବିତ୍ର କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଆତ୍ମବିଶ୍ୱାସର ସହିତ ପରିଶ୍ରମ କଲେ ସଫଳତା ମିଳିଥାଏ ବୋଲି ବକ୍ତବ୍ୟରେ କହିଥିଲେ। ସହକାରୀ ଶିକ୍ଷକ ସୁକାନ୍ତ କୁମାର ଲେଙ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍କୁଲର ପ୍ରତିଷ୍ଠାତା ବେଣୁଧର ମହାନ୍ତି, ପୂର୍ବତନ ସମ୍ପାଦକ ମନୋରଞ୍ଜନ ମହାନ୍ତି ଶିକ୍ଷକମାନଙ୍କୁ ସାଧୁବାଦ ଜଣାଇଥିଲେ।

### ମା'ଶାରଳା ସେବାୟତଙ୍କ ପରଲୋକ

ତିର୍ତ୍ତୋଲ, ୧୮।୨ (ଡି.ଏନ୍.ଏ.):ତିର୍ତ୍ତୋଲ ବ୍ଲକ କନକପୁରସ୍ଥିତ ଝଙ୍କଡ଼ର ଅଧିଷ୍ଠାତ୍ରୀ ମା'ଶାରଳାଙ୍କ ସେବାୟତ ଜଗନ୍ନାଥ ରାଉଲ (୫୫)ଙ୍କର ମଙ୍ଗଳବାର ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କ ବିୟୋଗ ଯୋଗୁ ମନ୍ଦିର ସଂଲଗ୍ନ କନକପୁର ବଜାରର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା। ବସନ୍ତ ବଗିଚାସ୍ଥିତ ଗ୍ରାମ୍ୟ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ପୁଅ ଚନ୍ଦନ ରାଉଳ ମୁଖାଗ୍ନି ଦେଇଥିଲେ। କନକପୁର ପଞ୍ଚାୟତର ସରପଞ୍ଚ ନମିତା ରାଉଳ, ସମିତିସଭ୍ୟ ଅଜୟ କୁମାର ରାଉଳ, ସାମାଜିକ କର୍ମୀ ନୃସିଂହ ଚରଣ ରାଉଳ, ସୁଦାମ ଚରଣ ରାଉଳଙ୍କ ସମେତ ଶତାଧିକ ବ୍ୟକ୍ତି ତାଙ୍କ ଶବାଧାରରେ ସାମିଲ ହେବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ବଡ଼ଖଣ୍ଡାଏତାରେ ଯାତ୍ରୀଙ୍କ ରେଳରୋକୋ

## କଟକ-ପାରାଦୀପ ରେଳପଥରେ ପାସେଞ୍ଜର ଟ୍ରେନ୍ ବିଳମ୍ବରେ ଚାଲୁଥିବା ଅଭିଯୋଗ

ବାଲିଆ, ୧୮।୨

ଦକ୍ଷିଣ-ପୂର୍ବ ରେଳପଥର ଖୋର୍ଦ୍ଧା ଅଧୀନରେ ରହିଛି କଟକ-ପାରାଦୀପ ରେଳପଥ। ଏହି ରେଳପଥ ଦେଇ ଚଳାଚଳ କରୁଥିବା ପାରାଦୀପ-ଭଦ୍ରକ ପାସେଞ୍ଜର-୨-ସିପି ଟ୍ରେନ୍ ପାରାଦୀପରୁ ସକାଳ ୬ଟା ୩୦ ମିନିଟରେ ବାହାରି କନ୍ଦରପୁରରେ ୮ଟା ଏବଂ କଟକରେ ୮ଟା ୪୫ ମିନିଟ୍ ରେ ପହଞ୍ଚିବା କଥା। ମାତ୍ର ବିଭାଗୀୟ ଅଧିକାରୀମାନଙ୍କ ବେପରୁଆ ମନୋଭାବ ଯୋଗୁ ଏହି ଟ୍ରେନ୍ ପାରାଦୀପରୁ ବାହାରିବା ପରେ ଅନାବଶ୍ୟକ ସ୍ଥାନରେ ଘଣ୍ଟା ଘଣ୍ଟା ଧରି ରହୁଛି। ଫଳରେ ସେଥିରେ ଆସୁଥିବା ଯାତ୍ରୀମାନେ ଠିକ୍ ସମୟରେ ଠିକଣା ଯାଗାରେ ପହଞ୍ଚି ପାରୁନାହାନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ବି କିଛି ଲାଭ ହେଉ ନ ଥିବାରୁ ସୋମବାର ଏ ନେଇ ଯାତ୍ରୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଟ୍ରେନ୍ ବହୁ ବିଳମ୍ବରେ ଚାଲୁଥିବାରୁ ଟ୍ରେନ୍‌ରେ ଥିବା ଯାତ୍ରୀମାନେ ବଡଖଣ୍ଡାଏତାଠାରେ ଓହ୍ଲାଇ ପଡ଼ି ଟ୍ରେନ ଆଗରେ ଧାରଣା ଦେଇଥିଲେ। ଏଥିଯୋଗୁ ଟ୍ରେନ୍‌ଟି ୨ ଘଣ୍ଟା ଅଟକି ରହିଥିଲା। ଧାରଣାରତ ଯାତ୍ରୀଙ୍କ କହିବା ଅନୁସାରେ, ପାରାଦୀପରୁ ଉକ୍ତ ଟ୍ରେନ୍ ଆସୁଥିବା ବେଳେ ବିନା କାରଣରେ ବିଭିନ୍ନ ସ୍ଥାନରେ ଅଟକି ରହୁଛି। ଫଳରେ ଏହି ଟ୍ରେନ୍‌ରେ ଯାଆସ କରୁଥିବା ଛାତ୍ରୀଛାତ୍ରମାନେ ଠିକ୍ ସମୟରେ କଲେଜରେ ପହଞ୍ଚି ପାରି ନାହାନ୍ତି। ଏଥିସହ ଅନେକ ଯାତ୍ରୀ କଟକରୁ ଟ୍ରେନ୍ ଧରି ଦୂରଦୂରାନ୍ତକୁ ଯିବାକୁ ଥିବା ବେଳେ ଅଧିକାଂଶ ସମୟରେ ସେମାନେ ଟ୍ରେନ୍ ଫେଲ୍ ହୋଇଥାନ୍ତି। ସୋମବାର ମଧ୍ୟ ଟ୍ରେନ୍ ବିଳମ୍ବରେ ଚାଲିବା ଯୋଗୁ ଅନେକ ଯାତ୍ରୀ ଅଧ ରାସ୍ତାରୁ ଓହ୍ଲାଇ ପଳାଇଥିଲେ ବୋଲି ଧାରଣାରତ ଯାତ୍ରୀମାନେ ଅଭିଯୋଗ କରିଥିଲେ। ଖବରପାଇ ଜିଆରପି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯାତ୍ରୀମାନଙ୍କୁ ବୁଝାଶୁଝା କରିବା ସହ ଉପରିସ୍ଥ ଅଧିକାରୀଙ୍କୁ ଏ ସମ୍ପର୍କରେ ଜଣାଇବାକୁ କହିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ଯାତ୍ରୀମାନେ ଟ୍ରେନ୍ ଆଗରେ ଧାରଣା ଦେଇଛନ୍ତି।

# ବାଲିକୁଦା ନୋଡାଲ ସେଣ୍ଟର ଅଧୀନରେ ୧୨ ପରୀକ୍ଷା କେନ୍ଦ୍ର

## ଆଜିଠୁ ମାଟ୍ରିକ ପରୀକ୍ଷା

ବାଲିକୁଦା,୧୮।୨(ସ୍ୱ.ପ୍ର.)

ବୁଧବାରଠାରୁ ଆରମ୍ଭ ହେବ ମାଟ୍ରିକ ପରୀକ୍ଷା। ବାଲିକୁଦା ବ୍ଲକରେ ଏଥର ବାଲିକୁଦା ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଣ୍ଟର କରାଯାଇଛି। ଫଳରେ ଏହି କେନ୍ଦ୍ର ଅଧୀନରେ ମୋଟ ୧୨ ପରୀକ୍ଷା କେନ୍ଦ୍ର ସ୍ଥାନ ପାଇଛି। ଚଳିତ ବର୍ଷ ବାଲିକୁଦା ବାଳିକା ଉଚ୍ଚ ବିଦ୍ୟାଳୟ ଓ ଧନିଶୋର ପଞ୍ଚୁପାଣ୍ଡବ ଶୈଳବାଳା ଉଚ୍ଚ ବିଦ୍ୟାଳୟକୁ ପରୀକ୍ଷା କେନ୍ଦ୍ରରୁ ବଞ୍ଚିତ କରାଯାଇଛି। ଏହି ନୋଡାଲ କେନ୍ଦ୍ର ଅଧୀନରେ ବାଲିକୁଦା ଉଚ୍ଚ ବିଦ୍ୟାଳୟ, ମରିଚିପୁର ଉଚ୍ଚ ବିଦ୍ୟାଳୟ, ମାର୍କଣ୍ଡେଶ୍ୱର ସ୍ମାରକ ଉଚ୍ଚ ବିଦ୍ୟାଳୟ, ଓଟିନ୍ଦା ଉଚ୍ଚ ବିଦ୍ୟାଳୟ, ଓଷକଣା ଉଚ୍ଚ ବିଦ୍ୟାଳୟ, ଆମ୍ବଶାଳ ନୋଡାଲ ଉଚ୍ଚ ବିଦ୍ୟାଳୟ, ବୋରିକିନା ଉଚ୍ଚ ବିଦ୍ୟାଳୟ, ଏରସମା ବ୍ଲକ ଗୋଡା ସ୍ଥିତ ବୃନ୍ଦାବନ ବିହାରି ଉଚ୍ଚ ବିଦ୍ୟାଳୟ, ବୀଣାପାଣି ହାଇସ୍କୁଲ, ପଞ୍ଚପଲ୍ଲିସ୍ଥିତ ଗ୍ରାମେଶ୍ୱର ଉଚ୍ଚ ବିଦ୍ୟାଳୟ, ଚମ୍ପାହାଟସ୍ଥିତ ଚମ୍ପେଶ୍ୱର ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟ ଓ ସୋମପୁର ନୋଡାଲ ଉଚ୍ଚ ବିଦ୍ୟାଳକୁ ପରୀକ୍ଷା କେନ୍ଦ୍ର ଭାବେ ନିଆଯାଇଛି। ପ୍ରଶ୍ନପତ୍ର ଥିବା ବାଲିକୁଦା ନୋଡାଲ କେନ୍ଦ୍ର କଣ୍ଟ୍ରୋଲ ଦାୟିତ୍ୱରେ ବାଲିକୁଦା ଅତିରିକ୍ତ ତହସିଲଦାର ଦେବୀପ୍ରସାଦ ରାଉତ ରହିଥିବା ଜଣାପଡିଛି। ବୁଧବାର ସକାଳ ୬ଟାରେ ଅତିରିକ୍ତ ତହସିଲଦାର ରାଉତଙ୍କ ଉପସ୍ଥିତିରେ ଷ୍ଟ୍ରଙ୍ଗରୁମରୁ ପ୍ରଶ୍ନପତ୍ର ଅଣାଯିବ। ଏହା ପରେ ସାଢେ ଛ'ଟାଠାରୁ କଡା ସୁରକ୍ଷା ବଳୟ ମଧ୍ୟରେ ପ୍ରଶ୍ନପତ୍ର ଗୁଡିକ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବା କାର୍ଯ୍ୟ ଆରମ୍ଭ ହେବ। ସାଢେ ଆଠଟା ସମୟ ମଧ୍ୟରେ ତାହା ଶେଷ ହେବ। ଏଥିପାଇଁ ଦୁଇଟି ଟିମ ନିୟୋଜିତ ଥିବା ବେଳେ ପ୍ରତ୍ୟେକ ଟିମ ଦାୟିତ୍ୱରେ ୬ଟି ସେଣ୍ଟର ରଖାଯାଇଛି। ପ୍ରଶ୍ନପତ୍ର ବଣ୍ଟନ ପାଇଁ ପ୍ରତ୍ୟେକ ଟିମରେ ଦୁଇ ଜଣ ଲେଖାଏ ଶିକ୍ଷକ ନିଯୁକ୍ତ ଥିବା ବେଳେ ଦୁଇ ଜଣ ପୋଲିସ କର୍ମଚାରୀ ମଧ୍ୟ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। ଅନ୍ୟପକ୍ଷରେ ନୋଡାଲ କେନ୍ଦ୍ର ଦାୟିତ୍ୱରେ ପ୍ରଧାନଶିକ୍ଷକ ଗଣେଶ ଚନ୍ଦ୍ର ସେଠୀ ଥିବା ବେଳେ ଡେପୁଟି ଇନଚାର୍ଜ ଭାବେ ବାଲିକୁଦା ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରିୟରଞ୍ଜନ ରାୟ ରହିଥିବା ସୂଚନା ମିଳିଛି।

# ନାନା ସମସ୍ୟାରେ ପାରାଦୀପ ମାଛଧରା ବନ୍ଦର

## ୧୦ ବର୍ଷରେ ୧୭ଥର ବସିଛି ପରିଚାଳନା ସମିତି ବୈଠକ

- କୌଣସି ପରିବର୍ତ୍ତନ ହେଉନାହିଁ
- ବୃହତ୍ତର ସ୍ୱାର୍ଥ ସମ୍ପର୍କିତ ଭିତ୍ତିଭୂମି ହୋଇ ନ ଥିବା ଅଭିଯୋଗ



ପାରାଦୀପ,୧୮।୨(ସ୍ୱ.ପ୍ର.)

ରାଜ୍ୟର ଅନ୍ୟତମ ବୃହତ୍ ପାରାଦୀପ ମାଛଧରା ବନ୍ଦର ସମ୍ପ୍ରତି ବହୁବିଧ ସମସ୍ୟା ମଧ୍ୟରେ ଗତିକରୁଛି। ଏହି ମତ୍ସ୍ୟଶିଳ୍ପ ଉପରେ ନିର୍ଭରଶୀଳ ପ୍ରାୟ ୫୦ ହଜାର ମତ୍ସ୍ୟଜୀବୀଙ୍କ ଭବିଷ୍ୟତ ଏବେ ଅନ୍ଧାର ବୋଲି ସେମାନେ ଆକଳନ କଲେଣି। କାରଣ ପରିବର୍ତ୍ତିତ ସମୟାନୁସାରେ ମାଛଧରା ବନ୍ଦରର ଆଧୁନିକୀକରଣ ହେଉନାହିଁ। ମାଛ ସଂରକ୍ଷଣ, ଶୀତଳଭଣ୍ଡାର ତେଲ ମୂଲ୍ୟରେ ରିହାତି, ସ୍ୱତନ୍ତ୍ର ବର୍ଥ ଆଦି ବୃହତ୍ତର ସ୍ୱାର୍ଥ ଏପର୍ଯ୍ୟନ୍ତ ସାଧିତ ହୋଇନାହିଁ। ମାଛଧରା ବନ୍ଦରକୁ ରାଜ୍ୟ ସରକାର ହାତକୁ ନେବା ପରେ ଗଠନ କରିଛନ୍ତି ମାଛଧରା ବନ୍ଦର ପରିଚାଳନା ସମିତି। ସମିତି ଗତ ୧୦ ବର୍ଷରେ ମାତ୍ର ୧୭ଥର ବୈଠକ କରିଛି। କିନ୍ତୁ ପରିବର୍ତ୍ତନର ଦୃଷ୍ଟାନ୍ତ ସୃଷ୍ଟି କରିନାହିଁ ବୋଲି ଅଭିଯୋଗ ହେଉଛି। ଜାନୁୟାରୀ ୧୮ରେ ଖୋଦ୍ ମତ୍ସ୍ୟବିଭାଗ ମନ୍ତ୍ରୀ ଅରୁଣ ସାହୁ ସେହି ସ୍ଥାନକୁ ଗସ୍ତବେଳେ ମତ୍ସ୍ୟ ସଂଘ ଓ ସମିତି ଗୁଡିକ ପକ୍ଷରୁ ଏହିସବୁ ଦାବି ଉଠିଥିଲା। କିନ୍ତୁ ସରକାରୀ ଭାବେ ମନ୍ତ୍ରୀ କୌଣସି ଦାବି ଉପରେ ଖୋଲାଖୋଲି ଘୋଷଣା କରି ନ ଥିଲେ। ପାରାଦୀପର ଏହି ମତ୍ସ୍ୟଶିଳ୍ପ ୧୯୫୮ ମସିହାରୁ ଆରମ୍ଭ ହେଲାଣି। ପ୍ରଥମେ ଏହି କାରବାର ପାରାଦୀପ ବନ୍ଦରର ୫ନଂ ଗେଟ୍ ପାଖରେ ଚାଲିଥିଲା। ୧୯୯୭/୯୮ ମସିହାରେ ଏହି ମାଛଧରା ବନ୍ଦର ନେହେରୁ ବଙ୍ଗଳାକୁ ସ୍ଥାନାନ୍ତର କରାଯାଇଥିଲା। ୨୦୧୧ ନଭେମ୍ବର ପର୍ଯ୍ୟନ୍ତ ଏହା କେନ୍ଦ୍ର ସରକାରଙ୍କ ଅଧୀନରେ ଥିଲା। ମତ୍ସ୍ୟଶିଳ୍ପର ସମସ୍ତ ପରିଚାଳନା ପାରାଦୀପ ପୋର୍ଟଟ୍ରଷ୍ଟ କରୁଥିଲେ। ପୋର୍ଟ ଅଧୀନରେ ଥିବାବେଳେ ମାଛଧରା ବନ୍ଦରର ସମସ୍ତ ଭିତ୍ତିଭୂମି ସେ ହିଁ କରିଥିଲେ। ରାଜ୍ୟ ସରକାର ୨୦୧୧ ନେବା ପରେ ଉକ୍ତ ସଂସ୍ଥାକୁ ପରିଚାଳନା ପାଇଁ ଗଠନ କରିଥିଲେ ସମିତି। ଏଥିରେ ରାଜ୍ୟ ମତ୍ସ୍ୟ ବିଭାଗର ସଚିବଙ୍କଠାରୁ ଆରମ୍ଭ କରି ବିଭାଗର ଅନ୍ୟ ଅଧିକାରୀ, ଜିଲାପାଳ, ଅତିରିକ୍ତ ଜିଲାପାଳ, ବନ୍ଦର କର୍ତ୍ତୃପକ୍ଷ, ମାଛଧରା ଟ୍ରଲର ମାଲିକ ସଂଘର ପ୍ରତିନିଧି ଓ ପାରମ୍ପରିକ ମତ୍ସ୍ୟଜୀବିଙ୍କ ପକ୍ଷରୁ ଜଣେ ପ୍ରତିନିଧି ସମିତିରେ ଅଛନ୍ତି। ଏହି ସମିତି ପ୍ରତି ୩ ମାସରେ ଥରେ ବୈଠକ ବସିବା କଥା। ଶେଷଥର ବୈଠକ ୨୦୦୯ ଡିସେମ୍ବର ୩୧ରେ ବସିଥିଲା।

ଉକ୍ତ ବୈଠକରେ ୧୧ ଏଜେଣ୍ଡା ଓ ୧୧ତମ ଏଜେଣ୍ଡାର ୧୦ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା ହୋଇଥିଲା। ଚିରାଚରିତ ଭାବେ ପୁରୁଣା ବକେୟା, ଆୟବ୍ୟୟ ହିସାବ, ମରାମତି ଆଦି ଉପରେ ଆଲୋଚନା ହୋଇଥିଲା। କିନ୍ତୁ ସମିତିର ଖର୍ଚ୍ଚକୁ ନେଇ ଏବେ ଟ୍ରଲରମାଲିକ ସଂଘ ଓଙ୍କାର ସଦସ୍ୟମାନେ ଆପତ୍ତି ଉଠାଇଛନ୍ତି। ପୂର୍ବତନ ସଭାପତି ଶ୍ରୀକାନ୍ତ ପରିଡ଼ା ଅଭିଯୋଗ କରି କହିଛନ୍ତି, ସମିତିରେ ମତ୍ସ୍ୟ ବିଭାଗ ଫିସଫେଡ୍ କର୍ମଚାରୀଙ୍କୁ ନିୟୋଜନ କରିଛନ୍ତି। ସେମାନଙ୍କ ଦରମା ଓ ଅନ୍ୟ ଖର୍ଚ୍ଚ ବାବଦରେ ମାସକୁ ୬ ଲକ୍ଷ ୪୩ ହଜାର ୧୬୯ ଟଙ୍କା ବ୍ୟୟ ହେଉଛି। ଉକ୍ତ ଅର୍ଥ ଆଦାୟ ହୁଏ ମତ୍ସ୍ୟଜୀବୀଙ୍କଠାରୁ। ସମିତି ଏପର୍ଯ୍ୟନ୍ତ କୌଣସି ବୃହତ୍ତର ସ୍ୱାର୍ଥ ସମ୍ପର୍କିତ ଭିତ୍ତିଭୂମି କରିପାରିନାହିଁ। କେବଳ ଖର୍ଚ୍ଚ କରି ଚାଲିଛନ୍ତି। ଯେଉଁ ଅର୍ଥ ଖର୍ଚ୍ଚ ହେଉଛି ତା'ଠାରୁ ବହୁତ୍ କମ୍ ଖର୍ଚ୍ଚରେ ଆମେ ସ୍ଥାନୀୟ ବେକାରଙ୍କୁ ନିଯୁକ୍ତି ମିଳିପାରନ୍ତା। ତେଣୁ ଏହା ବନ୍ଦ ହେବା ଦରକାର। ସମାନ ମତ ଅଧିକାଂଶ ଟ୍ରଲରମାଲିକଙ୍କଠାରୁ ଶୁଣିବାକୁ ମିଳୁଛି। ଏ ପ୍ରସଙ୍ଗରେ ସମିତି ସମ୍ପାଦକ ତଥା ସହକାରୀ ମତ୍ସ୍ୟ ନିର୍ଦ୍ଦେଶକ ମାନସ ରଞ୍ଜନ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ଏହି ନିଷ୍ପତ୍ତିକୁ ସରକାର କରିଛନ୍ତି। ଆମେ ଏ ବିଷୟରେ କିଛି ନିଷ୍ପତ୍ତି ନେଇପାରିବୁ ନାହିଁ। ଅନ୍ୟ ଏକ ପ୍ରସଙ୍ଗ ହେଲା ମାଛଧରା ବନ୍ଦରକୁ ପ୍ରବେଶ ପ୍ରସ୍ଥାନ ପାଇଁ ୨୦୧୧ରୁ କରାଯାଇଥିବା ଶୁଳ୍କ ଉପରେ ଏବେ ଦ୍ୱିଗୁଣ ମୂଲ୍ୟ କରାଯାଇଛି। ଏହାକୁ ନେଇ ମଧ୍ୟ ବିବାଦ ମୁଣ୍ଡ ଟେକିଲାଣି।

# ବ୍ଲକସ୍ତରୀୟ ଗ୍ରାମ୍ୟ ରାଜମିସ୍ତ୍ରିଙ୍କୁ ତାଲିମ

ତିର୍ତ୍ତୋଲ, ୧୮।୨ (ଡି.ଏନ୍.ଏ.)

ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ପରିସର ସଭାଗୃହରେ ମଙ୍ଗଳବାର ଗ୍ରାମ୍ୟ ରାଜମିସ୍ତ୍ରିମାନଙ୍କୁ ଆବାସ ଯୋଜନାରେ ଗୃହ ନିର୍ମାଣ ସମ୍ପର୍କିତ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ଓରମାସର ଡେପୁଟି ଡାଇରେକ୍ଟର ସତ୍ୟ ସୁନ୍ଦର ଶିବରାମ ପାଇଟାଲ, ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ ସୁନନ୍ଦା ରାଉତ, ତିର୍ତ୍ତୋଲ ବିଡିଓ ରଞ୍ଜନ କୁମାର ପରିଡ଼ା, ବ୍ଲକ ନିର୍ବାହୀ ଯନ୍ତ୍ରୀ ରାଜଦୀପ ହାଂସଦା, ବ୍ଲକ ପ୍ରକଳ୍ପ କୋର୍ଡିନେଟର ପ୍ରିୟମ୍ବଦା ପଶାୟତ, ବିଶ୍ୱନାଥ ସାହୁ, ସିଭିଲ୍ ଟ୍ରେନର ଅମୀୟ ରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ରାଜମିସ୍ତ୍ରିମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି କେନ୍ଦ୍ରରେ ୩୦ ଜଣ ରାଜମିସ୍ତ୍ରି ଯୋଗଦେଇ ତାଲିମ ନେଇଥିଲେ। ପ୍ରତ୍ୟେକ ରାଜମିସ୍ତ୍ରିଙ୍କୁ ଗୋଟିଏ ଲେଖାଏଁ ଘର ନିର୍ମାଣ ପାଇଁ ଟ୍ୟାଗ କରାଯାଉଛି। ସେହି ରାଜମିସ୍ତ୍ରି ଉକ୍ତ ଘରକୁ ୧୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରିବେ। ତା'ପରେ ତାଲିମ୍‌ପ୍ରାପ୍ତ ରାଜମିସ୍ତ୍ରିମାନଙ୍କୁ ବିଭିନ୍ନ ଉପକରଣମାନ ପ୍ରଦାନ କରାଯିବା ସହିତ ୩ ଜଣ ରାଜମିସ୍ତ୍ରିଙ୍କୁ ପୁରସ୍କୃତ କରାଯିବା ବୋଲି ତାଲିମ କେନ୍ଦ୍ରର ଡେପୁଟି ଡାଇରେକ୍ଟର ସତ୍ୟ ସୁନ୍ଦର ଶିବରାମ ପାଇଟାଲ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବସନ୍ତ କୁମାର ବିଶ୍ୱାଳଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌତମ କୁମାର ପରିଜା ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳାଙ୍କୁ ଅମୃତଭଣ୍ଡା ଚାଷ ପ୍ରଣାଳୀ ସମ୍ପର୍କରେ ପ୍ରଶିକ୍ଷଣ

ରଘୁନାଥପୁର, ୧୮। ୨ (ଡି.ଏନ.ଏ.)

ଗ୍ରାମାଞ୍ଚଳର ମହିଳାମାନେ ସେମାନଙ୍କ ବଳକା ସମୟକୁ ନିଜ ବାରି ଘରେ ଅମୃତଭଣ୍ଡା ଚାଷ ପ୍ରଣାଳୀ ସମ୍ପର୍କରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ପ୍ରେରଣା ଯୋଗାଉଛନ୍ତି ରଘୁନାଥପୁର ବ୍ଲକ ରେଡ୍ଡୁଆସ୍ଥିତ ଲାଲ (ଲିଭ ଆଣ୍ଡ ଲେଟଲିଭ)ର ମୁଖ୍ୟ କ୍ଷେତ୍ରମୋହନ ବେହେରା। ରେଡ୍ଡୁଆ, ତଅଁରା, ତାରପୁର ପଞ୍ଚାୟତର ଶହେ ମହିଳାଙ୍କୁ ନେଇ ଏକ ଉତ୍ପାଦକ ଗୋଷ୍ଠୀ ଗଠନ କରି ଜଣକ ପିଛା ୫ଟି କରି ଅମୃତଭଣ୍ଡା ଚାରା ଯୋଗାଇଦେବାକୁ ସ୍ଥିର ହୋଇଛି। କୃଷି ବୈଜ୍ଞାନିକଙ୍କଠାରୁ ତାଲିମ ନେଇ ଉତ୍ପାଦକ ଗୋଷ୍ଠୀର ସଦସ୍ୟା କାଦମ୍ବିନୀ ବେହେରା ଉକ୍ତ ୩ ପଞ୍ଚାୟତକୁ ଗସ୍ତ କରି ଏହାର ଚାଷ ପ୍ରଣାଳୀ ସମ୍ପର୍କରେ ମହିଳାଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ସୋମବାର ତଅଁରା ପଞ୍ଚାୟତ ସାଳିଜଙ୍ଗାସ୍ଥିତ ନବଜ୍ୟୋତି କ୍ଲବ ସଭା ଗୃହରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଟାଇଛି। ଏଥିରେ ଚାରାରୋପଣ ପାଇଁ ୫ ଫୁଟ ବ୍ୟବଧାନ ମଧ୍ୟରେ ଦେଢଫୁଟ ଆକ୍ରାନ୍ତର ଗାତ ଖୋଳିବା , ଚାରା ରୋପଣ, ଜୈବିକ ଖତର ପ୍ରୟୋଗ, ରୋଗପୋକ ନିୟନ୍ତ୍ରଣ ଓ ସର୍ବୋପରେ ଷଣ୍ଢ ଓ ମାଙ୍କଡଙ୍କଠାରୁ ଚାରାକୁ କିପରି ସୁରକ୍ଷା ଦେବା ସେ ସମ୍ପର୍କରେ ଆଲୋଚନା କରିଥିଲେ। ସଦସ୍ୟା ଶାନ୍ତିଲତା ଦ୍ୱିବେଦୀ ଓ କୃଷ୍ଣପ୍ରିୟା ବିଶ୍ୱାଳ ମଧ୍ୟ ମହିଳାଙ୍କୁ ଏ ସମ୍ପର୍କରେ ବୁଝାଇଥିଲେ। ପ୍ରତ୍ୟେକ ମହିଳାଙ୍କଠାରୁ ଜମାରାଶି ବାବଦରେ ୩ ଶହ ଟଙ୍କା ନିଆଯାଉଥିବା ବେଳେ ଏଥିପାଇଁ ଲାଲ୍‌ର ମୁଖ୍ୟ ପ୍ରାଥମିକ ପର୍ଯ୍ୟାୟରେ ଖର୍ଚ୍ଚ ହେବାକୁ ଥିବା ଅର୍ଥର ୫୦ ପ୍ରତିଶତ ଉତ୍ପାଦକ ଗୋଷ୍ଠୀଙ୍କୁ ବିନା ସୁଧରେ ପ୍ରଦାନ କରିବେ। ପରବର୍ତ୍ତୀ ସମୟରେ ଉକ୍ତ ଅର୍ଥକୁ ଉତ୍ପାଦକ ଗୋଷ୍ଠୀ ଫେରସ୍ତ କରିବ ବୋଲି ସୂଚନା ଦିଆଯାଇଥିଲା। ଚାରା ବଡଗଛ ହୋଇ ଅମଳକ୍ଷମ ହେଲେ ଏହାର ମାର୍କେଟିଂ ଦାୟିତ୍ୱ ଲାଲ ସଂସ୍ଥା ତୁଲାଇବ ବୋଲି କୁହାଯାଇଥିଲା। ଅନେକ ମହିଳା ଅମୃତଭଣ୍ଡା ଚାଷ ପ୍ରତି ଆକର୍ଷିତ ହେଉଥିବା ବେଳେ ଷଣ୍ଢ ଓ ମାଙ୍କଡଙ୍କ ଉତ୍ପାତ ଏମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି।



ପ୍ରଶିକ୍ଷଣ ଶିବିରରେ ମହିଳାମାନେ।

# ଜାତୀୟ ଉତ୍ପାଦକ ଦକ୍ଷତା ବୃଦ୍ଧି ସପ୍ତାହ

ପାରାଦୀପ, ୧୮।୨ (ସ୍ୱ.ପ୍ର.)

ପାରାଦୀପ ଫସ୍‌ଫେଟ୍ ଲିମିଟେଡ୍ (ପିପିଏଲ୍) ପକ୍ଷରୁ ଜାତୀୟ ଉତ୍ପାଦକ ଦକ୍ଷତା ବୃଦ୍ଧି ସପ୍ତାହ ପାଳିତ ହୋଇଯାଇଛି। ଏ ନେଇ କମ୍ପାନୀ ପରିସରରେ ଆୟୋଜିତ ଆଲୋଚନାରେ ନ୍ୟାଶନାଲ୍ ପ୍ରଡକ୍ଟିଭ୍ କାଉନ୍‌ସିଲ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ଶରଭାନନ ଜି. ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଉନସିଲ ସଦସ୍ୟ ସୁରେଶଚନ୍ଦ୍ର ମହାନ୍ତି, କମ୍ପାନୀର ବରିଷ୍ଠ ଅଧିକାରୀ ପ୍ରଣବ ଭଟ୍ଟାଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଉତ୍ପାଦକ ଦକ୍ଷତା ସମ୍ପର୍କରେ ଆଲୋଚନା କରିଥିଲେ। କମ୍ପାନୀ ମାନବ ସମ୍ବଳ ସହ ଆଧୁନିକ ପ୍ରଣାଳୀ ଯଥା ବୈଷୟିକ, ଯାନ୍ତ୍ରିକୀକରଣ ଆଦି ବିକାଶ ସମ୍ପର୍କରେ କହିଥିଲେ। ସେହିପରି ତୈଳ ବିଶୋଧନାଗାର ପକ୍ଷରୁ ଉତ୍ପାଦକ ଦକ୍ଷତା ସପ୍ତାହ ପାଳିତ ହୋଇଥିଲା। ସେଥିରେ କାଉନସିଲ୍‌ର ନିର୍ଦ୍ଦେଶକ ଶରଭାବବ ଜି. ଯୋଗଦେଇଥିଲେ। ୨୦୨୦ ରେ ବିଶୋଧନାଗାର ସମ୍ପୂର୍ଣ୍ଣ ଡିଜିଟାଲ ହେବ ବୋଲି କୁହାଯାଇଛି।



ଜାତୀୟ ଉତ୍ପାଦକ ଦକ୍ଷତା ବୃଦ୍ଧି ସପ୍ତାହ ପାଳନ ଅବସରରେ ଅତିଥି ଓ ଅନ୍ୟମାନେ।

# ବିଡିଓଙ୍କୁ ଘେରିଲେ ହିତାଧିକାରୀ

## ନିର୍ଦ୍ଦିଷ୍ଟ ଡିଲରଙ୍କଠାରୁ ଖାଉଟି ସାମଗ୍ରୀ ନେବାକୁ ନାରାଜ ଘଟଣା



ବିଡିଓଙ୍କ ସହ ହିତାଧିକାରୀମାନେ ଆଲୋଚନା କରୁଛନ୍ତି।

- ଦୁଇ ଦିନ ମଧ୍ୟରେ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି
- ସୋମବାର ସରପଞ୍ଚଙ୍କୁ ଘେରାଉ କରିଥିଲେ

ବାଲିକୁଦା,୧୮।୨(ସ୍ୱ.ପ୍ର.)

ବାଲିକୁଦା ବ୍ଲକ ଅଧୀନ ଅଳାଭର ପଞ୍ଚାୟତରେ ଖାଉଟି ସାମଗ୍ରୀ ବଣ୍ଟନକୁ ନେଇ ଲାଗି ରହିଥିବା ଅସନ୍ତୋଷ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ୧ ମାସ ଧରି ଲାଗି ରହିଥିବା ଏହି ଘଟଣାକୁ ନେଇ ସୋମବାର ୩ ଗ୍ରାମର ହିତାଧିକାରୀ ସରପଞ୍ଚ ଅଶୋକ ବିଶ୍ୱାଳଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ୬ ଘଣ୍ଟା ଧରି ତାଲା ପକାଇ ଅଟକ ରଖିଥିଲେ। ମଙ୍ଗଳବାର ପୁଣି ସେମାନେ ବାଲିକୁଦା ବିଡିଓଙ୍କୁ ଘେରାଉ କରିଛନ୍ତି। ସେମାନଙ୍କ ଦାବି ହେଉଛି ବିନା ଅନୁମତିରେ ଆମକୁ ଯେଉଁ ଡିଲରଙ୍କଠାରୁ ସାମଗ୍ରୀ ଆଣିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ କରାଯାଇଛି ତା'କୁ ତୁରନ୍ତ ବାତିଲ କରାଯାଉ। ଘେରାଉରେ ପୂର୍ବତନ ଜିଲା ପରିଷଦ ସଦସ୍ୟ ହରିଶ୍ଚନ୍ଦ୍ର ଶତପଥୀ, ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକ, ସରପଞ୍ଚ ଅଶୋକ ବିଶ୍ୱାଳ ପ୍ରମୁଖଙ୍କ ସମେତ ଶତାଧିକ ଗ୍ରାମବାସୀ ଯୋଗ ଦେଇଥିଲେ। ସମସ୍ୟାର ସମାଧାନ କରିବା ପାଇଁ ବିଡିଓ କଲ୍ୟାଣ ସୌରଭ ଦାସ ୨ଦିନ ସମୟ ନେଇଛନ୍ତି। ଏହି ସମୟ ମଧ୍ୟରେ ଗ୍ରାମବାସୀଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ବିଡିଓ କହିଛନ୍ତି। ଅନ୍ୟପକ୍ଷରେ ସମସ୍ୟାର ସମାଧାନ ନ ହେଲେ ଆସନ୍ତା ଶୁକ୍ରବାର ସମ୍ପୃକ୍ତ ଗ୍ରାମବାସୀ ପୁଣି ବ୍ଲକ କାର୍ଯ୍ୟାଳୟକୁ ଅଚଳ କରିବେ ବୋଲି ଚେତାବନୀ ଦେଇଛନ୍ତି।

ପ୍ରକାଶଯୋଗ୍ୟ, ଉକ୍ତ ପଞ୍ଚାୟତର ଅଳିହା, ମଝିକୋରା, ରଣପୁର ଗାଁର ୨୫୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଏକ ନିର୍ଦ୍ଦିଷ୍ଟ ଡିଲରଙ୍କଠାରୁ ଖାଉଟି ସାମଗ୍ରୀ ଆଣିବାକୁ କୁହାଯାଇଥିଲା। ଏହାକୁ ପ୍ରତିବାଦ କରି ସମ୍ପୃକ୍ତ ଗ୍ରାମବାସୀ ଆନ୍ଦୋଳନ ଜାରି ରଖିଛନ୍ତି। ସୋମବାର ସେମାନେ ସାମଗ୍ରୀ ନେବା ନିମନ୍ତେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ନିରାଶ ହୋଇଥିଲେ। ଫଳରେ ଉତ୍ତ୍ୟକ୍ତ ହୋଇ ସରପଞ୍ଚ ବିଶ୍ୱାଳଙ୍କୁ ତାଲା ପକାଇ ଅଟକ ରଖିଥିଲେ। ସରପଞ୍ଚ ମଙ୍ଗଳବାର ସେହି ହିତାଧିକାରୀଙ୍କୁ ଆଣି ବ୍ଲକ କାର୍ଯ୍ୟାଳୟରେ ସେମାନଙ୍କ ଦାବି ଉପସ୍ଥାପନ କରିବା ସହିତ ବିଡିଓଙ୍କୁ ଘେରିଥିଲେ। ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବା ନେଇ ପୋଲିସ ଜାଣିଥିବାରୁ ଯେପରି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ନ ହୁଏ ସେ ଦିଗରେ ଧ୍ୟାନ ରଖିଥିଲା। ଦିନ ୧୦ଟାଠାରୁ ଥାନା ଆଇଆଇସି ସର୍ବେଶ୍ୱର ବେହେରାଙ୍କ ସମେତ ଅନନ୍ତପୁର ଫାଣ୍ଡି ଅଧିକାରୀ ଓ ୧ ପ୍ଲାଟୁନ ପୋଲିସ ଫୋର୍ସ ବ୍ଲକ କାର୍ଯ୍ୟାଳୟକୁ ଜଗି ରହିଥିଲେ।

## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ, ବିବାହିତ ଯୁବକ ଜେଲ ଗଲେ

**କୋକସରା,୧୮।୨(ଡି.ଏନ.ଏ.):** ଜଣେ ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ଅପହରଣ କରିବା ଅଭିଯୋଗରେ କୋକସରା ଥାନା ପୋଲିସ ଜଣେ ବିବାହିତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବିଶ୍ୱନାଥପୁର ଥାନା ଅନ୍ତର୍ଗତ ଟୋକଲାଣ୍ଡୁର ଗ୍ରାମର ବଳାରସେନ କୋରକରିଆ (୪୫)। ସେହି ଗ୍ରାମରୁ ସମ୍ପୃକ୍ତା ନାବାଳିକାଙ୍କୁ ଉଦ୍ଧାର କରାଯାଇ ଡାକ୍ତରୀ ମାଇନା କରାଯାଇଛି। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ବଳାରସେନ ବିବାହିତ। ତାଙ୍କର ଦୁଇ ପୁଅ ଅଛନ୍ତି। ସେ ସ୍ତ୍ରୀଙ୍କୁ ଛାଡି ଅନ୍ୟତ୍ର ରହୁଛନ୍ତି। ବଳାରସେନ ଫୁଲିମୁଣ୍ଡା ଗ୍ରାମକୁ ଆସି ନିଜ ସମ୍ପର୍କୀୟ ସାନ ଭାଇଙ୍କ ଘରେ ରହୁଥିଲେ। ଏହି ସମୟରେ ନିଜର ଝିଅ ବୟସର ନାବାଳିକାଙ୍କ ଉପରେ ଲୋଲୁପ ଦୃଷ୍ଟି ପକାଇ ଅପହରଣ କରି ନେଇଥିଲେ। ଝିଅ ନିଖୋଜ ଥିବା ନେଇ ଝିଅର ବାପା କୋକସରା ଥାନାରେ ୨୫ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ କୋକସରା ଥାନାରେ ଏକ ଅପହରଣ ମାମଲା (ନଂ.୧୯/୨୦) ରୁଜୁ ହୋଇଥିଲା।

# ପିଏମ୍‌ଜିଏସ୍‌ୱାଇ ରାସ୍ତା ନିର୍ମାଣକୁ ନେଇ ଉଦ୍‌ବେଗ

## ୱେବ୍‌ସାଇଟ୍ ଖୋଲି ଜନପ୍ରତିନିଧିଙ୍କୁ ସୂଚନା ଦେବା ଲାଗି ବାଚସ୍ପତିଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୧୮।୨(ବ୍ୟୁରୋ)**

୨୦୧୮-୧୯ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା-୨(ପିଏମ୍‌ଜିଏସ୍‌ୱାଇ)ରେ କେନ୍ଦ୍ର ସରକାର ୬୫୦ଟି ରାସ୍ତାର ଉନ୍ନତୀକରଣ ପାଇଁ ୧୬୧୫.୫୧ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ସେଥିରୁ ୯ଟି ରାସ୍ତାର କାର୍ଯ୍ୟ ଶେଷ ହୋଇଛି। ୬୨୭ ରାସ୍ତାର କାର୍ଯ୍ୟ ଚାଲୁ ରହିଛି। ୧୪ଟି ରାସ୍ତା ଅନ୍ୟ ବିଭାଗକୁ ହସ୍ତାନ୍ତର କରାଯାଇଛି। ସେହିପରି ରାଜ୍ୟର ମୁଖ୍ୟ ରାସ୍ତାଗୁଡ଼ିକର ଉନ୍ନତୀକରଣ ଓ ସମ୍ପ୍ରସାରଣ ପାଇଁ ପିଏମ୍‌ଜିଏସ୍‌ୱାଇ-୩ ପ୍ରସ୍ତୁତ କରାଯାଇଛି। ଏହି ଯୋଜନାରେ ଜିଲା ଗ୍ରାମ୍ୟ ରାସ୍ତା ଯୋଜନା ଭୌଗୋଳିକ ସୂଚନା ବ୍ୟବସ୍ଥା ମାଧ୍ୟମରେ ପ୍ରସ୍ତୁତ କରାଯାଇଛି। ରାସ୍ତାଗୁଡ଼ିକ ସମ୍ପର୍କରେ ଉପଲବ୍ଧ ତଥ୍ୟ ଓ ଉପଯୁକ୍ତ ଚୟନ ପାଇଁ ମୋବାଇଲ ଆପ୍ ମାଧ୍ୟମରେ ବିଭିନ୍ନ ଗ୍ରାମରେ ଥିବା ଜନକଲ୍ୟାଣ ସେବା ସଂସ୍ଥାଗୁଡ଼ିକୁ ସର୍ଭେ କରାଯାଇ ଅନ୍‌ଲାଇନ୍ ଡାଟା ବେସ୍ ପ୍ରସ୍ତୁତ କରାଯାଉଛି। ଚଳିତ ବର୍ଷ ଏହି ଯୋଜନାରେ ପ୍ରସ୍ତାବ ପଠାଇବା ଲାଗି ଲକ୍ଷ୍ୟ ରଖାଯାଇଛି। ମଙ୍ଗଳବାର ବିଧାନସଭା ପ୍ରଶ୍ନୋତ୍ତର ବେଳେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ଏହି ସୂଚନା ଦେଇଛନ୍ତି।



ବିଜେଡି ସଭ୍ୟ ମନୋହର ରନ୍ଧାରୀ ମୂଳପ୍ରଶ୍ନରେ ରାଜ୍ୟର କେଉଁ କେଉଁ ରାସ୍ତା ପାଇଁ ପିଏମ୍‌ଜିଏସ୍‌ୱାଇ-୨ ଓ ୩ରେ ବ୍ୟୟ ଅଟକଳ କାର୍ଯ୍ୟକାରୀ କରିବା ଲାଗି ପ୍ରସ୍ତାବ ଦିଆଯାଇଛି ବୋଲି ପଚାରିଥିଲେ। ବିଜେଡି ସଭ୍ୟ ପ୍ରମୋଦ ମଲ୍ଲିକ, ଅନନ୍ତ ଦାସ, ଭାଜପା ସଭ୍ୟ ବିଷ୍ଣୁ ଚରଣ ସେଠୀ, କୁସୁମ ଟେଟେ ପ୍ରମୁଖ ଅତିରିକ୍ତ ପ୍ରଶ୍ନରେ ପିଏମ୍‌ଜିଏସ୍‌ୱାଇ ରାସ୍ତା ନିର୍ମାଣକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ଯୋଜନାରେ ଗାଇଡଲାଇନ୍ କ'ଣ ରହିଛି? ଯେଉଁ ରାସ୍ତାଗୁଡ଼ିକ ଏହି ଯୋଜନାରେ ହୋଇପାରୁନାହିଁ ସେଗୁଡ଼ିକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ କାର୍ଯ୍ୟକାରୀ କରିବେ କି? ଲୋକମାନେ ଆଉ ଜୋତା ପିନ୍ଧି କାଦୁଅରେ ଯିବାକୁ ଚାହୁଁନାହାନ୍ତି। ଜେଇ, ଆସିଷ୍ଟାଣ୍ଟ ଇଞ୍ଜିନିୟର, ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ପଇସା ନାହିଁ ବୋଲି ହାତ ଟେକି ଦେଉଛନ୍ତି। ସରକାର କହୁଛନ୍ତି, ଆମେ ସବୁ ରାସ୍ତା ପକ୍କା କରିଦେଇଛୁ। ପିଏମ୍‌ଜିଏସ୍‌ୱାଇ ରାସ୍ତା ନିର୍ମାଣକୁ ନେଇ କେବଳ ବିରୋଧୀ ନୁହନ୍ତି, ଶାସକ ଦଳର ସଭ୍ୟମାନେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଯୋଜନାରେ ଯେଉଁ ରାସ୍ତା ନିର୍ମାଣ ହେଉଛି ତାହା ଜନପ୍ରତିନିଧିଙ୍କ ଦୃଷ୍ଟିଗୋଚରକୁ ଆସୁନାହିଁ ବୋଲି ସଭ୍ୟମାନେ ଅଭିଯୋଗ କରିଥିଲେ।

ମନ୍ତ୍ରୀ କହିଥିଲେ ଯେ, ପିଏମ୍‌ଜିଏସ୍‌ୱାଇ ୨୦୦୦-୦୧ରୁ କାର୍ଯ୍ୟକାରୀ ହେଉଛି। ରାଜ୍ୟର ୫୦ହଜାର ୧୭୮ ଗ୍ରାମ ମଧ୍ୟରୁ ୨୯,୫୩୭ ଗ୍ରାମରେ ରାସ୍ତା ନିର୍ମାଣ ହୋଇଛି। ଆହୁରି ୧୮,୪୭୭ ଗ୍ରାମ ରାସ୍ତା ନିର୍ମାଣ ହାତକୁ ନିଆଯାଇଛି। ବିଭିନ୍ନ କାରଣରୁ ୨୧ଟି ଗ୍ରାମ ରାସ୍ତା ନିର୍ମାଣ କାମକୁ ବାତିଲ କରାଯାଇଛି। ପିଏମ୍‌ଜିଏସ୍‌ୱାଇ ରାସ୍ତା ନିର୍ମାଣ ପାଇଁ କେନ୍ଦ୍ର ସରକାର ଗାଇଡଲାଇନ ପ୍ରସ୍ତୁତ କରିଛନ୍ତି। ରାସ୍ତା ନିର୍ମାଣ ନେଇ ସଭ୍ୟମାନଙ୍କର ଉଦ୍‌ବେଗକୁ ଦେଖି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ମନ୍ତ୍ରୀ ସୁଶାନ୍ତ ସିଂଙ୍କୁ କହିଥିଲେ ଯେ, କେଉଁ ରାସ୍ତା କେଉଁଠି ନିର୍ମାଣ ହେଉଛି ସେ ସମ୍ପର୍କରେ ବିଧାୟକ ଓ ଜନପ୍ରତିନିଧିମାନଙ୍କ ଅବଗତି ନିମନ୍ତେ ଏକ ୱେବ୍‌ସାଇଟ୍ ଖୋଲିବାକୁ ସେ ବିଭାଗୀୟ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଜିଲାୱାରି ବିଧାୟକମାନଙ୍କୁ ଡାକି ରାସ୍ତା ନିର୍ମାଣ ସମ୍ପର୍କରେ ସୂଚନା ଦେବାକୁ ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି।

# ଫେରାର ନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱରରୁ ଗିରଫ

**ଭଦ୍ରକ ଅଫିସ,୧୮।୨**

ଲାଞ୍ଚ ନେବା ଅଭିଯୋଗରେ ମାସେ ହେଲା ଫେରାର ଥିବା ଭଦ୍ରକ ଗ୍ରାମ୍ୟ ଉନ୍ନୟନ ବିଭାଗ(୧)ର ନିର୍ବାହୀ ଯନ୍ତ୍ରୀ ମାନସ କୁମାର ମହାନ୍ତିଙ୍କୁ ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ଭୁବନେଶ୍ୱରର ପଟିଆସ୍ଥିତ ତାଙ୍କ ଘରୁ ଗିରଫ କରିଛି। ମଙ୍ଗଳବାର ତାଙ୍କୁ ବାଲେଶ୍ୱର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ମୋଟ ୩ କୋଟି ୯୦ ଲକ୍ଷ ଟଙ୍କା ତାଙ୍କର ସ୍ଥାବର ସମ୍ପତ୍ତି ଥିବା ସୂଚନା ମିଳିଛି।

ଗତ ଜାନୁୟାରୀ ୯ ତାରିଖରେ ଠିକାଦାର ଦିଗମ୍ବର ଦାସଙ୍କଠାରୁ ୮ ଲକ୍ଷ ୨୦ ହଜାର ଟଙ୍କାର ବିଲ୍‌କୁ ଅନ୍‌ଲାଇନ କରାଇଦେବା ପାଇଁ ଭଦ୍ରକ ଗ୍ରାମ୍ୟ ଉନ୍ନୟନ ବିଭାଗ(୧)ର ଡାଟାଏଣ୍ଟ୍ରି ଅପରେଟର ପ୍ରିୟବ୍ରତ ପଣ୍ଡା ୩୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ସେହି ସମୟରେ ସେ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଥିଲେ। ଅଭିଯୋଗକାରୀ ଠିକାଦାର ଦିଗମ୍ବର ଓ ଗିରଫ ପ୍ରିୟବ୍ରତଙ୍କ ବୟାନକୁ ଭିତ୍ତିକରି



ମାନସ କୁମାର ମହାନ୍ତି।

ଭିଜିଲାନ୍ସ ଟିମ୍ ନିର୍ବାହୀଯନ୍ତ୍ରୀ ମାନସଙ୍କୁ ସନ୍ଦେହ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ମୋବାଇଲ ସୁଇଚ୍‌ଅଫ୍ କରି ସେ ଫେରାର ଥିବାରୁ ଭିଜିଲାନ୍ସ ଟିମ୍ ଭଦ୍ରକରେ ଭଡ଼ାରେ ଚାଲିଥିବା ତାଙ୍କ ଆବାସିକ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲା। ଏହାପରେ ଅଧିକ ତନାଘନା ଆରମ୍ଭ କରିଥିଲା ଭିଜିଲାନ୍ସ। ମଙ୍ଗଳବାର ଏହି ଟିମ୍ ଭୁବନେଶ୍ୱର ପଟିଆସ୍ଥିତ ମାନସଙ୍କ ଘରେ ପହଞ୍ଚି ଖାନ୍‌ତଲାସ କରି ତାଙ୍କୁ ଗିରଫ କରିଥିଲା। ଏବେ ଭିଜିଲାନ୍ସ ତାଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ହିସାବ କରୁଛି।

# ଗୁଣି ସନ୍ଦେହରେ ମହିଳାଙ୍କୁ ନିଷ୍ଠୁର ମାଡ଼

**କୃଷ୍ଣପ୍ରସାଦ,୧୮।୨ (ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଚିଲିକା ନୂଆପଡା ଗାଁରେ ଗୁଣି ସନ୍ଦେହରେ ଜଣେ ମହିଳାଙ୍କୁ ମାଡ଼ ମରାଯାଇଛି। ଏ ନେଇ କୃଷ୍ଣପ୍ରସାଦ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ମିଳିଥିବା ସୂଚନା ଅନୁସାରେ ଚିଲିକା ନୂଆପଡା ଗ୍ରାମ ନଟାସାହିରେ ବାସ କରୁଥିବା ଗହ୍ଣା ଜେନାଙ୍କ ଝିଅ ଗତ ୧୨ ତାରିଖ ରାତିରେ ଶୋଇଥିବା ସମୟରେ ହଠାତ୍ ଅସ୍ୱାଭାବିକ ଆଚରଣ କରିଥିଲେ। ପରିବାର ଲୋକେ ଏହା ଦେଖି ଭୟଭୀତ ହୋଇଯାଇଥିଲେ। ଝିଅ ଶରୀରରେ ଭୂତ ସବାର ହୋଇଥିବା ଭାବି ଝଡାଫୁଙ୍କା କରାଇଥିଲେ। ସେଥିରେ ଭଲ ନ ହେବାରୁ କେହି ଗୁଣି କରିଥିବା ସନ୍ଦେହ କରିଥିଲେ। ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଚିଲିକା ନୂଆପଡା ଜଙ୍ଗଲ ସାହିର ଗାୟତ୍ରୀ ଦାସ ଗୁଣି କରିଥିବା ସନ୍ଦେହରେ ଗହ୍ଣା ଜେନାଙ୍କ ପରିବାର ଲୋକେ ତାଙ୍କୁ ଗାଳିଗୁଲଜ ସହ ମାଡ଼ ମାରିଥିଲେ। ୧୪ ତାରିଖରେ ଘଟଣା ଘଟିଥିବାବେଳେ ଏହାର ସମାଧାନ ପାଇଁ ଗାଁରେ ବୈଠକ ବସିଥିଲା। ହେଲେ ବୈଠକର ନିଷ୍ପତ୍ତିକୁ ଗହ୍ଣାଙ୍କ ପରିବାର ମାନି ନ ଥିଲେ। ପରେ ଗାୟତ୍ରୀ କୃଷ୍ଣପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଗହ୍ଣାଙ୍କ ସମେତ ପରିବାରର ୭ଜଣଙ୍କ ନାମରେ ଦଫା ୩୪୧, ୩୨୫, ୩୫୪, ୩୭୯ରେ ମାମଲା (ନଂ.୧୩/୨୦) ରୁଜୁକରି ତଦନ୍ତ ଚଳାଇଛି। ଅଭିଯୁକ୍ତମାନେ ଫେରାର ଅଛନ୍ତି। ଆଇଆଇସି ଅଭିମନ୍ୟୁ ନାୟକ କହିଛନ୍ତି, ଆମେ ଘଟଣାକୁ ଗୁରୁତର ସହ ନେଇଛୁ । ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ।

# ଖୁବ୍‌ଶୀଘ୍ର ପେସା ରୁଲ୍ କାର୍ଯ୍ୟକାରୀ ହେବ: ମନ୍ତ୍ରୀ

**ଭୁବନେଶ୍ୱର,୧୮।୨(ବ୍ୟୁରୋ)**

ରାଜ୍ୟରେ ଖୁବ୍‌ଶୀଘ୍ର ପଞ୍ଚାୟତ ଏକ୍ସଟେନ୍‌ସନ୍ ଟୁ ସିଡୁଲ ଏରିଆଜ୍ ଆକ୍ଟ (ପେସା) ରୁଲ୍ କାର୍ଯ୍ୟକାରୀ ହେବ। ଏହା ଆଇନ ବିଭାଗର ଅନୁମୋଦନ ଲାଭ କରିସାରିଛି। ଏହି ଆଇନରେ ଥିବା ବ୍ୟବସ୍ଥାନୁଯାୟୀ ଓଡ଼ିଶା ତ୍ରିସ୍ତରୀୟ ପଞ୍ଚାୟତ ଆଇନଗୁଡ଼ିକୁ ସଂଶୋଧନ କରାଯାଇଛି। ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ(୧୯୬୪), ଓଡ଼ିଶା ପଞ୍ଚାୟତ ସମିତି ଆଇନ(୧୯୫୯), ଓଡ଼ିଶା ଜିଲା ପରିଷଦ ଆଇନ(୧୯୯୧) ଅନୁସୂଚିତ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବାରୁ ପେସା ଆଇନରେ ଥିବା ବ୍ୟବସ୍ଥାଗୁଡ଼ିକ ଉକ୍ତ ଅଞ୍ଚଳରେ ଲାଗୁ ହୋଇଛି। ମଙ୍ଗଳବାର ପ୍ରଶ୍ନୋତ୍ତର କାଳରେ ଏହି ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା।

ଭାଜପା ସଭ୍ୟ ମୋହନ ଚରଣ ମାଝୀ ମୂଳ ପ୍ରଶ୍ନରେ ପଚାରିଥିଲେ ଯେ ରାଜ୍ୟରେ କେଉଁ ଜିଲାର କେତେ ବ୍ଲକ ସମ୍ବିଧାନର ପଞ୍ଚମ ପରିଚ୍ଛେଦରେ ଅନ୍ତର୍ଭୁକ୍ତ ହୋଇଛି। ସେସବୁ ବ୍ଲକରେ ପେସା ଆଇନ କାର୍ଯ୍ୟକାରୀ ହୋଇଛି କି ନାହିଁ। ଯଦି ହୋଇନାହିଁ କେବେ ସୁଦ୍ଧା କାର୍ଯ୍ୟକାରୀ ହେବ। ସମ୍ବିଧାନର ୭୩ତମ ସଂଶୋଧନ ଅନୁସାରେ କେଉଁ ବିଭାଗର କ୍ଷମତା, ପାଣ୍ଠି ଓ କର୍ମଚାରୀ ପଞ୍ଚାୟତିରାଜ ସଂସ୍ଥାକୁ ହସ୍ତାନ୍ତର ହୋଇଛନ୍ତି। ଏହି ସଂସ୍ଥାଗୁଡ଼ିକୁ କେଉଁ କେଉଁ କ୍ଷମତା ହସ୍ତାନ୍ତର କରାଯାଇଛି। ଏହାର ଉତ୍ତର ରଖି ମନ୍ତ୍ରୀ କହିଥିଲେ ଯେ, ସମ୍ବିଧାନର ୭୩ତମ ସଂଶୋଧନ ଅନୁଯାୟୀ ୨୯ଟି ବିଷୟରୁ ୨୧ଟିର କ୍ଷମତା ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ୨୦୦୩ ଜୁଲାଇ ୪ ତାରିଖରେ ୧୧ଟି ବିଭାଗ ଜରିଆରେ ହସ୍ତାନ୍ତର କରାଯାଇଛି। ପୂର୍ବତନ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଏହି ବିଭାଗର ଦାୟିତ୍ୱରେ ଥିବାବେଳେ ଏକ ସବ୍ କମିଟି ଗଠନ କରାଯାଇଥିଲା। ଏହି କମିଟିର ପରାମର୍ଶ ଅନୁଯାୟୀ ୨୧ଟି ବିଷୟକୁ ହସ୍ତାନ୍ତର କରାଯାଇଛି। ଅନ୍ୟ ବିଷୟଗୁଡ଼ିକ ହସ୍ତାନ୍ତର ପାଇଁ ଅନୁଧ୍ୟାନ ଜାରି ରହିଛି।

ଭାଜପା ସଭ୍ୟ ଗଣେଶ ରାମ ସିଂ ଖୁଣ୍ଟିଆ, କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ, ସନ୍ତୋଷ ସିଂ ସାଲୁଜା, ସି ଏସ୍ ରାଜେନ ଏକ୍କା ଏବଂ ଭାସ୍କର ମଡ଼େଇ ପେସା ଆଇନ କାର୍ଯ୍ୟକାରୀ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ କ୍ଷମତା ହସ୍ତାନ୍ତର ପରେ ମଧ୍ୟ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ପେସା ଆଇନ ଲଗାଯିବା ପୂର୍ବରୁ ଆଦିବାସୀଙ୍କ ମତାମତ ନିଆଯାଇନାହିଁ। ମନ୍ତ୍ରୀ ଜବାବ ଦେଇ କହିଥିଲେ, ପେସା ଆଇନ ଲଗାଇବାରେ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ। ୨୦୦୨ରୁ ଏହି ଆଇନ କାର୍ଯ୍ୟକାରୀ ହେଉଛି। ପେସା ରୁଲ୍ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ପୋଡ଼ିହୋଇ ମହିଳାଙ୍କ ଆତ୍ମହତ୍ୟା

**ସମ୍ବଲପୁର/ଅତାବିରା,୧୮।୨(ବ୍ୟୁରୋ/ଡିଏନଏ):** ସମ୍ବଲପୁର ଜିଲା ବୁର୍ଲା ଭିମ୍‌ସାର ବର୍ନ କେୟାର ୟୁନିଟ୍‌ରେ ଚିକିତ୍ସିତ ହେଉଥିବା ଜଣେ ମହିଳାଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ସେ ହେଲେ ବରଗଡ଼ ଜିଲା ଭେଡେନ ଥାନା ଅଧୀନ ଭୋଇପୁର ଗ୍ରାମର ଜୟନ୍ତୀ ଷଣ୍ଢ (୩୫)। ବୁର୍ଲା ଫାଣ୍ଡି ପୋଲିସ ମୃତଦେହ ଜବତ କରିଛି। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ସନ୍ଧ୍ୟାରେ ଗାଁରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଜୟନ୍ତୀ ରୋଜଗାର କରି ଘରେ ରଖିଥିବା ଟଙ୍କା ସ୍ୱାମୀ ନଟିଆ ଖର୍ଚ୍ଚ କରି ଦେଇଥିଲେ। ଏହାକୁ ନେଇ ସୋମବାର ରାତି ୮ଟାରେ ଦୁଇ ଜଣଙ୍କ ଭିତରେ ବଚସା ହୋଇଥିଲା। ସ୍ୱାମୀ ଘର ବାହାରକୁ ଚାଲିଯାଇଥିଲେ। ତାଙ୍କ ଅନୁପସ୍ଥିତିରେ ଜୟନ୍ତୀ ଦେହରେ କିରୋସିନ ଢାଳି ଦେହରେ ନିଆଁ ଲଗାଇ ଦେଇଥିଲେ।



## ଜିଲା ଚିଠି

### ଦେବଗଡ଼

## କଳା ପରିଷଦ ହଲ୍

ଦେବଗଡ଼ ଜିଲା ପ୍ରଶାସନ ତଥା ଦେବଗଡ଼ ପୌରପାଳିକା କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ସହରର ମୁଖ୍ୟସ୍ଥଳ ଘରୋଇ ବସ୍‌ଷ୍ଟାଣ୍ଡ ନିକଟରେ ଥିବା କଳା ପରିଷଦ ହଲ୍ ନିର୍ମାଣ କାର୍ଯ୍ୟ ଧିମେଇ ଚାଲିଛି। କଳା ଓ ସଂସ୍କୃତିର ଉନ୍ନତି ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା ବେଳେ ଉକ୍ତ ହଲ୍ ନିର୍ମାଣର ମନ୍ଥର ଗତି ବୁଦ୍ଧିଜୀବୀ ଓ କଳାକାର ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। କଳାକାରଙ୍କ ଅଭିଯୋଗ ହେଉଛି ନିର୍ମାଣାଧୀନ କଳା ପରିଷଦ ହଲ୍‌ରେ ଶିଳ୍ପୀ ତଥା ଜନସାଧାରଣଙ୍କ ପାଇଁ ସମସ୍ତ ସୁବିଧା ସୁଯୋଗ ଉପଲବ୍ଧ କରାଯିବାକୁ ବ୍ୟୟ ବରାଦ ହୋଇଛି। ମାତ୍ର ମୁଖ୍ୟ ମଞ୍ଚର ଆକାରକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି। ଉକ୍ତ ମଞ୍ଚ ପାଇଁ ଲାଇଟ, ସାଉଣ୍ଡ, ଗ୍ରୀନ ରୁମ ପାଇଁ ସ୍ଥାନାଭାବ ଦେଖାଦେଇଛି। ଫଳରେ ହଲ୍‌ର ପରିସୀମାକୁ ଆହୁରି ପ୍ରଶସ୍ତ କରିବା ପାଇଁ କଳାକାରମାନେ ଦାବି କରିଆସୁଛନ୍ତି। ହେଲେ କଳାକାରଙ୍କ ଦାବିକୁ କେହି ଶୁଣୁ ନ ଥିବା ଅଭିଯୋଗ ହୋଇଛି। ଆଜିକୁ ୫୦ବର୍ଷ ହେବ ଦେବଗଡ଼ ଟାଉନର ମଧ୍ୟସ୍ଥଳୀରେ ଥିବା କଳା ପରିଷଦ ହଲ୍‌ରେ ଜିଲା ତଥା ଜିଲା ବାହାରର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ବହୁ କାର୍ଯ୍ୟକ୍ରମ ପରିବେଷିତ ହେଉଥିଲା। ଦେବଗଡ଼ ଏକ କଳାର ଗଡ ଭାବେ ସମଗ୍ର ରାଜ୍ୟ ତଥା ଦେଶ ବିଦେଶରେ ପରିଚିତ ଥିଲା। ଏବେ ସେହି ହଲ୍ ନିର୍ମାଣ ଧିମେଇ ଚାଲିଥିବାରୁ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ସଭା ସମିତି ପାଇଁ ସ୍ଥାନୀୟ ଟାଉନ ହଲ୍ କିମ୍ବା ଅନ୍ୟ କୌଣସି ବେସରକାରୀ ଜାଗା ଉପରେ ନିର୍ଭର କରିବାକୁ ପଡୁଛି। ଦିନଥିଲା କଳା ପରିଷଦ ହଲ୍‌କୁ ଏକ ସିନେମା ହଲ୍‌ରେ ପରିଣତ କରାଯାଇ ମନୋରଞ୍ଜନ ପାଇଁ ଖୋରାକ ଯୋଗାଡ କରାଯାଇଥିଲା। ପରେ ରକ୍ଷଣାବେକ୍ଷଣ ଅଭାବରୁ ସେହି ହଲ୍‌ର ଅବସ୍ଥା ଦୟନୀୟ ହୋଇପଡିଥିଲା। କଳାକାରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କିଛି ବର୍ଷ ତଳେ ପ୍ରଥମ ପର୍ଯ୍ୟାୟରେ ୬୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପୁରୁଣା କୋଠାକୁ ଭାଙ୍ଗି ଉନ୍ନତମାନର ଅଡିଟୋରିୟମ୍ ସାଙ୍ଗକୁ କଲଚରାଲ ହଲ୍‌ର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। କିନ୍ତୁ ପରିତାପର ବିଷୟ ୩ ବର୍ଷରୁ ଊର୍ଦ୍ଧ୍ୱ ହେବ କଳା ପରିଷଦ ହଲ୍ ନିର୍ମାଣ କାମ ଶେଷ ହେଉ ନ ଥିବାରୁ ବୁଦ୍ଧୀଜୀବୀ, କବି, କବୟିତ୍ରୀ ,କଳାକାର ତଥା ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏଣୁ ତୁରନ୍ତ କଳା ପରିଷଦ ହଲ୍ ନିର୍ମାଣ କାର୍ଯ୍ୟକୁ ଶୀଘ୍ର ଶେଷ କରିବା ପାଇଁ କଳାକାର ମହଲରେ ଦାବି ହେଉଛି। ସେହି କାମ ପାଇଁ ବାରମ୍ବାର ଟେଣ୍ଡର ହେଉଛି, ଠିକାଦାର ମଧ୍ୟ ପରିବର୍ତ୍ତନ ହେଉଛନ୍ତି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ ସରିଛି ହେଲେ ସେହି କାମ ସରିପାରୁନାହିଁ। ଏଥିପାଇଁ କଳାକାରମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ଜିଲାପାଳ ଧ୍ୟାନଦେବା ପାଇଁ ବୃଦ୍ଧିଜୀବୀ ମହଲରେ ଦାବି ହେଉଛି।

– ଶଶାଙ୍କ ଶେଖର ଝାଙ୍କର

# ଚିକିତ୍ସା ଅବହେଳାରୁ ମହିଳା ମୃତ, ଉତ୍ତେଜନା

**ବ୍ରହ୍ମପୁର ଅଫିସ,୧୮।୨**

ଚିକିତ୍ସାରେ ଅବହେଳା ଯୋଗୁ ଜଣେ ମହିଳାଙ୍କ ବ୍ରହ୍ମପୁର ନୂଆ ବସ୍‌ଷ୍ଟାଣ୍ଡ ନିକଟ ଏକ ଘରୋଇ ହସ୍ପିଟାଲରେ ସୋମବାର ରାତିରେ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ଐଶ୍ୱର୍ଯ୍ୟା ସିଂଦେଓ। ଏନେଇ ବୈଦ୍ୟନାଥପୁର ଥାନାରେ ତାଙ୍କ ସ୍ୱାମୀ ଶୁଭ୍ରଜିତ ସାମନ୍ତ ଅଭିଯୋଗ କରିଛନ୍ତି। ଉତ୍ତେଜନାକୁ ଦୃଷ୍ଟିରେ ରଖି ଉକ୍ତ ହସ୍‌ପିଟାଲ ନିକଟରେ ପୋଲିସ ମୁତୟନ କରାଯାଇଛି। ମଙ୍ଗଳବାର ସଂପୃକ୍ତା ମହିଳାଙ୍କ ଅସ୍ତ୍ରୋପଚାର କରିଥିବା ଡାକ୍ତରଙ୍କ ନାମରେ ଏକ ମାମଲା(ନଂ. ୩୯/୨୦) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ତଦନ୍ତକାରୀ ଅଧିକାରୀ ଭୈରବ କୁମାର ଭୂୟାଁ କହିଛନ୍ତି।

ରୋଗୀଙ୍କୁ ଠିକ୍ ଚିକିତ୍ସା କରାଯାଇଛି କି ନାହିଁ ସେ ଦିଗରେ ଏକ ଡାକ୍ତରୀ ଦଳ ତଦନ୍ତ କରିବା ପାଇଁ ପୋଲିସ ଏମ୍‌କେସିଜି ମେଡିକାଲ ଅଧ୍ୟକ୍ଷଙ୍କ ନିକଟକୁ ଚିଠି ଲେଖିବ ବୋଲି କହିଛି। ଘଟଣା ଦିନ ହସ୍‌ପିଟାଲରେ ଐଶ୍ୱର୍ଯ୍ୟାଙ୍କ ଚିକିତ୍ସା ସମ୍ପର୍କିତ ତଥ୍ୟ, ଦିଆଯାଇଥିବା ଔଷଧ ଓ ଅସ୍ତ୍ରୋପଚାର ବେଳେ ଦିଆହୋଇଥିବା ନିଶ୍ଚେତକ ଇଞ୍ଜେକ୍‌ସନ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇଛି। ଏହାସହିତ ଅନ୍ୟାନ୍ୟ କାଗଜପତ୍ର ହସ୍ପିଟାଲରୁ ପୋଲିସ ଜବତ କରିଥିବା କହିଛି। ଅନ୍ୟପଟେ ପୋଲିସ ମୃତ ମହିଳାଙ୍କ ମୃତ୍ୟୁର କାରଣ ଜାଣିବା ପାଇଁ 'ଭିସେରା' ରିପୋର୍ଟ ସଂଗ୍ରହ କରିଛି। ଭୁବନେଶ୍ୱରରେ ଥିବା ଫୋରେନ୍‌ସିକ ଲେବୋରେଟୋରିକୁ (ଏସ୍ଏଫଏସ୍ଏଲ) ପରୀକ୍ଷା ପାଇଁ ତାହା ପଠାଯିବ। ବ୍ୟବଚ୍ଛେଦ ଓ ଭିସେରା ରିପୋର୍ଟମିଳିବା ପରେ ମୃତ୍ୟୁର ଠିକ୍‌କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।



ଐଶ୍ୱର୍ଯ୍ୟା ସିଂଦେଓଙ୍କ (ଫାଇଲ ଫଟୋ)

- ଡାକ୍ତରଙ୍କ ନାଁରେ ମାମଲା ରୁଜୁ
- ହସ୍ପିଟାଲରୁ କାଗଜପତ୍ର ଜବତ

ମିଳିଥିବା ସୂଚନା ଅନୁଯାୟୀ, ୨୦୧୮ରେ ଐଶ୍ୱର୍ଯ୍ୟା ଲାଞ୍ଜିପଲ୍ଲୀର ଶୁଭ୍ରଜିତ ସାମନ୍ତଙ୍କୁ ବିବାହ କରିଥିଲେ। ଉକ୍ତ ମହିଳାଙ୍କ ଅନ୍ତନଳୀରେ ଆପେଣ୍ଡିସାଇଟିସ୍ ସମସ୍ୟା ଦେଖାଦେଇଥିଲା। ଏଣୁ ଶୁଭ୍ରଜିତ ସଂପୃକ୍ତ ଡାକ୍ତରଙ୍କ ସହ ଯୋଗାଯୋଗ କରିଥିଲେ। ସେ ତାଙ୍କୁ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରିବାକୁ କହିଥିଲେ। ସୋମବାର ସନ୍ଧ୍ୟା ୭ ଟା ବେଳେ ଐଶ୍ୱର୍ଯ୍ୟାଙ୍କୁ ଉପରୋକ୍ତ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ରାତ୍ର ୯ଟା ବେଳେ ତାଙ୍କୁ ଅସ୍ତ୍ରୋପଚାର ଗୃହକୁ ନିଆଯାଇଥିଲା। ସେଠାରେ ତାଙ୍କର ଅସ୍ତ୍ରୋପଚାର କରାଯିବା ପରେ ତାଙ୍କୁ ରାତି ପ୍ରାୟ ୧୦ ଟା ବେଳେ ବେଡ଼କୁ ଅଣାଯାଇଥିଲା। କିଛି ସମୟ ଧରି ଐଶ୍ୱର୍ଯ୍ୟା ଯନ୍ତ୍ରଣାରେ ଛଟପଟ ହେବା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଆମେ ଯେତେ କହିଥିଲେ ମଧ୍ୟ ଐଶ୍ୱର୍ଯ୍ୟାଙ୍କ ସ୍ୱାସ୍ଥ୍ୟବସ୍ଥା ଦେଖିବାକୁ କୌଣସି ଡାକ୍ତର କିମ୍ବା ହସ୍‌ପିଟାଲ କର୍ତ୍ତୃପକ୍ଷ ଆସି ନ ଥିଲେ। ଫଳରେ ମୋ ଝିଅ ଛଟପଟ ହୋଇ ମୋ ଆଖି ଆଗରେ ଚାଲିଗଲା ବୋଲି ତାଙ୍କ ବାପା ଦୁର୍ଗାପ୍ରସାଦ ସିଂଦେଓ କହିଛନ୍ତି। ସେ ଆହୁରି ଅଭିଯୋଗ କରିଛନ୍ତି, ମୋ ଝିଅର ଅସ୍ତ୍ରୋପଚାର ପରେ ତାର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ନ ହେବା ପୂର୍ବରୁ ସଂପୃକ୍ତ ଡାକ୍ତର ହସ୍ପିଟାଲ ଛାଡି ଚାଲିଯାଇଥିଲେ। ପରେ ମହିଳାଙ୍କ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ କରିବା ସହ ସେଠାରେ ପାଟିତୁଣ୍ଡ କରିଥିଲେ। ଏହାକୁ ନେଇ ରୋଗୀ ସମ୍ପର୍କୀୟ ଓ ହସ୍‌ପିଟାଲ କର୍ତ୍ତୃପକ୍ଷଙ୍କ ମଧ୍ୟରେ କଥା କଟାକଟି ହେବା ସହ ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବର ପାଇ ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି, ଥାନାଧିକାରୀ ସାରଦା ପ୍ରସନ୍ନ ଦାସ ଓ ପୋଲିସ ଟିମ୍ ସେଠାରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ।

# କ୍ୱାର୍ଟର୍ସରୁ ଡିଏସ୍‌ଆଇଙ୍କ ମୃତଦେହ ଉଦ୍ଧାର

**ଫୁଲବାଣୀ ଅଫିସ, ୧୮।୨:** କନ୍ଧମାଳ ଜିଲା ପୋଲିସ ରିଜର୍ଭ କାର୍ଯ୍ୟାଳୟରେ କାର୍ଯ୍ୟରତ ଡ୍ରିଲ ସବ୍ ଇନ୍‌ସପେକ୍ଟର (ଡିଏସ୍ଆଇ)ଙ୍କ ମୃତଦେହ ତାଙ୍କ କ୍ୱାର୍ଟର୍ସରୁ ଉଦ୍ଧାର କରାଯାଇଛି। ସେ ହେଲେ ଗଗନ ଚନ୍ଦ୍ର ନାୟକ। କିଭଳି ତାଙ୍କର ମୃତ୍ୟୁ ଘଟିଲା ତାହା ଜଣାପଡିନାହିଁ। ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଗଗନଙ୍କ ଘର ଅନୁଗୋଳ ଜିଲାରେ। ସେ କନ୍ଧମାଳ ଜିଲାରେ ପ୍ରାୟ ୧୫ ବର୍ଷ ହେବ କାମ କରି ଆସୁଥିଲେ। ଜଣେ ମେଳାପୀ ଏବଂ ଭଦ୍ରବ୍ୟକ୍ତି ଭାବେ ଏଠାରେ ପରିଚିତ ଥିଲେ। ନିଜ କ୍ୱାର୍ଟର୍ସରେ ଏକା ରହୁଥିଲେ। ସବୁଦିନ ପରି ସୋମବାର ସକାଳ ପ୍ରାୟ ୯ଟାରେ ନିଜ କର୍ମ କ୍ଷେତ୍ରକୁ ଯାଇଥିଲେ। କାମ ସାରି କ୍ୱାର୍ଟର୍ସକୁ ଫେରିବା ପରଠାରୁ ଗଗନଙ୍କୁ ଆଉ କେହି ଦେଖି ନ ଥିଲେ। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟା ପର୍ଯ୍ୟନ୍ତ ସେ ବାହାରକୁ ନ ବାହାରିବାରୁ ପଡୋଶୀ ଆସି ଡାକିଥିଲେ। ଘର ଭିତରୁ କୌଣସି ଉତ୍ତର ନ ଆସିବାରୁ ଥାନାକୁ ଜଣାଇଥିଲେ। ପୋଲିସ ଆସିବା ପରେ କବାଟ ଭିତରପଟୁ ବନ୍ଦ ନ ଥିବା ଓ ଗଗନଙ୍କ ମୃତଦେହ ପଡିରହିଥିବା ଦେଖିବାକୁ ମିଳିଥିଲା। ତାଙ୍କ ନାକରୁ ରକ୍ତସ୍ରାବ ହୋଇଥିବା ଦେଖାଯାଇଥିଲା। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ପରିବାର ଲୋକଙ୍କୁ ପୋଲିସ ଖବର ଦେଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ନରେଶ କୁମାର ସାହୁ କହିଛନ୍ତି।

# ମହାନଦୀ ମିଶନରେ ୮୦ ଲକ୍ଷ ବୃକ୍ଷରୋପଣ ହେବ

## ବ୍ରାହ୍ମଣୀ, ବୈତରଣୀ, ଋଷିକୁଲ୍ୟା, ବଂଶଧାରା ସାମିଲ

**ଭୁବନେଶ୍ୱର,୧୮।୨(ବ୍ୟୁରୋ)**

୨୦୨୦-୨୧ ଆର୍ଥିକ ବର୍ଷରେ ସବୁଜ ମହାନଦୀ ମିଶନ ମାଧ୍ୟମରେ ୧ହଜାର ୫୦ ହେକ୍ଟର ଅଞ୍ଚଳରେ ବନୀକରଣ କରାଯିବ। ୧୯ହଜାର ହେକ୍ଟର ପରିମିତ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ଓ ୫ଲକ୍ଷ ବୃକ୍ଷ ଚାରା ସହରାଞ୍ଚଳ ବନୀକରଣ ପାଇଁ ପ୍ରଦାନ କରାଯିବ। ଏହି ଆର୍ଥିକ ବର୍ଷରେ ମୋଟ ୮୦ଲକ୍ଷ ଚାରାରୋପଣ ହେବ ବୋଲି ମଙ୍ଗଳବାର ବିଧାନସଭା ପ୍ରଶ୍ନୋତ୍ତର ବେଳେ ସୂଚନା ଦେଇଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ।

ମନ୍ତ୍ରୀ କହିଛନ୍ତି ଯେ, ୨୦୧୮-୧୯ରୁ ସବୁଜ ମହାନଦୀ ମିଶନ କାର୍ଯ୍ୟକାରୀ ହେଉଛି। ରାଜ୍ୟରେ ପ୍ରବାହିତ ହେଉଥିବା ପ୍ରମୁଖ ନଦୀ ମହାନଦୀ ଓ ଏହାର ଶାଖାନଦୀଗୁଡ଼ିକର ପୂର୍ବସ୍ଥିତି ଫେରାଇ ଆଣିବା, ପର୍ଯ୍ୟାପ୍ତ ଜଳ ଉପଲବ୍ଧ କରାଇବା, ନଦୀକୁ ଚିରସ୍ରୋତା କରିବା ଏବଂ ନଦୀର ଉଭୟ ପାର୍ଶ୍ୱରେ ସବୁଜ ବଳୟ ସୃଷ୍ଟି କରିବା ଏହି ମିଶନର ମୂଳଲକ୍ଷ୍ୟ। ମହାନଦୀ ଇବ୍ ଓ କୋଏଲ ନଦୀର ଉଭୟ ପାର୍ଶ୍ୱରେ ଦୁଇ କିମି ପରିଧିରେ ୧,୩୦୩ ଗ୍ରାମକୁ ସାମିଲ କରାଯାଇଛି। ଚଳିତ ଆର୍ଥିକ ବର୍ଷରେ ଆଉ ଚାରୋଟି ନଦୀ ବ୍ରାହ୍ମଣୀ, ବୈତରଣୀ, ଋଷିକୁଲ୍ୟା ଓ ବଂଶଧାରା ଏବଂ ଏହାର ଶାଖାପ୍ରଶାଖା ନଦୀଗୁଡ଼ିକର ଉଭୟ ପାର୍ଶ୍ୱର ଦୁଇ କିମି ବନୀକରଣ ହୋଇଛି। ୨୦୧୮-୨୦ ମଧ୍ୟରେ ଏହି ମିଶନ ମାଧ୍ୟମରେ ୩୧ଟି ବନଖଣ୍ଡ ଦ୍ୱାରା ୩୪ ହେକ୍ଟର ଅଞ୍ଚଳରେ ବନୀକରଣ, ୧୩୭୩୦ ହେକ୍ଟର ଅଞ୍ଚଳରେ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର,



୯୫୧ ହେକ୍ଟର ପଥପାର୍ଶ୍ୱ ବନୀକରଣ କରାଯାଇ ୯୦ଲକ୍ଷ ୯୧ ହଜାର ଚାରାରୋପଣ କରାଯାଇଛି। ଏଥିସହ ଲୋକମାନଙ୍କୁ ନିଜ ବାଡ଼ିବଗିଚାରେ ଗଛ ଲଗାଇବା ଲାଗି ୭୯ଲକ୍ଷ ୧୭ହଜାର ଚାରା ମାଗଣାରେ ବଣ୍ଟାଯାଇଛି।

ବିଜେଡି ସଭ୍ୟ ପ୍ରଶାନ୍ତ ବେହେରା ମୂଳପ୍ରଶ୍ନରେ ସବୁଜ ମହାନଦୀ ମିଶନରେ ମହାନଦୀ ଓ ଏହାର ଶାଖାନଦୀଗୁଡ଼ିକ ପାର୍ଶ୍ୱରେ ଏ ପର୍ଯ୍ୟନ୍ତ କେତେ ବନୀକରଣ ହୋଇଛି ବୋଲି ପଚାରିଥିଲେ। ବିଜେଡି ସଭ୍ୟ ପ୍ରଣବ ବଳବନ୍ତ ରାୟ, ପ୍ରଦୀପ୍ତ ଅମାତ, କଂଗ୍ରେସ ସଭ୍ୟ ନରସିଂହ ମିଶ୍ର ପ୍ରମୁଖ ଏହି ମିଶନରେ ବୃକ୍ଷରୋପଣକୁ ନେଇ ପ୍ରଶ୍ନ ଉଠାଇଥିଲେ। କେଉଁ ନଦୀରେ ଏହି ମିଶନ ଜରିଆରେ ବନୀକରଣ ହୋଇଛି, ବନୀକରଣ ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କେତେ ମଜୁରି ଦିଆଯାଇଛି। ସେହିପରି ତେଲ ନଦୀ ପାର୍ଶ୍ୱରେ କେତେ ବୃକ୍ଷରୋପଣ କରାଯାଇଛି, ସେଥିରୁ କେତେ ବଞ୍ଚିଛି, ବଲାଙ୍ଗୀର ଜିଲାରେ ରାସ୍ତା ସମ୍ପ୍ରସାରଣ ପାଇଁ ଅନେକ ବୃକ୍ଷ କଟାଯାଇଥିଲା, ସେଠାରେ କେତେ ବୃକ୍ଷରୋପଣ ହୋଇଛି ବୋଲି ପ୍ରଶ୍ନ କରିଥିଲେ। ଏହାର ଜବାବରେ ମନ୍ତ୍ରୀ କହିଥିଲେ ୨୩ଜିଲାର ୨୧ ବନଖଣ୍ଡରେ ମହାନଦୀ ମିଶନ କାର୍ଯ୍ୟକାରୀ କରାଯାଉଛି।



ମାୟାନଗରୀ ମୁମ୍ବାଇରେ ଥିବା ସବୁ ସେଲିବ୍ରିଟି କୋଟିପତି। ଏଠି ଗରିବ ବୋଲି କେହି ନାହିଁ କହିଲେ ଚଳେ। ହେଲେ ଏଠି ଏମିତି ଜଣେ ସେଲିବ୍ରିଟି ରହୁଛନ୍ତି ଯାହାଙ୍କର ପର୍ସନାଲ ଫୋନ ନମ୍ବର ତାଙ୍କ ଅଞ୍ଚଳର ସମସ୍ତ ଭିକାରିଙ୍କ ପାଖରେ ରହିଛି। ସେହି ଅଭିନେତା ଜଣକ ହେଲେ ଜ୍ୟାକି ଶ୍ରଫ। ଗରିବ ପରିବାରରେ ଜନ୍ମିତ ଜ୍ୟାକି ୮୦ ଦଶକ ପୂର୍ବରୁ ମୁମ୍ବାଇରେ ଏକ ଚାଳ ଘରେ ରହୁଥିଲେ। ବଲିଉଡ୍‌ରେ ଅଭିନୟ ପରେ ବଦଳି ଯାଇଥିଲା ତାଙ୍କର ଆର୍ଥିକ ସ୍ଥିତି।




# 'ନେହା ମୋତେ ଭିଲେନ୍ ବନେଇଦେଲେ'

**ମୁମ୍ବାଇ:** ନିଜ ଏକ୍ସପ୍ରେସନ୍ ଆଉ ଉଚ୍ଚକୋଟୀର ଗାୟକୀ ପାଇଁ ଘରେ ଘରେ ପରିଚିତା ନେହା କକ୍କରଙ୍କୁ ନେଇ ଚର୍ଚ୍ଚା। ନେହାଙ୍କ ଏକ୍ସ ବୟଫ୍ରେଣ୍ଡ ହିମାଂଶ କୋହଲିଙ୍କ ବୟାନ ପରେ ଏହି ଚର୍ଚ୍ଚା ଆରମ୍ଭ ହୋଇଛି। ଏ କଥା ସମସ୍ତେ ଜାଣନ୍ତି ଯେ, ଉଭୟଙ୍କ ବ୍ରେକ୍‌ଅପ୍ ହୋଇସାରିଛି। ଆଉ ବ୍ରେକ୍‌ଅପ୍ ପରେ ନିଜକୁ ସମ୍ଭାଳିବା ନେହାଙ୍କ ପାଇଁ କଷ୍ଟକର ଥିଲା। ସେ ଏନେଇ ଅନେକ ଥର ଟିଭି ସ୍କ୍ରିନ୍‌ରେ କାନ୍ଦିଥିବା ମଧ୍ୟ ଦେଖିବାକୁ ମିଳିଛି। ଏପରି କି ସୋସିଆଲ ମିଡିଆରେ ମଧ୍ୟ ପୋଷ୍ଟ ଶେୟାର କରି ସେ ନିଜର ଦୁଃଖ ଜଣାଇଥିଲେ। ଏଥିପାଇଁ ନେହାଙ୍କୁ ଫ୍ୟାନ୍‌ମାନଙ୍କଠାରୁ ଅନେକ ଭଲପାଇବା ଓ ସାନ୍ତ୍ୱନା ମଧ୍ୟ ମିଳିଥିଲା। ହେଲେ ଏସବୁ ନେଇ ହିମାଂଶଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ଆସି ନ ଥିଲା। କିନ୍ତୁ ଏବେ ହିମାଂଶ ନିଜ ପକ୍ଷ ରଖିଛନ୍ତି, ଯାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ନେହା-ହିମାଂଶଙ୍କ ବ୍ରେକ୍‌ଅପ୍ ପରେ ଫ୍ୟାନ୍‌ଙ୍କ ସବୁଠାରୁ ଅଧିକ ଧ୍ୟାନ ଆକର୍ଷଣ କରିଥିଲେ ନେହା। ଏନେଇ ହିମାଂଶ କହିଛନ୍ତି, ତାଙ୍କ ପାଇଁ ମଧ୍ୟ ବ୍ରେକ୍‌ଅପ୍‌ରୁ ବାହାରି ସ୍ୱାଭାବିକ ଜୀବନ ଜୀଇଁବା ସେତିକି କଷ୍ଟଦାୟକ ଥିଲା ଯେତିକି ନେହା କଷ୍ଟ ପାଇଥିଲେ। ଏହା ତାଙ୍କ ଜୀବନର ସବୁଠାରୁ ଦୁଃଖର ଦିନ ଥିଲା ବୋଲି ସେ କହିଛନ୍ତି। ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେବା ସମୟରେ ହିମାଂଶ ନେହାଙ୍କ ସହ ତାଙ୍କ ବ୍ରେକ୍‌ଅପ୍‌ର ଅନେକ ବିଷୟ ଖୁଲାସା କରିଛନ୍ତି।ହିମାଂଶ କହିଛନ୍ତି, ଯେତେବେଳେ ତାଙ୍କୁ ନେହା କକ୍କରଙ୍କ ଏକ୍ସ ବୟଫ୍ରେଣ୍ଡ ବୋଲି ସମ୍ବୋଧନ କରାଯାଏ, ତାଙ୍କୁ ବହୁତ ଦୁଃଖ ଲାଗେ। ଲୋକେ ତାଙ୍କ କାମକୁ ଅଣଦେଖା କରିବା ଉଚିତ ନୁହେଁ। ନେହାଙ୍କ ସହ ତାଙ୍କୁ ଲିଙ୍କ୍ କରିବା ସାମାନ୍ୟ ବିଷୟ। ହେଲେ ଏହା ହିଁ କେବଳ ତାଙ୍କର ପରିଚୟ ପାଲଟିଗଲେ, ତାଙ୍କୁ ବହୁତ କଷ୍ଟ ହୁଏ ବୋଲି ହିମାଂଶ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ୨୦୧୭ରେ ଏକ ଫିଲ୍ମର ପ୍ରମୋଶନ ସମୟରେ ନେହାଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା। ଦୁହେଁ ଦୁହିଁଙ୍କୁ ପସନ୍ଦ କଲେ ଏବଂ ମିଳାମିଶା ଜାରି ରଖିଲେ। ପ୍ରାୟ ୧ ବର୍ଷରୁ ଅଧିକ ସମୟ ଦୁହେଁ ରିଲେସନଶିପ୍‌ରେ ଥିଲେ। ସେ ନିଜ ସମ୍ପର୍କକୁ ନେଇ ଗମ୍ଭୀର ଥିଲେ। ଏପରି କି ହିମାଂଶ ଭବିଷ୍ୟତରେ ନେହାଙ୍କୁ ବିବାହ ମଧ୍ୟ କରିବାକୁ ଚାହୁଁଥିଲେ ବୋଲି କହିଛନ୍ତି। ହେଲେ ପରବର୍ତ୍ତୀ ସମୟରେ ଉଭୟଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହେଲା ଓ ସମ୍ପର୍କ ଆଗକୁ ବଢ଼ିପାରିଲା ନାହିଁ। କିନ୍ତୁ ସେମାନଙ୍କ ବ୍ରେକ୍‌ଅପ୍ ହୋଇ ନ ଥିଲା। ହେଲେ ନେହା ସୋସିଆଲ ମିଡିଆରେ ଏହି ପରିସ୍ଥିତିକୁ ବ୍ରେକ୍‌ଅପ୍ ବୋଲି କହି ଲେଖିବା ଆରମ୍ଭ କଲେ। ପରେ ଉଭୟଙ୍କ ସହମତିରେ ବ୍ରେକ୍‌ଅପ୍ ହୋଇଥିଲା। କିନ୍ତୁ ସମସ୍ତଙ୍କ ସାମ୍ନାରେ ନେହା ତାଙ୍କୁ ଭିଲେନ୍ ସଜେଇଦେଲେ ବୋଲି ହିମାଂଶ କହିଛନ୍ତି। ଏଠାରେ କହିରଖୁଛୁ ଯେ, ୨୦୧୪ରେ ରିଲିଜ୍ 'ୟାରିୟାଁ'ରୁ ସେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ।

# ଆମେରିକାରେ ନ ଥିବେ ଡୋନାଲ୍ଡ ଟ୍ରମ୍ପଙ୍କ ଏମିତି ପ୍ରଶଂସକ !

**ହାଇଦ୍ରାବାଦ୍:** ଫେବୃୟାରୀ ୨୪ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଗସ୍ତରେ ଆସୁଛନ୍ତି। ଏହି ଅବସରରେ ସେ ଅହମଦାବାଦ ଯିବେ। ତାଙ୍କୁ ସ୍ୱାଗତ କରିବା ପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଟ୍ରମ୍ପଙ୍କୁ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ଉତ୍ସୁକତା ବଢ଼ିଛି। ତେବେ ଟ୍ରମ୍ପଙ୍କ ଏକ ନିଆରା ପ୍ରଶଂସକଙ୍କୁ ତେଲଙ୍ଗାନାରେ ଦେଖିବାକୁ ମିଳିଛି। ଏଠାରେ ଜଣେ କୃଷକ ନିଜ ଘରେ ଟ୍ରମ୍ପଙ୍କ ୬ ଫୁଟ ଉଚ୍ଚ ମୂର୍ତ୍ତି ନିର୍ମାଣ କରିଛନ୍ତି। ପ୍ରତିଦିନ ସେ ଏହି ମୂର୍ତ୍ତିକୁ ପୂଜା କରନ୍ତି। କ୍ଷୀରରେ ଅଭିଷେକ କରନ୍ତି। ଏପରିକି ତାଙ୍କ ମୋବାଇଲ୍ ବ୍ୟାକ୍ କଭର୍‌ରେ ବି ଟ୍ରମ୍ପଙ୍କ ଫଟୋ ରହିଛି। ବୁଶା କୃଷ୍ଣା ନାମକ ଏହି ବ୍ୟକ୍ତି ଜଣକ ହାଇଦ୍ରାବାଦଠାରୁ ୧୨୦ କିମି ଦୂରରେ ଥିବା ଜନଗାଓଁ ଜିଲାରେ ରୁହନ୍ତି। ଗତବର୍ଷ ଟ୍ରମ୍ପଙ୍କ ଜନ୍ମଦିନ ଅବସରରେ ସେ ତାଙ୍କ ମୂର୍ତ୍ତି ସ୍ଥାପନ କରିଥିଲେ। ସେ କହିଛନ୍ତି, ଟ୍ରମ୍ପ ଜଣେ ସାହସୀ ନେତା। ନିଜ ଦେଶର ମଙ୍ଗଳ ପାଇଁ ସେ ସବୁକିଛି କରିବାକୁ ପ୍ରସ୍ତୁତ ଥାନ୍ତି। ତାଙ୍କ ଭାରତ ଗସ୍ତକୁ ନେଇ ବେଶ୍ ଖୁସି ଅଛନ୍ତି କୃଷ୍ଣା।

ସୂଚନାଯୋଗ୍ୟ, ପୂର୍ବରୁ ମଧ୍ୟ ହରିୟାଣାର ଏକ ଗ୍ରାମକୁ ଟ୍ରମ୍ପ ନାମରେ ନାମିତ କରାଯାଇଛି। ମେୱାନସ୍ଥିତ ମରୋଡା ଗ୍ରାମରେ ଟ୍ରମ୍ପ ବେଶ୍ ପ୍ରସିଦ୍ଧ। ତେଣୁ ଏହି ଗ୍ରାମକୁ ମରୋଡା ପରିବର୍ତ୍ତେ ଡୋନାଲ୍ଡ ଟ୍ରମ୍ପ ଗ୍ରାମ ବୋଲି ଡକାଯାଉଛି। କିନ୍ତୁ ସରକାରୀ କାଗଜପତ୍ରରେ ମରୋଡା ଗ୍ରାମ ହିଁ ରହିଛି।



## ଇକୋ ଫ୍ରେଣ୍ଡଲୀ ଶେଷକୃତ୍ୟ

# ମୃତଦେହ ହେବ ମାଟି



ୱାଶିଂଟନ: ସ୍ମାର୍ଟ ହେଉଛି ମଣିଷ। ସ୍ମାର୍ଟ ହୋଇଚାଲିଛି ଦୈନନ୍ଦିନ ଜୀବନର ଆଦବକାଇଦା। ସବୁ କିଛି ଯେତେବେଳେ ସ୍ମାର୍ଟ ହେଉଛି ଏଥିରୁ ଶେଷକୃତ୍ୟ ବାଦ୍ ପଡ଼ନ୍ତା ବା କେମିତି! ମର ଶରୀରକୁ ଦାହ କରିବା ଦ୍ୱାରା ସୃଷ୍ଟି ହେଉଥିବା କାର୍ବନ ନିର୍ଗମନ ରୋକିବାକୁ ଆମେରିକାରେ ଆରମ୍ଭ ହୋଇଛି ଇକୋ ଫ୍ରେଣ୍ଡଲୀ ସତ୍କାର ବ୍ୟବସ୍ଥା। ଏହାଦ୍ୱାରା କାର୍ବନକୁ ବହୁ ପରିମାଣରେ କମାଇ ଦିଆଯାଇପାରିବ। ତା' ସହିତ ମୃତଶରୀର ଅପଘଟିତ ହେବା ପରେ ସେଥିରୁ ସୃଷ୍ଟି ହେବ ମାଟି। ପରୀକ୍ଷାମୂଳକ ଭାବେ ଆରମ୍ଭ ହୋଇଥିବା ଏହି ପଦ୍ଧତି ୨୦୨୧ ସୁଦ୍ଧା ବ୍ୟବସାୟିକ ଭିତ୍ତିରେ ଲାଗୁ ହେବ। ଏହା ହେବ ପୃଥିବୀର ପ୍ରଥମ ଇକୋ ଫ୍ରେଣ୍ଡଲୀ ମୃତଦେହ ସତ୍କାର ବ୍ୟବସ୍ଥା ବୋଲି ବିଶେଷଜ୍ଞମାନେ କହିଛନ୍ତି।

ଇକୋ ଫ୍ରେଣ୍ଡଲୀ ମୃତଦେହ ସତ୍କାର ବ୍ୟବସ୍ଥାରେ ଏକ ସ୍ୱତନ୍ତ୍ର ବକ୍ସରେ ପାର୍ଥିବ ଶରୀର ସହ କାଠଖଣ୍ଡ, ଗଛର ଅବଶେଷ ରଖି ନିବୁଜ କରିଦିଆଯାଏ। ଏହାକୁ ବୈଦ୍ୟୁତିକ ପଦ୍ଧତିରେ ଲଗାତର ଘୂରା ଯାଇଥାଏ। ବକ୍ସର ତାପମାତ୍ରା ୫୫ ଡିଗ୍ରୀ ସେଲ୍‌ସିୟସ ଛୁଇଁବା ପରେ ସେଥିରୁ ଏକ ପ୍ରକାର ଜୀବାଣୁ ସୃଷ୍ଟି ହୋଇଥାନ୍ତି। ଉକ୍ତ ଜୀବାଣୁ ମରଶରୀରରେ ପ୍ରବେଶ କରି ମାତ୍ର ୩୦ ଦିନରେ ମୃତଦେହକୁ ନଷ୍ଟ କରିଦେଇଥାନ୍ତି। ପାର୍ଥିବ ଶରୀର ଅପଘଟିତ ହୋଇଯିବା ପରେ କିଛି ମାଟି ଏବଂ ହାଡ଼ ଅବଶେଷ ଭାବେ ରହିଯାଏ। ପରୀକ୍ଷାମୂଳକ ଭାବେ ଆରମ୍ଭ ହୋଇଥିବା ଏହି ପଦ୍ଧତିକୁ ଅଧିକ ବିକଶିତ କରାଯାଉଛି। ବ୍ୟବସାୟିକ ଭିତ୍ତିରେ ଲାଗୁ କରାଯିବା ପୂର୍ବରୁ ହାଡ଼ ମଧ୍ୟ ଯେପରି ବିଘଟିତ ହୋଇପାରିବ ସେହି ବ୍ୟବସ୍ଥା କରାଯିବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଏପରି ନିଆରା ପଦ୍ଧତିରେ ଅଦ୍ୟାବଧି ୬ ମୃତଦେହର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

ଏହି ପଦ୍ଧତି ବିକଶିତ କରୁଥିବା କମ୍ପାନୀ 'ରିକମ୍ପୋଜ'ର କହିବା କଥା, ଇକୋ ଫ୍ରେଣ୍ଡଲୀ ମୃତଦେହ ସତ୍କାର ବ୍ୟବସ୍ଥା ପାରମ୍ପରିକ ସଂସ୍କାର ପ୍ରକ୍ରିୟା ତୁଳନାରେ ଅଧିକ ପରିବେଶ ଉପଯୋଗୀ। ପାରମ୍ପରିକ ପଦ୍ଧତିରେ ହେଉଥିବା ଦାହ ସଂସ୍କାରରେ ପାଖାପାଖି ଗୋଟିଏ ଟନ୍ ଯାଏ କାର୍ବନ ନିର୍ଗମନ ହୋଇଥାଏ। ହେଲେ ନୂତନ କରି ଆରମ୍ଭ ହୋଇଥିବା ପଦ୍ଧତି ସମ୍ପୂର୍ଣ୍ଣ କାର୍ବନ ମୁକ୍ତ ହେବ। ୱାଶିଂଟନ ଷ୍ଟେଟ୍ ୟୁନିଭର୍ସିଟିର ବିଶେଷଜ୍ଞ କହିଛନ୍ତି ଯେ, ଏହି ପଦ୍ଧତିରେ ମାତ୍ର ୩୦ଦିନରେ ପାର୍ଥିବ ଶରୀର ସମ୍ପୂର୍ଣ୍ଣ ଅପଘଟିତ ହୋଇଯିବ। ଉଚ୍ଚ ତାପମାତ୍ରା ଯୋଗୁ ମୃତ ଶରୀରରେ ଥିବା କ୍ଷତିକାରକ ଜୀବାଣୁ ମଧ୍ୟ ନଷ୍ଟ ହୋଇଯିବେ, ଯାହା ସଂକ୍ରମଣଜନିତ ଆଶଙ୍କାକୁ ଅନେକାଂଶରେ ରୋକିପାରିବ।

# ପାରମ୍ପରିକ ଚିକିତ୍ସା ରୋକିପାରିବ କରୋନା

**ନୂଆଦିଲ୍ଲୀ:** ଚାଇନାରୁ ଆରମ୍ଭ ହୋଇଥିବା କରୋନା ଭାଇରସ୍ ସଂକ୍ରମଣ ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଦିନ କେଇଟା ଭିତରେ ପ୍ରାୟ ୨୭ ଦେଶକୁ ବ୍ୟାପୀ ସାରିଥିବା ବେଳେ କେବଳ ଚାଇନାରେ ପାଖାପାଖି ୧୮୦୦ ଲୋକଙ୍କ ଜୀବନ ନେଇ ବିଶ୍ୱବ୍ୟାପୀ ମହାମାରୀର ରୂପ ଧାରଣ କରିଛି। ଅଦ୍ୟାବଧି ୭୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଏହି ଭୂତାଣୁ ସଂକ୍ରମଣର ଶିକାର ହୋଇଛନ୍ତି। ତେବେ ସାରା ଦୁନିଆର ବୈଜ୍ଞାନିକଙ୍କ ଶତଚେଷ୍ଟା ସତ୍ତ୍ୱେ ଏ ପର୍ଯ୍ୟନ୍ତ ଏହାର ଆଣ୍ଟିଡୋଟ୍ ବାହାରି ପାରିନାହିଁ। ଏହି ମହାମାରୀ ପାଇଁ ପାଖାପାଖି ୮୦ ପ୍ରକାରର କ୍ଲିନିକାଲ୍ ଟ୍ରାଏଲ୍‌ସ ବାହାରିଛି, କିନ୍ତୁ କୌଣସିଥିରୁ ସୁଫଳ ମିଳିପାରିନାହିଁ। କରୋନା ଭାଇରସ୍ ସଂକ୍ରମଣ ରୋକିବା ପାଇଁ ଷ୍ଟେମ୍ ସେଲ୍ ଥେରାପିଠାରୁ ଆରମ୍ଭ କରି ଏଚ୍‌ଆଇଭି ଡ୍ରଗ୍ସର ବ୍ୟବହାର କରି ବିଫଳ ହେବା ପରେ ଏବେ ଚାଇନା ପାରମ୍ପରିକ ଚିକିତ୍ସାଶୈଳୀକୁ ଆପଣାଇଛି। ରୋଗୀଙ୍କ ଚିକିତ୍ସା ପାଇଁ ପ୍ରାୟ ୩ ହଜାର ବର୍ଷ ପୁରୁଣା ଚିକିତ୍ସା ପଦ୍ଧତି ଆପଣାଯାଉଛି। ହୁବେଇର ସ୍ୱାସ୍ଥ୍ୟ ଆୟୋଗର ନୂତନ ପ୍ରମୁଖ ୱାଙ୍ଗ ହେସେଙ୍ଗ କହିଛନ୍ତି, ପାରମ୍ପରିକ ଚିକିତ୍ସା ଦ୍ୱାରା ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ କିଛିଟା ଉନ୍ନତି ଆସୁଥିବା ଦେଖାଯାଉଛି। ତେଣୁ ଚାଇନାର ପାରମ୍ପରିକ ଚିକିତ୍ସା ବିଶେଷଜ୍ଞମାନଙ୍କୁ ଅନୁସନ୍ଧାନ ପାଇଁ ହୁବେଇ ପଠାଯାଇଛି। ଉହାନ ହସ୍ପିଟାଲରେ ଏହି ପାରମ୍ପରିକ ପଦ୍ଧତିରେ ଚିକିତ୍ସା କରାଯାଉଛି, ଯାହାକୁ ଟ୍ରାଡିସନାଲ ଚାଇନିଜ୍ ମେଡିସିନ୍ (ଟିସିଏମ୍) କୁହାଯାଉଛି। ତେବେ ଏହି ଚିକିତ୍ସା




ପଦ୍ଧତି ଦ୍ୱାରା ରୋଗୀଙ୍କ କ୍ଷେତ୍ରରେ ସାମାନ୍ୟ ଉନ୍ନତି ଦେଖାଯାଉଥିବାରୁ ଚାଇନା ଲୋକମାନଙ୍କ ମନରେ ଏକ ନୂତନ ଆଶା ସଞ୍ଚାର କରିଛି।

# ଦେବତାଙ୍କ ଅଦାଲତ

ଛତିଶଗଡ଼ ବସ୍ତର ଜିଲାରେ ଥିବା କାଣ୍ଡଗାଁରେ ଦେଖିବାକୁ ମିଳେ ଏକ ନିଆରା ପରମ୍ପରା। ଏହି ଗାଁର ଅଧିବାସୀମାନେ କୌଣସି ଅଭିଯୋଗର ଶୁଣାଣି ପାଇଁ କୋର୍ଟ ଅବା ଥାନାର ଦ୍ୱାରସ୍ଥ ହୋଇ ନ ଥାଆନ୍ତି। ଗାଁ ମଧ୍ୟରେ ବସୁଥିବା ଈଶ୍ୱର ବା ଦେବତାଙ୍କ ଅଦାଲତରେ ସବୁ ସମସ୍ୟାର ସମାଧାନ କରାଯାଇଥାଏ।



କେହି କେହି ଏହାକୁ ମାଟି କୋର୍ଟ, ଭିମା କୋର୍ଟ ମଧ୍ୟ କହିଥାଆନ୍ତି। ଆଉ ଏହି କୋର୍ଟର ପ୍ରତିନିଧି ଭାବେ ଗାଁ ମୁଖିଆ ସମସ୍ତ ଅଭିଯୋଗର ଶୁଣାଣି କରିଥାଆନ୍ତି। ଗାଁ ବାହାରେ ଗଛମୂଳେ ଏହି କୋର୍ଟ ବସିଥାଏ। ଆଉ ଭୁଲ୍ କରିଥିବା ବ୍ୟକ୍ତି ସର୍ବସମ୍ମୁଖରେ ଗଛ ମୂଳରେ ଠିଆ ହେବା ଭୟରେ ଏଠାରେ ଲୋକେ ଅପରାଧ କରିବାକୁ ଭୟ କରିଥାଆନ୍ତି ବୋଲି କୁହାଯାଏ। ସୁପ୍ରିମକୋର୍ଟ ଭଳି ଏହା ଗାଁର ସର୍ବୋଚ୍ଚ କୋର୍ଟ ବୋଲି ଗ୍ରାମବାସୀ ମାନିଥାଆନ୍ତି। ଏହାସର ଗାଁର ସମସ୍ତ ଶୁଭକାର୍ଯ୍ୟ ଏହି ମାଟି ଦେବତାଙ୍କୁ ପୂଜା କରି ଆରମ୍ଭ କରିବାର ମଧ୍ୟ ପରମ୍ପରା ରହିଛି। ଏହାକୁ ନେଇ ଅନେକ ଲୋକ କଥା ମଧ୍ୟ ରହିଛି।

# ଗୁଡ୍ ବାଏ କହିବା ଏତେ ସହଜ ନୁହେଁ: ଅନୁଷ୍କା

**ମୁମ୍ବାଇ:** ବଲିଉଡ୍ ନାୟିକା ଅନୁଷ୍କା ଶର୍ମା ଓ ଭାରତୀୟ କ୍ରିକେଟ ଦଳର କ୍ୟାପଟେନ୍ ବିରାଟ କୋହଲିଙ୍କ ଯୋଡି ଅଧିକାଂଶ ସମୟରେ ଥାଆନ୍ତି ଚର୍ଚ୍ଚାରେ। ବିବାହ ପରେ ଅନୁଷ୍କା ଏକ ପ୍ରକାର ଅଭିନୟଠାରୁ ଦୂରେଇ ରହିଥିବା ବେଳେ ସେ ବିରାଟଙ୍କ ସହ କ୍ୱାଲିଟି ଟାଇମ୍ ସ୍ପେଣ୍ଡ କରୁଛନ୍ତି ବୋଲି କୁହାଯାଏ। ଅନେକ ସମୟରେ ଅନୁଷ୍କା ବିରାଟଙ୍କ ସହ ବିଦେଶ ଭ୍ରମଣ କରୁଥିଲେ ବି କେବେ କେବେ ଯାଇ ପାରନ୍ତି ନାହିଁ। ସୋସିଆଲ ମିଡିଆରେ ଖୁବ୍ ଆକ୍ଟିଭ ଥିବା ଏହି ନାୟିକା ନିକଟରେ ଏମିତି ଏକ ପୋଷ୍ଟ କରିଛନ୍ତି ଯାହା ତାଙ୍କ ପ୍ରଶଂସକଙ୍କୁ ବେଶ୍ ପସନ୍ଦ ଆସିଛି। ଅନୁଷ୍କା ଲେଖିଛନ୍ତି ସମୟ ସହ ତାଳ ଦେଇ ଗୁଡବାୟ କହିବା ଆପଣମାନେ ଭାବୁଥିବେ ସହଜ କଥା। ହେଲେ ଏହା ଏତେଟା ସହଜ ନୁହେଁ ବୋଲି ସେ କହିଛନ୍ତି। ଅବଶ୍ୟ ଏମିତି କେବେ ହୋଇନି ବୋଲି ବି ସେ ଲେଖିଛନ୍ତି। ଅର୍ଥାତ୍ କେବେ କେବେ ବିରାଟଙ୍କଠାରୁ ଦୂରରେ ରହିବା ତାଙ୍କୁ କଷ୍ଟ ଦିଏ ବୋଲି ସେ ପରୋକ୍ଷରେ କହିଛନ୍ତି ବୋଲି କୁହାଯାଉଛି। ଏହି ମେସେଜ୍ ସହ ସେ ଯେଉଁ ଫଟୋ ଶେୟାର କରିଛନ୍ତି ତାହା ମଧ୍ୟ ଅନେକଙ୍କୁ ପସନ୍ଦ ଆସିଛି। କାରଣ ମାତ୍ର କେଇ ଘଣ୍ଟା ମଧ୍ୟରେ ପାଖାପାଖି ୧୭ ଲକ୍ଷ ୟୁଜର୍ସ ଏହାକୁ ଲାଇକ୍ କରିବା ସହ ଶେୟାର ମଧ୍ୟ କରିସାରିଛନ୍ତି।




# 'ନେକେଡ୍ ଫେଷ୍ଟିଭାଲ୍'

**ଓକାୟାମା :** ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ପରମ୍ପରା ଦେଖିବାକୁ ମିଳେ। ଜାପାନରେ ଏକ ଅଜବ ପରମ୍ପରା ଦେଖିବାକୁ ମିଳିଛି। ପ୍ରତିବର୍ଷ ଫେବୃୟାରୀ ମାସର ଦ୍ୱିତୀୟ ଶନିବାର ଦିନ ହଡ୍‌କା ମତ୍ସୁରୀ ନାମକ ଏକ ଉତ୍ସବ ପାଳନ କରାଯାଏ। ଏହାକୁ 'ନେକେଡ୍ ଫେଷ୍ଟିଭାଲ୍' ମଧ୍ୟ କୁହାଯାଏ। ଏହି ଉତ୍ସବକୁ ଲୋକମାନେ କମ କପଡା ପିନ୍ଧି ଆସିଥାନ୍ତି। ଜାପାନରେ ଓକାୟାମା ସହରରେ ଥିବା ସୌଦାଇଜି କାନ୍ନୋନିନ୍ ମନ୍ଦିରରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥାଏ। ଚଳିତବର୍ଷ ଫେବୃୟାରୀ ୧୫ରେ ମଧ୍ୟ 'ନେକେଡ୍ ଫେଷ୍ଟିଭାଲ୍'ର ଆୟୋଜନ କରାଯାଇଥିଲା। ଏଠାକୁ ଆସିଥିବା ଲୋକେ କେବଳ ଏକ ଧଳା ରଙ୍ଗର ଛୋଟ ତଉଲିଆ ପିନ୍ଧିଥାନ୍ତି। ଏହାକୁ ସ୍ଥାନୀୟ ଭାଷାରେ ଫୁଦେଶୀ ବୋଲି କୁହାଯାଏ। ଏହି ଉତ୍ସବ ମାତ୍ର ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲେ। ଗୋଟିଏ ସ୍ଥାନରେ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଛିଡା ହୋଇ ରହିଥାନ୍ତି। ସେମାନଙ୍କ ଉପରେ ଠାକୁରଙ୍କ ଫୁଲ ପକାଯାଏ। କଥିତ ଅଛି, ଯିଏ ଏହାକୁ ଧରନ୍ତି ସେମାନଙ୍କ ପାଇଁ ବର୍ଷଟି ଭଲରେ ବିତେ। ଏହି ଉତ୍ସବରେ ଯୋଗ ଦେବାକୁ ଜାପାନର ବିଭିନ୍ନ ସହରରୁ ଲୋକ ଆସନ୍ତି।



## ସଂକ୍ଷେପରେ

### ୨୨ରେ ସାହିତ୍ୟ ମହୋତ୍ସବ

**କେନ୍ଦ୍ରାପଡା ଅଫିସ, ୧୮।୨:** ଆସନ୍ତା ୨୨ ଓ ୨୩ ତାରିଖ ଦୁଇଦିନ ଧରି ସାହିତ୍ୟ ମହୋତ୍ସବ ସହରର ଗରାପୁର ଠାରେ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ଆୟୋଜକ କେମ୍ ପକ୍ଷରୁ ସହରର ମାଧପୁରସ୍ଥିତ ଅମର ଉଦ୍ୟାନରେ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । କେମ୍ ସଭାପତି ଅକ୍ଷୟ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ସାହିତ୍ୟ ମହୋତ୍ସବର ଆୟୋଜନ ସହିତ ଗତ ଜାନୁୟାରୀ ୬ ତାରିଖରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପୁସ୍ତକ ମେଳା ଆୟ ବ୍ୟୟର ହିସାବ ସମୀକ୍ଷା ହୋଇଥିଲା । ସମ୍ପାଦକ ମହମ୍ମଦ ଜାହିଦ ଖାଁ ପୁସ୍ତକ ମେଳାର ଆୟ ବ୍ୟୟ ତଥ୍ୟ ଉପସ୍ଥାପନା କରିଥିଲେ । ମୁଖ୍ୟ ଉପଦେଷ୍ଟା ଡ. ବିରଜା ପ୍ରସାଦ ରାଉତରାୟ ସାହିତ୍ୟ ମହୋତ୍ସବ ପାଇଁ ବିଭିନ୍ନ ସଦସ୍ୟଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ । କେନ୍ଦ୍ରାପଡା ଡେଭଲପମେଣ୍ଟ ଫାଉଣ୍ଡେଶନ ଓ କେମ୍‌ର ମିଳିତ ଆୟୋଜନରେ ସାହିତ୍ୟ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ଏଠାରେ ନିଷ୍ପତ୍ତି ନିଆ ଯାଇଥିଲା । ଏଥିସହ ପ୍ରତ୍ୟହ ସାରସ୍ୱତ, ସାଂସ୍କୃତିକ ଓ ବୌଦ୍ଧିକ କାର୍ଯ୍ୟସୂଚୀ ନେଇ ଆଲୋଚନା ହୋଇଥିଲା । ଏହି ବୈଠକରେ ମାତୃଦତ୍ତ ମହାନ୍ତି, ନବଜ୍ୟୋତି ରାୟ, ଜ୍ୟୋତିପ୍ରକାଶ ନାୟକ, ପ୍ରଦ୍ୟୁମ୍ନ ବେହେରା, ତାରିଣୀ ପାଢୀଯୋଶୀ, ଶେଷଦେବ ଦାସ, ଶୁଭ୍ରାଂଶୁ ଦାସ, ନୃସିଂହ ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ୧୦୩ କେନ୍ଦ୍ରରେ ୨୦,୬୧୫ ପରୀକ୍ଷାର୍ଥୀ

**କେନ୍ଦ୍ରାପଡା ଅଫିସ, ୧୮।୨**

**କେନ୍ଦ୍ରାପଡ଼ା ଜିଲା**
- ୯ ନୋଡାଲ ସେଣ୍ଟରରେ ରହିବ ପ୍ରଶ୍ନପତ୍ର
- ୨୦ ଡେସ୍‌ପାଚ୍ ଟିମ, ରାଜନଗରରେ ୪ ଟିମ୍
- କପି ରୋକିବା ପାଇଁ ୪ ସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା

ଚଳିତ ଶିକ୍ଷାବର୍ଷର ମାଟ୍ରିକ ପରୀକ୍ଷା ବୁଧବାର ଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିନିମନ୍ତେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଥିବା ସୂଚନା ମିଳିଛି । ଚଳିତବର୍ଷ ଜିଲାରେ ୧୦୩ ପରୀକ୍ଷା କେନ୍ଦ୍ରରେ ୨୦୬୧୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ । ଏଥିପାଇଁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଜିଲାର ୯ଟି ବ୍ଲକ ଅଞ୍ଚଳ ମଧ୍ୟରେ ୯ ନୋଡାଲ ସେଣ୍ଟର ଚିହ୍ନଟ ହୋଇଛି । ସେଗୁଡିକ ହେଲା ମାର୍ଶାଘାଇ ବ୍ଲକର ମାର୍ଶାଘାଇ ଉଚ୍ଚ ବିଦ୍ୟାଳୟ, କେନ୍ଦ୍ରାପଡାର ବାଲିଆ ହାଇସ୍କୁଲ ସହିତ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ଗରଦପୁର ବ୍ଲକର ପାଟକୁରା ହାଇସ୍କୁଲ, ପଟ୍ଟାମୁଣ୍ଡାଇ ବ୍ଲକର କଷଣଅଷ୍ଟା ପଞ୍ଚାୟତ ହାଇସ୍କୁଲ, ଆଳି ବ୍ଲକର ଆଳି ହାଇସ୍କୁଲ, ରାଜନଗର ବ୍ଲକର ରାଜନଗର ହାଇସ୍କୁଲ, ମହାକାଳପଡାର କେୟାରବାଙ୍କ ହାଇସ୍କୁଲ ଓ ରାଜକନିକା ବ୍ଲକର ରାଜେନ୍ଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟ । ଏହି ନୋଡାଲ ସେଣ୍ଟରରୁ ପ୍ରଶ୍ନପତ୍ର ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରକୁ ଯିବ । ପ୍ରତି ନୋଡାଲ ସେଣ୍ଟର ପାଇଁ ୨ଟି ଡେସପାଚ୍ ଟିମ ଥିବା ବେଳେ ରାଜନଗର ନୋଡାଲ ସେଣ୍ଟରରେ ୪ ଟିମ୍ ପ୍ରସ୍ତୁତ ହୋଇଛି । ୧୦୩ ପରୀକ୍ଷା କେନ୍ଦ୍ର ମଧ୍ୟରୁ ୪ଟି କେନ୍ଦ୍ରରେ ମୁକ୍ତ ହାଇସ୍କୁଲ, ମଧ୍ୟମା ଓ ମଦ୍ରାସା ଶିକ୍ଷାର୍ଥୀ ପରୀକ୍ଷା ଦେବେ । ପ୍ରତି ପରୀକ୍ଷା କେନ୍ଦ୍ର ପାଇଁ ଜଣେ ସୁପରିଣ୍ଟେଣ୍ଡେଣ୍ଟ ଥିବା ବେଳେ

**ଆଜି ଠାରୁ ମାଟ୍ରିକ ପରୀକ୍ଷା**

୧୦୭ ଜଣ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟଙ୍କୁ ବିଭିନ୍ନ କେନ୍ଦ୍ର ନିମନ୍ତେ ନିଯୁକ୍ତି ଦିଆଯାଇଛି । ସମୁଦାୟ ୧୭୭୫ ଜଣ କର୍ମଚାରୀଙ୍କୁ ବିଭିନ୍ନ କାର୍ଯ୍ୟ ନିମନ୍ତେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ନିଯୁକ୍ତି ମିଳିଛି । ସେହିପରି କପି ରୋକିବା ନିମନ୍ତେ ୪ ସ୍ତରୀୟ ସ୍କ୍ୱାଡ୍‌ର ବ୍ୟବସ୍ଥା କରାଯାଇଛି । ପରୀକ୍ଷା ପରିଚାଳନା ନିମନ୍ତେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହିତ ଶାନ୍ତିଶୃଙ୍ଖଳା ବଜାୟ ରଖିବା ନିମନ୍ତେ ପ୍ରତି କେନ୍ଦ୍ରରେ ପୋଲିସ ମୁତୟନ ପାଇଁ ବନ୍ଦୋବସ୍ତ କରାଯାଇଛି ବୋଲି ସଂଯୋଜକ ପୀତବାସ ପଣ୍ଡା ସୂଚନା ଦେଇଛନ୍ତି ।

# ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ

- ସୂଚନା ଅଧିକାରି କର୍ମୀଙ୍କ ହତ୍ୟା ଘଟଣା




ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସୂଚନା ଅଧିକାର କର୍ମୀମାନେ ।

**ପୁରୀ ଅଫିସ, ୧୮।୨**

କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଅନ୍ତର୍ଗତ ମାଣିକପୁର ଗାଁର ସୂଚନା ଅଧିକାର କର୍ମୀ ରଞ୍ଜନ କୁମାର ଦାସଙ୍କ ହତ୍ୟା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ, ଅଭିଯୁକ୍ତଙ୍କୁ ଗିରଫ ଏବଂ ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଦାବିରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୁରୀ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଇଛି । ଓଡ଼ିଶା ସୂଚନା ଅଧିକାର ଅଭିଯାନ ପୁରୀ ଜିଲା ଶାଖା ପକ୍ଷରୁ ଦିଆଯାଇଥିବା ଏହି ସ୍ମାରକପତ୍ରରେ ୬ଟି ଦାବି ରହିଛି । ଏଗୁଡ଼ିକ ହେଲା ସ୍ଥାନୀୟ ପୋଲିସର ନିଷ୍କ୍ରିୟତା ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରିଥିବାରୁ ଡିଜିପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ହତ୍ୟାକାଣ୍ଡର ତଦନ୍ତ କରାଯାଉ । ରଞ୍ଜନଙ୍କ ହତ୍ୟା ମାମଲାରେ ଅନୁସୂଚିତ ଜାତି, ଜନଜାତି (ନିର୍ଯାତନା ନିବାରଣ) ଆଇନ, ୧୯୯୮ ଆଧାରରେ ଦଫା ଲଗାଇ ନ ଥିବା ମାର୍ଶାଘାଇ ଥାନା ଅଧିକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ । ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ତାଙ୍କୁ ସୁରକ୍ଷା ଯୋଗାଇଦେବା ଲାଗି ରଞ୍ଜନ ୨୦୧୯ ଡିସେମ୍ବର ୧୧ରେ ପାଟକୁରା ଥାନାରେ ଜଣାଇଥିଲେ । କିନ୍ତୁ କୌଣସି ପଦକ୍ଷେପ ନେଇ ନ ଥିବାରୁ ଥାନା ଅଧିକାରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଉ । ରଞ୍ଜନଙ୍କ ପୂର୍ବ ଏତଲା ଓ ଏବେ ତାଙ୍କ ହତ୍ୟାକାଣ୍ଡ ସମ୍ପର୍କିତ ଏତଲାକୁ ଏକତ୍ର କରି ତଦନ୍ତ କରାଯାଇ ଅପରାଧୀଙ୍କୁ ଗିରଫ କରାଯାଉ । ଏଥିସହ ତାଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି । ବଟକୃଷ୍ଣ ପ୍ରଧାନ, କାହ୍ନୁଚରଣ ପ୍ରଧାନ, ସୂର୍ଯ୍ୟନାରାୟଣ ରଥ, ସନ୍ତୋଷ କୁମାର ମହାନ୍ତି, ବୁଲଆ ଦାସ, ଭଗବାନ ନାୟକ, ଲକ୍ଷ୍ମୀଧର ଜେନା, ଧରଣୀଧର ବରାଳ ପ୍ରମୁଖ ଜିଲାପାଳ ବଲଓ୍ୱନ୍ତ ସିଂଙ୍କୁ ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ଛାତ୍ର କଂଗ୍ରେସ ପକ୍ଷରୁ ପାଟନାଳୀ ଉଦ୍ଧାର ଦାବି

**କେନ୍ଦ୍ରାପଡା ଅଫିସ, ୧୮।୨**



ଛାତ୍ର କଂଗ୍ରେସ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଉଛି ।

ଓଡିଶା ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ସହର ମଧ୍ୟରେ ଥିବା ପାଟନାଳୀ ଉଦ୍ଧାର ପାଇଁ ଦାବି ହୋଇଛି । ଏନେଇ ରାଜ୍ୟ ସଂଯୋଜକ ଉମେଶ ପାଢ଼ୀଙ୍କ ନେତୃତ୍ୱରେ କେନ୍ଦ୍ରାପଡା ତହସିଲଦାରଙ୍କୁ ଏକ ଦାବିପତ୍ର ମଙ୍ଗଳବାର ପ୍ରଦାନ କରାଯାଇଛି । ଏ ନେଇ ରାଜ୍ୟ ସଂଯୋଜକ ପାଢୀ କହିଛନ୍ତି ଯେ, କେନ୍ଦ୍ରାପଡା ଜିଲା ପାଇଁ ଗୋବରୀ ନଦୀ ଗୁରୁତ୍ୱ ବହନ କରେ । ଏଥିରୁ ନିଷ୍କାସିତ ଜଳରେ କ୍ଷେତରେ ଜଳସେଚନ ସହିତ ଦୈନନ୍ଦିନ କାର୍ଯ୍ୟରେ ଲାଗେ । ତେବେ କେତେକ ପାଟନାଳୀ ଏବେ ଜବରଦଖଲକୁ ଚାଲି ଯାଉଥିବାରୁ ଏହାର ଜଳ ଧାରା ସଙ୍କୁଚିତ ହେବା ସହ କୋଠାଘର ହେଉଛି । ସହରର ଜ୍ଞାନପୀଠ ଛକ ନିକଟରେ ଥିବା ପାଟନାଳୀ ଏହାର ସଦ୍ୟତମ ଉଦାହରଣ । ଏହି ନାଳୀକୁ ଗୋଟିଏ ଘରୋଇ ବିଦ୍ୟାଳୟ ଜବରଦଖଲ କରି ରଖିଛି । ଜବରଦଖଲ ନ ହଟିଲେ ଆନ୍ଦୋଳନ ହେବ ବୋଲି ସେ ପ୍ରକାଶ କରିଛନ୍ତି । ଏହି ଅବସରରେ ତହସିଲଦାର ହେମଲତା ବାହାଲିଆଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଦାବିପତ୍ର ପ୍ରଦାନ ସମୟରେ ପ୍ରଦ୍ୟୁମ୍ନ କୁମାର ମଲ୍ଲିକ, ବିନୋଦ ବିହାରୀ ମଲ୍ଲିକ, ବିକାଶ ନାୟକଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ ।

## ମହାକାଳପଡ଼ା ବ୍ଲକ : ୧୬ ପରୀକ୍ଷା କେନ୍ଦ୍ରରେ ୩୩୦୧ ପରୀକ୍ଷାର୍ଥୀ

**ମହାକାଳପଡା,୧୮।୨ (ଡି.ଏନ୍.ଏ.)**

ବୁଧବାର ମହାକାଳପଡା ବ୍ଲକର ମୋଟ ୧୬ପରୀକ୍ଷା କେନ୍ଦ୍ରରେ ୩୩୦୧ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଛି । ପରୀକ୍ଷା କେନ୍ଦ୍ରଗୁଡିକ ଚତୁଃପାର୍ଶ୍ୱରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ଜମ୍ବୁ ହାଇସ୍କୁଲ, ବାରଡାଙ୍ଗର ଜଗମୋହନ ହାଇସ୍କୁଲ, ଲକ୍ଷ୍ମୀ ନାରାୟଣ ବିଦ୍ୟାପୀଠ ଆଶ୍ରମ ବାଲିକୁଦା, ଗାନ୍ଧିଜୀ ବିଦ୍ୟାପୀଠ ଗୋଜାବନ୍ଧ, ଲଳିତ କୁମାରୀ ବିଦ୍ୟାପୀଠ ମାଲିଅଞ୍ଚରେ ସିସି କ୍ୟାମେରା ଲଗାଯାଇଛି ।

## ଅଗ୍ନିକାଣ୍ଡରେ ଗୁହାଳ ଜଳିଗଲା, ୨ଗାଈ ଅର୍ଦ୍ଧ ଦଗ୍ଧ



**ଡେରାବିଶ,୧୮।୨(ସ୍ୱ.ପ୍ର.):** ଡେରାବିଶ ଥାନା ଅନ୍ତର୍ଗତ ଏଣ୍ଡର ପଞ୍ଚାୟତର ନୀଳକଣ୍ଠପୁର-୨(ବେଜ ପାଟଣା) ଗ୍ରାମରେ ରବିବାର ଅଗ୍ନିକାଣ୍ଡ ଘଟି ନୃସିଂହ ବିହାରୀଙ୍କ ଗୋଟିଏ ବଖରା ଘର ଓ ଗୁହାଳ ଜଳିଯାଇଛି । ଅଗ୍ନିକାଣ୍ଡରେ ଗୁହାଳରେ ବନ୍ଧା ହୋଇଥିବା ୨ଜର୍ସି ଗାଈ ଅର୍ଦ୍ଧ ଦଗ୍ଧ ହୋଇଯାଇଛନ୍ତି । ଏହାଛଡା ନୃସିଂହଙ୍କ ଘରେ ଥିବା ଆସବାବପତ୍ର ସମେତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଭସ୍ମୀଭୂତ ହୋଇଯାଇଥିଲା । ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣା ପଡିନାହିଁ । ଗୁହାଳରେ ଦିଆଯାଇଥିବା ମଶା ଧୂଆଁ ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି । ଖବର ପାଇ ଡେରାବିଶ ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ କରିଥିଲେ । ଅଗ୍ନିବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ସାମାଜିକ କର୍ମୀ ପ୍ରାଧାପକ ଅଜୟ କୁମାର ରାଉତ ବିପନ୍ନ ପରିବାରକୁ ଭେଟି ଶୁଖିଲା ଖାଦ୍ୟ, ପାଲ ଓ ଆର୍ଥିକ ସହାୟତା ପ୍ରଦାନ କରିଥିଲେ ।

# ଆଶା ସାଥୀ ସଂଘର କର୍ମକର୍ତ୍ତା ନିର୍ବାଚନ

**କେନ୍ଦ୍ରାପଡା ଅଫିସ, ୧୮।୨**

ସହରର ତିନିମୁହାଣୀସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଭାରତୀୟ ମଜଦୁର ସଂଘ ପରିଚାଳିତ ଆଶାସାଥୀ ସଂଘର ବୈଠକ ସହ କର୍ମକର୍ତ୍ତା ନିର୍ବାଚନ ସୋମବାର ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ମଜଦୁର ସଂଘ ଜିଲା ସଭାପତି ପ୍ରଭାତ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ପ୍ରଭାରୀ ଅକ୍ଷୟ କୁମାର ଦାସ, ସମ୍ପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ, ଜ୍ୟୋତ୍ସ୍ନାରାଣୀ ସିଂହ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବୈଠକରେ ସଂଗଠନର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ଅବସରରେ ଆଶା ସାଥୀ ସଂଘର ଜିଲା କମିଟି ଗଠନ ହୋଇଥିଲା । ଏଥିରେ ସଭାନେତ୍ରୀ ଭାବେ ମଞ୍ଜୁଲତା ସାମଲ, ଉପସଭାନେତ୍ରୀ ମଧୁସ୍ମିତା ଓଝା, ସମ୍ପାଦିକା ରାଜଲକ୍ଷ୍ମୀ ସୂତାର, ସହ ସମ୍ପାଦିକା ଚନ୍ଦନା ଲେଙ୍କା ଓ କୋଷାଧ୍ୟକ୍ଷ ଭାବେ ମମତା ସ୍ୱାଇଁଙ୍କୁ ନିର୍ବାଚିତ କରାଯାଇଥିଲା ।




ବୈଠକରେ ଯୋଗଦେଇଥିବା ଆଶାକର୍ମୀମାନେ ।

## ଘରୋଇ କଳିକୁ କେନ୍ଦ୍ର କରି ଗଣ୍ଡଗୋଳ ଘଟଣା
## ଚିକିତ୍ସାଧୀନ ପୁତୁରାଙ୍କ ମୃତ୍ୟୁ

**ପଟ୍ଟାମୁଣ୍ଡାଇ,୧୮।୨ (ସ୍ୱ.ପ୍ର)**

ଘରୋଇ କଳିକୁ ନେଇ ହୋଇଥିବା ଗଣ୍ଡଗୋଳ ଘଟଣାରେ ଗୁରୁତର ଆହତ ହୋଇ କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଥିବା ତ୍ରିଲୋଚନ ମହାଲିକଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି । ପ୍ରକାଶ ଯେ, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ତଥା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୨ ନଂ ୱାର୍ଡ ବକ୍ତାରପୁର ଗ୍ରାମରେ ଘରୋଇ ଜାଗା ବାଡିକୁ କେନ୍ଦ୍ର କରି ଦାଦା ପୁତୁରାଙ୍କ ମଧ୍ୟରେ ଗତ ରବିବାର ମାରପିଟ୍ ହୋଇଥିଲା । ଏଥିରେ ପୁତୁରା ତ୍ରିଲୋଚନ ଗୁରୁତର ଭାବେ ଆହତ ହୋଇ ପ୍ରଥମେ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ । ମାତ୍ର ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହୋଇ ପଡିବାରୁ ସୋମବାର ତାଙ୍କୁ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା । ଗଣ୍ଡଗୋଳକୁ ନେଇ ରବିବାର ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଏତଲା ହୋଇଥିଲା । ପୋଲିସ୍ ପକ୍ଷରୁ ଥାନା କେଶ୍ ନଂ-୮୮/୨୦୨୦ରେ ଏକ ମାମଲା ରୁଜୁ କରାଯାଇଛି ।

# ଭେଙ୍କଟେଶ୍ୱର ସ୍କୁଲର ବାର୍ଷିକ ଉତ୍ସବ

**ପଟ୍ଟାମୁଣ୍ଡାଇ, ୧୮।୨ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ୧୪ନଂ ୱାର୍ଡ ଅନ୍ତର୍ଗତ ପୋଖରୀଆପଡା ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ସ୍କୁଲର ୧୩ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗ ମୁଖ୍ୟ ଡ. ସଦାନନ୍ଦ ନାୟକ ମୁଖ୍ୟଅତିଥି, ସ୍ତମ୍ଭକାର ସୌମେନ୍ଦ୍ର ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ଭଲ ପାଠ ପଢି ସ୍କୁଲର ସୁନାମ ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ । ସାଲେପୁର ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ପ୍ରଫେସର ଦେବନାରାୟଣ ପତି ସମ୍ମାନିତ ଅତିଥି, ସ୍କୁଲର ପ୍ରତିଷ୍ଠାତା ସଭାପତି ସଞ୍ଜୟ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷୟିତ୍ରୀ ଲିପିକା ଖୁଣ୍ଟିଆ ଅତିଥି ପରିଚୟ ଦେଇଥିଲା ବେଳେ ନମିତା ସୂତାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅଧକ୍ଷ ପ୍ରତାପ ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷକ ମହେନ୍ଦ୍ର ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ । ସୁଚିତ୍ରା ସାହୁ, ସଞ୍ଜୟ ଜେନା, ପ୍ରଫୁଲ୍ଲ ପାତ୍ର, ରବୀନ୍ଦ୍ର ଭଞ୍ଜ, ରତ୍ନାକର କବି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସ୍କୁଲର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବା ସହିତ ନାଟକ ଅଲୋଡା ମଣିଷ ପ୍ରଦର୍ଶନ କରିଥିଲେ ।

# ପୋଲିସରେ ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନାହିଁ

**କେନ୍ଦ୍ରାପଡା ଅଫିସ,୧୮।୨**

ରାଜ୍ୟ ସରକାର ପୋଲିସ ପ୍ରଶାସନର କାର୍ଯ୍ୟକୁ ୫-ଟିରେ ଅନ୍ତର୍ଭୁକ୍ତ କରିଛନ୍ତି । ତେବେ କେନ୍ଦ୍ରାପଡା ଜିଲାରେ ଏହାର ପ୍ରଭାବ ଦେଖିବାକୁ ମିଳୁନାହିଁ । ସଦର ଥାନା ଅଧୀନ ଓସ୍ତପୁର ଗ୍ରାମର ନଳିନୀକାନ୍ତ ବେହେରାଙ୍କୁ ଜୀବନରୁ ମାରି ଦେବା ପାଇଁ କେତେକ ବ୍ୟକ୍ତି ଧମକ ଦେଇଥିଲେ । ଏନେଇ ଅନ୍‌ଲାଇନରେ ସେ ଗତ ୧୨ ତାରିଖରେ ଅଭିଯୋଗ କରିବା ସହିତ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରାପଡା ଏସପିଙ୍କୁ ଟୁଇଟ ମାଧ୍ୟମରେ ଜଣାଇଥିଲେ । ଅଭିଯୋଗକୁ ଇତିମଧ୍ୟରେ ୪ ଦିନ ବିତିଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଅଭିଯୋଗକାରୀ ମହାନ୍ତି କ୍ଷୋଭର ସହ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ମାରିଦେବା ଧମକର ସମସ୍ତ ପ୍ରମାଣ ଦେବା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନ ହେବା ଜିଲା ପୋଲିସର ଅବହେଳାକୁ ପ୍ରଦର୍ଶିତ କରିଛି ।

# ୯ ସେଣ୍ଟରରେ ୧୮୫୪ ପରୀକ୍ଷାର୍ଥୀ

**ଡେରାବିଶ,୧୮।୨(ସ୍ୱ.ପ୍ର.)**

**ଡେରାବିଶ ବ୍ଲକ**

ସମଗ୍ର ରାଜ୍ୟରେ ବୁଧବାର ଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେଉଛି । ଏହି ପରୀକ୍ଷାକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି । ଚଳିତବର୍ଷ ଡେରାବିଶ ବ୍ଲକ ଅଧୀନରେ ୯ଟି ପରୀକ୍ଷା କେନ୍ଦ୍ର ଖୋଲାଯାଇଛି । ଏହି ପରୀକ୍ଷା କେନ୍ଦ୍ରରେ ସମୁଦାୟ ୧୮୫୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଡେରାବିଶ ହାଇସ୍କୁଲରେ ୧୪୫ ଜଣ ରେଗୁଲାର ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଥିବା ବେଳେ ଏକ୍ସ ରେଗୁଲାର ଛାତ୍ରୀଛାତ୍ରଙ୍କ ସଂଖ୍ୟା ୩ ରହିଛି । ସେହିପରି ଠାକୁରହାଟ ସୁଦର୍ଶନ ହାଇସ୍କୁଲରେ ରେଗୁଲାର ଛାତ୍ରୀଛାତ୍ରଙ୍କ ସଂଖ୍ୟା ୧୮୬ ରହିଛି । ବେଲାରପୁର ଭଗବତୀ ସରକାରୀ ଉଚ୍ଚବିଦ୍ୟାଳୟରେ ରେଗୁଲାର ଛାତ୍ରୀଛାତ୍ର ୧୬୦ ଓ ଏକ୍ସରେଗୁଲାର ଛାତ୍ରୀଛାତ୍ର ୪ ଜଣ, ବଳଭଦ୍ରପୁର ବାଲୁଙ୍କେଶ୍ୱର ବିଦ୍ୟାପୀଠରେ ରେଗୁଲାର ଛାତ୍ରୀଛାତ୍ର ୧୮୭, ଫକୀରାବାଦ ରାମଚନ୍ଦ୍ର ଉଚ୍ଚବିଦ୍ୟାପୀଠରେ ରେଗୁଲାର ଛାତ୍ରୀଛାତ୍ର ୨୩୬ ଓ ଏକ୍ସରେଗୁଲାର ୬ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ । ଅଢ଼ଙ୍ଗା ମଲ୍ଲୀକେଶ୍ୱରପୁରର ମଲ୍ଲୀକେଶ୍ୱର ଉଚ୍ଚବିଦ୍ୟାଳୟରେ ରେଗୁଲାର ଛାତ୍ରୀଛାତ୍ର ୨୦୫ ଓ ଏକ୍ସ ରେଗୁଲାର ୪ ଜଣ ପରୀକ୍ଷା ଦେବେ । ସତ୍ୟବିହାର ଲାଲବାହାଦୂର ହାଇସ୍କୁଲରେ ରେଗୁଲାର ୧୯୯ ଥିବା ବେଳେ ଏକ୍ସରେଗୁଲାର ଛାତ୍ରୀଛାତ୍ର ୫ ଜଣ ରହିଛନ୍ତି । ଦୋହଳୀ ବିବି ମଡେଲ ହାଇସ୍କୁଲରେ ୨୪୮ ଜଣ ରେଗୁଲାର ଛାତ୍ରୀଛାତ୍ର ଓ ଜଣେ ଏକ୍ସରେଗୁଲାର ଛାତ୍ର ରହିଛନ୍ତି । ଛକନା ଶାରଦା ଏକାଡେମୀରେ ରେଗୁଲାର ୨୬୦ ରହିଥିବା ବେଳେ ଏକ୍ସରେଗୁଲାର ଛାତ୍ରୀଛାତ୍ରଙ୍କ ସଂଖ୍ୟା ୫ ରହିଛି । ଏହି ପରୀକ୍ଷା କେନ୍ଦ୍ରଗୁଡିକରେ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ୩୦ ଯାଏ ପରୀକ୍ଷା ହେବ । ଏହି କେନ୍ଦ୍ରଗୁଡିକ ପାଇଁ କେନ୍ଦ୍ରାପଡା ବ୍ଲକ ଅଧୀନ ବାଲିଆ ସରକାରୀ ଉଚ୍ଚବିଦ୍ୟାଳୟରେ କଡା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ରଖାଯାଇଛି । ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ସକାଳ ୮ଟାରୁ ୮ଟା ୩୦ ମଧ୍ୟରେ ପ୍ରଶ୍ନପତ୍ର ପହଞ୍ଚିବା ପାଇଁ ବୋର୍ଡ କର୍ତ୍ତୃପକ୍ଷଙ୍କ ପକ୍ଷରୁ କଡାକଡି ନିର୍ଦ୍ଦେଶ ଦିଆଯାଇଛି । ଜିଲାରେ ଅନୁଷ୍ଠିତ ପରୀକ୍ଷା କେନ୍ଦ୍ର ପାଇଁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ୨ଟି ସ୍କ୍ୱାଡ୍ ନିଯୁକ୍ତ କରାଯାଇଥିବା ବେଳେ ସେକେଣ୍ଡାରୀ ବୋର୍ଡ ପକ୍ଷରୁ ଗୋଟିଏ ସ୍କ୍ୱାଡ୍ ନିଯୁକ୍ତ କରାଯାଇଥିବା ଶିକ୍ଷା କାର୍ଯ୍ୟାଳୟ ସୂତ୍ରରୁ ସୂଚନା ଦିଆଯାଇଛି । ବ୍ଲକ ଅଧୀନରେ ୯ଟି ପରୀକ୍ଷା କେନ୍ଦ୍ର ଖୋଲା ଯାଇଥିବା ବେଳେ ଶାରଦା ଏକାଡେମୀ ଓ ରାମଚନ୍ଦ୍ର ଉଚ୍ଚବିଦ୍ୟାପୀଠରେ ସିସିଟିଭି କ୍ୟାମେରା ଲଗାଯାଇଛି ।

# ଅବରୋଧ ହଟିଲା, ନିର୍ମାଣ କାର୍ଯ୍ୟ ପାଇଁ ବାଟ ଫିଟିଲା

**ମାର୍ଶାଘାଇ,୧୮।୨(ଡି.ଏନ.ଏ.)**

ପୁରାତନ ମାର୍ଶାଘାଇ ହାଟର ଆଧୁନିକୀକରଣ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ଜନୈକ ବ୍ୟବସାୟୀଙ୍କୁ ବେଆଇନ ଦଖଲ ଛାଡିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ସେଥିରେ ବ୍ୟତିକ୍ରମ ହେବାରୁ ମାର୍ଶାଘାଇ ତହସିଲଦାର ନିରଞ୍ଜନ ସାହୁ ମଙ୍ଗଳବାର ପୂର୍ବାହ୍ନରେ ସଶସ୍ତ୍ର ପୋଲିସ ବାହିନୀ ସହାୟତାରେ ଜେସିବି ଲଗାଇ ଉକ୍ତ ସ୍ଥାନରୁ ଜବରଦଖଲ ଉଚ୍ଛେଦ କରିଛନ୍ତି । ମାର୍ଶାଘାଇ ହାଟ ନିକଟରେ ଥିବା ଏକ ପରିତ୍ୟକ୍ତ ପୁଷ୍କରଣୀକୁ ପୋତି ସେଠାରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଅର୍ଥ ବ୍ୟବସ୍ଥା ହୋଇଛି । ତେବେ ସଂପୃକ୍ତ ବ୍ୟବସାୟୀ ଜଣକ ରାସ୍ତା ଅବରୋଧ କରିବା ଯୋଗୁ ଏହି କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିଲା । ଏ ନେଇ ଅଭିଯୋଗ ହେବା ପରେ ଜବରଦଖଲ ଉଚ୍ଛେଦ କରାଯାଇଛି । ଏହାକୁ ସ୍ଥାନୀୟ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି । ଅନ୍ୟପକ୍ଷରେ ମାର୍ଶାଘାଇ ବଜାର ଉପରେ ବହୁ ଲୋକ ନିର୍ଭର କରିଥାନ୍ତି । ଏହି ବଜାର ନିକଟରେ କଲେଜ, ତହସିଲ ଅଫିସ, ସବ ରେଜେଷ୍ଟ୍ରି ଅଫିସ ଆଦି ରହିଛି । ତେବେ ଅଣଓସାରିଆ ରାସ୍ତା ଯୋଗୁ ବିଭିନ୍ନ ସମସ୍ୟା ଉପୁଜିଥାଏ । ଜୁଣଛକ ନିକଟରୁ ବନମାଳୀ ଛକ ପର୍ଯ୍ୟନ୍ତ ରାସ୍ତା ସଂକୀର୍ଣ୍ଣ ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହିତ ଛୋଟ ବଡ ଦୁର୍ଘଟଣା ଘଟିଥାଏ । ଜୁଣଛକ ନିକଟରୁ ବନମାଳୀ ଛକ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ହୋଇଥିବା ଅବରୋଧ ହଟାଇ ରାସ୍ତା ପ୍ରଶସ୍ତୀକରଣ କରାଯିବା ପାଇଁ ସାଧାରଣରେ ଦାବି ହେଉଛି ।



ଜବରଦଖଲ ଉଚ୍ଛେଦ କରାଯାଉଛି ।

## ସଂକ୍ଷେପରେ

### ବିଦ୍ୟୁତ୍ ତାର ଓହଳିଥିବା ଅଭିଯୋଗ

**କେନ୍ଦ୍ରାପଡା ଅଫିସ, ୧୮।୨:** ସହରର ୨ନମ୍ବର ୱାର୍ଡ ବଡବାରଙ୍ଗ ଗ୍ରାମର ବଡବାରଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରୁ ମଧ୍ୟଖଣ୍ଡି ଗ୍ରାମ ପର୍ଯ୍ୟନ୍ତ ଯାଇଥିବା ରାସ୍ତାରେ ୧୧ କେଭି ତାର ତଳେ ଏଲଟି ଲାଇନ ତାର ଯାଇଛି । ଏହି ତାର ଅଧିକାଂଶ ସ୍ଥାନରେ ବହୁ ତଳକୁ ଓହଳି ରହିଥିବା ବିଦ୍ୟୁତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ସୋମବାର ଅଭିଯୋଗ ହୋଇଛି । ଏ ସମ୍ପର୍କରେ ବଡବାରଙ୍ଗ ଗ୍ରାମର ଗଣେଶ୍ୱର ମେକାପ କହିଛନ୍ତି ଯେ, ବହୁ ବର୍ଷ ପୂର୍ବେ ଏହି ତାର ଟଣା ଯାଇଥିଲା । ଏବେ ରାସ୍ତା ଉପରକୁ ଓହଳି ପଡିଛି । ବିଭିନ୍ନ ସମୟରେ ଗାଡି ଓ ବିବାହ ପ୍ରସେଶନ ଯାଉଥିବା ବେଳେ ବିପଦ ସୃଷ୍ଟି କରୁଛି । ବିଦ୍ୟୁତ ଦୁର୍ଘଟଣା ଆଶଙ୍କା ଥିବା ଦର୍ଶାଇ ଗ୍ରାମବାସୀ ବହୁବାର ବିଭାଗୀୟ କର୍ମକର୍ତ୍ତାଙ୍କ ସହ ପୌରନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ବିଦ୍ୟୁତ ବିଭାଗ ନିର୍ବାହୀ ଯନ୍ତ୍ରୀ ଆସନ୍ତା ୩ ଦିନ ମଧ୍ୟରେ ଏହି ତାରକୁ ନ ସଜାଡିଲେ ଆନ୍ଦୋଳନ ହେବ ବୋଲି ସେ ପ୍ରକାଶ କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ଗ୍ରାମବାସୀ ସାମିଲ ହୋଇଥିଲେ ।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ଡେରାବିଶ,୧୮।୨(ସ୍ୱ.ପ୍ର.) -ଡେରାବିଶ ବ୍ଲକ ଅଧୀନ ବାରିମୂଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ତ୍ରିଲୋଚନ ଦାସ (୬୯)ଙ୍କ ତାଙ୍କ ରାୟପୁରସ୍ଥିତ ବାସଭବନରେ ସୋମବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ସେ ବହୁ ଜନହିତକର କାର୍ଯ୍ୟ କରିଥିଲେ । ତାଙ୍କ ବିୟୋଗରେ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ ଗଭୀର ଶୋକ ପ୍ରକାଶ କରିଛନ୍ତି ।

# ଜିଲା କଂଗ୍ରେସର ଶୋଭାଯାତ୍ରା, ବିକ୍ଷୋଭ

- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ
- ଗୋବରୀ ନଦୀ ଓ କେନାଲ ନବୀକରଣ ଦାବି

**କେନ୍ଦ୍ରାପଡା ଅଫିସ, ୧୮।୨**

କେନ୍ଦ୍ରାପଡା ଜିଲାର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଜିଲା କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମଙ୍ଗଳବାର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ଏହି ଅବସରରେ କଜଳାସ୍ଥିତ ଜିଲା କଂଗ୍ରେସ ଭବନରୁ ନେତା ଓ କର୍ମୀମାନେ ଏକ ଶୋଭାଯାତ୍ରାରେ ଆସି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ ଜିଲା ସଭାପତି ଚିନ୍ମୟ ବେହୁରାଙ୍କ ଅଧ୍ୟକ୍ଷତାରେ ସେଠାରେ ଏକ ସଭା ହୋଇଥିଲା । ଏଥିରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ରାଜନଗର ବିଧାୟକ ଅଂଶୁମାନ ମହାନ୍ତି, ପୂର୍ବତନ ଆଳି ବିଧାୟକ ଦେବେନ୍ଦ୍ର ଶର୍ମା, ନଗର ସଭାପତି ସୌମେନ୍ଦ୍ର ପୃଷ୍ଟି, ବରିଷ୍ଠ ନେତା ଶିବ ପ୍ରସାଦ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ । ସେମାନେ ଜିଲାରେ ମେଡିକାଲ କଲେଜ ସ୍ଥାପନ, କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟରେ ପରିଣତ କରିବା, ଗୋବରୀ ନଦୀ ଓ କେନାଲକୁ ନବୀକରଣ କରିବା, ବିଗତ ୨ ବର୍ଷରେ ସାମୁଦ୍ରିକ ଝଡରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ ଦାବି ଉପସ୍ଥାପନ କରିଥିଲେ । ସେମାନେ ଦର୍ଶାଇଥିଲେ ଯେ, କେନ୍ଦ୍ରାପଡା ଜିଲାରେ ଡାକ୍ତର ଅଭାବ ଲାଗି ରହିଛି । ସେହିପରି ଶାମଗୁଡିଆଠାରେ ନିର୍ମାଣାଧୀନ ମାତୃ ଶିଶୁ ସଦନ କାର୍ଯ୍ୟ ସମାପ୍ତ ହେଉନାହିଁ । ଫଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇଛି । ମେଡିକାଲ କଲେଜ ସ୍ଥାପନ ହେଲେ ଜିଲାବାସୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ଅନେକାଂଶରେ ଦୂର ହୋଇପାରିବ ବୋଲି କହିଥିଲେ । ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ କେନ୍ଦ୍ରପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ରାଜ୍ୟର ଅନ୍ୟ ଅନୁଦାନପ୍ରାପ୍ତ କଲେଜଠାରୁ ଆଗରେ ଥିବା ସର୍ଭେ ରିପୋର୍ଟରେ ପ୍ରକାଶିତ ହୋଇଛି । ଏଥିସହ ଚାଷୀଙ୍କ ସୁରକ୍ଷାକୁ ରାଜ୍ୟ ସରକାର ଗୁରୁତ୍ୱ ଦେବାକୁ ନେତାମାନେ ଆହ୍ୱାନ ଦେଇଥିଲେ । ବିକ୍ଷୋଭରେ ବରିଷ୍ଠ ନେତା ସଞ୍ଜୟ ରାଉତ, ସମ୍ମିତ ଶ୍ରୀଚନ୍ଦନ, ପ୍ରଫୁଲ୍ଲ ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ ।


କଂଗ୍ରେସ ପକ୍ଷରୁ ଆୟୋଜିତ ଶୋଭାଯାତ୍ରାରେ ସାମିଲ ନେତୃମଣ୍ଡଳୀ ।

# ଅନ୍ଧାରରେ ରକ୍ତ ଭଣ୍ଡାର କର୍ମଚାରୀଙ୍କ ଭବିଷ୍ୟତ

## ୨ ବର୍ଷ ହେବ କାର୍ଯ୍ୟକାରୀ ହେଉନି ସରକାରଙ୍କ ନିଷ୍ପତ୍ତି

**ଭୁବନେଶ୍ୱର, ୧୮।୨ (ବ୍ୟୁରୋ)**

ରାଜ୍ୟ ସରକାର ୨୦୧୭ ସେପ୍ଟେମ୍ବର ୨୯ରେ ରାଜ୍ୟର ୫୬ ରକ୍ତ ଭଣ୍ଡାରକୁ ନିଜ ଅଧୀନକୁ ନେଲେ । ଏହାସତ୍ତ୍ୱେ ୨୫ ବର୍ଷ ଧରି ରକ୍ତ ଭଣ୍ଡାରରେ କାମକରୁଥିବା କର୍ମଚାରୀ ସ୍ୱଳ୍ପ ବେତନରେ କାମ କରୁଛନ୍ତି । ନିଜର ହକ୍ ପାଇଁ ୨୦୧୮ ନଭେମ୍ବରରେ ଏହି କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଲେ । ଏହାପରେ ରାଜ୍ୟ ସରକାର ରହିଥିବା ନୀତିନିୟମକୁ ଆଧାର କରି କେତେଜଣ କର୍ମଚାରୀଙ୍କୁ ସ୍ଥାୟୀ ଓ ଆଉକେତେଜଣଙ୍କୁ ଯୋଗ୍ୟତା ଅନୁସାରେ ବେତନ ଦେବା ପାଇଁ ଏକ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ନେଇଥିଲେ । ୩ମାସ ମଧ୍ୟରେ ନିଷ୍ପତ୍ତି କାର୍ଯ୍ୟକାରୀ କରିବାକୁ ସରକାର କହିଥିଲେ ମଧ୍ୟ ତାହା ଏଯାଏ କାର୍ଯ୍ୟକାରୀ ହୋଇପାରିନି । ଫଳରେ ଏବେ ଏମାନଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇଯାଇଛି ବୋଲି ରକ୍ତ ଭଣ୍ଡାର କର୍ମଚାରୀ ସଂଘ ମଙ୍ଗଳବାର ଏକ ପ୍ରେସ୍ ବିବୃତ୍ତିରେ ପ୍ରକାଶ କରିଛି ।

ସଂଘ ସଭାପତି ମଳୟ ବେହେରା କହିଛନ୍ତି, ରାଜ୍ୟ ସରକାରଙ୍କ ଜୀବନ ବିନ୍ଦୁ କାର୍ଯ୍ୟକ୍ରମକୁ ସଫଳ କରିବା ହେଉ କି ଜେଏସ୍‌ଏସ୍‌କେ ଯୋଜନାରେ ମା ଓ ଶିଶୁଙ୍କ ମୃତ୍ୟୁ ହାର କମାଇବା ହେଉ, ସବୁଥିଲେ ରକ୍ତଭଣ୍ଡାର କର୍ମଚାରୀ ନିଜର ଆପ୍ରାଣ ଚେଷ୍ଟା ଓ କାର୍ଯ୍ୟନିଷ୍ଠା ଦର୍ଶାଇଛନ୍ତି । ଏପରି କି ଥାଲାସେମିଆ, ସିକେଲ ସେଲ୍ ଓ ହେମୋଫେଲିଆ ପରି ରୋଗକୁ ମୁକାବିଲା କରିବାରେ ମଧ୍ୟ ରକ୍ତ ଭଣ୍ଡାର କର୍ମଚାରୀଙ୍କର ଅବଦାନ ରହିଛି । ସଂଘ ସମ୍ପାଦକ ରମଣୀ ରଞ୍ଜନ ଗଡ଼ନାୟକ କହିଛନ୍ତି, ପୂର୍ବରୁ ରୋଗୀମାନେ ଯେଉଁ ରକ୍ତ ନେଉଥିଲେ, ସେହି ସେବା ଦେୟରୁ ରକ୍ତ ଭଣ୍ଡାର କର୍ମଚାରୀମାନେ ବେତନ ପାଉଥିଲେ । କିନ୍ତୁ ସରକାର ରକ୍ତଭଣ୍ଡାରଗୁଡ଼ିକୁ ନିଜ ହାତକୁ ନେବା ପରେ ଏବେ ରକ୍ତ ମାଗଣାରେ ଦିଆଯାଉଛି । ଫଳରେ ସେମାନଙ୍କୁ ମିଳୁଥିବା ସେବାଦେୟ ମିଳିପାରୁନାହିଁ । ରକ୍ତଭଣ୍ଡାରର ସେବାଦେୟ ଦିନକୁ ଦିନ ସରୁଥିବା ବେଳେ କର୍ମଚାରୀମାନେ ବେତନ ପାଇବାରେ ସକ୍ଷମ ହୋଇପାରୁନାହାଁନ୍ତି ।

# ରାଜକନିକା ବ୍ଲକରେ ୨୧୧୦ ମାଟ୍ରିକ ପରୀକ୍ଷାର୍ଥୀ

**ରାଜକନିକା,୧୮।୨(ଡି.ଏନ୍.ଏ.)**

ବୁଧବାର ରାଜକନିକା ବ୍ଲକର ୩୬ଟି ହାଇସ୍କୁଲର ମୋଟ ୨୧୧୦ ଜଣ ମାଟ୍ରିକ ପରୀକ୍ଷାର୍ଥୀ ୧୧ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବାକୁ ଯାଉଛନ୍ତି । ରାଜକନିକାର ଆରଏନ ହାଇସ୍କୁଲକୁ ନୋଡାଲ ସେଣ୍ଟର କରାଯାଇଥିବା ବେଳେ ପରୀକ୍ଷା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ରାଜକନିକାର ଆରଏନ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨୭୨ ଜଣ, ରାଜକନିକା ଗାର୍ଲସ ହାଇସ୍କୁଲରେ ୧୫୨,ଓଲାଭର ନୋଡାଲ ହାଇସ୍କୁଲରେ ୨୭୨,ହାଟସାହି ନୋଡାଲ ହାଇସ୍କୁଲରେ ୧୪୫, ଦେଉଳତରାର ଲକ୍ଷ୍ମୀନାରାୟଣ ନୋଡାଲ ହାଇସ୍କୁଲରେ ୧୬୪, ବିପି ହାଇସ୍କୁଲ କଣ୍ଡିଆହାଟରେ ୧୬୦ ଜଣ ପରୀକ୍ଷା ଦେବେ । ସେହିପରି ପେଗରପଡା ନୋଡାଲ ହାଇସ୍କୁଲରେ ୨୪୨ ଜଣ, ଜୟନଗର ନୋଡାଲ ହାଇସ୍କୁଲରେ ୨୩୪ ,ଭାରିଗଦା ନୋଡାଲ ହାଇସ୍କୁଲରେ ୧୪୩, କନିକା ହାଇସ୍କୁଲ ଆୟତନରେ ୧୮୫, ଉତ୍କଳମଣି ବିଦ୍ୟାପୀଠ ଡାଳିକାଏନ୍ଦାରେ ୧୪୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଯାଉଛନ୍ତି । ପ୍ରଥମ ଥର ପାଇଁ ପେଗରପଡା, ଭାରୀଗଦା, ଡାଳିକାଏନ୍ଦା, ଜୟନଗର ଓ ଆୟତନ ପରୀକ୍ଷା କେନ୍ଦ୍ରରେ ସିସି କ୍ୟାମେରା ଲଗାଯାଇଛି ।

# ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

**କେନ୍ଦ୍ରାପଡା ଅଫିସ, ୧୮।୨**

ସହରର ମେହେବୁବାବାଦସ୍ଥିତ ଷ୍ଟାଣ୍ଡାର୍ଡ ପବ୍ଲିକ ସ୍କୁଲ ପରିସରରେ ଏକ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଜିଲା ପ୍ରଶାସନ ପକ୍ଷରୁ ସୋମବାର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଡା.ସଞ୍ଜୟ କୁମାର ପଟ୍ଟନାୟକ ଓ ଶିଶୁରୋଗ ବିଶେଷଜ୍ଞ ଡା.ପ୍ରଶାନ୍ତ କୁମାର ଜେନା ଯୋଗଦେଇ ସ୍କୁଲ ଓ ସ୍ଥାନୀୟ ମଦ୍ରାସାର ୧୬୮ ଜଣ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏଥିସହିତ ସେମାନଙ୍କୁ ମାଗଣା ଔଷଧ ବଣ୍ଟନ କରିଥିଲେ । ଏପିଏମ ସଙ୍ଗୀତା ରାଉତରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରେ ଜିଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀ ମିନତି ନାୟକ, ମୀନାକ୍ଷୀ ରାଉତରାୟ, କମଳା କାଣ୍ଡି,ଚାରୁଲତା ମହାରଣା ପ୍ରମୁଖ ସହାୟତା କରିଥିଲେ । ସ୍କୁଲ ଅଧ୍ୟକ୍ଷ ଏନାମୁଲ ହକଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ସହଯୋଗ କରିଥିଲେ ।

# ସୂଚନା ମାଗିବାରୁ ହତ୍ୟା ଧମକ ଅଭିଯୋଗ



ଜମ୍ବୁ ଥାନାରେ ଅମିତାଭ ଚାନ୍ଦ ଅଭିଯୋଗ ପତ୍ର ଦେଉଛନ୍ତି ।

**କେନ୍ଦ୍ରାପଡା ଅଫିସ, ୧୮।୨**

ସୂଚନା ଆଇନ ଅଧିକାରରେ ତଥ୍ୟ ମାଗିଲେ ମିଳୁଛି ହତ୍ୟା ଧମକ । ଓଡିଶା ଜନ ସୂଚନା ଅଧିକାର ଅଭିଯାନ (ଓସା)ର କେନ୍ଦ୍ରାପଡା ଜିଲା ଆବାହକ ରଞ୍ଜନ ଦାସଙ୍କ ପରି ହତ୍ୟା କରାଯିବ ବୋଲି ସରକାରୀ କାର୍ଯ୍ୟାଳୟର ଜଣେ ଅଧିକାରୀ ଧମକ ଦେଉଛନ୍ତି । ଏପରି ଗୁରୁତର ଅଭିଯୋଗ ଆଣିଛନ୍ତି ସୂଚନା ଅଧିକାର କର୍ମୀ ଜମ୍ବୁ ଥାନା ଅନ୍ତର୍ଗତ ରାମନଗର ଗ୍ରାମର ଅମିତାଭ ଚାନ୍ଦ । ଏ ନେଇ ସେ ମଙ୍ଗଳବାର ଜମ୍ବୁ ଥାନାରେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଅମିତାଭ କହିଛନ୍ତି ଯେ, ଜିଲାର ଚଣ୍ଡିଆପଲ୍ଲୀ ସେତୁ, ଅଙ୍ଗୁଳାଇ ଓରତ ରାସ୍ତା ଓ ଦାସପଡା ଖରିନାସୀ ଜେଟି ରାସ୍ତା ନିର୍ମାଣ ସଂପର୍କରେ ଗତ ଜାନୁୟାରୀ ୧୬ ତାରିଖରେ ପୂର୍ତ୍ତ ବିଭାଗକୁ ଆରଟିଆଇରେ ତଥ୍ୟ ମାଗିଥିଲେ । ଏଠାରୁ ତଥ୍ୟ ମିଳି ନ ଥିବା ବେଳେ ଏହି ବିଭାଗର ଜଣେ କର୍ମଚାରୀ ଫୋନ ଯୋଗେ ହତ୍ୟା ଧମକ ଦେବା ସହ ଆରଟିଆଇ ଆବେଦନକୁ ପ୍ରତ୍ୟାହାର କରି ନେବାକୁ ଚେତାବନୀ ଦେଇଥିଲେ । ପୂର୍ବରୁ ଓସାର ଜିଲା ଆବାହକ ରଞ୍ଜନଙ୍କ ମୃତ୍ୟୁ ହୋଇଥିବାରୁ ତାଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେ ଥାନାରେ ଜଣାଇଥିବା ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଥାନା ପୋଲିସ କହିଛନ୍ତି ଯେ, ଅମିତାଭଙ୍କ ଅଭିଯୋଗ ପତ୍ର ମିଳିଛି । ପ୍ରାଥମିକ ତଦନ୍ତ ପରେ ମାମଲା ରୁଜୁ ହେବ ।

# ମାର୍ଶାଘାଇ ମହିଳା କଲେଜରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥିମାନେ ।

**ମାର୍ଶାଘାଇ,୧୮।୨(ଡି.ଏନ.ଏ.)**

ମାର୍ଶାଘାଇ ବ୍ଲକର ମାର୍ଶାଘାଇ ମହିଳା ଜୁନିୟର କଲେଜରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ କଲେଜର ୧୨୦ଜଣ ଛାତ୍ରୀ ଭାଗ ନେଇ ପ୍ରଶିକ୍ଷଣ ନେଇଥିଲେ । ଏହି ଅବସରରେ ପ୍ରଶିକ୍ଷିକା ପୁଷ୍ପାଞ୍ଜଳୀ ନାୟକ ଓ ଗୁରୁପ୍ରିୟା ସାମନ୍ତରାୟ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ପାଇଁ ବିଭିନ୍ନ କୌଶଳ ଶିକ୍ଷା ଦେଇଥିଲେ । ୧୨ଦିନ ଧରି ଚାଲିଥିବା ଏହି ଶିବିରର ଉଦ୍‌ଯାପନୀ ସଭାରେ ଛାତ୍ରୀମାନଙ୍କ ଦ୍ୱାରା ଆତ୍ମରକ୍ଷାର କୌଶଳମାନ ପ୍ରଦର୍ଶିତ କରାଯାଇଥିଲା । ସଭାରେ କଲେଜର ଅଧ୍ୟକ୍ଷା ଜ୍ୟୋସ୍ନାମୟୀ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷଣ ନେଇଥିବା ଛାତ୍ରୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ । ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିରର ସଂଯୋଜକ ଆଧାପକ ଦୀପକ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷାଙ୍କ ସମେତ ଅଧାପକ ହାଡିବନ୍ଧୁ ଦାସ,ଡ. ଦୀପକ କୁମାର ଦଳାଇ,ଅଧାପିକା ଅର୍ଚ୍ଚନା ରାଉତରାୟ,ଦୀପ୍ତିରେଖା ଷଡ଼ଙ୍ଗୀ, ମମତା ଦାସ, ସରୋଜିନୀ ଷଡ଼ଙ୍ଗୀ, କର୍ମଚାରୀ ସିକ୍ତା ଦାସ ପ୍ରମୁଖ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କର୍ମଚାରୀ ଜ୍ୟୋତିର୍ମୟୀ ମହାପାତ୍ର, ଶାନ୍ତିଲତା ପ୍ରଧାନ, ନବକିଶୋର ସେଠୀ ପ୍ରମୁଖ ସହାୟତା କରିଥିଲେ ।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

REQUIRED
Parts Manager / Executive, Warranty Manager/ Executive, Sales consultant, Telecaller, MIS Executive, Technicians, Bodyshop Advisors, Driver & Peon.
Contact : 0674-6668822 / 6667709
mail: admin@capitalford.net & edp.bhubaneswar@renault-india.com / cc - siddharth9909@gmail.com

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱର ରେ ଘରୋଇ ଗାଡି ଚଳାଇବା ନିମନ୍ତେ ଡ୍ରାଇଭର ଆବଶ୍ୟକ
ମାସିକ ଦରମା ୧୩୦୦୦/-
Ph : 7894458651
(Call Timing : 12.00-6.00 ମଧ୍ୟରେ)

ରୋଷେୟା ଆବଶ୍ୟକ
ଭୁବନେଶ୍ୱରରେ ଘରେ ରୋଷେଇ କରିବା ପାଇଁ ରୋଷେୟା ଆବଶ୍ୟକ ।
ମାସିକ ଦରମା ୯୦୦୦/- + ଖାଇବା
Ph : 6370950484
(Call Timing : 12.00-6.00 ମଧ୍ୟରେ)

ତୁରନ୍ତ ଆବଶ୍ୟକ
କୁଲାଡ଼, ଅନୁଗୋଳ ସ୍ଥିତ ଲେଡିଜ୍ ବୁଟିକରେ କାମ କରିବା ପାଇଁ ଟେଲରିଂ ମାଷ୍ଟର ଆବଶ୍ୟକ । ସମସ୍ତ ଲେଡିଜ ଡ୍ରେସ କଟିଙ୍ଗ ଓ ଷ୍ଟିଚିଙ୍ଗର ଅଭିଜ୍ଞତା ଥିବା ଆବଶ୍ୟକ । ଦରମା– ୮,୦୦୦ ରୁ ୧୫,୦୦୦ (ଅଭିଜ୍ଞତା ଅନୁସାରେ), ରହିବା ସୁବିଧା ଉପଲବ୍ଧ ।
ଯୋଗାଯୋଗ -7735732645

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

ଏକ ନୂଆ ଷ୍ଟାର୍ଟଅପ୍ ବିଜିନେସ୍,BBSR ପାଇଁ କର୍ମଠ ଏବଂ ଅଭିଜ୍ଞତା ଥିବା ଷ୍ଟାଫ୍ ଆବଶ୍ୟକ ।
DTP OPERATOR • SALES EXECUTIVE
SCREEN PRINTER • OFFICE PEON
• CAR DRIVER
ଇଚ୍ଛୁକ ଥିବା କେବଳ ଅଭିଜ୍ଞ ପ୍ରାର୍ଥୀ/ପ୍ରାର୍ଥୀନୀ ୭ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ :
Mob : 8249416516
E-mail : mcpl.recruitment2020@gmail.com

WANTED
Cement & Steel distributor required engineer & graduate for local marketing, experience candidates will get advantage come for interview on **Sunday 9 A.M** at: Sanjay Kumar Bijaya Kumar, Puri bye Pass, near Shiridi Sai temple, BBSR.
Mobile : 9437022665

ଆବଶ୍ୟକ
ଲଣ୍ଡ୍ରି କମ୍ପାନୀ ନିମନ୍ତେ
1) Washing କାରିଗର, 2) Iron କାରିଗର, 3) ହେଲ୍‌ପର (ପୁରୁଷ/ମହିଳା), 4) ଟାଟା ମ୍ୟାଜିକ୍ ଡ୍ରାଇଭର, 5) ରୋଷେୟା
9078000108, 7609893102

ଆବଶ୍ୟକ
Receptionist, Office Asst., Supervisor, Computer Operator, Accountant, Telecaller & other Office Staffs ଆବଶ୍ୟକ ।
ବୟସ: (18-35) Yrs. Salary (Rs.7500 to Rs.25000)
Contact : 9938676412

ଆବଶ୍ୟକ
ଭୁବନେଶ୍ୱରରେ ଘରୋଇ ଗାଡ଼ି ଚଳାଇବା ପାଇଁ ଡ୍ରାଇଭର ଆବଶ୍ୟକ ।
ଡ୍ରାଇଭର - ୨ ଜଣ
ମୋବାଇଲ-9692676868

Railway Job
• Petty Repair (ITI) Rs.14000/-
• Supervisor (+2,+3) : Rs.14000/-
• Bad Roll (10th) : Rs.12000/-
• House keeping (Under Matric) Rs.8000/- to Rs.10000/-
Posting- BBSR, Puri, Rayagada
7327065424, 8895725158

Urgent Recruitment for
TRAIN GURU EDUCARE PVT. LTD.
N1-39, IRC Village, Nayapalli, Bhubaneswar
1. Tele Caller / Counsellor : Graduate in any discipline, 6 months to 1 year Experience
2. Placement Officer : Graduate in any discipline, having own two wheeler, good communication in English, Hindi & Oriya.
3. Business Executive : Graduate in any discipline, having own two wheeler, No target
4. Office / Canopy Boy : Minimum 8th pass,
(Salary : No bar for the Right Candidate)
Email : traingurubbsr@gmail.com, www.trainguru.in
Ph : 0674-2551444, 9040030327

Required for Site Supervisor, Site Accountant, Driver for Car & Hywa and Civil Engineer. Experience more than 3 year in Road, Building & Railway construction work.
Contact No. 9078814314
9937552828

REQUIREMENT
Urgent Requirement for a Multinational Air Compressor Products in Bhubaneswar and Jharsuguda HQ. Attractive Salary Package- Walk-in-Interview Date: 16 & 23 February.
Address : United Group, #5673, Rameswarpatna, Bhubaneswar
Mob.- +91-9861533536

MtG
India's fastest growing educational publishers requires for
ODISHA
Sales Executive
Sr. Sales Executive
Area Sales Manager
Graduates/Post Graduate/MBA with 3 to 8 years of experience in School books/Institutional sales.
Attractive Salary + incentives (as per industry standards)
e-mail resume at:
hr@mtg.in
Plot No. 99, Sector 44, Institutional Area, Gurgaon

WANTED ରାୟଗଡ଼ା, ମୟୂରଭଞ୍ଜ, କନ୍ଧମାଳ ଓ କେନ୍ଦୁଝର ଜିଲ୍ଲା ପାଇଁ ୨ ବର୍ଷ ଅଭିଜ୍ଞତା ଥିବା ୫ଜଣ Field Supervisor ଆବଶ୍ୟକ ।
ସାକ୍ଷାତ୍‌କାର-୨୪।୦୨।୨୦
MAHABIR BOREWELL & EQUIPMENTS
Ganesh Mandap Chhaka, Jharpada, BBSR, 9861471015, 9937341444

PARADIP PORT TRUST
SAGARMALA
PARADIP PORT - 754 142, ODISHA(INDIA)
(An autonomous body under Ministry of Shipping, Govt. of India)
No. AD/RSC-1-21-66/2011/617 Dt.17 Feb, 2020
Walk-In-Interview
Applications are invited from Indian Nationals for filling up following **two Medical Officers** on **Contractual** basis in the Paradip Port Trust.
For further details,refer to our website **www.paradipport.gov.in.**
Last date is **24.02.2020,10.00 hours.**
Sr.Dy.Secretary
for Secretary
PPT/PR/675/19-20,Dt.18/02/2020

TSG GURUKUL
Affiliated to CBSE, New Delhi
APPOINTMENT
For NIMAPARA BRANCH
1. **Principal :** Must be from Science background with a minimum of 5 years experience in CBSE School.
2. **Senior Lecturers :** In Physics/**Chemistry/**Math./ **English/ Biology**/Computer Sc./Commerce. (For +2 / +3 Sci. & Com.)
3. **PGT** (Physics, Chemistry, Math. / Biology / Accountancy / B. Studies /Economics/English) : Post Graduate with B.Ed., CBSE experience preferable.
4. **TGT** (Physics, Chemistry,Math./Biology/SST/English): Graduate with B.Ed., CBSE experience preferable.
5. **PRT**(Math., Science, English, Hindi) **:** Graduate with B.Ed., CBSE experience preferable.
6. **Pre-Primary Teacher** : NTT(Preferably Non-Odia)
7. **PET**(Gents) **:** B.P.Ed. with 2 year experience in CBSE School.
8. **Hostel :** Hostel Superintendent, Warden, Caretaker (Male/Female).
9. **Office :** Office Assistant, Peon, Gardener, Plumber, Electrician.
10. **Student Counsellor / Marketing person**
***Salary will not be a constraint for the right candidates.***
***Apply** with Bio-data, Passport Photograph & Xerox copy of all academic certificates by post or e.mail within 7days of this publication.*
For Details Contact :
Jayashree Chhak, Main Road, Nimapara, Puri
Head Office : 444, Gothapatna, Malipada, BBSR
Mobile : 8384022810 / 9599744823
E.mail : timesgurukulinfo@gmail.com

JAIPRAKASH HOSPITAL
AND RESEARCH CENTRE PVT. LTD.
DANDIAPALLI, ROURKELA-769004
CONTACT NO : 0661-2461100
WALK-IN INTERVIEW
Jaiprakash Hospital & Research Centre Pvt. Ltd., a 307 bedded Multi-speciality Hospital requires dedicated, experienced, result oriented personnel for its hospital at Dandiapalli, Rourkela for the following post.

| SL. NO. | NAME OF THE POST | QUALIFICATION | DATE & TIME |
|---|---|---|---|
| 1. | RECEPTIONIST CUM BILLING | ANY GRADUATE WITH GOOD COMPUTER KNOWLEDGE | 22.02.2020 10:00 A.M TO 4:00 P.M |
| 2. | NURSING | GNM & B.Sc.(NURSING) WITH ATLEAST 2 YRS. OF EXPERIENCE | 24.02.2020 10:00 A.M TO 4:00 P.M |

Candidates may walk-in for interview with required documents at : S2 - A/42-43, Khushi Realcon, Near Mahindra Showroom, Mancheswar, Bhubaneswar.
Salary is negotiable. Accommodation and food facilities are available for staff.

A reputed business organization need an management professional urgently !
The candidate should be based in Bhubaneswar. He should be loyal, efficient and should exercise integrity and be non-partisan in the work place. HRD professionals with 2 years experience can also apply.
Kindly Contact : 9342540892 (Pooja)

PIAGGIO
Dealer (3 Wheelers)
REQUIRES
Service Manager (Jharsuguda)
Spare Parts- Manager (Jharsuguda)
Mechanic (Sambalpur & Jharsuguda)
WALK IN
For Interview on 21st & 22nd February 2020 at
DEEP JYOTI MOTORS
N.H.6, Gopalpali Chowk, Remed, Sambalpur
Mob: 8763073900
Mail: deepjyotimotors@rediffmail.com

COLOR CLASSIFIED DISPLAY
on Every Tuesday and Friday

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି । ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ । ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ । ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ । କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ ।

# ରାଜଧାନୀରେ ଲୁଚିଛି ଅନୁପଙ୍କ ପାପର ପେଡ଼ି

## ବିମାନ ବନ୍ଦରରେ ପାସେଞ୍ଜର ତାଲିକା ଯାଞ୍ଚ କଲା ଛତିଶଗଡ଼ ପୋଲିସ

### କଳ୍ପନା ଦାଶ ଓ ଝିଅ ବବ୍‌ଲି ହତ୍ୟା ମାମଲା



ଭୁବନେଶ୍ୱର,୧୮।୨(ବ୍ୟୁରୋ)

ଛତିଶଗଡ଼ର ରାୟଗଡ଼ ଜିଲା ଚକ୍ରଧରନଗର ଥାନା ଅନ୍ତର୍ଗତ ହମିରପୁର ଜଙ୍ଗଲରେ ହୋଇଥିବା କଳ୍ପନା ଦାଶ ଓ ଝିଅ ବବ୍‌ଲି ହତ୍ୟା ମାମଲାକୁ ନେଇ ଦିନକୁ ଦିନ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ରାଜଧାନୀ ଭୁବନେଶ୍ୱରରେ ମୁଖ୍ୟ ଅଭିଯୁକ୍ତ ପୂର୍ବତନ ବିଧାୟକ ଅନୁପ ସାଏଙ୍କ ପାପର ପେଡ଼ି ଲୁଚିଥିବା ଛତିଶଗଡ଼ ପୋଲିସ ପ୍ରମାଣ ପାଇବା ପରେ ତଦନ୍ତକୁ ଜୋର୍‌ଦାର କରିଛି। ଅନୁପଙ୍କ ସହ ଅନ୍ୟତମ ଅଭିଯୁକ୍ତ ତଥା ତାଙ୍କ ଡ୍ରାଇଭର ବର୍ଦ୍ଧନ ଟପ୍ପୋଙ୍କ ବିରୋଧରେ ଅଧିକ ପ୍ରମାଣ ଯୋଗାଡରେ ଲାଗିପଡିଛି। ସୋମବାର ବ୍ରଜରାଜନଗରକୁ ଆସିଥିବା ୪ଜଣିଆ ଟିମ୍ ଅନୁପଙ୍କ ବ୍ୟାଙ୍କ୍ ଆକାଉଣ୍ଟ ସହ ହତ୍ୟାରେ ବ୍ୟବହୃତ ବୋଲେରୋ ଗାଡ଼ି ସମ୍ପର୍କରେ ଖୋଳତାଡ଼ କରିଥିବାବେଳେ ଭୁବନେଶ୍ୱରରେ ମଧ୍ୟ ଆଉ ଏକ ଟିମ ଛାନ୍‌ଭିନ୍ ଆରମ୍ଭ କରିଥିଲା। କିନ୍ତୁ ରାତି ହୋଇଯିବାରୁ ତଦନ୍ତ ପ୍ରକ୍ରିୟା ସେତେଟା ଆଗେଇ ପାରି ନ ଥିଲା। ତେଣୁ ଦ୍ୱିତୀୟ ଦିନରେ ଅର୍ଥାତ୍ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଛତିଶଗଡ଼ ପୋଲିସ ଟିମ୍ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରକୁ ଯାଇ ତଦନ୍ତ କରିଥିଲା। ଟିମ୍‌ରେ ସାମିଲ୍ ଜଣେ ପୋଲିସ ଏସ୍‌ଆଇ ଆଣିଥିବା ଏକ ଚିଠି ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କୁ ଦେଖାଇ ବହୁ ସମୟ ଧରି ଆଲୋଚନା କରିଥିଲେ। ୨୦୧୬ ପୂର୍ବରୁ ବିମାନ ଯାତ୍ରୀଙ୍କ ଟିକେଟ ଯାଞ୍ଚ ଓ ଅନ୍ୟ କେତେକ ପ୍ରସଙ୍ଗରେ ତଥ୍ୟ ସଂଗ୍ରହ କରିଥିଲା ଟିମ୍। ତେବେ ତଦନ୍ତ ସମୟରେ ଏକାଧିକ ପାସେଞ୍ଜର ତାଲିକା ଓ ଆ।ଉ କିଛି କାଗଜପତ୍ର ସଂଗ୍ରହ କରିନେଇଥିଲା ଛତିଶଗଡ଼ ପୋଲିସ ଟିମ୍। ତେବେ ବିମାନବନ୍ଦରରୁ ବାହାରିବା ପରେ ଜଣେ ଅଧିକାରୀ କହିଥିଲେ, ଏକ ମାମଲାରେ ବିମାନ ପାସେଞ୍ଜରଙ୍କ ତାଲିକା ସମ୍ପର୍କରେ ଖୋଳତାଡ଼ କରୁଛୁ। କିନ୍ତୁ କଳ୍ପନା ଓ ବବ୍‌ଲି ହତ୍ୟା ମାମଲା ନେଇ ସେ କିଛି କହି ନ ଥିଲେ। ତଦନ୍ତ ଚାଲୁଥିବାରୁ ଉଚ୍ଚ ଅଧିକାରୀ ଏନେଇ ମତ ରଖିବେ ବୋଲି କହି ଅଧିକାରୀ ଜଣକ ସ୍ଥାନ ଛାଡ଼ିଥିଲେ।

### ବିମାନରେ ଏକାଠି ଏକାଧିକ ଯାତ୍ରା କରିଛନ୍ତି ଅନୁପ, କଳ୍ପନା

ଛତିଶଗଡ଼ ପୋଲିସ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ତଦନ୍ତବେଳେ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି। ପାସେଞ୍ଜରଙ୍କ ଯାତ୍ରା ତାଲିକା ଯାଞ୍ଚବେଳେ ଅନୁପ ଓ କଳ୍ପନା ଏକାଧିକ ଥର ଏକାଠି ଗୋଆ ଯାଇଥିବା ଜଣାପଡିଛି। ସେହିଭଳି ବିଦେଶକୁ ମଧ୍ୟ ଯାତ୍ରା କରିଥିବା ସୂଚନା ମିଳିଛି। ଏନେଇ ଛତିଶଗଡ଼ ପୋଲିସ ସିଧାସଳଖ କିଛି ନ କହିଥିଲେ ମଧ୍ୟ ଦେଇଥିବା କିଛି ଇଙ୍ଗିତରୁ ଏପରି ସନ୍ଦେହ ଦୃଢ଼ୀଭୂତ ହୋଇଛି। ଅନ୍ୟପକ୍ଷରେ ୨୦୧୬ରେ ଅନୁପ ଓ କଳ୍ପନାଙ୍କ ଟ୍ରାଭେଲ ଯାତ୍ରା ସେମାନଙ୍କ ମଧ୍ୟରେ ଥିବା ନିବିଡ଼ ସମ୍ପର୍କର ବଡ଼ ପ୍ରମାଣ ହେବ। ଏଥିସହ ଅନୁପଙ୍କୁ କୋର୍ଟ ସଜା ଦେବାରେ ସହାୟକ ହେବ।

### ହତ୍ୟାକାଣ୍ଡ ପରେ ଦୁଇଥର ବିକ୍ରି ହୋଇଛି ଅନୁପଙ୍କ ଫ୍ଲାଟ୍

୨୦୧୧ରେ ଅନୁପ ସୁନ୍ଦରପଦାରେ ଜାଗା କିଣି ଫ୍ଲାଟ କରିଥିଲେ। ଏହାପରେ ଉକ୍ତ ଫ୍ଲାଟରେ ସେ କଳ୍ପନା ଓ ଝିଅ ବବ୍‌ଲିକୁ ନେଇ ୪ବର୍ଷ ଧରି ରହିଥିଲେ। ୨୦୧୬ରେ ମା' ଓ ଝିଅଙ୍କୁ ହତ୍ୟା କରିବା ପରେ ଉକ୍ତ ଘରକୁ ଅନ୍ୟ ଜଣଙ୍କୁ ବିକ୍ରି କରିଦେଇଥିଲେ। ୨୦୧୮ରେ ଅବସରପ୍ରାପ୍ତ ଆର୍ମି ଅଫିସର ସୁରେଶଚନ୍ଦ୍ର ଦାଶ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ଉକ୍ତ ଘରକୁ କିଣିଥିଲେ। ତେବେ ସୁରେଶଚନ୍ଦ୍ର କହିଛନ୍ତି, ସେ ଅନୁପଙ୍କୁ ଜାଣିନାହାନ୍ତି। ଏପରି କି ସେ କିଣିଥିବା ଘରେ ଅନୁପ ଓ କଳ୍ପନା ରହୁଥିଲେ ବୋଲି ମଧ୍ୟ କେବେ ବି ଶୁଣି ନ ଥିଲେ। ଗଣାମାଧ୍ୟମରୁ ହତ୍ୟାକାଣ୍ଡ ଓ ଏହା ବିଷୟରେ ଜାଣିବାକୁ ପାଇଲେ ବୋଲି ସେ କହିଛନ୍ତି।

### ଫ୍ଲାଟ୍ ମାଲିକଙ୍କୁ ଛତିଶଗଡ଼ ପୋଲିସର ପଚରାଉଚରା

ହତ୍ୟା ପୂର୍ବରୁ କଳ୍ପନା ଓ ତାଙ୍କ ଝିଅ ସହ ଅଭିଯୁକ୍ତ ଅନୁପ ରହୁଥିବା ଛତିଶଗଡ଼ ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଥିଲା। ତେଣୁ ତଦନ୍ତ ପାଇଁ ଭୁବନେଶ୍ୱରରେ ଡେରା ପକାଇଥିବା ଛତିଶଗଡ଼ ପୋଲିସ ଟିମ୍ ମଙ୍ଗଳବାର ଅପରାହ୍ନ ୨ଟାରେ ଉକ୍ତ ଫ୍ଲାଟ୍‌କୁ ଯାଇ ଏବେ ସେଠାରେ ରହୁଥିବା ମାଲିକ ସୁରେଶଚନ୍ଦ୍ର ଦାଶଙ୍କୁ ପଚରାଉଚରା କରିଥିଲା। ଅନୁପଙ୍କୁ ଆପଣ ଜାଣିଛନ୍ତି କି? ଏହି ଫ୍ଲାଟ କେବେ ଠୁ ଏବଂ କାହାଠାରୁ କିଣିଲେ? କିଣିବା ସମୟରେ ଅନୁପ କିମ୍ବା କଳ୍ପନାଙ୍କର କିଛି ସାମଗ୍ରୀ ଘରେ ରହିଥିଲା କି? ଏଭଳି ଅନେକ ପ୍ରଶ୍ନ ଘର ମାଲିକଙ୍କୁ ପୋଲିସ ପଚରାଉଚରା କରିବା ସହ କିଛି ନୂଆ ତଥ୍ୟ ଧରି ଫେରିଥିଲା।



ବିମାନ ବନ୍ଦରରେ ଛତିଶଗଡ଼ ପୋଲିସ ଟିମ୍‌ର ତଦନ୍ତ ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଗଙ୍କର ବେକ ବଢ଼ିଲେ**
**ମୀନଙ୍କ ବିପତ୍ତି ।**

ବଗ ମାଛ ଖାଏ। ତା' ବେକ ଲମ୍ବା। ବେକ ଆହୁରି ଲମ୍ବ ହେଲେ ସେ ଗଭୀର ପାଣିରୁ ଆରାମରେ ମାଛ ଧରି ଖାଇପାରିବ। ପରୋକ୍ଷରେ ସବଳ ବା ଶତ୍ରୁର ବେଶି ଉନ୍ନତି ହେଲେ ଦୁର୍ବଳର ଦୁର୍ଦ୍ଦଶା ବଢ଼ିଯାଏ। ଶତ୍ରୁକୁ ଅଧିକ ବଳ ଦେଇ ବିପଦ ବରଣ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବତିଶା କଦଳୀ ଗଛ;**
**ଛତିଶା ବତାଶ ଭାଙ୍ଗି ପକେଇଲା**
**ଭଣ୍ଡା କିଏ ନବ ଆସ ।**

କିଛି ବ୍ୟକ୍ତି ଆବଶ୍ୟକତାଠୁଁ ଅଧିକ କଞ୍ଜୁସ ସ୍ୱଭାବର ହୋଇଥାନ୍ତି। ଭଲରେ ମନ୍ଦରେ କାହାକୁ କିଛି ଦେଇ ନ ଥାନ୍ତି। ତେବେ ପରିସ୍ଥିତିରେ ପଡ଼ି ଦେବାର ଆବଶ୍ୟକତା ଦେଖାଦେଲେ ସେଥିରୁ କିଛି ଦେଇ ନିଜର ଦାତାପଣିଆ ଦେଖେଇ ହେବାରେ ହେଳା କରି ନ ଥାନ୍ତି। ଧ୍ୱଂସ ହୋଇଯାଉଥିବା ବା ନଷ୍ଟ ହୋଇଯାଉଥିବା ଜିନିଷରୁ ଟିକିଏ ଦାନ କରି ଆତ୍ମସନ୍ତୋଷ ଲାଭ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

**ପ୍ରଥମ ପୃଷ୍ଠାରୁ...**

## ଆଜିଠୁ ମାଟ୍ରିକ ...

ଚଳିତବର୍ଷ ୧୦୦୦ କେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଯାଇଛି। ଗତବର୍ଷ ୪୦୪ଟି ପରୀକ୍ଷାକେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଯାଇଥିଲେ ସୁଦ୍ଧା ପ୍ରଶ୍ନପତ୍ର ଭାଇରାଲକୁ ରୋକାଯାଇ ପାରି ନ ଥିଲା। ଚଳିତବର୍ଷ ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ଆଣିବା ପାଇଁ ଏଭଳି ପଦକ୍ଷେପ ବୋର୍ଡ କର୍ତ୍ତୃପକ୍ଷ ନେଇଛନ୍ତି। ପରୀକ୍ଷାକୁ ନେଇ କୌଣସି ଅଭିଭାବକ ଅଭିଯୋଗ କରିବାକୁ ଚାହିଁଲେ ବୋର୍ଡ ପକ୍ଷରୁ ୧୨ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଅନୁଗୋଳ ସ୍ପେଶାଲ ହୋମ୍‌ରେ ୪ଜଣ ଓ ଚୌଦ୍ୱାର ସର୍କଲ ଜେଲ୍‌ରେ ୨ଜଣ ଅନ୍ତେବାସୀ ପରୀକ୍ଷା ଦେବେ। ଏମାନଙ୍କ ନିମନ୍ତେ ସମ୍ପୃକ୍ତ ଜେଲ୍‌ରେ ଉପକେନ୍ଦ୍ର କରାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଚଳିତବର୍ଷଠାରୁ ଓଏମ୍‌ଆର୍ ସିଟ୍ ବ୍ୟବସ୍ଥାକୁ ବନ୍ଦ କରାଯାଇଛି। ଓଏମ୍‌ଆର୍ ସିଟ୍‌ରେ ଅବ୍‌ଜେକ୍ଟିଭ୍ ପରୀକ୍ଷା କରାଯିବନାହିଁ। ୫୦ ମାର୍କ ଅବ୍‌ଜେକ୍ଟିଭ୍ ପ୍ରଶ୍ନର ଉତ୍ତର ପରୀକ୍ଷାର୍ଥୀ ଲିଖିତ ଭାବେ ଦେବେ ବୋଲି ବୋର୍ଡ ସଭାପତି ହାଜରା କହିଛନ୍ତି।

## ଗେଷ୍ଟ ହାଉସ୍‌ରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

ପୁରୀ ଅଫିସ,୧୮।୨ : ସମୁଦ୍ରକୂଳ ଥାନା ଅଧୀନ ଚକ୍ରତୀର୍ଥ ରୋଡସ୍ଥିତ ପ୍ରଭୁ ଶ୍ରୀଜଗନ୍ନାଥ ଗେଷ୍ଟ ହାଉସ୍‌ରୁ ମଙ୍ଗଳବାର ପୋଲିସ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ନୟାଗଡ଼ ଜିଲା ଖଣ୍ଡପଡ଼ାର ବର୍ଷା ପ୍ରିୟଦର୍ଶିନୀ ମହାରଣା। ଏହି ଘଟଣାରେ ତାଙ୍କ ପ୍ରେମିକ କୁହାଯାଉଥିବା ପିଣ୍ଟୁ ନାୟକଙ୍କୁ ଥାନାରେ ଅଟକ ରଖିଛି ପୋଲିସ। ପିଣ୍ଟୁଙ୍କ ବିରୋଧରେ ବର୍ଷାଙ୍କ ଭାଇ ଅଜୟ ହତ୍ୟା ଅଭିଯୋଗ କରିଛନ୍ତି। ଏ ନେଇ ଏକ ହତ୍ୟା ମାମଲା (ନଂ. ୩୬/୨୦) ରୁଜୁ ହୋଇଛି। ଜବତ ମୃତଦେହ ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ସୂଚନା ଅନୁଯାୟୀ, ସୋମବାର ଅପରାହ୍ନ ପ୍ରାୟ ସାଢ଼େ ୫ଟାରେ ଉଭୟ ବର୍ଷା ଓ ପିଣ୍ଟୁ ପ୍ରଭୁ ଶ୍ରୀଜଗନ୍ନାଥ ଗେଷ୍ଟ ହାଉସରେ ପହଞ୍ଚିଥିଲେ। ଉଭୟ ରୁମ୍ ନମ୍ବର ୧୦୧ରେ ରହିଥିଲେ। ତେବେ ମଙ୍ଗଳବାର ରୁମ୍ ପରିସରରୁ ବର୍ଷାଙ୍କ ମୃତଦେହ ମିଳିଥିଲା। ପୋଲିସ କହିଛି ଯେ, ପିଣ୍ଟୁଙ୍କ ବୟାନ ମୁତାବକ ମଙ୍ଗଳବାର ସେ କୌଣସି କାମରେ ବାହାରକୁ ଯାଇଥିଲେ। ଫେରିବା ବେଳକୁ କବାଟ ଭିତରୁ ବନ୍ଦ ଥିଲା। ଏ ନେଇ ସେ ପ୍ରଥମେ ଗେଷ୍ଟ ହାଉସ୍ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପରେ ଖବର ପାଇ ପୋଲିସ ପହଞ୍ଚି ତଦନ୍ତ କରିଥିଲା। ଏହା ଏକ ପ୍ରେମଜନିତ ହତ୍ୟାକାଣ୍ଡ ବୋଲି ପୋଲିସ ଅନୁମାନ କରୁଛି। ତେବେ ମୃତ ଯୁବତୀଙ୍କ ଭାଇଙ୍କ ଅଭିଯୋଗ କ୍ରମେ ଏକ ହତ୍ୟା ମାମଲା ରୁଜୁ କରାଯାଇ ଚଦନ୍ତ ଚାଲିଛି। ଏଥିସହ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି ବୋଲି ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି କହିଛନ୍ତି। ଶୁଣିବାକୁ ମିଳୁଛି ଯେ, ଉଭୟ ପରସ୍ପରକୁ ଭଲ ପାଉଥିଲେ। ବିବାହ ଲାଗି ମନ ସ୍ଥିର କରି ପୁରୀ ଚାଲି ଆସିଥିଲେ। ତେବେ ସୋମବାର ରାତିରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଜୋର୍ ଝଗଡ଼ା ହୋଇଥିଲା। ଏଥିରେ ଭାରସାମ୍ୟ ହରାଇ ସେ ଆତ୍ମହତ୍ୟା କରିଥାଇପାରନ୍ତି। ଅପରପକ୍ଷରେ ଭଉଣୀ ନିଖୋଜ ଥିବା ଓ ତାଙ୍କୁ କେହି ଅପହରଣ କରିଥିବା ନେଇ ସ୍ଥାନୀୟ ଥାନାରେ ଅଜୟ ଅଭିଯୋଗ କରିଥିଲେ। ତାଙ୍କ ଭଉଣୀଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## କୃଷି, ପୋଷଣ ...

କରାଯାଇଛି। କେନ୍ଦ୍ରୀୟ ଟିକସ ଓ ନିଜସ୍ୱ ଟିକସକୁ ଯଥାକ୍ରମେ ୪୫ ଓ ୫୫ ପ୍ରତିଶତ ଧରାଯାଇଛି । ୨୦୨୦-୨୧ରେ ବିତ୍ତୀୟ ନିଅଣ୍ଟ ୧୭,୮୭୮ କୋଟି ଅର୍ଥାତ୍ ରାଜ୍ୟର ସାମଗ୍ରିକ ଘରୋଇ ଉତ୍ପାଦ(ଜିଏସ୍‌ଡିପି)ର ୩% ଆକଳନ କରାଯାଇଛି। ଚଳିତ ବଜେଟରେ ରାଜସ୍ୱ ବଳକା ୯,୫୦୯.୦୧ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଇଛି। ରାଜସ୍ୱ ବଳକା ଜିଏସ୍‌ଡିପିର ୧.୫୯% ଆକଳନ କରାଯାଇଥିବାରୁ ଏହା ଫାଇନାନ୍ସିଆଲ୍ ରେସ୍ପନ୍‌ସିବିଲିଟି ଆଣ୍ଡ ବଜେଟ ମ୍ୟାନେଜମେଣ୍ଟ(ଏଫ୍‌ଆରବିଏମ୍)ର ଶୂନ୍ୟ ରାଜସ୍ୱ ନିଅଣ୍ଟ ଲକ୍ଷ୍ୟକୁ ହାସଲ କରିପାରିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ସେହିପରି ଋଣ ଭାର ୨୦୨୦-୨୧ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଜିଏସ୍‌ଡିପିର ୧୮.୯୯ ପ୍ରତିଶତ ଅର୍ଥାତ ଏଫ୍‌ଆରବିଏମ୍ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ୨୫% ସୀମା ମଧ୍ୟରେ ରହିବ ବୋଲି ଆକଳନ କରାଯାଇଛି। ୨୦୧୮-୧୯ରେ ରାଜ୍ୟର ଅଭିବୃଦ୍ଧି ୭.୯ % ଥିବା ବେଳେ ୬.୧୬%କୁ ହ୍ରାସ ପାଇଛି। ତେବେ ନୂଆ ବଜେଟରେ ରାଜ୍ୟ ଅଭିବୃଦ୍ଧି ହାର ୭ରୁ ୭.୫ % ରହିବା ନେଇ ଲକ୍ଷ୍ୟ ରଖାଯାଇଛି। ଆର୍ଥିକ ମାନ୍ଦାବସ୍ଥା ସତ୍ତ୍ୱେ ଜାତୀୟ ହାର ଠାରୁ ରାଜ୍ୟର ଅଭିବୃଦ୍ଧି ୧ରୁ ୨% ରହିବ। ବଜେଟ ବ୍ୟତୀତ ସରକାର ଓଡିଶା ଖଣି ଅଞ୍ଚଳ ଉନ୍ନୟନ ନିଗମ(ଓମ୍ପାଡକ୍) ପାଣ୍ଠିରୁ ୨ ହଜାର ୧୪୮ କୋଟି ଏବଂ ଜିଲା ଖଣିଜ ପାଣ୍ଠି(ଡିଏମ୍‌ଏଫ୍)ରୁ ୩ ହଜାର ୨୧୯ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି। ପ୍ରଥମଥର ଲାଗି ସରକାର କାଗଜବିହୀନ ବଜେଟ ଆଣିଛନ୍ତି। ଇ-ବଜେଟ ଦ୍ୱାରା ୭୫ ଲକ୍ଷ ଫର୍ଦ୍ଦ କାଗଜ ବ୍ୟବହାର ହ୍ରାସ କରି ୧ ହଜାର ବୃକ୍ଷ ଛେଦନକୁ ରୋକାଯାଇ ପାରିଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ବଜେଟ ପଢ଼ିବା ପାଇଁ ପୁସ୍ତକ ଦେବା ବଦଳରେ ବିଧାୟକମାନଙ୍କୁ ଆଇପ୍ୟାଡ୍ ବଣ୍ଟନ କରାଯାଇଛି। ଏହାଛଡା ବଜେଟକୁ ନୂତନ ଢଙ୍ଗରେ ପ୍ରସ୍ତୁତ କରାଯାଇଛି। ସର୍ବସାଧାରଣଙ୍କ ଅବଗତି ନିମନ୍ତେ ବଜେଟ ପାଇଁ ଏକ ସ୍ୱତନ୍ତ୍ର ମୋବାଇଲ ଆପ୍ ପ୍ରସ୍ତୁତ କରାଯାଇଛି। ଗୁଗଲ ପ୍ଲେ ଷ୍ଟୋର ଏବଂ ଆପଲ ଆପ୍ ଷ୍ଟୋରରେ ମଧ୍ୟ ଏହି ବଜେଟ ଉପଲବ୍ଧ । ମୋବାଇଲ ଆପ୍ ସହଜରେ ଉପଲବ୍ଧ ହେବା ଲାଗି 'କ୍ୟୁଆର' କୋଡ୍‌ର ବ୍ୟବସ୍ଥା ମଧ୍ୟ କରାଯାଇଛି। ପିଲାମାନଙ୍କର ସ୍ୱାସ୍ଥ୍ୟକୁ ଧ୍ୟାନରେ ରଖାଯାଇ ଦେଶର ପ୍ରଥମ ରାଜ୍ୟ ଭାବେ ପୋଷଣ ବଜେଟ ଏବଂ ପରିବର୍ତ୍ତିତ ଜଳବାୟୁକୁ ମୁକାବିଲା କରିବା ସକାଶେ ଜଳବାୟୁ କୋଡ୍ ବଜେଟ ଡକ୍ୟୁମେଣ୍ଟ ଆରମ୍ଭ କରାଯାଇଛି। ବଜେଟର ଗୁରୁତ୍ୱ ବୃଦ୍ଧି ପାଇଁ ଷ୍ଟ୍ରାଟେଜିକ୍ ବଜେଟ ପଦ୍ଧତି ଆରମ୍ଭ କରାଯାଇଛି। ବଜେଟର ସମସ୍ତ ତଥ୍ୟ ଏକ୍ସେଲ ଫର୍ମାଟରେ ରହିଛି ବୋଲି ଅର୍ଥମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି।

ବଜେଟରେ ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବା ପାଇଁ ୭,୭୦୦ କୋଟି ଟଙ୍କା ବ୍ୟୟ ଅଟକଳ କରିଥିବାବେଳେ ଶିକ୍ଷା ଓ ଦକ୍ଷତା ବିକାଶ ପାଇଁ ୨୨,୬୩୧ କୋଟି, କୃଷି ଓ କୃଷକ କଲ୍ୟାଣ ପାଇଁ ୧୯ ହଜାର ୪୦୮ କୋଟି, ଜଳସେଚନ ପାଇଁ ୧,୮୧୧ କୋଟି, ପାନୀୟ ଜଳ ପାଇଁ ୮ ହଜାର କୋଟି, ଶିଳ୍ପ ପାଇଁ ୫୭୫ କୋଟି, ଭିତ୍ତିଭୂମିର ବିକାଶ ଲାଗି ୨,୨୭୨ କୋଟି, ସାମାଜିକ ନିରାପତ୍ତା ସକାଶେ ୩,୦୨୪ କୋଟି, ଖାଦ୍ୟ ନିରାପତ୍ତା ନିମନ୍ତେ ୬୩୧ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସେହିପରି ଏସସି/ଏସଟି, ପଛୁଆ ବର୍ଗଙ୍କ ବିକାଶ ଲାଗି ୨୩,୮୦୮ କୋଟି, ଗ୍ରାମାଞ୍ଚଳ ପାଇଁ ୩,୯୬୨ କୋଟି, ସହରାଞ୍ଚଳ ସକାଶେ ୬,୧୮୦ କୋଟି, ପର୍ଯ୍ୟଟନ ପାଇଁ ୬୯୫, ବିପର୍ଯ୍ୟୟ ପରିଚାଳନା ନିମନ୍ତେ ୩,୨୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ନୂଆ ବଜେଟରେ ସରକାର 'ଅବଢ଼ା' ଯୋଜନା ପାଇଁ ୩ ହଜାର ୨୦୮ କୋଟି ଟଙ୍କାର ଖର୍ଚ୍ଚ ଅଟକଳ କରିଛନ୍ତି। ୨୦୨୦-୨୧ ଆର୍ଥିକ ବର୍ଷରେ ଅବଢ଼ା ଯୋଜନାରେ ୬୯୫ କୋଟି ଟଙ୍କାର ବ୍ୟବସ୍ଥା ରହିଛି। ରାଜ୍ୟରେ କୌଣସି ଶିଶୁ କୁ-ପୋଷଣର ଶିକାର ହେବେ ନାହିଁ। ସେଥିପାଇଁ ରାଜ୍ୟ ସରକାର ପ୍ରଥମ ଥର ଲାଗି ପୋଷଣ ବଜେଟ (ନ୍ୟୁଟ୍ରିଶନ ବଜେଟ) ଆଣିଛନ୍ତି। ଏଥିପାଇଁ ସରକାର ୫ ହଜାର ୨୧୦ କୋଟି ଏବଂ ପୁଷ୍ଟି ସମ୍ବେଦନଶୀଳ ଯୋଜନା ପାଇଁ ୨୩ ହଜାର ୭୫୪ କୋଟି ଟଙ୍କା ବଜେଟରେ ବରାଦ କରିଛନ୍ତି। ଗ୍ରାମାଞ୍ଚଳ ଲୋକଙ୍କୁ ଠିକ୍ ସମୟରେ ମଜୁରୀ ଦେବାକୁ ସରକାର ଏମ୍‌ଜିଏନଆରଇଜିଏ ଅଧୀନରେ ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ କରିଛନ୍ତି। ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ପଞ୍ଚାୟତିରାଜ ସଂସ୍ଥାକୁ ପଞ୍ଚଦଶ ଅର୍ଥ କମିଶନରେ ୨,୨୫୮ କୋଟି ଏବଂ ରାଜ୍ୟର ପଞ୍ଚମ ଅର୍ଥ କମିଶନରେ ୨,୬୪୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ବିପଦ ବେଳେ ସହାୟତା ପାଇଁ ରାଜ୍ୟ ସରକାର ପ୍ରଥମ ଥର ଲାଗି ଏମରଜେନ୍ସି ରେଶପନ୍ସ ସପୋର୍ଟ ସିଷ୍ଟମ୍ ଆରମ୍ଭ କରିବାକୁ ଯାଉଛନ୍ତି। ଏଥିସକାଶେ ଜରୁରିକାଳୀନ ଟେଲିଫୋନ ନମ୍ବର ୧୧୨ ବ୍ୟବସ୍ଥା କରାଯିବ। ଏଥିପାଇଁ ୨ ବର୍ଷରେ ୧୫୭ କୋଟି ଟଙ୍କା ଖର୍ଚ୍ଚ ହେବ। ବଜେଟରେ ଏଥିପାଇଁ ୫୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ରାଜ୍ୟରେ ୨୪ଟି ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର ଅଦାଲତ ଏବଂ ୨୧ଟି ଅସ୍ଥାୟୀ ଫାଷ୍ଟ ଟ୍ରାକ୍ କୋର୍ଟ ଖୋଲିବ । ଏଥିପାଇଁ ୩୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମେକ୍ ଇନ୍ ଓଡ଼ିଶା କନକ୍ଲେଭ-୨୦୨୦ ପାଇଁ ୭୦ କୋଟି, ଇକୋ-ଟୁରିଜମ ପାଇଁ ୨୫ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ରାଜ୍ୟ ପର୍ଯ୍ୟଟନର ବିକାଶ ପାଇଁ ଇଣ୍ଡିଆ ବେଷ୍ଟ କେପ୍ଟ ସିକ୍ରେଟ ବ୍ୟବସ୍ଥା ଏବଂ ନୂତନ ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ ଆରମ୍ଭ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି।

**SHORT TENDER CALL NOTICE**

**Office of the Director, Vigilance, Odisha, Cuttack**

**No. D-292:-** Sealed tenders are invited from the OEM or Authorised / Registered Dealers / Suppliers / Resellers for purchase of the items for Cyber Cells of Odisha Vigilance as listed below:-

| Sl. No. | Name of items to be purchased | Quantities to be purchased |
|---|---|---|
| 1. | High End Forensic Workstation | 1 No. |
| 2. | Multi Format View Software | 1 No. |
| 3. | Digital Evidence Seizure Kit | 6 Nos. |

1. Name of items along with detailed technical Specifications, probable requirements etc. may be seen from the website of the Odisha Vigilance i.e. http://odishavigilance.gov.in and in Govt. of Odisha website i.e. **www.odisha.gov.in**.
2. Date of issue of Tender documents from **dtd.17.02.2020 at 11 AM to dtd.01.03.2020 upto 5 PM**.
3. Last date for receipt of sealed Tender on **dtd.02.03.2020 upto 5 PM**.
4. Date for opening of sealed Tenders / Technical Bids on **dtd.03.03.2020 at 11 AM** at Vigilance Directorate, Cuttack.

*Sd./- A.I.G. of Police, Vigilance*
*Odisha, Cuttack*
*(Tender Calling Authority)*
OIPR-09006/11/0004/1920

**JAJPUR MUNICIPALITY, JAJPUR**

**QUOTATION CALL NOTICE**

**No.321** **Date: 17.02.2020**

Jajpur Municipality invites in two bid sealed cover quotations from the intending bidders/firms for Supply & execution of the following nature of works.
1. Supply of furniture to KUSUMA.
2. Interior panelling work of Community Centre at KUSUMA.

The Paper/document for Quotation containing general bid information's, terms & conditions for the above item of work will be available on payment of Rs.4000/- towards paper cost from 18.02.2020 to 03.03.2020 in the working days & hours respectively in the Municipal Office, Jajpur.

The bidders are to submit the quotation paper duly filled in on or before 04.03.2020 by 1.00 P.M. which shall be opened on the same day at 3.00 P.M. in presence of the bidders or their authorised representatives. The date of opening shall not be deferred in the absence of either bidder or their authorised representatives.

The authority reserves the right to reject or cancel the Notice without assigning any reason thereof.

**Sd./- Executive Officer,**
**Jajpur Municipality**

**GOVT. OF ODISHA, OFFICE OF THE EXECUTIVE ENGINEER**

**JAJPUR IRRIGATION DIVISION, JAJPUR**

Office Phone No.06728-222022, Email– jpt.irrigation@gmail.com

**No. A-696:-**

**'e'-Procurement Notice No. 02/ 2019-20**

1. Name of work : Restoration, Protection & ERM works.
2. Total No. of Packages : 06 (Six) Nos. of Packages only.
3. Estimated Cost : Varies from Rs.67.11 Lakh to Rs.10.59 Lakh
4. Mode of Payment of EMD (Bid Security) & Bid Cost : The bidder shall transfer the required amount of EMD (Bid Security) and cost of Bid by Online though electronic Payment as per Govt. of Odisha WDOM No. 17254/W Dtd. 05.12.2027 as Mentioned in DTCN.
5. Period of completion : 6 (Six) Calendar Months
6. Other details as follows :
   - I. Procurement Officer : Executive Engineer, Jajpur Irrigation Division, Jajpur
   - II. Period of Online Bidding : Dt. 20.02.2020 from 10.00 Hrs. to Dt.29.02.2020 up to 17.00 Hrs.
   - III. Date, time & place of opening of Technical Bid (Cover-1) for Sl. 06 and both technical & financial for rest of the work. : Dt. 02.03.2020 at 11.30 Hrs. in the office of the Executive Engineer, Jajpur Irrigation Division, Jajpur.
   - IV. Date of Transparent Lottery to be Conducted (If required) : Dt. 12.03.2020 at 11.00 Hrs. in the office of the Executive Engineer, Jajpur Irrigation Division Jajpur

Further details can be seen from the Govt. website **www.tendersorissa.gov.in.**

***Sd./- Executive Engineer, Jajpur Irrigation Division***
OIPR-32130/11/0002/1920

**Office of the Executive Engineer, Chikiti Irrigation Division, Berhampur, Ganjam**

**e-mail address : eechidbam@gmail.com**

No.A-697 **Ph : 0680-2281909**

**e-Procurement Notice No.EE-CHID-03/2019-20**

| | | |
|---|---|---|
| 1. | Name of the Work | System Improvement and Flood Control Works |
| 2. | No. of Works | 12 Nos. (Twelve) only |
| 3. | Estimated Cost | Rs.7.29 lakh to Rs.27.17 lakh |
| 4. | Period of Completion | 02 Calendar Months to 04 (Four) Calendar Months |
| 5. | Date and time of availability of bid documents in the portal | From 26.02.2020 10.00 A.M. to 06.03.2020. 05.30 P.M. |
| 6. | Last date / time of receipt of bid documents in Portal | 06.03.2020, up to 05.30 P.M. |
| 7. | Date and Place of Opening | On 07.03.2020 at 11.00 A.M. in the office of the Executive Engineer, Chikiti Irrigation Division, Berhampur. |
| 8. | Name and Address of the officer inviting tender | The Executive Engineer, Chikiti Irrigation Division, Berhampur. |

Bidders are to participate in Online bidding only. Further details can be seen from the Govt. Website **www.tendersodisha.gov.in**. Any addendum / corrigendum / cancellation of the tender can be seen in the said website only.

**Sd./- Executive Engineer**
**Chikiti Irrigation Division, Berhampur**
**OIPR-32115/11/0003/1920**

**Odisha Power Transmission Corporation Limited**

**(A Govt. of Odisha Undertaking)**

**OFFICE OF DGM(EL)EHT (C) Division, Berhampur-760007**

**NOTICE INVITING TENDER**

**TENDER CALL NOTICE NO.04/2019-20**

**Advt No.04/2019-20** **Date 15.02.2020**

Sealed tenders are invited from Travel agencies/Vehicle owner having valid Good &. Services Tax Registration Certificate, PAN, Fitness certificate, taxi permit & insurance policy, Non-Pollution certificate, RC Book for "HIRING OF DIESEL RUN COMMERCIAL REGISTERED LIGHT VEHICLES ON MONTHLY BASIS WITH DAILY HIRING RATE FOR EHT(C) DIVISION, BERHAMPUR"

| Name of Unit | Type of vehicle | Cost of Tender paper | EMD amount |
|---|---|---|---|
| EHT© S/D, Aska | Non A/C Bolero of Equivalent | Rs. 4480.00 | Rs.5753/- |
| EHT© S/D, Baliguda | | Rs. 4480.00 | Rs.5753/- |
| EHT© S/D, Berhampur | | Rs. 4480.00 | Rs.5753/- |

Sale of tender documents from 20.02.2020 to 04.03.2020. Last date of submission of tender: 03.00PM of 06.03.2020. Date of opening of tender: 04.00PM of 06.03.2020. For details please visit our website **www.optcl.co.in** or office in official hours. Corrigendum if any will be published in the office notice board only. Tender paper cost is non-refundable.

**Sd./- DGM (Elect)**

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**

**ଆକାଶ ଶୋଭା ଭବନ, ଲୋକସେବା ମାର୍ଗ, ଖାରବେଳ ନଗର, ୟୁନିଟ୍-୩, ଭୁବନେଶ୍ୱର**

ସଂଖ୍ୟା: ୩୭୦୫/ବି.ଡି.ଏ., ଭୁବନେଶ୍ୱର ତା୧୦।୦୨।୨୦୨୦ରିଖ
ପ୍ଲାନିଂ-୧୨୦/୧୮

**ସାଧାରଣ ବିଜ୍ଞପ୍ତି**

**ବିଷୟ:** ଅନଧିକୃତ ନିର୍ମାଣ ନିୟମିତିକରଣ ସ୍କିମ୍, ୨୦୧୯ ଅନ୍ତର୍ଗତ ଆବେଦନ କରିବାର ବର୍ଦ୍ଧିତ ସମୟସୀମା।

ରାଜ୍ୟ ସରକାର ତା୦୬।୦୮।୨୦୧୯ରିଖରେ ନିର୍ମାଣ ଓ ଯୋଜନା ନିୟମ ଏବଂ ଜୋରିମାନା ରାଶିକୁ କୋହଳ କରି '**ଅନଧିକୃତ ନିର୍ମାଣ ନିୟମିତିକରଣ ସ୍କିମ୍, ୨୦୧୯**' ନାମରେ ଏକ ନୂତନ ସ୍କିମ୍ ପ୍ରକାଶିତ କରିଥିଲେ। ଏହି ସ୍କିମ୍ ଅନ୍ତର୍ଗତ ଆବେଦନ କରିବାର ଶେଷ ତାରିଖ ତା୦୫।୦୨।୨୦୨୦ରିଖ ଥିଲା। ସ୍କିମ୍ ଅବଧିର ଅନ୍ତିମ ସମୟରେ ଆବେଦନ କରିବା ପାଇଁ ଜନସାଧାରଣଙ୍କର ଆଗ୍ରହ ଏବଂ ଭିଡ଼କୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପତ୍ରସଂଖ୍ୟା: ୩୦୪୩, ତା୦୬।୦୨।୨୦୨୦ରିଖ ଅନୁଯାୟୀ ଏହି ସ୍କିମ୍‌ର ଅବଧିକୁ ଆଉ ୧୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଅଞ୍ଚଳରେ ଅନଧିକୃତ ନିର୍ମାଣ କରିଥିବା ବ୍ୟକ୍ତି ଏବଂ ସଂସ୍ଥାମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ସ୍କିମ୍‌ର ବର୍ଦ୍ଧିତ ସମୟସୀମା ମଧ୍ୟରେ ଅନଧିକୃତ ନିର୍ମାଣଗୁଡ଼ିକର ନିୟମିତିକରଣ କରିବା ପାଇଁ ଆବେଦନ କରନ୍ତୁ। ସ୍କିମ୍‌ର ଅବଧି ସରିବା ପରେ କର୍ତ୍ତୃପକ୍ଷ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

**ଆବେଦନ ପତ୍ର ସ୍ୱୀକାରର ଅନ୍ତିମ ଦିବସ ତା୨୦।୦୨।୨୦୨୦ରିଖ ଅଟେ ।** ଏହି ସ୍କିମ୍ ସମ୍ବନ୍ଧରେ ସବିଶେଷ ବିବରଣୀ, ଆବେଦନପତ୍ର ଏବଂ ଦେୟ ଇତ୍ୟାଦି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କର ୱେବ୍‌ସାଇଟ୍ **www.bda.gov.in**ରେ ଉପଲବ୍ଧ ଅଟେ।

**ସ୍ୱା./- ସଚିବ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**

**ଆକାଶ ଶୋଭା ବିଲ୍‌ଡିଂ**

**ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - ୭୫୧୦୦୧**

**ପତ୍ର ସଂଖ୍ୟା: ୨୭୦୧/ଭୁ.ଉ.କ., ଭୁବନେଶ୍ୱର ତା୩୧।୦୧।୨୦୨୦ରିଖ**
EB - V-681/78

**ନୋଟିସ୍**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବରଗଡ଼ ଗୃହ ନିର୍ମାଣ ପ୍ରକଳ୍ପରେ ଗୃହ ନଂ-EB-616କୁ ଉତ୍ତରାଧିକାରୀ ସୂତ୍ରରେ (୧) ଶ୍ରୀମତୀ ପ୍ରମିଳା ଆଚାର୍ଯ୍ୟ, (୨) ମନୋରଞ୍ଜନ ଆଚାର୍ଯ୍ୟ, (୩) ମାନସ ରଞ୍ଜନ ଆଚାର୍ଯ୍ୟ, (୪) ମଳୟ ରଞ୍ଜନ ଆଚାର୍ଯ୍ୟ, (୫) ମିହିର ରଞ୍ଜନ ଆଚାର୍ଯ୍ୟ ଓ (୬) ସୁଚିସ୍ମିତା ଆଚାର୍ଯ୍ୟଙ୍କ ନାମରେ ମାଲିକାନା ତା୧୨।୦୪।୨୦୦୬ରିଖରେ ପରିବର୍ତ୍ତନ କରାଯାଇଥିଲା। ଉକ୍ତ ଛଅ ଜଣ ଆବଣ୍ଟନ ଗ୍ରାହୀଙ୍କ ମଧ୍ୟରୁ ସୁଚିସ୍ମିତା ଆଚାର୍ଯ୍ୟ ତା୦୬।୧୨।୨୦୧୯ରିଖରେ ଏକ Registered Deed of Relinquishment ମାଧ୍ୟମରେ ତାଙ୍କର ଉକ୍ତ ଗୃହରେ ଥିବା ସ୍ୱତ୍ୱ/ମାଲିକାନା ଉଚ୍ଛେଦ କରାଯାଇ (୧) ଶ୍ରୀମତୀ ପ୍ରମିଳା ଆଚାର୍ଯ୍ୟ, (୨) ମନୋରଞ୍ଜନ ଆଚାର୍ଯ୍ୟ, (୩) ମାନସ ରଞ୍ଜନ ଆଚାର୍ଯ୍ୟ, (୪) ମଳୟ ରଞ୍ଜନ ଆଚାର୍ଯ୍ୟ, (୫) ମିହିର ରଞ୍ଜନ ଆଚାର୍ଯ୍ୟଙ୍କ ନାମରେ ଗୃହ ନଂ.EB-616-ର ମାଲିକାନା ସମ୍ପୂର୍ଣ୍ଣରୂପେ କରିବାପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ଗୃହରୁ ତାଙ୍କର ସ୍ୱତ୍ୱ/ମାଲିକାନା ଉଚ୍ଛେଦ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦରଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହ ନଂ.EB-616ରେ ଥିବା ସ୍ୱତ୍ୱ/ମାଲିକାନା ସୁଚିସ୍ମିତା ଆଚାର୍ଯ୍ୟଙ୍କଠାରୁ ଉଚ୍ଛେଦ କରାଯାଇ ୧) ଶ୍ରୀମତୀ ପ୍ରମିଳା ଆଚାର୍ଯ୍ୟ, (୨) ମନୋରଞ୍ଜନ ଆଚାର୍ଯ୍ୟ, (୩) ମାନସ ରଞ୍ଜନ ଆଚାର୍ଯ୍ୟ, (୪) ମଳୟ ରଞ୍ଜନ ଆଚାର୍ଯ୍ୟ, (୫) ମିହିର ରଞ୍ଜନ ଆଚାର୍ଯ୍ୟଙ୍କ ନାମରେ ସମ୍ପୂର୍ଣ୍ଣ ସ୍ୱତ୍ୱ ଆଇନ୍ ଅନୁଯାୟୀ କରାଯିବ।

**ସ୍ୱା./- ଆବଣ୍ଟନ ଅଧିକାରୀ-୧,**
**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର**



# କାଜୁରେ ପୋକ ଦମନ

**କା**ଜୁରେ କାଣ୍ଡ ଓ ଚେର ବିନ୍ଧା ପୋକର ଦମନ ପାଇଁ ଆକ୍ରାନ୍ତ ଅଞ୍ଚଳରୁ ଶତକଡା ୫୦ ଭାଗ ବକଳ ଗୋଲେଇ କରି ଛଡାଇ ଦିଅନ୍ତୁ। ଏଥିସହିତ ପ୍ରତି ଟନେଲରେ ଏକ ମିଲି ମନୋକ୍ରୋଟଫସ(ଶତକଡା ୦.୦୫ ଭାଗ) ପ୍ରୟୋଗ କରନ୍ତୁ। ଉକୁଣିଆ ପୋକର ଦମନ ଲାଗି ପ୍ରତି ଲିଟର ପାଣିରେ ୨ ମିଲି ମିଥାଇଲ୍ ଡିମେଟନ୍ ସିଞ୍ଚନ କରନ୍ତୁ। ଗଛମୂଳରୁ ୧ ମିଟର ବ୍ୟାସାର୍ଦ୍ଧ ପରିମିତ ଅଞ୍ଚଳରୁ ଅନାବନା ଘାସ ବାଛି ଦିଅନ୍ତୁ। ଗଛ ପ୍ରତି ୧୦-୨୦ କିଗ୍ରା ଖତ, ୭୫୦ ଗ୍ରାମ୍ ଯବକ୍ଷାରଜାନ, ୧୨୫ଗ୍ରାମ୍ ଫସ୍ଫରସ୍ ଏବଂ ୧୨୫ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ପ୍ରତି ଗଛରେ ୨୦-୨୫ ଲିଟର ପାଣି ଦିଅନ୍ତୁ।



# ଖରାଟିଆ ଗେଣ୍ଡୁଫୁଲ

**ଆ**ଗରୁ ଖରାଟିଆ ଗେଣ୍ଡୁଫୁଲ ତଳି ପକାଇ ନ ଥିଲେ ଏବେ ତଳି ପକାନ୍ତୁ। ଅଧିକ ଅମଳକ୍ଷମ କମଳା ରଙ୍ଗ ସିରାକୋଲା କିସମ ବ୍ୟବହାର କରନ୍ତୁ। ତଳିଘରାରେ ଧାଡିକୁ ଧାଡି ୫ ସେମି ବ୍ୟବଧାନରେ ବିହନକୁ ୧ ସେମି ଗଭୀରରେ ବୁଣନ୍ତୁ। ଅତ୍ୟଧିକ ତାପମାତ୍ରାରୁ ରକ୍ଷା ପାଇବା ପାଇଁ ତଳିଘରାରେ ନଡା ଘୋଡାଇ ଦିଅନ୍ତୁ। ଏକରକୁ ୩୫୦ରୁ ୪୦୦ ଗ୍ରାମ୍ ମଞ୍ଜି ଆବଶ୍ୟକ ହୋଇଥାଏ। ଆଗରୁ ତଳି ପକାଇଥିଲେ ଏବଂ ୩ରୁ ୪ ପତ୍ରର ହୋଇଗଲେ ମୁଖ୍ୟ କିଆରିରେ ଲଗାନ୍ତୁ। ଜମିକୁ ଭଲଭାବେ ଗୁଣ୍ଡ କରି ଏକର ପ୍ରତି ୧୦ ଟନ୍ ଶଢା ଗୋବରଖତ ମିଶାଇ ଦିଅନ୍ତୁ। ଗଛ ଲଗାଇବା ପୂର୍ବରୁ ଏକର ପ୍ରତି ୧୬ କିଗ୍ରା ଯବକ୍ଷାରଜାନ, ୮୦ କିଗ୍ରା ଫସ୍ଫରସ୍ ଓ ୮୦ କିଗ୍ରା ପଟାସ୍ ସାର ପ୍ରୟୋଗ କରନ୍ତୁ ଏବଂ ୧୬ କିଗ୍ରା ଯବକ୍ଷାରଜାନ ଏକମାସ ପରେ କୋଡାଖୁସା କରି ଘାସ ବାଛି ପ୍ରୟୋଗ କରନ୍ତୁ। ତଳି ବଦଳରେ ଏକର ପ୍ରତି ୪୦,୦୦୦ କଟିଙ୍ଗ୍ସ ଦରକାର ହୋଇଥାଏ। ଧାଡିକୁ ଧାଡି ୩୦ ଓ ଗଛକୁ ଗଛ ୨୦-୨୦ ସେମି ବ୍ୟବଧାନରେ ରୁଅନ୍ତୁ। ତଳି ରୋଇବାର ୪୦ ଦିନ ପରେ ଅଗ ଡାଳଗୁଡିକୁ ଭାଙ୍ଗି ଦିଅନ୍ତୁ।

# ଗୋଖାଦ୍ୟ ଉପଚାରିତ ନଡ଼ା



ଚୌଧୁରୀ ବିଚିତ୍ରାନନ୍ଦ ପ୍ରହରାଜ



**ଆ**ମ ରାଜ୍ୟର ଗୋରୁ ସାଧାରଣତଃ ପଡ଼ିଆରେ ଚରିଥାନ୍ତି। କଞ୍ଚା ଘାସ ସେମାନଙ୍କୁ ପ୍ରାୟତଃ ବର୍ଷାଦିନେ ହିଁ ମିଳିଥାଏ। କେତେକ ଗୋପାଳକ ଘାସ ଚାଷ କରି ଗୋମହିଷାଦିଙ୍କୁ ବର୍ଷ ସାରା କଞ୍ଚା ଘାସ ଯୋଗାଉଥିଲେ ହେଁ ମୁଖ୍ୟତଃ ଧାନନଡା ଗୋଖାଦ୍ୟରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଗୋପାଳକମାନେ ଚାଷୀ ହୋଇଥିବାରୁ ସେମାନଙ୍କ ପାଖରେ ନଡା ବା ପାଳ ପର୍ଯ୍ୟାପ୍ତ ପରିମାଣରେ ମିଳିଥାଏ। ରୋମନ୍ଥନ କରୁଥିବା ପ୍ରାଣୀମାନଙ୍କ କ୍ଷେତ୍ରରେ ଧାନନଡାର ୪୦ରୁ ୫୦ ଭାଗ ହଜମ ହୋଇଥାଏ। ଛଣ ବା ନଡାରେ ୩ରୁ ୫ ପ୍ରତିଶତ ଅଶୋଧିତ ଶ୍ୱେତସାର ଥାଏ। ଖାଲି ନଡା ଖାଉଥିବା ଗୋରୁଙ୍କ ଖାଦ୍ୟରେ ଶତକଡା ୮ରୁ ୧୦ ଭାଗ ପୁଷ୍ଟିସାର ରହିବା ଆବଶ୍ୟକ। ନଡାରେ ୦.୦୨ରୁ ୦.୧୬ ପ୍ରତିଶତ ଫସ୍ଫରସ୍ ଥାଏ। ଗୋମହିଷାଦଙ୍କର ଶରୀର ବୃଦ୍ଧି ଓ ପ୍ରଜନନ ଲାଗି ଶତକଡା ୦.୩୧ ପ୍ରତିଶତ ଫସ୍ଫରସ୍ ଦରକାର। ସେହିପରି ଗୋଖାଦ୍ୟରେ ଶତକଡା ୦.୪ ପ୍ରତିଶତ କ୍ୟାଲସିୟମ ରହିବା ଦରକାର। କିନ୍ତୁ ନଡାରେ ଏତେ ପରିମାଣର କ୍ୟାଲସିୟମ ନ ଥିବା ବେଳେ ପର୍ଯ୍ୟାପ୍ତ ପରିମାଣର ତମ୍ବା ବା କପର ମଧ୍ୟ ନ ଥାଏ। ଏହାଛଡା ନଡାରେ ସିଲିକା ଭାଗ କମ ଥାଏ। ଉତ୍ତମ ହଜମ ଶକ୍ତି ବୃଦ୍ଧି, ଖାଦ୍ୟ ବୃଦ୍ଧି, ଶରୀର ବୃଦ୍ଧି ଏବଂ ପ୍ରଜନନ ଶକ୍ତି ବୃଦ୍ଧି ପାଇଁ ନଡାଗୁଡିକୁ ଉପଚାରିତ କରାଯାଇଥାଏ। ଛଣର ଉପଚାରକୁ ୩ ଭାଗରେ ବିଭକ୍ତ କରିପାରିବା। ପ୍ରଥମଟି ଭୌତିକ, ଦ୍ୱିତୀୟଟି ରାସାୟନିକ ଏବଂ ତୃତୀୟଟି ଜୀବ ବିଜ୍ଞାନୀୟ। ଚୂନାକରି, ରାନ୍ଧିକରି ଭୌତିକ ଉପାୟରେ ଗୋଖାଦ୍ୟରେ ପୋଷକତତ୍ତ୍ୱ ବୃଦ୍ଧି କରାଯାଇପାରେ। ଅଣୁ ଜୀବଙ୍କ ଦ୍ୱାରା ଜୀବ ବିଜ୍ଞାନୀୟ ଉପଚାର କରାଯାଇପାରେ। ମାତ୍ର ୩ଟି ଉପଚାର ମଧ୍ୟରୁ ରାସାୟନିକ ଉପଚାର ସର୍ବୋତ୍କୃଷ୍ଟ।

ନଡାକୁ ୟୁରିଆ, କ୍ୟାଲସିୟମ ହାଇଡ୍ରୋକ୍ସାଇଡ ଦ୍ୱାରା ଉପଚାରିତ କଲେ ନଡା ରୁଚିକର ହୋଇ ଖାଦ୍ୟ ଗ୍ରହଣ ବୃଦ୍ଧି ସଙ୍ଗେ ସଙ୍ଗେ ଦୁଗ୍ଧ ଉତ୍ପାଦନ ମଧ୍ୟ ବୃଦ୍ଧି ପାଇଥାଏ। ଛଣ ବା ନଡାକୁ ୟୁରିଆ ଦ୍ୱାରା ଉପଚାରିତ କରିଲେ ପାଣିରେ ୟୁରିଆରୁ ଆମୋନିଆ ନିର୍ଗତ ହୋଇଥାଏ। ୟୁରିଆ ବଜାର ଏବଂ ଗାଁ ଗହଳରେ ପ୍ରଚୁର ପରିମାଣରେ ମିଳୁଥିବା,ଉପଚାର ପ୍ରକ୍ରିୟା ସହଜ ହୋଇଥିବା ଏବଂ ମୂଲ୍ୟ ଶସ୍ତା ହୋଇଥିବାରୁ ଏହାର ଉପଯୋଗ ବହୁଳ ଭାବରେ ହେଉଛି।



ଛଣ ବା ନଡାକୁ ଗୋରୁଙ୍କୁ ସିଧାସଳଖ ଖାଇବାକୁ ଦେବା ଦ୍ୱାରା ସେମାନେ ସମ୍ପୂର୍ଣ୍ଣ ରୂପେ ଏହାକୁ ଖାଇ ପାରି ନ ଥାନ୍ତି ଏବଂ ରୁଚିକର ନ ହେବା ଦ୍ୱାରା ନଷ୍ଟ କରିଥାନ୍ତି। ସାଧାରଣତଃ ଗୋପାଳକମାନେ ଘାସକୁ ଘାସକଟା ଯନ୍ତ୍ର ଏବଂ ନଡାକୁ ଭୁଷି କଟା ପନିକିରେ କାଟି ଭୁଷି ହିସାବରେ ଖାଇବାକୁ ଦେଇଥାନ୍ତି। ବର୍ଦ୍ଧିତ ଦୁଗ୍ଧ ଉତ୍ପାଦନ, ଦାନା ଖର୍ଚ୍ଚ ହ୍ରାସ ପାଇଁ ନଡ଼ାକୁ ଉପଚାରିତ କରିବା ଆବଶ୍ୟକ। ନଡ଼ାକୁ ଟିକିଟିକି କରି କାଟି ବା ଭୁଷି କାଟି ଛୋଟ ନଡ଼ାଖଣ୍ଡଗୁଡ଼ିକୁ ଇଉରିଆ ଦ୍ରବଣ, ଲୁଣ, ଗୁଡ଼, କ୍ୟାଲ୍‌ସିୟମ୍ ପାଉଡର, ମକାଗୁଣ୍ଡ, ସୋୟାବିନଗୁଣ୍ଡ, କପାମଞ୍ଜି ଗୁଣ୍ଡ ମିଶାଇ ଉପଚାରିତ କରନ୍ତୁ। ଉପଚାରିତ ନଡ଼ା ସୁସ୍ୱାଦୁ ହେବା ସଙ୍ଗେ ସଙ୍ଗେ ଏହାର ଦ୍ରବ୍ୟଗୁଣ ବୃଦ୍ଧି ପାଇଥାଏ। ସହଜରେ ହଜମ ହୁଏ ଏବଂ ଦୁଗ୍ଧ ଉତ୍ପାଦନ ବୃଦ୍ଧିରେ ସହାୟକ ହୋଇଥାଏ।

ନଡ଼ାକୁ ୧ ଇଞ୍ଚ ବା ୨ ଇଞ୍ଚ ଲମ୍ବାରେ ଭୁଷିକଟା ପନିକି କିମ୍ବା ଘାସକଟା ଯନ୍ତ୍ରରେ କାଟନ୍ତୁ। ଛୋଟ ନଡ଼ାଖଣ୍ଡଗୁଡ଼ିକୁ ୧୨ ଘଣ୍ଟା ପାଣିରେ ବତୁରାଇ ଛାଣି ରଖନ୍ତୁ। ଗୋଟିଏ ପାତ୍ରରେ ଏକ ଲିଟର ପାଣି ନେଇ ୧୦୦ ଗ୍ରାମ ଇଉରିଆ, ୧୦୦ ଗ୍ରାମ ଲୁଣ, ୨୦୦ ଗ୍ରାମ କ୍ୟାଲସିୟମ୍ ପାଉଡର, ୨୦୦ ଗ୍ରାମ କାଣ୍ଟିଗୁଡ଼ ବା ରାବଗୁଡ଼ ମିଶାଇ ଏକ ଦ୍ରବଣ ତିଆରି କରନ୍ତୁ। ପୂର୍ବରୁ ପକ୍କା ଚଟାଣ କିମ୍ବା ପଲିଥିନ ଉପରେ ଖେଳାଯାଇଥିବା ୧୦ କି.ଗ୍ରା. ଭିଜା ନଡ଼ା ଉପରେ ଉପରୋକ୍ତ ଦ୍ରବଣକୁ ପାଣିଝରାରେ ସିଞ୍ଚନ କରନ୍ତୁ ଏବଂ ୧୫୦ ଗ୍ରାମ ମକାଗୁଣ୍ଡକୁ ତା' ଉପରେ ଛିଞ୍ଚି ହାତରେ ଭଲଭାବେ ଗୋଳାନ୍ତୁ। ନଡ଼ା ଉପଚାରିତ ହେବାର ୩ରୁ ୪ ଘଣ୍ଟା ପରେ ଗୋ ମହିଷାଦିଙ୍କୁ ଖାଇବାକୁ ଦିଅନ୍ତୁ। ଗୋଟିଏ ଦୁଧିଆଳି ଗାଈକୁ ଥରକେ ୪ କିଗ୍ରା ହିସାବରେ ଦିନକୁ ୪ ଥର ଉପଚାରିତ ନଡ଼ା ଖାଇବାକୁ ଦିଅନ୍ତୁ। ଗର୍ଭବତୀ ଗାଈ, ଛଡ଼ା ଏବଂ ବାଛୁରୀଙ୍କୁ ଉପଚାରିତ ନଡ଼ା ଦିଅନ୍ତୁ ନାହିଁ। ବଳଦ ଏବଂ ପଡ଼ିଆ ଗାଈଙ୍କୁ ଉପଚାରିତ ନଡ଼ା ଖାଇବାକୁ ଦେଇ ଦାନା ଖର୍ଚ୍ଚ ହ୍ରାସ କରାଯାଇପାରେ। ଉପଚାରିତ ନଡ଼ା ପାଇଁ ଧାର୍ଯ୍ୟ ୟୁରିଆର ପରିମାଣଠାରୁ ଇଉରିଆ ଯେପରି ଅଧିକ ନ ହେବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।

ଛୋଟ ଛୋଟ ନଡ଼ାକୁ ଭିଜାଇ ବାମ୍ଫ ଦେଇ ମଧ୍ୟ ଗାଈକୁ ଖାଇବାକୁ ଦିଆଯାଇପାରେ। ସୋଡ଼ିୟମ, କ୍ୟାଲସିୟମ, ପୋଟାସିୟମ, ହାଇଡ୍ରୋକ୍ସାଇଡ ଏବଂ ଆମୋନିଆରେ ମଧ୍ୟ ନଡ଼ାକୁ ଉପଚାରିତ କରାଯାଇପାରିବ। ଜୀବ ବିଜ୍ଞାନୀୟ ପଦ୍ଧତିରେ କବକ ବା ଫିମ୍ପି ଦ୍ୱାରା ମଧ୍ୟ ନଡ଼ାକୁ ଉପଚାରିତ କରାଯାଇପାରିବ। ୟୁରିଆ ଦ୍ୱାରା ନଡ଼ାର ଉପଚାର ସବୁଠୁ ଶସ୍ତା ହେଲେ ମଧ୍ୟ କବକଙ୍କ ଦ୍ୱାରା ଉପଚାର ସବୁଠୁ ନିରାପଦ ପ୍ରକ୍ରିୟା ଏବଂ ପରିବେଶର ସୁରକ୍ଷା ମଧ୍ୟ କରିଥାଏ।

ଉପଚାରିତ ନଡ଼ା ଖାଇଲେ ଗୋ ମହିଷାଦିଙ୍କର ନଡ଼ା ଖାଇବା ବଢ଼େ, ସ୍ୱାସ୍ଥ୍ୟ ଭଲ ରହେ, ଚର୍ମ ଚିକ୍‌କଣ ଦିଶେ, ଗୋଖାଦ୍ୟ ଖର୍ଚ୍ଚ କମ୍ ହେବା ସଙ୍ଗେସଙ୍ଗେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଥାଏ। ତେଣୁ କମ୍ ଖର୍ଚ୍ଚରେ ଗୋଖାଦ୍ୟରେ ପୁଷ୍ଟିସାର, ଖଣିଜ ଦ୍ରବ୍ୟର ଆବଶ୍ୟକତା ପୂରଣ ଲାଗି ଉପଚାରିତ ନଡ଼ା ଅନ୍ୟଏକ ସହଜ ଏବଂ ଉପାଦେୟ ଉପାୟ।

ମୋ: ୭୮୯୪୩୩୫୩୭୧

# ଚାଷରୁ ମିଳୁଛି ଆନନ୍ଦ

## ସଫଳଚାଷୀ
## ବସନ୍ତ କୁମାର ଦାସ

**ଭ**ଦ୍ରକ ଜିଲା ବାସୁଦେବପୁର ବ୍ଲକ ତଳସାହି ଗ୍ରାମର ବସନ୍ତ କୁମାର ଦାସ(ମୋ:୯୬୯୨୦୦୬୬୪୬)। ମା' ଜାଡିମଣି ଦାସ ଓ ପିତାଙ୍କ ନାମ ମହେନ୍ଦ୍ର ଦାସ। ଜଣେ ସଫଳ ଚାଷୀ ଭାବରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି ବସନ୍ତ। ଚାଷ ପ୍ରତି ଅହେତୁକ ଆଗ୍ରହ ଏବଂ ପରିଶ୍ରମ ପ୍ରତି ଆନ୍ତରିକତା ତାଙ୍କୁ ଏଇଠି ପହଞ୍ଚାଇଛି ବୋଲି କୁହନ୍ତି ସେ।

୧୯୯୪ରେ ବାପାଙ୍କର ଆକସ୍ମିକ ମୃତ୍ୟୁ ପରେ ପରିବାର ବୋଝ ଲଦି ହୋଇପଡ଼ିଲା ବସନ୍ତଙ୍କ ଉପରେ। ଗ୍ରାଜୁଏଶନ୍ ଶେଷ ପରେ ବାଲେଶ୍ୱରସ୍ଥିତ ବିର୍ଲା ଟାୟାର୍ସରେ ଅସ୍ଥାୟୀ କର୍ମଚାରୀ ଭାବେ ୨ ବର୍ଷ କାର୍ଯ୍ୟ କରିଥିଲେ। ସ୍ୱଳ୍ପ ଦରମାରେ ପରିବାର ଚଳାଇବା ଦିନକୁ ଦିନ କଷ୍ଟକର ହେବାରୁ ସେ ଚାକିରି ଛାଡ଼ି ଦେଲେ। ଆଉ ସ୍ୱରୋଜଗାରକ୍ଷମ ହେବା ଲାଗି କୃଷିକୁ ଆପଣାଇବା ପାଇଁ ସେ ଗାଁକୁ ଫେରିଆସିଲେ। ଆରମ୍ଭ ହେଲା ଉଦ୍ୟମ। ୧୯୯୭ରେ ସେ ତାଙ୍କର ୫ ଏକର ଜମିରେ କୃଷି କାର୍ଯ୍ୟ ଆରମ୍ଭ କଲେ। ପ୍ରାଥମିକ ସଫଳତା ଭେଣ୍ଡି, ବିନ୍, ଜହ୍ନି, କାକୁଡ଼ି, ଟମାଟୋ, ଶିମ୍ବ, ଲଙ୍କା ଭଳି ପନିପରିବା ଚାଷ କରିଥିବା ବେଳେ ୩୫୦ ମନ୍ଦା ବୋଇତାଳୁ ଚାଷ କରିଛନ୍ତି। ପନିପରିବା ଚାଷରୁ ବାର୍ଷିକ ୨ ଲକ୍ଷରୁ ଉର୍ଦ୍ଧ୍ୱ ଓ ଧାନ ଫସଲରୁ ଅଢେଇ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ରୋଜଗାର ହେଉଥିବା କୁହନ୍ତି ସେ । ଧାଡ଼ିରୁଆ କ୍ଷେତ୍ରରେ ସେ ଜଣେ ଆଦର୍ଶ ଚାଷୀ । କୃଷି ଓ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ୨୦୧୧ରେ ଆନ୍ଧ୍ରପ୍ରଦେଶ, ୨୦୧୩ରେ ହରିୟାଣା, ହିମାଚଳ ପ୍ରଦେଶ, ଦିଲ୍ଲୀ, ୨୦୧୯ରେ ଝାଡ଼ଖଣ୍ଡ ଆଦି ରାଜ୍ୟକୁ କୃଷି ବିଭାଗ ଓ ରାଜ୍ୟସରକାରଙ୍କ ପକ୍ଷରୁ ଏକ୍ସପୋଜର୍ ଭିଜିଟ୍ ପାଇଁ ଯାଇ ଅନ୍ୟ ଚାଷୀଙ୍କ ପାଇଁ ଉଦାହରଣ ମଧ୍ୟ ପାଲଟିଛନ୍ତି ବସନ୍ତ। ୨୦୧୧ରେ ଜିଲାର ଶ୍ରେଷ୍ଠ ଚାଷୀ, ୨୦୧୪/୧୫ରେ ସଫଳ ଧାଡ଼ିରୁଆ ଚାଷୀ, ୨୦୧୨ରେ କୃଷିମନ୍ତ୍ରୀଙ୍କ ଠାରୁ ସମ୍ବର୍ଦ୍ଧିତ ହୋଇଥିବା ବେଳେ ବିଭିନ୍ନ ଅନୁଷ୍ଠାନ ଓ ସଂସ୍ଥା ପକ୍ଷରୁ ମଧ୍ୟ ସେ ସମ୍ବର୍ଦ୍ଧିତ ହୋଇଛନ୍ତି। ଏଥିସହିତ



ତାଙ୍କ ମନୋବଳକୁ ବଢାଇଦେଲା। ପରେ ନିଜସ୍ୱ ଉଦ୍ୟମରେ ଏକ ଉଠା ଜଳସେଚନ ପଏଣ୍ଟ ବସାଇ କୃଷି କାର୍ଯ୍ୟକୁ ତ୍ୱରାନ୍ୱିତ କରାଇଲେ। ରବି ଓ ଖରିଫ୍ ଋତୁରେ ବୈଷୟିକ ଜ୍ଞାନ କୌଶଳକୁ ଆଧାର କରି ଉନ୍ନତ ମାନର ଯନ୍ତ୍ରାଂଶ ସହାୟତାରେ କୃଷି କାର୍ଯ୍ୟକୁ ଆଗେଇ ନେଲେ। ୨୦୦୭ରେ ତତ୍କାଳୀନ କୃଷି ଅଧିକାରୀ ଲକ୍ଷ୍ମୀଧର ସାହୁଙ୍କ ପ୍ରେରଣାରେ ରବି ଋତୁରେ ସୂର୍ଯ୍ୟମୁଖୀ, ସୋରିଷ, ମୁଗ, ବିରି ସମେତ ପନିପରିବା ଚାଷ କଲେ। ଏଥିସହିତ ନିଜେ ସ୍ୱାବଲମ୍ବୀ ହେବା ସହ ଆଉ କେତେଜଣଙ୍କୁ ରୋଜଗାର ଯୋଗାଇବାରେ ସମର୍ଥ ହେଲେ। ବର୍ତ୍ତମାନ ୪ ଏକରୁ ଉର୍ଦ୍ଧ୍ୱ ଜମିରେ ସୂର୍ଯ୍ୟମୁଖୀ ସମେତ ଅନ୍ୟ ତୈଳବୀଜ ଫସଲ ଏବଂ କଲରା, ବାଇଗଣ, ଜଣେ ସଫଳ କଳାକାର ଭାବରେ ମଧ୍ୟ ବେଶ୍ ଜଣାଶୁଣା। ପିଲାଟିଦିନରୁ ନାଟକ ପ୍ରତି ତାଙ୍କର ମଧ୍ୟ ବେଶ୍ ଆଗ୍ରହ ଥିଲା। ବର୍ତ୍ତମାନ ସୁଦ୍ଧା ଶହେରୁ ଉର୍ଦ୍ଧ୍ୱ ନାଟକରେ ସେ ଅଭିନୟ କରିସାରିଲେଣି। କୃଷି ଓ କଳାର ଏହି ସମନ୍ୱିତ ବ୍ୟକ୍ତିଙ୍କୁ ଚାଷକାର୍ଯ୍ୟରୁ ଆନନ୍ଦ ମିଳୁଥିବା ବ୍ୟକ୍ତ କରନ୍ତି। ଯୁବସମାଜ ଚାଷ ପ୍ରତି ଆକୃଷ୍ଟ ହୋଇ ବୈଜ୍ଞାନିକ ଜ୍ଞାନ କୌଶଳ ଆଧାରରେ କୃଷି କାର୍ଯ୍ୟ କଲେ ନିଶ୍ଚିତ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ଦୃଢୋକ୍ତି ବାଢନ୍ତି ସେ। ତେବେ ବାସୁଦେବପୁରରେ ଫସଲ ସଂରକ୍ଷଣ ପାଇଁ ଏକ ଶୀତଳଭଣ୍ଡାରର ଆବଶ୍ୟକତା ରହିଛି। ସରକାର ଏହାର ବିହିତ ବ୍ୟବସ୍ଥା କରାଇଲେ ଅନେକ ଚାଷୀ ଉପକୃତ ହୋଇପାରନ୍ତେ ବୋଲି କୁହନ୍ତି ଏହି ଅଗ୍ରଣୀ ଚାଷୀ।

-ନାରାୟଣ ଚନ୍ଦ୍ର ବାରିକ

# ଜୈବିକ ପଦ୍ଧତିରେ ଲଙ୍କାଚାଷ

ମାନସ ରଞ୍ଜନ ପଟ୍ଟନାୟକ

**ଲ**ଙ୍କା ଏକ ଅର୍ଥକରୀ ମସଲା ଫସଲ। ଏହା ଖାଦ୍ୟକୁ ସ୍ୱାଦ ଓ ରଙ୍ଗ ଯୋଗାଇଥାଏ। ଏଥିରେ ଆମେ ଭିଟାମିନ୍-ଏ, ସି, ଇ ଏବଂ ପି ରହିଛି।

-ଉଷ୍ଣ ଓ ଗ୍ରୀଷ୍ମମଣ୍ଡଳ ଅଞ୍ଚଳରେ ଏହା ସବୁ ଋତୁରେ ଲଙ୍କାଚାଷ କରାଯାଇ ପାରିବ। - ନିଗିଡ଼ା, ଦୋରସା, ଉର୍ବର ଏବଂ ପିଏଚ୍ ୬-୭ ଥିବା ମାଟିରେ ଲଙ୍କାଚାଷ ଭଲ ହୋଇଥାଏ। ରାସାୟନିକ କ୍ଷେତଠାରୁ ୨୫ରୁ ୫୦ ଫୁଟ ଦୂରରେ ଜୈବିକ ଚାଷ କରାଯାଏ।

**କିସମ:** ଅଧିକ ଅମଳକ୍ଷମ ଓ ରୋଗପୋକ ନିରୋଧକ କିସମଗୁଡ଼ିକ ହେଲା ଉତ୍କଳ ଆଭା, ଉତ୍କଳ ରଶ୍ମୀ, ସିନ୍ଦୁରୀ, ପୁଷାଜ୍ୱାଳା।

**ବଂଶବିସ୍ତାର:** ଏକର ପ୍ରତି ୪୦୦ରୁ ୬୦୦ ଗ୍ରାମ ବିହନ ଆବଶ୍ୟକ। ବୁଣିବା ପୂର୍ବରୁ ୨.୫ ଗ୍ରାମ୍ ଟ୍ରାଇକୋଡ୍ରମା ଭିରିଡି ସହିତ ବିହନ ଶୋଧନ କରି ବୁଣାଯାଏ।

**ଚାରା ପ୍ରସ୍ତୁତି:** ମାଟିକୁ ସୂର୍ଯ୍ୟକିରଣ ବିଶୋଧନ ପଲିଥିନ ଘୋଡ଼ାଇ ରଖନ୍ତୁ। ଲଗାଇବାର ୩୦-୩୫ ଦିନ ପୂର୍ବରୁ ୪୦-୪୫ ବର୍ଗମିଟର ତଳିଘେରା ପ୍ରସ୍ତୁତ କରି ବର୍ଗମିଟର ପ୍ରତି ୩ କି.ଗ୍ରା ଜିଆଖତ କିମ୍ବା ୫ କି.ଗ୍ରା ଶଢ଼ା କମ୍ପୋଷ୍ଟ ଏବଂ ୨୫୦ ଗ୍ରାମ୍ ନିମ ପିଡିଆ ମିଶାଯାଏ। ୧୦ ଗ୍ରାମ୍ ଟ୍ରାଇକୋଡ୍ରମା ଭିରିଡ଼ିକୁ କମ୍ପୋଷ୍ଟ ସହିତ ମିଶାଇ ପକାଇଲେ ମୂଳଶଢ଼ା ରୋଗ ହୋଇ ନ ଥାଏ। ଶୁଷ୍କ ପକ୍ଷରେ ବିହନକୁ ୫-୭ ସେମି ବ୍ୟବଧାନରେ ୧ ସେ.ମି. ଗଭୀରରେ ପକାଇ ଘାସପତ୍ର ଘୋଡ଼ାଇ ଚାରା କରାଯାଏ। ଭାସ୍‌କଲଚର ୧-୨ କି.ଗ୍ରା (ବର୍ଗମିଟର) ପ୍ରୟୋଗ କଲେ ଉପକାର ମିଳିଥାଏ।

**ଲଗାଇବା ପ୍ରଣାଳୀ:** ଚାରା ରୋପଣର ୬-୭ ସପ୍ତାହ ପୂର୍ବରୁ ଏକର ପ୍ରତି ୨୦୦ କିଗ୍ରା କାଗଜ କଳ ମଇଳା (ଅମ୍ଳୀୟ ମାଟି ବେସ୍) ୨୦୦ କି.ଗ୍ରା ନିମ, କରଞ୍ଜ, ମହୁଲ ବା ଜଡା ପିଡିଆ ଏବଂ ୧୨୦ କିଗ୍ରା ରକ୍ ଫସ୍‌ଫେଟ୍ ମିଶାଇ ୨୦ କିଗ୍ରା ବୁଣି ବା ଧନିଆ ମଞ୍ଜି ବୁଣି ଗଛକୁ ମାଟିରେ ମିଶାନ୍ତୁ। ଏକର ପ୍ରତି ୬-୮ ଟନ ଶଢ଼ା କମ୍ପୋଷ୍ଟ ମିଶାଇ ୩-୪ ଓଡ ଚାଷ କରି ପଟାଳିରେ ଧାଡିକୁ ଧାଡି ୩୦-୯୦ ସେ.ମି, ଗଛକୁ ଗଛ ୨୦-୩୫ ସେମି ବ୍ୟବଧାନରେ ଲଗାନ୍ତୁ। ଚାରାରୋପଣ ପୂର୍ବରୁ ଚାରାର ମୂଳକୁ ଟ୍ରାଇକୋଡ୍ରମା ଭିରିଡ଼ି (୫ ଗ୍ରାମ୍ +୧୦-୨୦ମି.ଲି ପାଣି)ରେ ବିଶୋଧନ କରନ୍ତୁ।

**ଖତସାର ପରିଚାଳନା:** ଜମି ପ୍ରସ୍ତୁତି ସମୟରେ ଏକର ପ୍ରତି ୬-୮ ଟନ୍ କମ୍ପୋଷ୍ଟ ଏବଂ ୧୨୦ କିଗ୍ରା ରକ୍ ଫସ୍‌ଫେଟ୍ ପ୍ରୟୋଗ କରନ୍ତୁ। ଲଗାଇବା ସମୟରେ ଆଜୋଟୋ ବ୍ୟାକ୍ଟର ଏବଂ ଫସଫେଟ୍ କଲ୍‌ଚରରେ ଚାରା ଚେର ଶୋଧନ କରନ୍ତୁ କିମ୍ବା ଏକର ପ୍ରତି ୨-୩ କିଗ୍ରା ଲେଖାଏଁ ମାଟିରେ ପ୍ରୟୋଗ କରନ୍ତୁ। ଏକର ପ୍ରତି ୧-୨ କୁଇଣ୍ଟାଲ ମେଣ୍ଢା ଛେଳି ଖତ ଏବଂ କୁଇଣ୍ଟାଲ ନିମ ପିଡିଆ ମଧ୍ୟ ପ୍ରୟୋଗ କରାଯାଇପାରିବ। କୋଡାଖୁସା ସମୟରେ ଏକର ପ୍ରତି ୧ କୁଇଣ୍ଟାଲ ଜିଆଖତ ଏବଂ ୮୦ ଷ୍ଟେରାମିଲ୍ ପ୍ରୟୋଗ କରାଯିବା ଆବଶ୍ୟକ। ଗୋମୂତ୍ର ପାଣିରେ ମିଶାଇ ୧:୧୦ ସାତଦିନ ବ୍ୟବଧାନରେ ସିଞ୍ଚନ କଲେ ଯବକ୍ଷାରଜାନ ଅଭାବ ପଡି ନ ଥାଏ।



**ରୋଗ ପୋକ ପରିଚାଳନା-**

**ମୂଳଶଢ଼ା ରୋଗ:** ବିହନକୁ ତଳିଘର ମାଟିକୁ ଟ୍ରାଇକୋଡ୍ରମା ଭିରିଡି ଦ୍ୱାରା ବିଶୋଧନ କରନ୍ତୁ। ତଳିଘେରା ମାଟିକୁ ସୂର୍ଯ୍ୟକରିଣରେ ବିଶୋଧନ କରନ୍ତୁ ଏବଂ ତଳିଘେରା ପ୍ରତିବର୍ଷ ବଦଳାନ୍ତୁ।

**ପତ୍ରମୋଡ଼ା ରୋଗ:** ହଳଦୀଗୁଣ୍ଡ, ପେଜ ଓ ପାଣିକୁ ସମ ପରିମାଣରେ ମିଶାଇ ଛାଣିବାପରେ ବଡ଼ି ସକାଳୁ (ସୂର୍ଯ୍ୟୋଦୟ ପୂର୍ବରୁ)ସ୍ପ୍ରେ କରନ୍ତୁ।

**ମୋଡ଼ାଇକ ରୋଗ:** ଆକ୍ରାନ୍ତ ଗଛକୁ ଉପାଡ଼ି ନଷ୍ଟ କରିବା ସହିତ ଏବଂ ଏହାର ପରିଚାଳନା ପାଇଁ ୩% ନିମ ତେଲ ପ୍ରୟୋଗ କରନ୍ତୁ। (କ୍ରମଶଃ...)

*- ପ୍ରିନ୍ସିପାଲ, ଆଗ୍ରୋ-ପଲିଟେକ୍ନିକ୍ କଲେଜ, ବୌଦ୍ଧ, ଓୟୁଏଟି*

# ଚାଷୀଙ୍କ ପାଇଁ...

-ଖରାଦିନିଆ ଗୋଖାଦ୍ୟ ପାଇଁ ଶସ୍ୟଜାତୀୟ ଫସଲ ଯଥା ମକା ଓ ବାଜରା ଏବଂ ଡାଲିଜାତୀୟ ଫସଲ ବରଗୁଡି ଓ ଡଙ୍ଗର ରାଣୀ ଚାଷ କରନ୍ତୁ। ସବୁଦିନିଆ ଗୋଖାଦ୍ୟ ଫସଲ ଯଥା ସଙ୍କର ନେପିଅର ବାଜରା ଓ ଗିନି ଘାସରେ ଏକର ପ୍ରତି ୧୬ କିଗ୍ରା ଯବକ୍ଷାରଜାନ ପ୍ରୟୋଗ କରି ଜଳସେଚନ କରନ୍ତୁ।

-ଗୋରୁଙ୍କ ସାହାଣ, ବଜବଜିଆ ଓ ଫାଟୁଆ ରୋଗ ପାଇଁ ଏଫ୍‌ଏମ୍‌ଡି ଭ୍ୟାକ୍ସିନ୍ ଓ ଛେଳିଙ୍କ ପିପିଆର ରୋଗ ଲାଗି ପିପିଆର ରୋଗ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ।

- କୁକୁଡାଙ୍କର ନାଲି ଝାଡା ହେଉଥିଲେ ଅଧ ଗ୍ରାମ ଫ୍ୟୁରାସଲକୁ ଏକ ଲିଟର ପାଣିରେ ମିଶାଇ ୩ ଦିନ ପର୍ଯ୍ୟନ୍ତ ଦିଅନ୍ତୁ।

-କୁକୁଡାଙ୍କ ଘୁମା ରୋଗର ନିୟନ୍ତ୍ରଣ ପାଇଁ ପ୍ରଥମ ୭ ଦିନ ଭିତରେ ଲାସୋଟା ପ୍ରତିଷେଧକ ଟିକା ଏବଂ ୧୩-୧୫ ଦିନ ଭିତରେ ଆଇବିଟି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ।

-ବନରାଜ ଓ ଗ୍ରାମପ୍ରିୟ କୁକୁଡା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡା ଫାର୍ମ ସହ ଯୋଗାଯୋଗ କରିପାରନ୍ତି।



## ସଂକ୍ଷେପରେ

### ଟ୍ରାକ୍ଟର ଧକ୍କାରେ ଜଣେ ମୃତ

**ଜେନାପୁର,୧୮।୨(ଡି.ଏନ୍.ଏ.):** ଜେନାପୁର ଥାନା ଅନ୍ତର୍ଗତ ପୁରୁଣା ବଉଳମାଳ ଗ୍ରାମ ରାସ୍ତାରେ ଟ୍ରାକ୍ଟର ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ କୁଆଖିଆ ଥାନା ଅନ୍ତର୍ଗତ ସୁଲିଆ ଗ୍ରାମର ବାବାଜୀ ଖୁଣ୍ଟିଆ(୬୦)। ସବୁଦିନ ପରି ବାବାଜୀ ଚାଉଳ ବ୍ୟବସାୟ ସାରି ଘରକୁ ଲୁନାରେ ଫେରୁଥିବା ସମୟରେ ବୀପରିତ ଦିଗରୁ ଆସୁଥିବା ଏକ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଉପସ୍ଥିତ ଲୋକଙ୍କ ସହଯୋଗରେ ବାବାଜୀଙ୍କୁ ତୁରନ୍ତ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଜେନାପୁର ଥାନା ପୋଲିସ ଖବର ପାଇ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ପୋଲିସ ଅଧିକ ତଦନ୍ତ ଚଳାଇଛି।

# କଲ୍ୟାଣପୁର ସରପଞ୍ଚଙ୍କ ନିଲମ୍ବନ ଆଦେଶ ହାଇକୋର୍ଟରେ ଖାରଜ

## ୨୪ଘଣ୍ଟା ମଧ୍ୟରେ ଦାୟିତ୍ୱ ହସ୍ତାନ୍ତର କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ

**ବିଞ୍ଝାରପୁର,୧୮।୨(ଡି.ଏନ୍.ଏ)**

ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ସରପଞ୍ଚ ସୁନୀତା ନାୟକଙ୍କୁ ନିଲମ୍ବନ କରିବା ଜିଲା ପ୍ରଶାସନକୁ ମହଙ୍ଗା ପଡ଼ିଛି। ସରପଞ୍ଚ ସୁନିତା ନାୟକଙ୍କ ନିଲମ୍ବନକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବେଆଇନ ଦର୍ଶାଇ ୨୪ ଘଣ୍ଟା ମଧ୍ୟରେ ସରପଞ୍ଚଙ୍କୁ ଦାୟିତ୍ୱ ପ୍ରଦାନ ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରକାଶ ଯେ, ୨୦୧୯ ସେପ୍ଟେମ୍ବର ୨୬ତାରିଖରେ ପଞ୍ଚାୟତରାଜ ବିଭାଗର ନିର୍ଦ୍ଦେଶ କ୍ରମେ ଜିଲା ପ୍ରଶାସନ କଲ୍ୟାଣପୁର ସରପଞ୍ଚ ସୁନୀତା ନାୟକଙ୍କୁ ନିଲମ୍ବିତ କରିଥିଲା । କଲ୍ୟାଣପୁର ପଞ୍ଚାୟତର ସରପଞ୍ଚ ସୁନୀତାଙ୍କ ବଦଳରେ ତାଙ୍କ ସ୍ୱାମୀ ମୁକ୍ତିକାନ୍ତ ସାମଲ ଗ୍ରାମ ସଭାରେ ସଭାପତିତ୍ୱ କରୁଥିଲେ


ସୁନୀତା ନାୟକ

ବୋଲି ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ଆଧାର କରି ଜିଲା ପ୍ରଶାସନ କଲ୍ୟାଣପୁର ସରପଞ୍ଚ ସୁନୀତାଙ୍କୁ ନିଲମ୍ବିତ କରିଥିଲେ। ତେବେ ଜିଲା ପ୍ରଶାସନର ଏହି ନିଷ୍ପତ୍ତି ବିରୋଧରେ ସରପଞ୍ଚ ସୁନୀତା ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ସମସ୍ତ ପ୍ରମାଣପତ୍ର ଓ ଜିଲା ପ୍ରଶାସନର ଦଲିଲକୁ ଅନୁଧ୍ୟାନ ପରେ ଉଚ୍ଚ ନ୍ୟାୟାଳୟର ବିଚାରପତି ଡି. ଦାସ ଜିଲା ପ୍ରଶାସନର ନିଲମ୍ବନକୁ ଖାରଜ କରିବା ସହ ୨୪ ଘଣ୍ଟା ମଧ୍ୟରେ ସରପଞ୍ଚଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଉଚ୍ଚନାୟାଳୟଙ୍କ ଏହି ରାୟ ଆସିବା ପରେ କଲ୍ୟାଣପୁର ପଞ୍ଚାୟତରେ ଉତ୍ସବର ମାହୋଲ ସୃଷ୍ଟି ହୋଇଛି। ଅପରପକ୍ଷରେ ଏହି ବିଜୟ କଲ୍ୟାଣପୁରବାସୀଙ୍କ ବୋଲି ସରପଞ୍ଚ ସୁନୀତା କହିଛନ୍ତି। ସରପଞ୍ଚ ସୁନୀତା ନାୟକଙ୍କ ପକ୍ଷରୁ ଆଇନଜୀବୀ ବିଜୟ କୁମାର ବେହେରା ମାମଲା ପରିଚାଳନା କରୁଥିଲେ । ସୂଚନା ଯୋଗ୍ୟ ଯେ, କଲ୍ୟାଣପୁର ସରପଞ୍ଚ ପ୍ରଥମେ ବିଜେଡି ସମର୍ଥନରେ ରହି ଆସିଥିବାବେଳେ ଗତ ସାଧାରଣ ନିର୍ବାଚନ ସମୟରେ ସେ ଭାଜପାରେ ସାମିଲ ହୋଇଥିଲେ। ଫଳରେ ଏହି ପଞ୍ଚାୟତରେ ବିଜେଡି–ଭାଜପା ମଧ୍ୟରେ ଛକାପଞ୍ଝା ଓ ଗଣ୍ଡଗୋଳ ଲାଗି ରହିଥିଲା। ଉଚ୍ଚନ୍ୟାୟଳୟଙ୍କ ଆଦେଶ ପ୍ରକାଶ ପରେ କଲ୍ୟାଣପୁରରେ ଆନନ୍ଦର ଲହରୀ ଖେଳିଯାଇଛି।

# ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟିଲା ଭ୍ୟାନ୍, ଜଣେ ଗୁରୁତର


ରାସ୍ତାକଡ଼କୁ ଓଲଟି ପଡିଥିବା ଭ୍ୟାନ୍।

**ରସୁଲପୁର,୧୮।୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ସୁଆଁସାହି ଛକ ନିକଟରେ ଘରକରଣା ସାମଗ୍ରୀ(ହୋମ ଆପଲିଆନ୍ସ) ନେଇ ଯାଉଥିବା ଏକ ଏକ ମାରୁତି ଭ୍ୟାନ (ନଂ. ଓଡି୩୪–ଡି–୪୨୧୭) ମଙ୍ଗଳବାର ମଧ୍ୟାହ୍ନରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଭ୍ୟାନଟି ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡ଼ିଥିଲା। ଉକ୍ତ ଭ୍ୟାନରେ ଯାଜପୁର ରୋଡ ଅଞ୍ଚଳର ଦୁଇଜଣ ବ୍ୟକ୍ତି ଥିଲେ । ସେମାନଙ୍କ ମଧ୍ୟରୁ ଅନାମ ଚରଣ ସାହୁ(୫୨) ଗୁରୁତର ଆହତ ହୋଇଥିବାବେଳେ ଅନ୍ୟ ଜଣକ ସାମାନ୍ୟ ଆହତ ହୋଇଛନ୍ତି। ଆହତଙ୍କୁ ମଧୁବନ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଛି । ଏ ସମ୍ପର୍କରେ କୁଆଖିଆ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ରାଜପଥର ଗୋଟିଏ ପାର୍ଶ୍ୱରେ ଗାଡ଼ି ଚଳାଚଳ କରୁଥିବାରୁ ଏଭଳି ଦୁର୍ଘଟଣା ଘଟୁଛି ବୋଲି ସ୍ଥାନୀୟ ଅଞ୍ଚଳର ଲୋକେ ମତ ରଖିଛନ୍ତି।

# ଗୋପାଳନ ଦକ୍ଷତାବୃଦ୍ଧି ତାଲିମ ଶିବିର

## ଗାଈ ଚାଷୀଙ୍କୁ ଆତ୍ମ ନିର୍ଭରଶୀଳ କରିବାର ବାଟ ଦେଖାଇଲେ

**ରସୁଲପୁର,୧୮।୨(ଡି.ଏନ୍.ଏ.)**

ଚାଷ କହିଲେ କେବଳ କ୍ଷେତରେ ଫସଲ ଚାଷ କରିବାରେ ସୀମିତ ନୁହେଁ। ଗୋ–ପାଳନକୁ ମଧ ଚାଷର ମାନ୍ୟତା ମିଳିଛି। ଏହି ଜରିଆରେ ଜଣେ ଚାଷୀ ବେଶ୍ ଆତ୍ମନିର୍ଭରଶୀଳ ହୋଇପାରିବ। ତେବେ ଏଦିଗରେ ଚାଷୀମାନଙ୍କୁ ଅଧିକ ଯତ୍ନଶୀଳ ହେବାକୁ ପଡ଼ିବ। ଗୋ ଉତ୍ପାଦିତ ସମାଗ୍ରୀକୁ ବଜାରରେ ବିକ୍ରି କରି କିପରି ଲାଭବାନ ହୋଇପାରିବା ଏବଂ ଏଦିଗରେ ସରକାରଙ୍କ ସାହାଯ୍ୟ ଓ ସହାୟତା ସମ୍ପର୍କରେ ଏକ ଗୋ–ପାଳନ ଦକ୍ଷତା ବୃଦ୍ଧି ତାଲିମ୍ ଶିବିର ଅନୁଷ୍ଠିତ ହୋଇଛି। ରସୁଲପୁର ବ୍ଲକ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ରସୁଲପୁର ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ରଞ୍ଜନ କୁମାର ସେଠୀ ଅଧକ୍ଷତା କରିଥିଲେ। ଉକ୍ତ ଶିବିରରେ ଯାଜପୁର ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସରୋଜ କୁମାର ସାହୁ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ପଣ୍ଡା, ଧର୍ମଶାଳା ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରିଣୀ ଡାକ୍ତର ମୋନାଲିସା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇ ଚାଷୀଙ୍କୁ ଗୋ–ପାଳନର ବିଭିନ୍ନ ଦିଗ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏଥିସହ ଗାଈଙ୍କୁ ସୁରକ୍ଷିତଭାବେ ରଖିବାର କୌଶଳ, ଦୁଗ୍ଧ ଉତ୍ପାଦନ ବୃଦ୍ଧି ଘଟାଇବା, ଗାଈମାନଙ୍କୁ ଟୀକାକରଣ ଉପାୟ, କୃତିମ ପ୍ରଜନନ ସମ୍ପର୍କରେ ସୂଚନା ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସରକାରଙ୍କ ପକ୍ଷରୁ ମାଗଣାରେ ଫାଟୁଆ ଓ ବ୍ରୁସେଲା ଟୀକା ପ୍ରଦାନ କରାଯାଉଛି । ଏହି କାର୍ଯ୍ୟକ୍ରମ ଚଳିତବର୍ଷ ମାର୍ଚ୍ଚମାସ ପର୍ଯ୍ୟନ୍ତ ଚାଲିବ । ଏହାର ଫାଇଦା ଗାଈ ପାଳକମାନେ ନେବା ପାଇଁ ପରାମର୍ଶ ଦିଆଯାଇଥିଲା। ଉକ୍ତ ଶିବିରରେ ବ୍ଲକ ଅଞ୍ଚଳରୁ ୩୦ଜଣ ଅଗ୍ରଣୀ ଗାଈ ଚାଷୀ ଯୋଗଦେଇ ତାଲିମ ନେଇଥିଲେ । ଏହି ଶିବିର ୫ଦିନ ଧରି ଚାଲିବ। ଉକ୍ତ ଶିବିରରେ ରାଜ୍ୟସ୍ତରୀୟ ସମ୍ବଳ ଅଧିକାରୀଗଣ ଯୋଗଦେଇ ଚାଷୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି ବୋଲି ସୂଚନା ମିଳିଛି ।



# ମା'ଖଣ୍ଡୁରାଇ ଫୁଟ୍‌ବଲ ଟୁର୍ନାମେଣ୍ଟ: କାର୍‌ଗିଲ ଏକାଦଶ ଚାମ୍ପିୟନ

**କାଳିଆପାଣି ୧୮।୨(ଡିଏନଏ)**

ମା' ଖଣ୍ଡୁରାଇ ପ୍ରଥମ ବାର୍ଷିକ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଅନୁଷ୍ଠିତ ହୋଇଯାଇଛି। ସୁକିନ୍ଦା ବ୍ଲକ ଚିଙ୍ଗୁଡ଼ିପାଳ ପଞ୍ଚାୟତର ମା' ଖଣ୍ଡୁରାଇ କ୍ଲବ ଆନୁକୂଲ୍ୟରେ ପ୍ରଥମ ବାର୍ଷିକ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିବା ଅଞ୍ଚଳର ୧୭ଟି ଫୁଟବଲ ଦଳ ଏଥିରେ ଭାଗ ନେଇଥିଲେ। ତିନିଦିନ ଧରି ଅନୁଷ୍ଠିତ ଟୁର୍ନାମେଣ୍ଟରେ କାରଗିଲ ଏକାଦଶ ଜଗନ୍ନାଥ ଏକାଦଶକୁ ହରାଇ ଚଳିତ ବର୍ଷ ଚାମ୍ପିୟନ ହୋଇଛି। ସୋମବାର ଅନୁଷ୍ଠିତ ଫାଇନାଲ ମ୍ୟାଚ ସୁକୁରୁଙ୍ଗ ଗ୍ରାମର କାରଗିଲ ଏକାଦଶ ଓ ନୁଆସାହି ଗ୍ରାମର ଜଗନ୍ନାଥ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ଖୁବ ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ ଉଭୟ ପେନାଲଟିକ ସୁଟଆଉଟ ମାରିଥିଲେ। ପେନାଲଟିକ ସୁଟଆଉଟରେ କାରିଗିଲ ଏକାଦଶ ୧ ଗୋଲରେ ବିଜୟୀ ହୋଇଥିଲା। ଏହି ଫୁଟବଲ ଟୁର୍ନାମେଣ୍ଟର ସୋମବାର ଉଦଯାପନୀ ଉତ୍ସବରେ ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧିର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଭୟ ବିଜୟୀ ଓ ରନର୍ସ ଅପ୍ ଦଳକୁ ଟ୍ରଫିସହ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଚିଙ୍ଗୁଡ଼ିପାଳ ସରପଞ୍ଚ ନିଳେନ୍ଦ୍ରୀ ପ୍ରଧାନ, ସାମାଜିକ କର୍ମୀ ବୈକୁଣ୍ଠ ମହାନ୍ତ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ତିନିଦିନ ଧରି କ୍ଲବର ସଭ୍ୟ ସନ୍ତୋଷ ବାରିକ, ଚକ୍ରଧର ପ୍ରଧାନ, ଅଜିତ ପ୍ରଧାନ, ମହେଶ୍ୱର ଦେହୁରୀ ପ୍ରମୁଖ ପରିଚାଳନା କରିଥିଲେ।


ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

# ନିୟମ ମାନୁନାହାନ୍ତି ଡାକ୍ତର

## ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

**ରସୁଲପୁର,୧୮।୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକର ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରମାନେ ସରକାରୀ ନିୟମକୁ ଠିକ୍ ଭାବେ କାର୍ଯ୍ୟ କରୁନାହାନ୍ତି। ରୋଗୀ ଦେଖିବା ସମୟରେ ସେମାନେ ଖାମଖିଆଲ ମନୋଭାବ ପୋଷଣ କରୁଥିବା ନେଇ ରୋଗୀ ଓ ସେମାନଙ୍କ ପରିବାର ଲୋକଙ୍କ ପକ୍ଷରୁ ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ସୁରୁଜି ଦିବ୍ୟା(୯୨) ଓ ତାଙ୍କ ପୁଅ ପାକନ ପତିଙ୍କ ଅଭିଯୋଗକୁ ଅନୁଧ୍ୟାନ କଲେ ଏହା ସହଜରେ ଜଣାପଡ଼ି ଯାଉଛି। ପାକନଙ୍କ କହିବା ହେଲା ତାଙ୍କ ମା'ଙ୍କ ଗୋଡ଼ ଭାଙ୍ଗି ଯାଇଥିବାରୁ ସେ ଡାକ୍ତରଖାନାକୁ ଯାଇଥିଲେ। ସେଠାରେ ଡାକ୍ତର ସମ୍ବିତ ଷେଣ୍ଡ କର୍ତ୍ତବ୍ୟ ନିର୍ବାହ କରୁଥିଲେ। ଡାକ୍ତର ସୁରୁଜୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ତାଙ୍କ ପାଇଁ ଔଷଧ ନେବାକୁ ପରାମର୍ଶ ଦେଇଥିଲେ। ହେଲେ ସେ ଲେଖିଥିବା ଚିଠାରେ ରୋଗୀଙ୍କ ନାମ କିମ୍ବା ତାରିଖ ଉଲ୍ଲେଖ ନ ଥିଲା। ଏହାଛଡ଼ା ପ୍ରେସକ୍ରିପସନ୍‌କୁ ଲେଖିବା ସମୟରେ ଔଷଧର ନାମ ନ ଲେଖି ସେସବୁର କମ୍ପୋଜିଶନ ଲେଖିବା ନିୟମ ରହିଛି। ଏଥିସହ ସବୁ ଲେଖାଗୁଡିକ ଇଂରାଜୀ କାପିଟାଲ ଅକ୍ଷରରେ ଲେଖିବା ସହ ରୋଗୀମାନଙ୍କୁ ନିରାମୟ ଯୋଜନାରୁ ଔଷଧ ନେବାକୁ ପରାମର୍ଶ ଦେବା କଥା। ହେଲେ ଏସବୁ ନିୟମ ଏଠାରେ ଆଦୌ କାର୍ଯ୍ୟକାରୀ କରାଯାଉ ନାହିଁ। ଏହାକୁ ନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଉଛି। ଏନେଇ ଡାକ୍ତର ଷେଣ୍ଡଙ୍କୁ ପଚାରିବାରୁ ଅଭିଯୋଗକୁ ସ୍ୱୀକାର କରିବା ସହ ଅଧିକ ସଂଖ୍ୟାରେ ରୋଗୀ ଡାକ୍ତରଖାନାକୁ ଆସୁଥିବାରୁ ଚିଠାରେ ନାମ ଓ ତାରିଖ ଲେଖି ହେଉ ନାହିଁ। ନିୟମ ଅନୁଯାୟୀ ଲେଖିବା କଥା। ଆଉ ଏହାକୁ ପାଳନ କରିବେ ବୋଲି କହିଛନ୍ତି।



# ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

## ନିଆଁରେ ପୋଡ଼ିହୋଇ ମହିଳାଙ୍କ ମୃତ୍ୟୁ ଘଟଣା

**ଚାନ୍ଦବାଲି, ୧୮।୨ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଚଡଦିଆ ନୂଆସାହି ଗ୍ରାମରେ ସୋମବାର ସକାଳେ ଏକ ରନ୍ଧନ ଗ୍ୟାସ୍ ଟାଙ୍କି ଲିକ୍ ହୋଇ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ନିଆଁରେ ପୋଡ଼ିହୋଇ ପୂର୍ଣ୍ଣିମା ଦାସ ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଅଧିକ ଯୌତୁକ ଦାବିରେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ମୃତା ପୂର୍ଣ୍ଣିମାଙ୍କ ମା' କଲ୍ୟାଣୀ ଦାସ ସୋମବାର ରାତିରେ ବାଂଶଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତିକରି ବାଂଶଡ଼ା ଥାନାରେ ଏକ ମାମଲା(ନଂ.୩୭/୨୦) ରୁଜୁ କରାଯାଇଛି। ମୃତା ପୂର୍ଣ୍ଣିମାଙ୍କ ସ୍ୱାମୀଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ମୃତାଙ୍କ ପରିବାର ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଚାନ୍ଦବାଲିରେ ଏକ ଖବରଦାତା ସମ୍ମିଳନୀ ଡକାଇ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ପ୍ରକାଶ ଯେ, ଓରାସାହି ପଞ୍ଚାୟତ ବାଘନଟା ଗାଁର କାହ୍ନୁଚରଣ ଦାସଙ୍କ ଝିଅ ପୂର୍ଣ୍ଣିମା ଚଡ଼ଦିଆର ତୁଷାରକାନ୍ତ ମହାଳିକଙ୍କୁ ୨୦୧୯ରେ ପ୍ରେମବିବାହ କରିଥିଲେ।


# CLASSIFIED DISPLAY

## TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

**OMM FINANCE**
OMM ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 24 ଘଣ୍ଟାରେ ପାଆନ୍ତୁ। 3% ସୁଧ 25% ଛାଡ + ୧୦ ବର୍ଷ ଗ୍ୟାରେଣ୍ଟୀ
Plot No 428/74, Shahnajaf Rd, Lucknow, Uttar Pradesh 226001
08887324254
09455705969

**JAGRUTI FINANCE**
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

**NATIONAL FINANCE**
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ହୋମ, ଇଟାଭାଟୀ ଋଣ ଘରେବସି ପାଆନ୍ତୁ କମ୍ ସୁଧ ଅଧିକ ରିହାତୀ। ଅଳ୍ପ ସମୟ ଓ ପୁରା ବିଶ୍ୱାସର ସହିତ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7419086063
7404603540

**FINANCE**
NAB ଋଣ ଲିମିଟେଡ୍ ଆଣିଛି ସବୁ ସମସ୍ୟାର ସମାଧାନ 0% ସୁଧ 50% ଛାଡରେ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
Plot No 428/74, Shahnajaf Rd, Lucknow, Uttar Pradesh 226001
9410319710
7579455687

**ସରସ ଫାଇନାନ୍ସ**
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
**ମୁଦ୍ରା ଯୋଜନା**
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
- ବିଜିନେସ୍ ଋଣ
- ସମ୍ପତ୍ତି ଋଣ
- ମାର୍କଶିଟ୍ ଋଣ
- ଆଧାର କାର୍ଡ ଋଣ
- ବ୍ୟକ୍ତିଗତ ଋଣ
- ବିପିଏଲ୍ ଋଣ
- ଇତ୍ୟାଦି ସମସ୍ତ ଋଣ

ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ ଋଣ ଉପଲବ୍ଧ
୨୫ ବର୍ଷ ଧରି ଆପଣଙ୍କ ସେବାରେ, ଲକ୍ଷେ ଲୋକଙ୍କ ଭରସା
ସମସ୍ତ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
ସମ୍ପର୍କ କରନ୍ତୁ କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**CAPITAL FINANCE LTD.** REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
**ଏକ୍ସା ଫାଇନାନ୍ସ**
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ |50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

BUSINESS

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ Tower Vision ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 40,000,00-70,000,00/- ପାଆନ୍ତୁ ଓ ମାସକୁ ଭଡ଼ା 35,000 - 650000/- ଟଙ୍କା ପାଆନ୍ତୁ । + Agreement ଆଜି ହିଁ ସଂମ୍ପର୍କ କରନ୍ତୁ
Phase-4 Gurugram Haryana 122015
08794551889

**ଡିଜିଟାଲ ଇଣ୍ଡିଆ** ସ୍କିମ୍ ଦ୍ୱାରା ନିଜ ଖାଲି ଜମି, ଛାତରେ ଟାୱାର୍ ଲଗାନ୍ତୁ (ଅଗ୍ରିମ–୬୦,୦୦,୦୦୦) ଭଡ଼ା 45,000। ସରକାରୀ ନିର୍ଦ୍ଦେଶ–କୌଣସି ଟାୱାର/ ଫାଇନାନ୍ସ କମ୍ପାନୀ ସହ କଥାବାର୍ତ୍ତା ଚାଲିଥିଲେ ପ୍ରଥମେ କଲ୍ କରି ସୂଚନା ନିଅନ୍ତୁ ଯେ କମ୍ପାନୀ ଠିକ୍ କି ନୁହେଁ ଏବଂ ଅଭିଯୋଗ କରି ଟଙ୍କା ଫେରସ୍ତ ପାଆନ୍ତୁ (ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାନ୍ତୁ ଏବଂ ଟାୱାର ମଧ ଲଗାନ୍ତୁ) ।
ମୋ. 9411277198

ASTROLOGY

**ଗୁରୁ ସାହି ଖାନ୍**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

ଘରେ ବସି ଫୋନ୍‌ରେ ସବୁ ସମସ୍ୟାର ସମାଧାନ
ଯଦି ଅଛି ସମାଧାନ ତେବେ କାହିଁକି ହେଉଛନ୍ତି ବିବ୍ରତ
**ଗୁରୁଜୀ ବଙ୍ଗାଳି ତାନ୍ତ୍ରିକ**
ଆମ ପାଖରେ ବିଦ୍ୟା ଅଛି ମିଛ ପ୍ରତିଶ୍ରୁତି ନୁହେଁ ଶକ୍ତି ଚମତ୍କାର ଦେଖନ୍ତୁ 7 ଘଣ୍ଟାରେ ଗ୍ୟାରେଣ୍ଟିଡ୍, ପ୍ରେମ ବିବାହ, ବଶୀକରଣ କରାଇବା/ଭାଙ୍ଗିବା, ଯାଦୁ ଟୋନା, ସଉତୁଣୀ, ଶତ୍ରୁ ସମସ୍ୟା, ବିବାହ ପାଇଁ ଘର ଲୋକଙ୍କୁ ରାଜି କରାଇବା, ସ୍ୱାମୀ ସ୍ତ୍ରୀ ଶାଶୁ ବୋହୂଙ୍କ ମନୋମାଳିନ୍ୟ, କୋର୍ଟ କଚେରି, ଜମିବାଡ଼ି ବିବାଦ, ସନ୍ତାନ ନ ହେବା, ରୋଗରେ ଔଷଧ କାମ ନ କରିବା, କେହି କିଛି ଖୁଆଇ ପିଆଇଦେବା କିମ୍ବା ଉପରି ପ୍ରଭାବ, ବ୍ୟବସାୟ ବନ୍ଧନ ଭଳି ସମସ୍ୟାର ସମାଧାନ ଅଛି ଆମ ନିକଟରେ । ନିରାଶ ମାତା ଭଉଣୀ ନିଶ୍ଚୟ ଫୋନ୍ କରନ୍ତୁ ।
9917255848
9761318693

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
**ବାବା ଆମିଲ ସୁଫି**
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**COLOR DISPLAY CLASSIFIED**

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



❝ ଯଶପ୍ରୀତ ବୁମ୍ରାଙ୍କ ବିପକ୍ଷରେ ନ୍ୟୁଜିଲାଣ୍ଡର ରକ୍ଷଣଶୀଳ ଆଭିମୁଖ୍ୟ କ୍ରମେ ଅନ୍ୟ ଦଳଗୁଡ଼ିକ ଆପଣେଇବେ ।

–ଶେନ ବଣ୍ଡ, ପୂର୍ବତନ ପେସ୍ ବୋଲର



❝ ଦୁବାଇ ଡବ୍ଲ୍ୟୁଟିଏ ଇଭେଣ୍ଟ ପ୍ରଥମ ରାଉଣ୍ଡରେ ମେଗାର୍ବାଇନ୍ ମୁଗୁରୁଜାଙ୍କଠାରୁ ପରାସ୍ତ ହୋଇଥିଲେ ମଧ୍ୟ ପ୍ରଦର୍ଶନକୁ ନେଇ ମୁଁ ସନ୍ତୁଷ୍ଟ ।

–କିମ୍ କ୍ଲାଇଷ୍ଟର୍ସ, ବେଲଜିୟମ ଟେନିସ ଖେଳାଳି

## ସଂକ୍ଷେପରେ

### ୫୦ ନିୟୁତ ଛୁଇଁଲା କୋହଲିଙ୍କ ଇନ୍‌ଷ୍ଟା ଫଲୋଅର୍ସ ସଂଖ୍ୟା

**ନୂଆଦିଲ୍ଲୀ,୧୮।୨:** ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲିଙ୍କ ପ୍ରଶଂସକ ସଂଖ୍ୟା ଖୁବ୍ ଅଧିକ। ଏକଥା କାହାକୁ ଅଜଣା ନାହିଁ। ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଫଲୋର୍ସଙ୍କ ସଂଖ୍ୟା ୫୦ ନିୟୁତ ପହଞ୍ଚିଛି। ଇନ୍‌ଷ୍ଟାଗ୍ରାମରେ ୫୦ ନିୟୁତ ଫଲୋର୍ସ ହାସଲ କରିବାରେ କୋହଲି ଦେଶର ପ୍ରଥମ ସେଲିବ୍ରିଟି। ବର୍ତ୍ତମାନ ପିଢ଼ିର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ବିବେଚିତ ହେଉଥିବା କୋହଲି ଏପର୍ଯ୍ୟନ୍ତ ୯୩୦ ପୋଷ୍ଟ ଶେୟାର କରିଛନ୍ତି। ସେ ମୋଟ ୪୮୦ ଜଣଙ୍କୁ ଫଲୋ କରୁଛନ୍ତି। ୩୧ ବର୍ଷୀୟ ବ୍ୟାଟ୍ସମ୍ୟାନ ଦେଶର ସବୁଠୁ ମୂଲ୍ୟବାନ ବ୍ରାଣ୍ଡ। ସର୍ବାଧିକ ଫଲୋର୍ସ ଥିବା ଭାରତୀୟ ସେଲିବ୍ରିଟିଙ୍କ ମଧ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ବଲିଉଡ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା। ପ୍ରିୟଙ୍କାଙ୍କ ଫଲୋର୍ସ ସଂଖ୍ୟା ୪୯.୯ ନିୟୁତ। ତାଙ୍କ ପଛକୁ ଅନ୍ୟତମ ଅଭିନେତ୍ରୀ ଦୀପିକା ପାଦୁକୋନ (୪୪.୧ ନିୟୁତ) ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି (୩୪.୫ ନିୟୁତ) ରହିଛନ୍ତି। ତେବେ ୨୦୦ ନିୟୁତ ଫଲୋର୍ସଙ୍କ ସହ ଷ୍ଟାର ଫୁଟବଲର କ୍ରିଷ୍ଟିଆନୋ ରୋନାଲ୍ଡୋ ଶୀର୍ଷରେ ରହିଛନ୍ତି। ୧୭୨ ନିୟୁତ ହଲିଉଡ ଷ୍ଟାର ଡ୍ୱେନ ଜନସନ ଟପ୍ ୫ରେ ରହିଛନ୍ତି।

### ସେଣ୍ଟ ଲୁସିଆ ଦଳ କିଣିଲା କିଙ୍ଗ୍ସ ଏକାଦଶ

**ବ୍ରିସବେନ୍,୧୮।୨:** ଆଇପିଏଲ ଫ୍ରାଞ୍ଚାଇଜ କିଙ୍ଗ୍ସ ଏକାଦଶ ପଞ୍ଜାବ (କେଏକ୍ସପି) ମାଲିକ କେପିଏଚ୍ ଡ୍ରିମ କ୍ରିକେଟ ପ୍ରାଇଭେଟ ଲିମିଟେଡ୍ କାରିବିଅନ ପ୍ରିମିୟର ଲିଗ୍(ସିପିଏଲ)ର ଦଳ ସେଣ୍ଟ ଲୁସିଆ ଜୁକ୍ସ କିଣିଛି। ସିପିଏଲ ଦଳ କିଣିବାରେ କେପିଏଚ୍ ଆଇପିଏଲର ଦ୍ୱିତୀୟ ମାଲିକାନ ଗ୍ରୁପ। ପୂର୍ବରୁ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ମାଲିକ ରେଡ୍ ଚିଲିସ ଏଣ୍ଟରଟେନମେଣ୍ଟ ତ୍ରିନିବାଗୋ ଦଳ ମଧ୍ୟ କିଣିଛି। ଟୁର୍ଣ୍ଣାମେଣ୍ଟରେ ନିବେଶ କରିବାକୁ ସୁଯୋଗ ପାଇଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ। ଗତ ୭ ବର୍ଷ ମଧ୍ୟରେ ସିପିଏଲ ଲୋକପ୍ରିୟତା ଖୁବ ବୃଦ୍ଧି ପାଇଛି ବୋଲି ଜୁକ୍ସର ନୂଆ ସହମାଲିକ ମୋହିତ ବରମ୍ୟାନ କହିଛନ୍ତି। ୨୦୨୦ ସିପିଏଲ ସଂସ୍କରଣ ଅଗଷ୍ଟ ୧୯ରୁ ଆରମ୍ଭ ହେବ।

# କଳିଙ୍ଗରେ ଗ୍ରୁପ୍, ନକ୍‌ଆଉଟ ମ୍ୟାଚ

**ଭୁବନେଶ୍ୱର, ୧୮।୨(କ୍ରୀଡ଼ା ପ୍ରତିନିଧି)**

୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍‌ର ୭ମ ସଂସ୍କରଣ ଭାରତର ୫ଟି ସହରରେ ନଭେମ୍ବର ୨ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ମଙ୍ଗଳବାର ନୂଆଦିଲ୍ଲୀଠାରେ ଫିଫା ଏବଂ ସ୍ଥାନୀୟ ଆୟୋଜକ କମିଟି ପକ୍ଷରୁ କାର୍ଯ୍ୟସୂଚୀ, ଆୟୋଜକ ସହର ନାମ ଏବଂ ଅଫିସିଆଲ ସ୍ଲୋଗାନ ଉନ୍ମୋଚନ କରାଯାଇଛି। ପ୍ରତିଯୋଗିତା ଆରମ୍ଭ ହେବାକୁ ଆଉ ୨୫୮ ଦିନ ବାକି ଥିବାବେଳେ ଅହମ୍ମଦାବାଦ, ଭୁବନେଶ୍ୱର, ଗୁଆହାଟୀ, କୋଲକାତା ଓ ନଭି ମୁମ୍ବାଇରେ ମ୍ୟାଚ ଗୁଡ଼ିକ ଖେଳାଯିବ ବୋଲି ସ୍ପଷ୍ଟ କରାଯାଇଛି। ବିଶ୍ୱର ଶ୍ରେଷ୍ଠ ୧୬ଟି ଯୁବ ମହିଳା ଦଳକୁ ନେଇ ହେବାକୁ ଯାଉଥିବା ପ୍ରତିଯୋଗିତାର ଅଫିସିଆଲ ସ୍ଲୋଗାନ 'କିକ୍ ଅଫ୍ ଦି ଡ୍ରିମ' ରଖା ଯାଇଛି। ଏଥିରେ ମୋଟ ୩୨ଟି ମ୍ୟାଚ ଅନୁଷ୍ଠିତ ହେବ। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ମୋଟ ୬ଟି ଗ୍ରୁପ ଏବଂ ୨ଟି ନକ୍‌ଆଉଟ ମ୍ୟାଚ ଖେଳାଯିବ। ନଭେମ୍ବର ୨, ୫ ଓ ୮ରେ ୨ଟି ଲେଖାଏ ଗ୍ରୁପ ମ୍ୟାଚ, ୧୨ରେ କ୍ୱାର୍ଟର ଫାଇନାଲ ଏବଂ ୧୭ରେ ସେମିଫାଇନାଲ ଅନୁଷ୍ଠିତ ହେବ। ନଭେମ୍ବର ୨୧ରେ ନଭି ମୁମ୍ବାଇରେ ଫାଇନାଲ ଖେଳାଯିବ। ଆଗାମୀ ଦିନର ମହିଳା ଫୁଟବଲ ପ୍ରତିଭାଙ୍କୁ ନେଇ ହେବାକୁ ଯାଉଥିବା ଟୁର୍ଣ୍ଣାମେଣ୍ଟର ଭେନ୍ୟୁ ଚୂଡ଼ାନ୍ତ ଏବଂ କାର୍ଯ୍ୟସୂଚୀ ଘୋଷଣା ପରେ ପ୍ରତିଯୋଗିତାକୁ ନେଇ ସ୍ୱାଭାବିକଭାବେ ଉଷ୍ମତା ବଢ଼ିଛି।

"୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ୨୦୨୦ ଆୟୋଜନ କରିବାକୁ ଯାଉଥିବା ୫ ସହରକୁ ମୁଁ ଆନନ୍ଦର ସହ ଅଭିନନ୍ଦନ ଜଣାଉଛି। ଭାରତ ଆଉ ଏକ ଫିଫା ଇଭେଣ୍ଟ ଆୟୋଜନ କରିବାକୁ ଯାଉଥିବାରୁ ସାରା ଭାରତବାସୀ ଏହାକୁ ସମର୍ଥନ କରନ୍ତୁ ବୋଲି ମୁଁ ଚାହୁଁଛି। ଏଥିସହିତ ଏହାର ଗ୍ରାଣ୍ଡ ସଫଳତା କାମନା କରୁଛି। ଭାରତୀୟ ୧୭ ବର୍ଷରୁ କମ୍ ମହିଳା ଫୁଟବଲ ଦଳ ପ୍ରଥମଥରପାଇଁ ଫିଫା ଟୁର୍ଣ୍ଣାମେଣ୍ଟ ଖେଳିବାକୁ ଯାଉଛି। ଏହା ଦେଶ ପାଇଁ ଗର୍ବର କଥା ଏବଂ ଆବଶ୍ୟକ ସମସ୍ତ ସହଯୋଗ ଯୋଗାଇବାକୁ ଆମେ ପ୍ରସ୍ତୁତ" ବୋଲି କାର୍ଯ୍ୟକ୍ରମ ଅବସରରେ କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ପ୍ରକାଶ କରିଛନ୍ତି।

ଗତବର୍ଷ ଫ୍ରାନ୍ସରେ ମହିଳା ଫିଫା ବିଶ୍ୱକପ ସଫଳତାର ସହ ଅନୁଷ୍ଠିତ ହୋଇଥିଲା। ଭାରତରେ ୨୦୧୭ରେ ଆୟୋଜିତ ୧୭ ବର୍ଷରୁ କମ୍ ପୁରୁଷ ଫିଫା ବିଶ୍ୱକପ ମଧ୍ୟ ସଫଳ ହୋଇଥିଲା। ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପରେ ସେହି ଉତ୍ସାହ ଦେଖିବାକୁ ମିଳିବ ବୋଲି ଆୟୋଜକମାନେ ଆଶା ରଖିଛନ୍ତି। 'କିକ୍ ଅଫ ଦି ଡ୍ରିମ' ବାର୍ତ୍ତା ମାଧ୍ୟମରେ ଭାରତର ଉଭୟ ମହିଳା ଓ ପୁରୁଷ ଫୁଟବଲ ଦଳକୁ ଉତ୍ସାହିତ କରିବା ମୁଖ୍ୟ ଲକ୍ଷ୍ୟ। ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ଟୁର୍ଣ୍ଣାମେଣ୍ଟ କାର୍ଯ୍ୟସୂଚୀ, ଆୟୋଜକ ସହର, ଅଫିସିଆଲ ସ୍ଲୋଗାନ ପ୍ରତିଯୋଗିତାର ଏବଂ ଭାରତ ଓ ବିଶ୍ୱର ଫୁଟବଲ ପ୍ରଶଂସକଙ୍କ ପାଇଁ ବଡ଼ ମୁହୂର୍ତ୍ତ ବୋଲି ଫିଫା ମହିଳା ଫୁଟବଲ ମୁଖ୍ୟ ଅଧିକାରୀ ସାରାଇ ବାରେମାନ ପ୍ରକାଶ କରିଛନ୍ତି। ଏହି ପ୍ରତିଯୋଗିତାରେ କେବଳ ଯେ ମହିଳା ଫୁଟବଲର ଉନ୍ନତି ହେବ ତା ନୁହେଁ, ଭାରତ ଏବଂ ବିଶ୍ୱର ଫୁଟବଲପ୍ରେମୀମାନେ ଏହି ପ୍ରତିଯୋଗିତାରେ ଆଗାମୀ ଦିନର ମହିଳା ସୁପରଷ୍ଟାରଙ୍କୁ ଦେଖିବାକୁ ପାଇବେ ବୋଲି ସେ କହିଛନ୍ତି।

" କାର୍ଯ୍ୟସୂଚୀ ଘୋଷଣା ପ୍ରତିଯୋଗିତାର ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ। ଏହାଦ୍ୱାରା ଆମେ କେଉଁ ସହରରେ ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବ ଏବଂ କେଉଁ ମ୍ୟାଚ କେଉଁଠାରେ ହେବ ଜାଣିବାକୁ ମିଳିଛି। ଫୁଟବଲପ୍ରେମୀମାନେ କେଉଁ ମ୍ୟାଚ ଦେଖିବେ ତାହା ଏବେ ସ୍ଥିର କରିପାରିବେ। ଆୟୋଜକ ସହର ଗୁଡ଼ିକ ପ୍ରତିଯୋଗିତାକୁ ଅତ୍ୟନ୍ତ ସଫଳତାର ସହ ସମ୍ପନ୍ନ କରିବା ନେଇ ମୁଁ ଦୃଢ଼ ନିଶ୍ଚିତ" ବୋଲି ଆୟୋଜକ କମିଟି ମୁଖ୍ୟ ତଥା ଫିଫା କାଉନ୍‌ସିଲ ସଦସ୍ୟ ପ୍ରଫୁଲ୍ଲ ପଟେଲ ପ୍ରକାଶ କରିଛନ୍ତି। ଫିଫାର ୟୁଥ୍ ଟୁର୍ଣ୍ଣାମେଣ୍ଟ ମୁଖ୍ୟ ରୋବେର୍ଟୋ ଗ୍ରାସି କହିଛନ୍ତି ଯେ, " ୫ଟି ଆୟୋଜକ ସହରରେ ୧୬ଟି ଦଳ ୩୨ ମ୍ୟାଚରେ ଅବତୀର୍ଣ୍ଣ ହେବେ। ଉଦୀୟମାନ ମହିଳା ଫୁଟବଲ ଖେଳାଳିଙ୍କ ପାଇଁ କ୍ଷେତ୍ର ପ୍ରସ୍ତୁତ। ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ସ୍ଥାନୀୟ ଆୟୋଜକ କମିଟି ସହିତ ମିଶି ପ୍ରତିଯୋଗିତାକୁ ଜୀବନ୍ତ କରି ଗଢ଼ିତୋଳିବାକୁ ଆମେ ବ୍ୟଗ୍ର। ଚଳିତ ବର୍ଷ ଶେଷଭାଗରେ ଭାରତରେ ଏହି ଟୁର୍ଣ୍ଣାମେଣ୍ଟ ଚିତ୍ତାକର୍ଷକ ହେବ ବୋଲି ଆମେ ଆଶା ରଖିଛୁ। ଉଚ୍ଚସ୍ତରରେ ଭଲ ପ୍ରଦର୍ଶନ ପାଇଁ ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ ଏକ ଭଲ ପ୍ଲାଟଫର୍ମ"। ଅନ୍ୟପକ୍ଷରେ "ପ୍ରଥମଥରପାଇଁ ଭାରତର ଏକ ମହିଳା ଦଳ ଫିଫା ବିଶ୍ୱକପରେ ଭାଗ ନେବାକୁ ଯାଉଛି। ଦେଶର ମହିଳା କ୍ରୀଡ଼ାରେ ଏହା ଏକ ସ୍ମରଣୀୟ ମୁହୂର୍ତ୍ତ। 'କିକ୍ ଅଫ ଦି ଡ୍ରିମ୍' ସ୍ଲୋଗାନ ଟୁର୍ଣ୍ଣାମେଣ୍ଟ ପାଇଁ ଅତ୍ୟନ୍ତ ପ୍ରଯୁଜ୍ୟ ଏବଂ ଦେଶରେ ମହିଳା ଫୁଟବଲ ଖେଳାଳିଙ୍କ ସ୍ୱପ୍ନ ସାର୍ଥକ କରିବା ପାଇଁ ଏକ ସୁନ୍ଦର ମାଧ୍ୟମ" ବୋଲି ସ୍ଥାନୀୟ ଆୟୋଜକ କମିଟି ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ରୋମା ଖାନ୍ନା ପ୍ରକାଶ କରିଛନ୍ତି।




ବିଶ୍ୱକପ୍ କାର୍ଯ୍ୟସୂଚୀ ଉନ୍ମୋଚନ ଅବସରରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ କିରେନ ରିଜିଜୁ ଓ ଅନ୍ୟମାନେ।

### ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ

- ନଭେମ୍ବର ୨ରୁ ୨୧, ୨୦୨୦
- ୧୬ ଦଳ, ୩୨ ମ୍ୟାଚ
- ଅଫିସିଆଲ ସ୍ଲୋଗାନ 'କିକ୍ ଅଫ ଦି ଡ୍ରିମ୍'
- ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ: ଅହମ୍ମଦାବାଦ, ଭୁବନେଶ୍ୱର, ଗୁଆହାଟୀ, କୋଲକାତା
- ନକ୍‌ଆଉଟ ପର୍ଯ୍ୟାୟ ମ୍ୟାଚ: ଅହମ୍ମଦାବାଦ, ଭୁବନେଶ୍ୱର, କୋଲକାତା, ନଭି ମୁମ୍ବାଇ
- ଫାଇନାଲ: ଡି. ୱାଇ. ପାଟିଲ ଷ୍ଟାଡିୟମ, ନଭି ମୁମ୍ବାଇ
- ଉଦ୍‌ଘାଟନୀ ମ୍ୟାଚ: ନଭେମ୍ବର ୨
- କ୍ୱାର୍ଟର ଫାଇନାଲ୍ସ: ନଭେମ୍ବର ୧୨ ଓ ୧୩
- ସେମିଫାଇନାଲ୍ସ: ନଭେମ୍ବର ୧୭
- ପ୍ଲେ-ଅଫ୍ (୩/୪ର୍ଥ ସ୍ଥାନ ପାଇଁ) ଏବଂ ଫାଇନାଲ: ନଭେମ୍ବର ୨୧

**ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍**

### ମାସ୍କ ପିନ୍ଧିଲେ ରେସ୍‌ଲର

**ନୂଆଦିଲ୍ଲୀ, ୧୮।୨ (ପି.ଟି.):** ଭାରତରେ କରୋନା ଭାଇରସର ବିପଦ ନାହିଁ। ଏହା ସତ୍ତ୍ୱେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଏଠାରେ ଚାଲିଥିବା ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ କେତେଜଣ ରେସ୍‌ଲର ସେମାନଙ୍କ ମୁହଁରେ ମାସ୍କ ଲଗାଇଥିବା ଦେଖିବାକୁ ମିଳିଛି। ପଡୋଶୀ ଦେଶ ଚାଇନାରେ କରୋନା ଭାଇରସରେ ୭୨,୦୦୦ରୁ ଊର୍ଦ୍ଧ୍ୱ ସଂକ୍ରମିତ ହୋଇଥିବାବେଳେ ୧,୯୦୦ଜଣଙ୍କୁ ମୃତ୍ୟୁ ଘଟିସାରିଲାଣି। ଏହି କାରଣରୁ ଚାଇନା ରେସ୍‌ଲରମାନଙ୍କୁ ଭିଜା ପାଇଁ ମନା କରାଯାଇଥିଲା। ଫଳରେ ସେମାନେ ଅଂଶଗ୍ରହଣରୁ ବଞ୍ଚିତ ହୋଇଛନ୍ତି। କୋରିଆ ଦଳର ଜଣେ ମେଡିକାଲ ଷ୍ଟାଫ୍ ସେୟନ ଲି' କହିଛନ୍ତି ପ୍ରତିଯୋଗିତା ପାଇଁ ଆମର ୨୮ ଜଣିଆ ଦଳ ଆସିଛନ୍ତି। ହାତଗଣତି କେତେଜଣ ରେସ୍‌ଲର ଓ ଅଫିସିଆଲ ମାସ୍କ ଲଗାଇଛନ୍ତି। ଏଠାରେ କରୋନା ଭାଇରସର ବିପଦ ନାହିଁ ବୋଲି ଆମେ ଜାଣୁ। ହେଲେ ସତର୍କ ରହିବା ଭଲ। ରେସ୍‌ଲିଂର ୱାର୍ଲ୍ଡ ଗଭର୍ଣ୍ଣିଂବଡି ୟୁନାଇଟେଡ୍ ୱାର୍ଲ୍ଡ ରେସ୍‌ଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ)ର ଡିଜିଟାଲ ପ୍ରୋଜେକ୍ଟ ମ୍ୟାନେଜର ବାକୋର ଫ୍ଲୋରିଆନ ମାସ୍କ ଲଗାଇଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ରେସଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍ଆଇ) ପକ୍ଷରୁ କୁହାଯାଇଛି ଯେ, ଦିଲ୍ଲୀର ବାୟୁମଣ୍ଡଳରୁ ରକ୍ଷା କରିବା ପାଇଁ ବିଶେଷ କରି କୋରିଆ, ଥାଇଲାଣ୍ଡ ଓ ଜାପାନର କେତେଜଣ ରେସ୍‌ଲର ମାସ୍କ ପିନ୍ଧିଛନ୍ତି। ଚାମ୍ପିୟନଶିପ୍‌ରେ ତିନୋଟି ବିଭାଗରେ ପ୍ରତିଯୋଗିତା ହେଉଛି। ତାହା ହେଲା ପୁରୁଷ ଫ୍ରିଷ୍ଟାଇଲ, ଗ୍ରୀକୋ ରୋମାନ ଏବଂ ମହିଳା ରେସ୍‌ଲିଂ।

## କମ୍ବାଲା ଦୌଡ଼: ଶ୍ରୀନିବାସଙ୍କ ରେକର୍ଡ ଭାଙ୍ଗିଲା

**ବାଙ୍ଗାଲୋର,୧୮।୨:** ପାରମ୍ପରିକ ମଇଁଷୀ ଦୌଡ଼ କମ୍ବାଲାରେ ଶ୍ରୀନିବାସ ଗୌଡ଼ାଙ୍କ ରେକର୍ଡ ଭାଙ୍ଗି ଦେଇଛନ୍ତି ଆଉ ଜଣେ ଧାବକ। ତାଙ୍କ ନାମ ହେଲା ନିଶାନ୍ତ ସେଟ୍ଟୀ। ସେ ୧୪୩ ମିଟର ବିଶିଷ୍ଟ ଦୌଡ଼କୁ ୧୩.୬୮ ସେକେଣ୍ଡରେ ଶେଷ କରିଛନ୍ତି। ଏହାକୁ ହିସାବ କରାଗଲେ ୧୦୦ ମି. ଦୌଡ଼ିବା ପାଇଁ ତାଙ୍କୁ ୯.୫୧ ସେକେଣ୍ଡ ଲାଗିଛି। ଏଥିସହ ସେ କମ୍ବାଲାରେ ନୂଆ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ନିକଟରେ ଶ୍ରୀନିବାସ ୧୦୦ ମି. ରେସ୍‌ରେ ୯.୫୫ ସେ. ଟାଇମିଂ ହାସଲ କରି ରାତାରାତି ସେନସେଶନ ପାଲଟି ଯାଇଥିଲେ। ତାଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରି ୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ମଧ୍ୟ କମ୍ବାଲା ଧାବକ ଗୌଡ଼ାଙ୍କ ସମ୍ପର୍କରେ ଟୁଇଟ୍ କରି ସାଇ କେନ୍ଦ୍ରରେ ଟ୍ରେନିଂ ନେବାକୁ କହିଥିଲେ। କିନ୍ତୁ ରେସିଂ ଟ୍ରାକରେ ଦୌଡ଼ିବାର ଅଭିଜ୍ଞତାର ଅଭାବରୁ ଗୌଡ଼ା ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ। ଏବେ ନିଶାନ୍ତଙ୍କୁ ମଧ୍ୟ ସାଇ କେନ୍ଦ୍ରରେ ଟ୍ରେନିଂ କରିବାକୁ ସୁଯୋଗ ମିଳିବ କି ନାହିଁ, ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ଦୌଡ଼ ଅବସରରେ ନିଶାନ୍ତ ସେଟ୍ଟୀ।

## ଏସିଆନ ରେସ୍‌ଲିଂରେ ସୁନୀଲଙ୍କୁ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ, ୧୮।୨ (ପି.ଟି.):** ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍ ଗ୍ରୀକୋ-ରୋମାନ ବିଭାଗରେ ଭାରତ ଦୀର୍ଘ ୨୭ ବର୍ଷ ବ୍ୟବଧାନରେ ସ୍ୱର୍ଣ୍ଣ ପଦକ ହାସଲ କରିଛି। ୮୭କେଜି ଶ୍ରେଣୀ ଟାଇଟଲ ମୁକାବିଲାରେ କିର୍‌ଗିଜସ୍ତାନର ଆଜାତ୍ ସାଲିଡିନୋଭଙ୍କୁ ୫-୦ରେ ପରାସ୍ତ କରି ସୁନୀଲ କୁମାର ଏହି ସଫଳତା ଆଣିଦେଇଛନ୍ତି। କୁମାର ତାଙ୍କ ସେମିଫାଇନାଲ ବାଉଟ୍‌ରେ କାଜାଖସ୍ତାନର ଆଜାମତ କୁସ୍ତୁବାୟେଭଙ୍କୁ ଭେଟିଥିଲେ। ଏଥିରେ ସେ ପ୍ରଥମେ ୧-୮ରେ ପଛୁଆ ରହିଥିଲେ। ମାତ୍ର ପରେ କ୍ରମାଗତ ୧୧ ପଏଣ୍ଟ ଜିତି ବାଉଟ୍‌କୁ ୧୧-୮ରେ ଜିତିନେଇଥିଲେ। କୁମାର ୨୦୧୯ରେ ମଧ୍ୟ ଫାଇନାଲରେ ପ୍ରବେଶ କରିଥିଲେ ଏବଂ ରୌପ୍ୟ ଜିତିଥିଲେ। ଅନ୍ୟଜଣେ ଭାରତୀୟ ରେସ୍‌ଲର ଅର୍ଜୁନ ହାଲାକୁର୍କୀ ୫୫କେଜି ଗ୍ରୀକୋ-ରୋମାନ୍‌ରେ ଏକ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ଏକ ସିନିୟର ଇଣ୍ଟରନ୍ୟାଶନାଲ ଇଭେଣ୍ଟରେ ଏହା ହେଉଛି ତାଙ୍କର ପ୍ରଥମ ପଦକ।




ଅର୍ଜୁନ ହାଲାକୁର୍କୀ



ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାଗ ନେବା ପାଇଁ ମଙ୍ଗଳବାର ଭୁବନେଶ୍ୱରରେ ପହଞ୍ଚିଥିବା ଗୁରୁ ନାନକଦେବ ବିଶ୍ୱବିଦ୍ୟାଳୟର ବାସ୍କେଟବଲ ଦଳ।

## ଚର୍ଚ୍ଚାରେ ଦ୍ରାବିଡ଼ଙ୍କ ପୁଅ

**ନୂଆଦିଲ୍ଲୀ, ୧୮।୨:** ଭାରତୀୟ ବ୍ୟାଟିଂ କିମ୍ବଦନ୍ତୀ ରାହୁଲ ଦ୍ରାବିଡ଼ଙ୍କ ପୁଅ ସମିତ୍ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁରେ ରହିଛନ୍ତି। ଦୁଇମାସ ବ୍ୟବଧାନରେ ୨ଟି ଦ୍ୱିଶତକ ହାସଲ କରି ଖବରର ଶିରୋନାମାରେ ରହିଛନ୍ତି। ବେଙ୍ଗାଲୁରୁରେ ଚାଲିଥିବା ୧୪ ବର୍ଷରୁ କମ୍ ବିଟିଆର୍ ସିଲ୍ଡ ସ୍କୁଲ କ୍ରିକେଟ୍ ପ୍ରତିଯୋଗିତାରେ ସମିତ୍ ମାଲ୍ୟା ଆଦିତି ଇଣ୍ଟରନ୍ୟାଶନାଲ (ଏମ୍ଏଆଇ) ସ୍କୁଲ ପକ୍ଷରୁ ପ୍ରତିନିଧିତ୍ୱ କରି ଏହି ସଫଳତା ପାଇଛନ୍ତି। ରାହୁଲ ଜଣେ ରକ୍ଷଣାତ୍ମକ ବ୍ୟାଟ୍ସମ୍ୟାନ ଭାବେ ବିଶ୍ୱରେ ବେଶ୍ ପରିଚୟ ସୃଷ୍ଟି କରିଥିବାବେଳେ ଏହାର ବିପରୀତ ଖେଳ ସମିତ୍‌ଙ୍କ ନିକଟରେ ଦେଖିବାକୁ ମିଳିଛି। ବିଜିଏସ୍ ନ୍ୟାଶନାଲ ପବ୍ଲିକ ସ୍କୁଲ ବିପକ୍ଷ ଏକ ମ୍ୟାଚ୍‌ରେ ଡାହାଣହାତୀ ସମିତ ମାତ୍ର ୧୪୪ ବଲରୁ ୨୧୧ ରନର ମାରାଥନ ଇନିଂସ ଖେଳିଥିଲେ। ଯେଉଁଥିରେ ୨୬ ଚୌକା ଓ ଗୋଟିଏ ଛକା ରହିଥିଲା। ସମିତ୍‌ଙ୍କ ଏହି ବିସ୍ଫୋରକ ଇନିସ ଯୋଗୁ ତାଙ୍କ ସ୍କୁଲ ୫୦ ଓଭରରେ ୩ ଉଇକେଟ୍ ହରାଇ ୩୮୬ ରନ କରିଥିଲା। ଜବାବରେ ପ୍ରତିପକ୍ଷ ସ୍କୁଲ ୩ ଉଇକେଟ୍‌ରେ ୨୫୪ ରନ କରିବାକୁ ସମର୍ଥ ହୋଇଥିଲା। ଏଥିପୂର୍ବରୁ ଗତ ଡିସେମ୍ବରରେ ସମିତ୍ ଏକ ଇଣ୍ଟରଜୋନାଲ ଟୁର୍ଣ୍ଣାମେଣ୍ଟରେ ୨୦୧ ରନର ଇନିଂସ ଖେଳିଥିଲେ। ସମିତ୍‌ଙ୍କ ପ୍ରତିଭା କେବଳ ବ୍ୟାଟିଂରେ ସୀମିତ ରହିନାହିଁ। ବୋଲିଂରେ ମଧ୍ୟ ସମିତ୍ ବେଶ୍ ସଫଳ ହୋଇଛନ୍ତି। ସେ ୫ ମ୍ୟାଚ୍‌ରୁ ୭ ଉଇକେଟ୍ ମଧ୍ୟ ନେଇଛନ୍ତି।

# ସଚିନଙ୍କୁ ଲୌରିୟସ କ୍ରୀଡ଼ା ପୁରସ୍କାର

**ବର୍ଲିନ, ୧୮।୨ (ପି.ଟି.):** ବ୍ୟାଟିଂ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ବିଶ୍ୱର ସମ୍ମାନଜନକ କ୍ରୀଡ଼ା ସମ୍ମାନ 'ଲୌରିୟସ ବିଶ୍ୱ କ୍ରୀଡ଼ା ପୁରସ୍କାର' ଜିତିଛନ୍ତି। ଘରୋଇ ମାଟିରେ ଭାରତକୁ ୨୦୧୧ ଆଇସିସି ବିଶ୍ୱକପ୍ ଜିତାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥଲେ। ବିଶ୍ୱକପ୍ ଜିତିବାପରେ ସାଥୀ ଖେଳାଳିମାନେ ସଚିନଙ୍କୁ କାନ୍ଧରେ ବସାଇ ପଡ଼ିଆ ଚାରିପଟେ ବୁଲାଇଥିଲେ। ଗତ ୨୦ ବର୍ଷ ମଧ୍ୟରେ ଏହାକୁ ବିଶ୍ୱର ଶ୍ରେଷ୍ଠ କ୍ରୀଡ଼ା ମୁହୂର୍ତ୍ତ ଭାବେ ସର୍ବାଧିକ ଭୋଟ୍ ମିଳିଛି। ଏଥିଲାଗି ତେନ୍ଦୁଲକରଙ୍କୁ 'ଲୌରିୟସ ବେଷ୍ଟ ସ୍ପୋର୍ଟିଂ ମୋମେଣ୍ଟ' ପୁରସ୍କାର ପ୍ରଦାନ କରାଯାଇଛି। ଭାରତୀୟ କ୍ରିକେଟ୍‌ପ୍ରେମୀଙ୍କ ସମର୍ଥନ ଯୋଗୁ ସଚିନଙ୍କୁ ସର୍ବାଧିକ ଭୋଟ୍ ମିଳିଥିଲା।

ନିଜ ୨୪ ବର୍ଷର କ୍ରିକେଟ୍ କ୍ୟାରିୟରରେ ସଚିନ ସର୍ବାଧିକ ୬ଟି ବିଶ୍ୱକପ୍ ଖେଳିଥିଲେ। ୨୦୧୧ରେ ଭାରତରେ ଅନୁଷ୍ଠିତ ବିଶ୍ୱକପ୍ ତାଙ୍କର ଅନ୍ତିମ ବିଶ୍ୱ ପ୍ରତିଯୋଗିତା ଥିଲା। ଶ୍ରୀଲଙ୍କା ବିପକ୍ଷ ଫାଇନାଲ ମ୍ୟାଚ୍‌ରେ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ନୁଆନ୍ କୁଲଶେଖରାଙ୍କ ବଲକୁ ଛକା ମାରି ଭାରତକୁ ଚାମ୍ପିୟନ କରାଇଥିଲେ। ଏହାପରେ ଭାରତୀୟ କ୍ରିକେଟର୍‌ମାନେ ୱାଙ୍ଖେଡେ ଷ୍ଟାଡିୟମ ମଧ୍ୟକୁ ଦୌଡ଼ିଯାଇ ବିଜୟ ଉତ୍ସବ ପାଳନ କରିଥିଲେ। ଏହି ଅବସରରେ ସଚିନଙ୍କୁ କାନ୍ଧରେ ବସାଇ ସାଥୀ ଖେଳାଳିମାନେ ପଡ଼ିଆର ଚାରିପାଖେ ବୁଲାଇଥିଲେ। ସେଦିନର ଏହି ମୁହୂର୍ତ୍ତ ଆଜି ମଧ୍ୟ କୋଟି କୋଟି ପ୍ରଶଂସକଙ୍କ ମନରେ ସତେଜ ରହିଛି। ଏହାକୁ ଗତ ୨୦ ବର୍ଷର ଶ୍ରେଷ୍ଠ କ୍ରୀଡ଼ା ମୁହୂର୍ତ୍ତ ଭାବେ ସର୍ବାଧିକ ଭୋଟ ମିଳିଥିବାରୁ ସଚିନଙ୍କୁ 'ଲୌରିୟସ ବେଷ୍ଟ ସ୍ପୋର୍ଟିଂ ମୋମେଣ୍ଟ' ପୁରସ୍କାର ପ୍ରଦାନ କରାଯାଇଛି। ବର୍ଲିନରେ ଅନୁଷ୍ଠିତ ଏକ ରଙ୍ଗାରଙ୍ଗ ଉତ୍ସବ ଅବସରରେ ଟେନିସ କିମ୍ବଦନ୍ତୀ ବୋରିସ୍ ବେକର୍ ବିଜେତାଙ୍କ ନାମ ଘୋଷଣା କରିଥିଲେ। ଏହାପରେ ସଚିନଙ୍କୁ ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ ଷ୍ଟିଭ୍ ୱ ଏହି ସମ୍ମାନଜନକ ଟ୍ରଫି ପ୍ରଦାନ କରିଥିଲେ। 'ଏହା ଚମତ୍କାର ଥିଲା। ବିଶ୍ୱକପ୍ ଜିତିବାର ଅନୁଭୂତିକୁ ଶବ୍ଦରେ ବର୍ଣ୍ଣନା କରିହେବ ନାହିଁ। ଗୋଟିଏ ଖେଳ କେତେ ଶକ୍ତିଶାଳୀ ତାହା ମନେପକାଇ ଦେଉଛି। ଏବେବି ଯେତେବେଳେ ସେହି ମ୍ୟାଚ୍ ଦେଖୁଛି ମୋ ସାଥିରେ ଏହା ରହୁଛି' ବୋଲି ଟ୍ରଫି ଜିତିବା ପରେ ସଚିନ କହିଛନ୍ତି।



### ମେସି, ହାମିଲଟନ ଯୁଗ୍ମ ବିଜେତା

ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍ ଭାବେ ବ୍ରିଟିଶ୍ ଫର୍ମୁଲା ୱାନ୍ ଡ୍ରାଇଭର ଲୁଇସ ହାମିଲଟନ୍ ଓ ଆର୍ଜେଣ୍ଟିନା ଫୁଟ୍‌ବଲ ଷ୍ଟାର୍ ଲିଓନେଲ ମେସି ଯୁଗ୍ମ ଭାବେ 'ଲୌରିୟସ ସ୍ପୋର୍ଟ୍ସମ୍ୟାନ ଅଫ୍ ଦି ଇୟର' ପୁରସ୍କାର ଜିତିଛନ୍ତି। ଉଭୟ ହାମିଲଟନ୍ ଓ ମେସି ସମାନ ସଂଖ୍ୟକ ଭୋଟ୍ ପାଇଥିଲେ। 'ଲୌରିୟସ କ୍ରୀଡ଼ା ପୁରସ୍କାର'ର ୨୦ ବର୍ଷର ଇତିହାସରେ ପ୍ରଥମଥର ଲାଗି ଏହିଭଳି ଘଟଣା ଦେଖିବାକୁ ମିଳିଥିଲା। କ୍ୟାରିୟରରେ ୬ଥର ଫିଫା ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଥିବା ମେସି ପ୍ରଥମ ଫୁଟବଲର୍ ଭାବେ ଏହି ସମ୍ମାନଜନକ ଟ୍ରଫି ଜିତିଛନ୍ତି। ସେହିଭଳି କୌଣସି ଦଳୀୟ ଖେଳାଳି ଭାବେ ଏହି ଟ୍ରଫି ଜିତିବା ପ୍ରଥମ ଘଟଣା। ତେବେ ଏହି ରଙ୍ଗାରଙ୍ଗ ଉତ୍ସବରେ ମେସି ଉପସ୍ଥିତ ହୋଇ ନ ପାରି ନିଜର ଏକ ଭିଡିଓ ମେସେଜ ପଠାଇ ଦେଇଥିଲେ। ଅପରପକ୍ଷରେ ୨୦୧୯ ବିଶ୍ୱ ଚାମ୍ପିୟନଶିପ୍‌ରେ ଏକାକୀ ୫ଟି ସ୍ୱର୍ଣ୍ଣ ପଦକ ଜିତିଥିବା ଆମେରିକା ଜିମ୍ନାଷ୍ଟ ସିମୋନେ ବାଇଲ୍ସ ବର୍ଷର ଶ୍ରେଷ୍ଠ ମହିଳା ଖେଳାଳି ପୁରସ୍କାର ଲାଭ କରିଛନ୍ତି। ବାଇଲ୍ସ ୩ୟଥର ଲାଗି ବିଶ୍ୱର ଏହି ସମ୍ମାନଜନକ ଟ୍ରଫି ଜିତିଛନ୍ତି। ସେହିଭଳି ବର୍ଷର ଶ୍ରେଷ୍ଠ ଭିନ୍ନକ୍ଷମ ଖେଳାଳି ଭାବେ ଓକ୍‌ସାନା ମାଷ୍ଟର୍ସ ପୁରସ୍କୃତ ହୋଇଥିଲେୟ। 'ଲୌରିୟସ ଟିମ୍ ଅଫ୍ ଦି ଇୟର' ପୁରସ୍କାର ପ୍ରଦାନ କରାଯାଇଥିଲା। ବାସ୍କେଟବଲକୁ ଅତୁଳନୀୟ ଅବଦାନ ଲାଗି ଜର୍ମାନ କିମ୍ବଦନ୍ତୀ ଡିର୍କ ନୋୱିତର୍ଜି ଲାଇଫ୍‌ଟାଇମ୍ ଆଚିମେଣ୍ଟ ପୁରସ୍କାର ଜିତିଥିଲେ। ଇଂଲିସ ଅଭିନେତା ହଗ୍ ଗ୍ରାଣ୍ଟ ଉତ୍ସବ ପରିଚାଳନା କରିଥିଲେ।




ଓକ୍‌ସାନା ମାଷ୍ଟର୍ସ



ଲୁଇସ୍ ହାମିଲଟନ



> କାଣ୍ଟରବରିଠାରୁ ଅକଲାଣ୍ଡକୁ ସ୍ଥାନାନ୍ତର ହେବା ଦ୍ୱାରା ମୁଁ ଜଣେ କ୍ରିକେଟର ଭାବେ ପ୍ରତିଷ୍ଠା ଲାଭ କରିପାରିଛି ।
>
> –କାଇଲ ଜେମିସନ, ନ୍ୟୁଜିଲାଣ୍ଡ ପେସ୍ ବୋଲର



> ଛଅ ସପ୍ତାହ ପରେ ମୁଁ କ୍ରିକେଟକୁ ଫେରିଛି। ଭାରତ ବିପକ୍ଷ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ବିରାଟ କୋହଲିଙ୍କ ଉଇକେଟ ହାସଲ ମୋର ଲକ୍ଷ୍ୟ ।
>
> –ଟ୍ରେଣ୍ଟ ବୋଲ୍ଟ, ନ୍ୟୁଜିଲାଣ୍ଡ ପେସ୍ ବୋଲର

## ସଂକ୍ଷେପରେ

### ପ୍ରଣୀଥ, ଲକ୍ଷ୍ୟଙ୍କୁ କ୍ୟାରିୟର ଶ୍ରେଷ୍ଠ ମାନ୍ୟତା

**ନୂଆଦିଲ୍ଲୀ, ୧୮।୨:** ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍)ପକ୍ଷରୁ ସଦ୍ୟ ପ୍ରକାଶିତ ର୍‍ୟାଙ୍କିଙ୍ଗ୍‌ରେ ଦୁଇ ଭାରତୀୟ ଖେଳାଳି ବି. ସାଇ ପ୍ରଣୀଥ୍ ଓ ଲକ୍ଷ୍ୟ ସେନ୍‌ଙ୍କୁ କ୍ୟାରିୟର ଶ୍ରେଷ୍ଠ ମାନ୍ୟତା ମିଳିଛି। କ୍ୟାରିୟରରେ ପ୍ରଥମ ଥର ଲାଗି ପ୍ରଣୀଥ୍ ଟପ୍-୧୦ରେ ପ୍ରବେଶ କରିଛନ୍ତି। ପ୍ରଣୀଥ୍ ଗୋଟିଏ ପାହାଚ ଉପରକୁ ଉଠି ୧୦ମ ସ୍ଥାନରେ ରହିଛନ୍ତି। ଅପରପକ୍ଷରେ ଯୁବ ତାରକା ୧୮ ବର୍ଷୀୟ ଲକ୍ଷ୍ୟ ୨୮ତମ ସ୍ଥାନ ଲାଭ କରିଛନ୍ତି। ପୂର୍ବରୁ ସେ ୩୧ତମ ସ୍ଥାନରେ ରହିଥିଲେ। ନିକଟରେ ଶେଷ ହୋଇଥିବା ବ୍ୟାଡ୍‌ମିଣ୍ଟନ ଏସିଆନ ଟିମ୍ ଚାମ୍ପିୟନଶିପ୍‌ରେ ଉଭୟ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଭାରତୀୟ ଦଳ ସେମିଫାଇନାଲରେ ୨-୩ରେ ଡିଫେଣ୍ଡିଂ ଚାମ୍ପିୟନ ଇଣ୍ଡୋନେସିଆଠାରୁ ହାରି ବ୍ରୋଞ୍ଜ ପଦକ ଜିତିଥିଲା। କିନ୍ତୁ ବ୍ୟକ୍ତିଗତ ଭାବେ ଉଭୟ ଲକ୍ଷ୍ୟ ଓ ପ୍ରଣୀଥ୍‌ଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ରହିଥିଲା।

### ଓଶାନେ ଥୋମାସଙ୍କ କାର ଦୁର୍ଘଟଣା



**ଜାମାଇକା, ୧୮।୨:** ୱେଷ୍ଟଇଣ୍ଡିଜ ପେସର ଓଶାନେ ଥୋମାସ ଗତ ରବିବାର କାର ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ସେଣ୍ଟ କାଥେରିନର ହାଇୱେ ୨୦୦୦ରେ ଦୁର୍ଘଟଣା ଘଟିଛି, ଯେଉଁଥିରେ ତାଙ୍କ କାର ଓଲଟି ପଡ଼ିଛି। ଦୁର୍ଘଟଣା ପରେ ମଧ୍ୟ ଥୋମାସ ଚେତା ହରାଇ ନ ଥିଲେ। ତାଙ୍କୁ ତୁରନ୍ତ ମେଡିକାଲ ନିଆଯାଇଥିଲା। ୱେଷ୍ଟଇଣ୍ଡିଜ ଖେଳାଳି ଆସୋସିଏଶନ (ଡବ୍ଲ୍ୟୁଆଇପିଏ) ଖୁବ୍‌ଶୀଘ୍ର ସୁସ୍ଥ ହେବା ପାଇଁ ଶୁଭକାମନା ଜଣାଇଛି। ଏବେ ଶ୍ରୀଲଙ୍କାରେ ଦିନିକିଆ ସିରିଜ୍ ଖେଳୁଥିବା ୱେଷ୍ଟଇଣ୍ଡିଜ ଦଳରେ ସ୍ଥାନ ପାଇ ନାହାନ୍ତି ଥୋମାସ। ଟି୨୦ ଦଳରେ ତାଙ୍କୁ ସ୍ଥାନ ନ ମିଳିଲେ ସେ ସିଧାସଳଖ ଆଇପିଏଲ୍‌ରେ ରାଜସ୍ଥାନ ରୟାଲ୍ସ ପାଇଁ ଖେଳିବେ।

### ଖଣ୍ଡପଡ଼ା କପ୍: ମଙ୍ଗଳା କ୍ଲବ ବିଜୟୀ

**ଖଣ୍ଡପଡା, ୧୮।୨ (ସ୍ୱ.ପ୍ର.):** ଖଣ୍ଡପଡା ଫୁଟବଲ ଅସୋସିଏଶନ ଆନୁକୂଲ୍ୟରେ ମଧୁବନ ମିନି ଷ୍ଟାଡିୟମ ପରିସରରେ ଚାଲିଥିବା ରାଜ୍ୟ ସ୍ତରୀୟ ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଖଣ୍ଡପଡା କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ମ୍ୟାଚରେ ମଙ୍ଗଳା କ୍ଲବ କଟକ ୪-୧ ଗୋଲରେ ପପୁଲାର କ୍ଲବ ଢେଙ୍କାନାଳକୁ ପରାସ୍ତ କରିଛି। ଏହି ବିଜୟ ସହ ମଙ୍ଗଳା କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ରାଜୁ ମହାନ୍ତି ଖେଳ ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ ସମୀର ଖୁଣ୍ଟିଆ ଲାଇନରେ ସହାୟତା କରିଥିଲେ। କୈଳାସ ପ୍ରଧାନ ୪ର୍ଥ ରେଫରି ଭାବେ ଦାୟିତ୍ୱ ତୁଲାଇଥିଲେ। ଅତିଥି ଭାବେ ଡ. ପ୍ରଦୀପ କୁମାର ପାଇକରାୟ ଓ ପଣ୍ଡିତ ମନୋଜ କୁମାର ଦାଶ ଯୋଗଦେଇଥିଲେ। ବୁଧବାର ୭୩ କ୍ଲବ ଭୁବନେଶ୍ୱର ଓ ଖଣ୍ଡପଡ଼ା ଫୁଟବଲ ଆସୋସିଏଶନ ମଧ୍ୟରେ ଶେଷ ଲିଗ୍ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

### ଡିଆରଏସ୍ ବ୍ୟବହାର ହେବ ନାହିଁ

**ନୂଆଦିଲ୍ଲୀ, ୧୮।୨:** ରଣଜୀ ଟ୍ରଫି ନକଆଉଟ୍‌ରେ ସୀମିତ ଡିଆରଏସ୍ ବ୍ୟବହାର କରାଯିବ। ଫଳରେ କ୍ୱାର୍ଟର ଫାଇନାଲର କୌଣସି ମ୍ୟାଚ୍ ଡିଆରଏସ୍ ବ୍ୟବହାର ହେବ ନାହିଁ। କିନ୍ତୁ ଏହା ସେମିଫାଇନାଲ ଓ ଫାଇନାଲ ପାଇଁ ଉପଲବ୍ଧ ହେବ। ଏ ନେଇ ବିସିସିଆଇ ଜେନାରାଲ ମ୍ୟାନେଜର (ଅପରେଶନ୍ସ) ସବା କରିମ କହିଛନ୍ତି। ୪ କ୍ୱାର୍ଟର ଫାଇନାଲ ମଧ୍ୟରୁ କେବଳ ଦୁଇଟି ମ୍ୟାଚ୍‌ର ସିଧାପ୍ରସାରଣ କରାଯିବ। ଏଣୁ କ୍ୱାର୍ଟରରେ ଡିଆରଏସ୍ ବ୍ୟବହାର କରାଯିବ ନାହିଁ ସେ କହିଛନ୍ତି। ୨୦୧୮-୧୯ ସିଜନରେ ଅମ୍ପାୟରମାନେ ବହୁ ପରିମାଣରେ ତ୍ରୁଟି କରିଥିଲେ। ଏଥିଯୋଗୁ ଗତବର୍ଷ ଜୁନରେ ପ୍ରଶାସକ କମିଟି ଡିଆରଏସ୍‌ର ସୀମିତ ବ୍ୟବହାରକୁ ମଞ୍ଜୁର ଦେଇଥିଲେ। ଉଲ୍ଲେଖଯୋଗ୍ୟ, କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଓଡ଼ିଶା ଓ ବେଙ୍ଗଲ ମଧ୍ୟରେ ଗୁରୁବାର ମ୍ୟାଚ୍ ହଟଷ୍ଟାର ଓ ଷ୍ଟାର ସ୍ପୋର୍ଟ୍ସରେ ସିଧାପ୍ରସାରଣ କରାଯିବ।

# ଭାରତୀୟ ଦଳ ଘୋଷିତ



ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍ ଲାଗି ମନୋନୀତ ଭାରତୀୟ ହକି ଦଳ।

**ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍**
- ମ୍ୟାଚ: ଫେବୃୟାରୀ ୨୧, ୨୨(କଳିଙ୍ଗ ଷ୍ଟାଡିୟମ)
- ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆ
- ମନପ୍ରୀତ ଅଧିନାୟକ ପଦ ବଜାୟ ରଖିଲେ
- ଓଡ଼ିଶାର ବୀରେନ୍ଦ୍ର ଲାକ୍ରା, ଅମିତ ରୋହିଦାସ ସାମିଲ

**ନୂଆଦିଲ୍ଲୀ, ୧୮।୨**

ଚଳିତ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌ରେ ଭାରତର ଆଗାମୀ ପ୍ରତିଦ୍ୱନ୍ଦ୍ୱୀ ହେଉଛି ବିଶ୍ୱର ୨ ନମ୍ବର ଦଳ ଅଷ୍ଟ୍ରେଲିଆ। ଚଳିତ ମାସ ୨୧ ଓ ୨୨ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଏଥିପାଇଁ ହକି ଇଣ୍ଡିଆ ପକ୍ଷରୁ ୨୪ ଜଣିଆ ଭାରତୀୟ ଦଳ ସୋମବାର ଘୋଷିତ ହୋଇଛି। ଅଷ୍ଟ୍ରେଲିଆ ବିପକ୍ଷ ମୁକାବିଲା ପାଇଁ ପୂର୍ବପରି ମନପ୍ରୀତ ସିଂ ଅଧିନାୟକ ରହିଥିବାବେଳେ ହରମନପ୍ରୀତ ସିଂଙ୍କୁ ଉପଅଧିନାୟକ ଦାୟିତ୍ୱ ଦିଆଯାଇଛି। ଓଡ଼ିଶାର ଦୁଇ ଖେଳାଳି ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସଙ୍କୁ ଏଥର ମଧ୍ୟ ସୁଯୋଗ ମିଳିଛି।

ନିକଟରେ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୪ ନମ୍ବର ସ୍ଥାନକୁ ଉନ୍ନୀତ ହୋଇଥିବା ଭାରତ ଗତ ବେଲଜିୟମ ବିପକ୍ଷ ପ୍ରଥମ ମ୍ୟାଚକୁ ୨-୧ ଗୋଲରେ ଜିତିଥିବାବେଳେ ଦ୍ୱିତୀୟ ମ୍ୟାଚରେ ୨-୩ ଗୋଲରେ ପରାଜିତ ହୋଇଥିଲା। ବେଲଜିୟମ ବିପକ୍ଷ ମ୍ୟାଚ ଖେଳିଥିବା ଭାରତୀୟ ଦଳରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଗତଥରର ପ୍ରୋ ଲିଗ୍ ଚାମ୍ପିୟନ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ ପାଇଁ ଭାରତୀୟ ଦଳ ଏହାର ପ୍ରସ୍ତୁତିକୁ ଜୋରଦାର କରିଛି। "ଆମେ ବିଶ୍ୱଚାମ୍ପିୟନ ବେଲଜିୟମ ବିପକ୍ଷରେ ୨ଟି ମ୍ୟାଚ ଖେଳିସାରିବାପରେ ଆଉ ଏକ ଶକ୍ତିଶାଳୀ ଦଳ ଅଷ୍ଟ୍ରେଲିଆକୁ ଭେଟିବାକୁ ଯାଉଛୁ। ଦକ୍ଷ ଖେଳାଳିଙ୍କୁ ନେଇ ଆମ ଦଳ ସମୃଦ୍ଧ। ଫଳରେ ପଡ଼ିଆରେ ଆମେ ଉତ୍ତମ ସନ୍ତୁଳନ ବଜାୟ ରଖିବାରେ ସକ୍ଷମ ହେଉଛୁ ଏବଂ ବିଶ୍ୱର ବଡ଼ ଦଳଗୁଡ଼ିକୁ ଟକ୍କର ଦେବାରେ ସକ୍ଷମ ହେଉଛୁ" ବୋଲି ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ ପ୍ରକାଶ କରିଛନ୍ତି।

**ଭାରତୀୟ ଦଳ**

ପି.ଆର. ଶ୍ରୀଜେଶ, କ୍ରିଷ୍ଣନ ପାଠକ, ଅମିତ ରୋହିଦାସ, ସୁରେନ୍ଦର କୁମାର, ବୀରେନ୍ଦ୍ର ଲାକ୍ରା, ହରମନପ୍ରୀତ ସିଂ(ଉପଅଧିନାୟକ), ବରୁଣ କୁମାର, ଗୁରିନ୍ଦର ସିଂ, ରୂପିନ୍ଦରପାଲ ସିଂ, ମନପ୍ରୀତ ସିଂ(ଅଧିନାୟକ), ବିବେକ ସାଗର ପ୍ରସାଦ, ହାର୍ଦ୍ଦିକ ସିଂ, ଚିଙ୍ଗଲେନସାନା ସିଂ, ରାଜ କୁମାର ପାଲ, ଆକାଶଦୀପ ସିଂ, ସୁମିତ, ଲଳିତ ଉପାଧ୍ୟାୟ, ଗୁରସାହିବଜିତ ସିଂ, ଦିଲପ୍ରୀତ ସିଂ, ଏସ.ଭି. ସୁନୀଲ, ଜରମନପ୍ରୀତ ସିଂ, ସିମରନଜିତ ସିଂ, ନୀଳକାନ୍ତ ଶର୍ମା, ରମଣଦୀପ ସିଂ।

# ୱେଷ୍ଟଇଣ୍ଡିଜକୁ ହରାଇଲା ଭାରତ

**ମହିଳା ଟି୨୦ ବିଶ୍ୱକପ୍ ୱାର୍ମଅପ**

**ବ୍ରିସବେନ, ୧୮।୨:** ସ୍ପିନର ପୁନମ ଯାଦବଙ୍କ ୩ ଉଇକେଟ ସଫଳତା ବଳରେ ଆଇସିସି ମହିଳା ଟି୨୦ ବିଶ୍ୱକପ୍ ପୂର୍ବରୁ ଏକ ୱାର୍ମଅପ୍ ମ୍ୟାଚ୍‌ରେ ଭାରତୀୟ ଦଳ ୨ ରନ୍‌ରେ ୱେଷ୍ଟଇଣ୍ଡିଜକୁ ହରାଇ ଦେଇଛି। ଟିମ୍ ଇଣ୍ଡିଆ ଦ୍ୱାରା ଧାର୍ଯ୍ୟ ୧୦୮ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଓହ୍ଲାଇଥିବା ୱେଷ୍ଟଇଣ୍ଡିଜ ଏକଦା ୧୩ ଓଭରରେ ଏକ ଉଇକେଟ ହରାଇ ୫୭ ରନ୍ କରି ସହଜ ସ୍ଥିତିରେ ଥିଲା। କିନ୍ତୁ ସ୍ପିନର ଦୀପ୍ତି ଓପନର ଲି ଆନ କିର୍ବି (୪୨)ଙ୍କ ଉଇକେଟ ନେଇଥିଲେ। ଏହାପରେ ୱେଷ୍ଟଇଣ୍ଡିଜ ଦଳ ଗୋଟିଏ ପରେ ଗୋଟିଏ ଉଇକେଟ ହରାଇ ଚାଲିଥିଲା। ଫଳରେ ୧୭ ଓଭର ସୁଦ୍ଧା ୫ ଉଇକେଟ ହରାଇ ୬୭ ରନ କରିଥିଲା। ହେଲି ମାଥ୍ୟୁସ (୨୫) ଓ ଚିନେଲେ ହେନ୍‌ରୀ (୧୭) ୧୯ତମ ଓଭରରେ ୩ ଚୌକା ଓ ଗୋଟିଏ ଛକା ଲଗାଇଥିଲେ। ଏଥିଯୋଗୁ ଦଳକୁ ଜିତିବା ଲାଗି ଅନ୍ତିମ ଓଭରରେ ୧୧ ରନ୍ ଦରକାର ଥିଲା। ପୁନମଙ୍କ ପ୍ରଥମ ୩ ବଲରେ ୭ ରନ୍ କରିଥିବା ମାଥ୍ୟୁସ ଚତୁର୍ଥ ବଲରେ ଆଉଟ୍ ହୋଇଥିଲେ। ଅନ୍ତିମ ବଲରେ ୩ ରନ୍ ଦରକାର ଥିଲା। ହେନ୍‌ରୀ ବେଦ କ୍ରିଷ୍ଣମୂର୍ତ୍ତିଙ୍କ ହାତରେ ଧରାପଡ଼ିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ୧୭ ରନ୍‌ରେ ଓ ସ୍ମୃତି ମନ୍ଧାନା (୪), ଜେମିମା ରୋଡ୍ରିଗୁଏଜ (୦) ଓ ଶେଫାଳି ବର୍ମା (୧୨)ଙ୍କ ଉଇକେଟ ହରାଇଥିଲା। ଅଧିନାୟିକା ହରମନପ୍ରୀତ କୌର (୧୧) ଓ କ୍ରିଷ୍ଣମୂର୍ତ୍ତି (୫) ମଧ୍ୟ ଫେଲ୍ ମାରିଥିଲେ। ଦୀପ୍ତି (୨୧) ଓ ଶେଷ ଆଡ଼କୁ ଶିଖା ପାଣ୍ଡେ (୨୪)ଙ୍କ ଯୋଗୁ ଭାରତ ୮ ଉଇକେଟ ହରାଇ୧୦୭ ରନ୍ କରିଥିଲା।



ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ରାଜ୍ୟପାଳଙ୍କୁ ଭେଟିଲେ ଓଡ଼ିଶା ମହିଳା ଥ୍ରୋ ବଲ୍ ଦଳ

**ଭୁବନେଶ୍ୱର, ୧୮।୨(କ୍ରୀଡ଼ା ପ୍ରତିନିଧି):** ପଶ୍ଚିମବଙ୍ଗର ବର୍ଦ୍ଧମାନରେ ଅନୁଷ୍ଠିତ ଜାତୀୟ ଥ୍ରୋ ବଲ୍ ପ୍ରତିଯୋଗିତାରେ ଭାଗନେଇ ରୌପ୍ୟ ପଦକ ହାସଲ କରିଥିବା ଓଡ଼ିଶା ଥ୍ରୋ ବଲ୍ ଦଳର ଖେଳାଳି ଓ କର୍ମକର୍ତ୍ତାମାନେ ମଙ୍ଗଳବାର ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କୁ ଭେଟିଛନ୍ତି। ପ୍ରତିଯୋଗିତାରେ ୧୪ ଖେଳାଳି ଓ ୨ ଅଫିସିଆଲ ଅଂଶଗ୍ରହଣ କରିଥିଲେ। ରାଜ୍ୟପାଳ ଓଡ଼ିଶା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ପ୍ରଶଂସା କରିଛନ୍ତି। ଏହା ବ୍ୟତୀତ ଆଗାମୀ ଦିନରେ ଦଳ କିପରି ଅଧିକ ଭଲ ପ୍ରଦର୍ଶନ କରିବ ଏବଂ ସେଥିପାଇଁ କ'ଣ ସାହାଯ୍ୟ ସହଯୋଗ ଆବଶ୍ୟକ ତାହା ଲିଖିତ ଆକାରରେ ଜଣାଇବା ପାଇଁ ଅଫିସିଆଲ ଯଶୋବନ୍ତ ପରମଗୁରୁ ଓ କୋଚ୍ ସଚିକାନ୍ତ ପଟ୍ଟନାୟକଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଓଡ଼ିଶା ଥ୍ରୋ ବଲ୍‌ର ମାର୍ଗଦର୍ଶକ ପ୍ରେମାନନ୍ଦ ବେହେରା, ସମ୍ପାଦକ ଜିତେନ୍ଦ୍ର ନାଥ ଦାସ, ରୁଦ୍ରନାରାୟଣ ସାମନ୍ତରାୟ, ପ୍ରସନ୍ନ କୁମାର ପାଣି, କାମାକ୍ଷା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ରାଜ୍ୟପାଳଙ୍କୁ ଭେଟିବା ଅବସରରେ ଟ୍ରଫି ଓ ପଦକ ସହ ଓଡ଼ିଶା ମହିଳା ଥ୍ରୋବଲ୍ ଦଳ।

# ଫାଇନାଲ ରାଉଣ୍ଡରେ ଓଡ଼ିଶା ଏଫ୍‌ସି



ବିଜୟ ହାସଲ ପରେ ଉଲ୍ଲସିତ ୧୮ ବର୍ଷରୁ କମ୍ ଓଡ଼ିଶା ଏଫ୍‌ସି ଦଳ।

**ହିରୋ ଏଲିଟ୍ ଲିଗ୍**

**ନୂଆଦିଲ୍ଲୀ, ୧୮।୨:** ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍ଏଲ୍) ଫ୍ରାଞ୍ଚାଇଜ୍ ଓଡ଼ିଶା ଏଫ୍‌ସିର ୧୮ ବର୍ଷରୁ କମ୍ ଦଳ ଏଠାରେ ଚାଲିଥିବା ହିରୋ ଏଲିଟ୍ ଲିଗ୍ ୨୦୧୯-୨୦ ସିଜନର ଫାଇନାଲ ରାଉଣ୍ଡରେ ପ୍ରବେଶ କରିଛି। ସ୍ଥାନୀୟ ଜବାହରଲାଲ୍ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଜୁନିୟର ଓଡ଼ିଶା ଏଫ୍‌ସି ଦଳ ୫-୦ ଗୋଲରେ ରାଜସ୍ଥାନଭିତ୍ତିକ କ୍ଲବ ମାକ୍ସିମସ୍ ପ୍ରାଇମ ସ୍ପୋର୍ଟ୍ସକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ଓଡ଼ିଶା ଏଫ୍‌ସି ଖେଳାଳି ପ୍ରଭାବ ବିସ୍ତାର କରି ଖେଳିବା ସହ ମ୍ୟାଚ୍‌କୁ ଏକପାଖିଆ ଭାବେ ଜିତି ନେଇଥିଲେ। ବିଜୟୀ ଦଳ ପକ୍ଷରୁ ରିଷଭ ଡୋବ୍ରିୟାଲ (୫୦ତମ ଓ ୭୬ତମ ମିନିଟ୍) ଓ ଅଂଶୁମାନ ତ୍ୟାଗୀ (୫୯ତମ ଓ ୯୦+୧ )୨ଟି ଲେଖାଏ ଗୋଲସ୍କୋର କରିଥିଲେ। ନିଶ୍ଚୟ ଅଧିକାରୀ (୭୦ତମ) ଅନ୍ୟତମ ଗୋଲଟି ଦେଇଥିଲେ। ମ୍ୟାଚ୍‌ର ୫୦ତମ ମିନିଟ୍‌ରେ ରିଷଭ ବିଜୟ ସହ ଓଡ଼ିଶା ଏଫ୍‌ସି ଏହାର ଜୋନ୍‌ରେ ୧୪ ମ୍ୟାଚ୍ ଖେଳି ୩୧ ପଏଣ୍ଟ ସହ ଟେବୁଲର ୨ୟ ସ୍ଥାନରେ ରହିଛି।

## ଦିଲ୍ଲୀ ଶୁଟିଂ ବିଶ୍ୱକପ୍‌ରୁ ଓହରିଲେ ଚାଇନା, ପାକିସ୍ତାନ

**ପୁଣେ, ୧୮।୨:** ଆସନ୍ତା ମାର୍ଚ୍ଚରେ ନୂଆଦିଲ୍ଲୀ ସ୍ଥିତ ଡ. କାର୍ନି ସିଂ ଶୁଟିଂ ରେଞ୍ଜରେ ଆଇଏସ୍ଏସ୍ଏଫ୍ ବିଶ୍ୱକପ୍ ଆୟୋଜନ ହେବ। ଇଭେଣ୍ଟ ପୂର୍ବରୁ ଆୟୋଜକଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ରାଇଫଲ, ପିସ୍ତଲ ଓ ଶଟ୍‌ଗନ ଭଳି ୩ ବିଭାଗରେ ଆସନ୍ତା ୧୫ ତାରିଖରୁ ହେବାକୁ ଥିବା ଟୁର୍ଣ୍ଣାମେଣ୍ଟରୁ ଚାଇନା ଓହରି ଯାଇଛି। କରୋନା ଭାଇରସର ଭୟ ଯୋଗୁ ବୈଦେଶିକ ମନ୍ତ୍ରଣାଳୟ ଓ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଚାଇନିଜ ଶୁଟରଙ୍କ ଭିଜାକୁ ଅନୁମତି ନ ଦେବାର ସମ୍ଭାବନା ଥିଲା। କାରଣ ଦିଲ୍ଲୀଠାରେ ଚାଲିଥିବା ଏସିଆନ ଚାମ୍ପିୟନଶିପ କୁସ୍ତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଚାଇନିଜ ରେସଲରମାନଙ୍କୁ ଯାତ୍ରା ଅନୁମତି ମିଳି ନ ଥିଲା। ଜାତୀୟ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ (ଏନ୍‌ଆରଏଆଇ) ସଭାପତି ରନିନ୍ଦର ସିଂ କହିଛନ୍ତି, ଏହା ସମ୍ପୂର୍ଣ୍ଣ ଚାଇନିଜ ଶୁଟରଙ୍କ ନିଷ୍ପତ୍ତି। ଏଥିରେ ଭାରତ ସରକାରଙ୍କ କୌଣସି ହାତ ନାହିଁ। ସେମାନଙ୍କ ପାଇଁ ହୋଟେଲ ବୁକିଂ ଓ ଅନ୍ୟ ବ୍ୟବସ୍ଥା କରାଯାଇଥିଲା। ଏଣୁ ସେମାନେ ଆମକୁ ପୂର୍ବରୁ ସୂଚନା ଦେଇଛନ୍ତି। ପାକିସ୍ତାନ ମଧ୍ୟ ତା'ର ଶୁଟରଙ୍କୁ ନ ପଠାଇବାକୁ ନିଷ୍ପତ୍ତି ନେଇଛି। ଆମ ୩ ଶୁଟର ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିସାରିଛନ୍ତି। ଆମେ ତାଙ୍କ ପାଇଁ କୋଚ୍ ଖୋଜୁଥିଲୁ। ଜର୍ମାନୀରେ କୋଚ୍ ମିଳିଛନ୍ତି । ଏଣୁ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବାର କିଛି ଲାଭ ନାହିଁ ବୋଲି ଜାତୀୟ ରାଇଫଲ ଆସୋସିଏଶନ ଅଫ୍ ପାକିସ୍ତାନ କାର୍ଯ୍ୟକାରୀ ଉପ ସଭାପତି ଜାଭେଦ ଲୋଧି କହିଛନ୍ତି।

# ଓଡ଼ିଶାକୁ ବିଦା କରିଥିଲା ବୁମ୍‌ରାଙ୍କ ବୋଲିଂ

**ରଣଜୀ ଟ୍ରଫି: କ୍ୱାର୍ଟର ଫାଇନାଲ ମୁକାବିଲା**

**କଟକ ଅଫିସ, ୧୮।୨**

ଦୁଇ ବର୍ଷର ବ୍ୟବଧାନ ପରେ ରଣଜୀ ଟ୍ରଫିର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ଓଡ଼ିଶା। ଗତ ୨୦୧୬-୧୭ ସଂସ୍କରଣରେ ରାଜ୍ୟ ଦଳ କ୍ୱାର୍ଟରରେ ସ୍ଥାନ ପାଇଥିଲେ ସୁଦ୍ଧା ଗୁଜରାଟଠାରୁ ଇନିଂସ ପଛୁଆ ରହି ନକଆଉଟ୍ ପର୍ଯ୍ୟାୟରୁ ବାଦ୍ ପଡ଼ିଥିଲା। ଏହି ମ୍ୟାଚ୍‌ରେ ଭାରତୀୟ କ୍ରିକେଟ ଦଳର ଘାତକ ପେସ୍ ବୋଲର ଯଶପ୍ରୀତ ବୁମ୍‌ରା ଗୁଜରାଟ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ ଏବଂ ତାଙ୍କ ୫ଟି ଉଇକେଟ ସଫଳତା ଯୋଗୁ ଓଡ଼ିଶା ପ୍ରଥମ ଇନିଂସରେ ଅଗ୍ରଣୀ ନେଇ ନ ପାରି ପ୍ରତିଯୋଗିତାରୁ ବିଦା ହୋଇଥିଲା। ଉକ୍ତ ସିଜନରେ ଗୁଜରାଟକୁ ରଣଜୀ ଟ୍ରଫି ମୁକୁଟ ମିଳିଥିଲା।

ସେତେବେଳେ ଏଲିଟ୍ ଗ୍ରୁପ-ବିରେ ସ୍ଥାନ ପାଇଥିବା ଓଡ଼ିଶା ୨ ବିଜୟ, ୫ ଡ୍ର ଓ ଗୋଟିଏ ପରାଜୟ ସହିତ ୨୨ ପଏଣ୍ଟ ହାସଲ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ରାଜ୍ୟ ଦଳର ନେତୃତ୍ୱ ନେଉଥିଲେ ଗୋବିନ୍ଦ ପୋଦ୍ଦାର। ବିଦର୍ଭ ବିପକ୍ଷରେ ମ୍ୟାଚ୍ ଡ୍ର ରଖି ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍‌ରେ ସୌରାଷ୍ଟ୍ରକୁ ୩୨ରନରେ ହରାଇଥିଲା। ଶକ୍ତିଶାଳୀ ଦଳ ଦିଲ୍ଲୀ, ରାଜସ୍ଥାନ, କର୍ଣ୍ଣାଟକ, ଆସାମ ବିପକ୍ଷ ମ୍ୟାଚ୍‌କୁ ଡ୍ର ରଖିବା ପରେ ମହାରାଷ୍ଟ୍ରକୁ ୧୧୮ରନରେ ହରାଇଥିଲା। ଅନ୍ତିମ ଲିଗ ମ୍ୟାଚ୍‌ରେ ଝାଡ଼ଖଣ୍ଡଠାରୁ ଇନିଂସ ଓ ୯୩ରନରେ ପରାଜୟ ସତ୍ତ୍ୱେ ଓଡ଼ିଶାକୁ ମିଳିଥିଲା କ୍ୱାର୍ଟର ଫାଇନାଲ ଯୋଗ୍ୟତା। ଜୟପୁରର ସୱାଇ ମାନସିଂ ଷ୍ଟାଡିୟମରେ ଗୋବିନ୍ଦଙ୍କ ନେତୃତ୍ୱାଧୀନ ଓଡ଼ିଶା ପାର୍ଥିବ ପଟେଲଙ୍କ ନେତୃତ୍ୱାଧୀନ ଗୁଜରାଟ ମଧ୍ୟରେ ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଚଳିତ ସିଜନରେ ଓଡ଼ିଶା ଦଳରେ ଥିବା ଅନେକ ଖେଳାଳି ୨୦୧୬-୧୭ କ୍ୱାର୍ଟର ମୁକାବିଲାରେ ମଧ୍ୟ ସାମିଲଥିଲେ। ଗୋବିନ୍ଦଙ୍କ ସମେତ ଚଳିତ ସିଜନର ଅଧିନାୟକ ଶୁଭ୍ରାଂଶୁ ଶେଖର ସେନାପତି, ବିପ୍ଳବ ସାମନ୍ତରାୟ, ରଣଜିତ ସିଂ, ସୂର୍ଯ୍ୟକାନ୍ତ ପ୍ରଧାନ, ବସନ୍ତ ମହାନ୍ତି ପୂର୍ବ ଟିମ୍‌ରେ ଥିଲେ। ଟସ ଜିତି ଗୁଜରାଟକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା ଓଡ଼ିଶା। ୭୧ରନରେ ପ୍ରଥମ ୬ଟି ଉଇକେଟ ଦଖଲ କରି ଓଡ଼ିଶା ପ୍ରତିପକ୍ଷ ଶିବିରରେ ନୈରାଶ୍ୟ ଖେଳାଇ ଦେଇଥିଲା। ମାତ୍ର ନିମ୍ନକ୍ରମର ବ୍ୟାଟ୍ସମ୍ୟାନ ଚିରାଗ ଗାନ୍ଧୀ ୮୧ ଓ ରୁଷ କଲରିଆ ୭୩ରନ ସଂଗ୍ରହ କରିବା ଯୋଗୁ ଗୁଜରାଟ ୨୬୩ରନ କରିବାକୁ ସକ୍ଷମ ହୋଇଥିଲା। ଓଡ଼ିଶା ପକ୍ଷରୁ ବସନ୍ତଙ୍କୁ ୫ଟି ଉଇକେଟ ମିଳିଥିଲା। ଜବାବରେ ଓଡ଼ିଶା ୮୦ରନରେ ଗୋଟିଏ ଉଇକେଟ ହରାଇଥିବା ବେଳେ ୧୦୧ରନରେ ୭ଟି ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଗୋଟିଏ ସ୍ପେଲରେ ହିଁ ଓଡ଼ିଶାର ମଧ୍ୟକ୍ରମର ବ୍ୟାଟିଂ ଲାଇନଅପ ଭୁଶୁଡ଼ାଇ ଦେଇଥିଲେ ଘାତକ ପେସର ବୁମରା। ଏହା ଭିତରେ ଗୋବିନ୍ଦ, ବିପ୍ଳବ, ଶୁଭ୍ରାଂଶୁ ଓ ଅଭିଷେକ ଯାଦବଙ୍କ ଭଳି ଗୁରୁତ୍ୱପୂର୍ଣ୍ଣ ଉଇକେଟ ରହିଥିଲା। ଓଡ଼ିଶା ପକ୍ଷରୁ ସୂର୍ଯ୍ୟକାନ୍ତ ସର୍ବାଧିକ ୪୭ ଓ ଦୀପକ ବେହେରା ୪୧ରନ କରିଥିଲେ। ୧୯୯ରନରେ ଓଡ଼ିଶାର ପ୍ରଥମ ଇନିଂସ ସୀମିତ ରହିଥିଲା। ବୁମରା ୪୧ରନ ବିନିମୟରେ ୫ଟି ଉଇକେଟ ଦଖଲ କରିଥିଲେ। ସମିତ ଗୋହେଲଙ୍କ ୩୫୯ରନର ଇନିଂସ ବଳରେ ଗୁଜରାଟ ଦ୍ୱିତୀୟ ଇନିଂସରେ ସମସ୍ତ ଉଇକେଟ ହରାଇ ୬୪୧ରନ କରିଥିଲା। ଓଡ଼ିଶାର ସ୍ପିନର ଧୀରଜ ସିଂ ସର୍ବାଧିକ ୬ଟି ଉଇକେଟ ପାଇଥିଲେ। ଖେଳ ଶେଷ ସୁଦ୍ଧା ଓଡ଼ିଶା ଦ୍ୱିତୀୟ ଇନିଂସ ବ୍ୟାଟିଂ କରି ଗୋଟିଏ ଉଇକେଟରେ ୮୧ରନ କରିଥିଲା। ଏହି ମ୍ୟାଚ୍‌ରେ ବୁମ୍‌ରା ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ।





ଓଡ଼ିଶାର ରାଜେଶ ଧୂପର ଓ ସୂର୍ଯ୍ୟକାନ୍ତ ପ୍ରଧାନ ନେଟ୍ସରେ ଅଭ୍ୟାସ କରୁଛନ୍ତି।

ମନେ ପଡ଼ନ୍ତି
ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତ ଇଂ ରମେଶ ଚନ୍ଦ୍ର ମହାପାତ୍ର
ପୂର୍ବତନ ମୁଖ୍ୟଯନ୍ତ୍ରୀ ଜାତୀୟ ରାଜପଥ
କାନନବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଆବିର୍ଭାବ: ୩୦।୦୪।୧୯୪୩
ତିରୋଧାନ: ୦୮।୦୩।୨୦୧୩
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାରବର୍ଗ ।
ଧ-୬୮୩୩୬

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ଫେବୃୟାରୀ ୧୯/୨୦୨୦ Bhubaneswar, Wednesday, February 19/2020




# ଛାତ୍ରୀଙ୍କୁ ଶିକ୍ଷକଙ୍କ ଅସଦାଚରଣ ଅଭିଯୋଗ

## ୧୫ ଦିନ ଶିକ୍ଷାନୁଷ୍ଠାନ ବାରଣ୍ଡା ମାଡିବାକୁ ମନା, ଚୂଡାନ୍ତ ନିଷ୍ପତ୍ତି ଆଜି

**ଜଗତ୍‌ସିଂହପୁର ଅଫିସ୍‌, ୧୮।୨**

ଜିଲା ମୁଖ୍ୟାଳୟର ଏକ ବେସରକାରୀ ଶିକ୍ଷାନୁଷ୍ଠାନରେ ଅଭାବନୀୟ ଘଟଣା ଘଟିଛି। ଶିକ୍ଷାନୁଷ୍ଠାନରେ ପଢୁଥିବା ଜଣେ ୪ର୍ଥ ଶ୍ରେଣୀ ଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନର ଜଣେ କଳା ଶିକ୍ଷକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଗ୍ରହଣ କରି ବିଦ୍ୟାଳୟ କର୍ତ୍ତୃପକ୍ଷ ତୁରନ୍ତ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ ୨ ସପ୍ତାହ ଦାୟିତ୍ୱରୁ ନିବୃତ୍ତ ଅର୍ଥାତ୍ ଶିକ୍ଷାନୁଷ୍ଠାନ ନ ଆସିବା ପାଇଁ ବାରଣ କରିଛନ୍ତି। ଏଥିସହ ବୁଧବାର ସକାଳ ୧୦ଟାରେ ବିଦ୍ୟାଳୟ ପରିଚାଳନା କମିଟିର ଚୂଡାନ୍ତ ନିଷ୍ପତ୍ତି ଘୋଷଣା କରାଯିବ। ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହା ନାବାଳିକା ଛାତ୍ରୀଙ୍କୁ ଅବଗତ କରି ଦିଆଯିବ। ସେହିପରି ବିଦ୍ୟାଳୟ ପରିଚାଳନା କମିଟିର ନିଷ୍ପତ୍ତି ଅଭିଯୁକ୍ତ ଶିକ୍ଷକଙ୍କୁ ମଧ୍ୟ ଜଣାଇ ଦିଆଯିବ ବୋଲି ପରିଚାଳନା ସମିତି ସଭାପତି ସୂଚନା ଦେଇଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୯ ଫେବୃୟାରୀ, ୨୦୨୦



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ୍ତ ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।
- ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ଜେଜେ ମା'ବାପାମାନେ ସୁଖଦୁଃଖର ସାଥୀ

ରସୁଲପୁର, ୧୮।୨ (ଡି.ଏନ୍.ଏ.): ଜେଜେ ମା' ଜେଜେବାପାମାନେ ନାତିନାତୁଣୀଙ୍କ ସୁଖଦୁଃଖର ସାଥୀ। ପିଲାମାନେ ସେମାନଙ୍କୁ ସମ୍ମାନ ଜଣାଇବା ସହ ସେମାନଙ୍କ ଅନୁଭୂତିରୁ ଶିକ୍ଷାଲାଭ କରିବାକୁ ରସୁଲପୁର ବ୍ଲକ ଅଧୀନ କଲଣ ପଞ୍ଚାୟତସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ଜେଜେ ମା' ଜେଜେବାପା ସମ୍ମିଳନୀରେ ଅତିଥିମାନେ ପରାମର୍ଶ ଦେଇଛନ୍ତି। ଏଥିରେ ପରିଚାଳନା କମିଟି ସଭାପତି ଯୋଗୀନ୍ଦ୍ରନାଥ ସାହୁ ମୁଖ୍ୟଅତିଥି, ସମ୍ପାଦକ ଯୋଗିନ୍ଦ୍ର ନାୟକ, ଶିକ୍ଷାବିତ୍ କୁଳମଣୀ ନାୟକ, ବସନ୍ତ କୁମାର ଶତପଥୀ, ଭଗବାନ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରଧାନ ଆଚାର୍ଯ୍ୟ ହେମନ୍ତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

### ପିଲାଙ୍କୁ ସଂସ୍କାରି କରିଥାଏ ଶିଶୁମନ୍ଦିର

ରସୁଲପୁର, ୧୮।୨ (ଡି.ଏନ୍.ଏ.): ଶିକ୍ଷାକ୍ଷେତ୍ରରେ ବହୁ ବିକଳ୍ପ ସୃଷ୍ଟି ହୋଇଛି। ସେଗୁଡିକ ମଧ୍ୟରୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବହୁ ଆଗରେ ରହିଥିବାର ଦେଖାଯାଇଛି। ପିଲାମାନଙ୍କୁ ମେଧାବୀ କରି ଗଢ଼ି ତୋଳିବା ସହ ସଂସ୍କାରୀ କରିବାରେ ଶିଶୁମନ୍ଦିରର ଅବଦାନ ପ୍ରଶଂସନୀୟ ବୋଲି ରସୁଲପୁର ବ୍ଲକ ଅଧୀନ ମଧୁବନ ସରସ୍ୱତୀ ଶିଶୁ ମନ୍ଦିରର ୨୬ତମ ବାର୍ଷିକୋତ୍ସବରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପରିଚାଳନା କମିଟି ସଭାପତି ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କୋରେଇ ବିଧାୟକ ଅଶୋକ କୁମାର ବଳ ମୁଖ୍ୟଅତିଥି, ଶିକ୍ଷାବିତ୍ ମନୋରଞ୍ଜନ ମହାନ୍ତି ମୁଖ୍ୟବକ୍ତା ଓ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସ୍କୁଲର ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗିମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

### ୧୯ରେ ଜିଲାସ୍ତରୀୟ ନିଯୁକ୍ତିମେଳା

ଯାଜପୁର ଟାଉନ,୧୮।୨(ଡିଏନ୍‌ଏ): ଯାଜପୁର ଜିଲାସ୍ତରୀୟ ନିଯୁକ୍ତି ମେଳା ଓଡ଼ିଶା ଦକ୍ଷତା ପ୍ରାଧିକରଣ ଏବଂ ଯାଜପୁର ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଆସନ୍ତା ୧୯ ତାରିଖ ମା' ତାରିଣୀ ଡିଗ୍ରୀ ମହାବିଦ୍ୟାଳୟ, ପାଣିକୋଇଲିଠାରେ ଅନୁଷ୍ଠିତ ହେବ। ଏ ନେଇ ସୋମବାର ସଂସ୍କୃତି ଭବନଠାରେ ଜିଲା ନିଯୋଜନ ଅଧିକାରୀ ଶଙ୍କର ଚରଣ ମୁର୍ମୁଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଭାରପ୍ରାପ୍ତ ଜିଲାପାଳ ତଥା ପ୍ରକଳ୍ପ ଅଧିକାରୀ ଇନ୍ଦ୍ରମଣୀ ନାୟକ ମୁଖ୍ୟ ଅତିଥିଭାବେ ଓ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ଯୋଗଦେଇ ସ୍ଥାନୀୟ ବେକାର ଯୁବତୀଯୁବକଙ୍କ ପାଇଁ ନିଯୁକ୍ତି ମେଳା ଏକ ପ୍ରଧାନ ମାଧ୍ୟମ ବୋଲି କହିଥିଲେ। ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ବିଭିନ୍ନ ନିଯୁକ୍ତିଦାତା/ସଂସ୍ଥା ଯୋଗଦେଇ ସିଧାସଳଖ ନିଯୁକ୍ତି ବ୍ୟବସ୍ଥା କରିବା ସହ କେତେକ କମ୍ପାନୀ ସ୍ୱଳ୍ପ ତାଲିମ ପ୍ରଦାନ କରି ନିଯୁକ୍ତି ପ୍ରଦାନ କରିବେ। ୫ମ ଶ୍ରେଣୀ ପାସଠାରୁ ସ୍ନାତକ ପାସ କରିଥିବା ଆଗ୍ରହୀ ଯୁବତୀଯୁବକମାନେ ମେଳାରେ ଉପଲବ୍ଧ ହେଉଥିବା ନିର୍ଦ୍ଧାରିତ ପତ୍ର ସହ, ଶିକ୍ଷାଗତ ଯୋଗ୍ୟତା, ବାସିନ୍ଦା ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର, ଆଧାରକାର୍ଡ, ଫଟୋ ସହିତ ଯୋଗଦେବା ପାଇଁ ଅନୁରୋଧ କରାଯାଇଛି।

# କମୁନି ବାଳିକାଙ୍କ ଡ୍ରପ୍ ଆଉଟ ସଂଖ୍ୟା ହାର

ଯାଜପୁର ଅଫିସ,୧୮।୨

ଯାଜପୁର ଜିଲାରେ ବାଳିକା ଶିକ୍ଷାର ଅଗ୍ରଗତି ନୈରାଶ୍ୟଜନକ ହୋଇଛି। ଏବେ ବି ଶତାଧିକ ଡ୍ରପ୍ ଆଉଟ ବାଳିକା ଘରେ ବସିଛନ୍ତି। ସ୍କୁଲ ସମୟରେ ବହି ବସ୍ତାନୀ ବଦଳରେ ବାଳିକାଙ୍କ ମୁଣ୍ଡରେ କାଠ ବୋଝ ଦେଖିବାକୁ ମିଳୁଛି। ଯାଜପୁର ଜିଲା ସମଗ୍ର ଶିକ୍ଷା ବିଭାଗର ଆନ୍ତରିକତାର ଅଭାବ ଯୋଗୁ ବାଳିକା ଶିକ୍ଷାର ଅଗ୍ରଗତି ହେବା ପରିବର୍ତ୍ତେ ଅଧାରୁ ପାଠ ଛାଡୁଥିବା(ଡ୍ରପ୍ ଆଉଟ) ଛାତ୍ରୀଛାତ୍ର ସଂଖ୍ୟା ବୃଦ୍ଧି ହେବାରେ ଲାଗିଛି। ୨୦୧୮-୧୯ ଶିକ୍ଷା ବର୍ଷର ତଥ୍ୟ ଅନୁସାରେ ବିଭିନ୍ନ ସରକାରୀ ପ୍ରାଥମିକ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଙ୍କରେ ପ୍ରଥମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀଙ୍କ ମଧ୍ୟରେ ଏସ୍‌ସି (ଅନୁସୂଚିତ ଜାତି) ଛାତ୍ରୀଛାତ୍ରଙ୍କ ସଂଖ୍ୟା ୬,୭୪୬ ଏବଂ ଏସ୍‌ଟି (ଅନୁସୂଚିତ ଜନଜାତି)ଙ୍କ ସଂଖ୍ୟା ୩,୩୦୭ ଅଟେ। ତେବେ ଉପସ୍ଥାନ ତଥ୍ୟ ଅନୁସାରେ ଏସ୍‌ସି ଛାତ୍ରୀଛାତ୍ରଙ୍କ ଡ୍ରପ ଆଉଟ ହାର ୧୭ପ୍ରତିଶତ ହୋଇଥିବାବେଳେ ଏସ୍‌ଟି ଛାତ୍ରୀଛାତ୍ରଙ୍କ ଡ୍ରପ୍ ଆଉଟ ହାର ୬୪ ପ୍ରତିଶତ ଅଟେ।




ଯାଜପୁର ସମଗ୍ର ଶିକ୍ଷା ଅଭିଯାନ

ଏହି ଡ୍ରପ୍‌ଆଉଟ ହାରକୁ କମାଇ ଶତକଡ଼ା ୧୦୦ପ୍ରତିଶତ ଉପସ୍ଥାନ ନିମନ୍ତେ ସରକାର ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି। ଏପରି କି ପ୍ରତି ଶିକ୍ଷାବର୍ଷ ଆରମ୍ଭରେ ପ୍ରବେଶ ଉତ୍ସବ, ବୟସ ଅନୁସାରେ ବିଭିନ୍ନ ଶ୍ରେଣୀରେ ନାମଲେଖା ବ୍ୟବସ୍ଥା, ସ୍ୱତନ୍ତ୍ର ତାଲିମ ଭିତ୍ତିକ ଶିକ୍ଷା ବ୍ୟବସ୍ଥା, ଆବାସିକ ଶିକ୍ଷା ଇତ୍ୟାଦି କାର୍ଯ୍ୟକ୍ରମ ଗ୍ରହଣ ହେଉଛି। ହେଲେ ଯାଜପୁର ସମଗ୍ର ଶିକ୍ଷା ବିଭାଗ କର୍ତ୍ତୃପକ୍ଷଙ୍କ ଅବହେଳା ଓ ଉଦାସୀନ ମନୋଭାବ ଯୋଗୁ ଯୋଜନାଗୁଡ଼ିକ ସଫଳ ହୋଇପାରୁ ନାହିଁ। ଜିଲା ସମଗ୍ର ଶିକ୍ଷା ବିଭାଗର ପ୍ରକଳ୍ପ ସଂଯୋଜକ ପ୍ରାୟ ୬ ବର୍ଷ ହେଲା ଗୋଟିଏ ସ୍ଥାନରେ ଥିବାରୁ ଡ୍ରପଆଉଟ ହାର ହ୍ରାସ ସହିତ ଗୁଣାତ୍ମକ ଶିକ୍ଷାର ଉନ୍ନତି ହୋଇ ପାରୁନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, ୨୦୦୪ରୁ ସର୍ବଶିକ୍ଷା ଅଭିଯାନ ଆରମ୍ଭ ହୋଇଛି। ୬ରୁ ୧୪ବର୍ଷର ବାଳିକାବାଳକଙ୍କୁ ବାଧ୍ୟତାମୂଳକ ଏବଂ ଗୁଣାତ୍ମକ ଶିକ୍ଷା ଯୋଗାଇ ଦେବା ଏହି ଯୋଜନାର ମୂଳ ଲକ୍ଷ୍ୟ। ଏହାର ଏକ ଶାଖା ହେଉଛି ବାଳିକା ଶିକ୍ଷା କାର୍ଯ୍ୟକ୍ରମ। ୟୁନିଫାଏଡ ଡିଷ୍ଟ୍ରିକ୍ଟ ଇନ୍‌ଫରମେଶନ ସିଷ୍ଟମ୍ ଫର ଏଜୁକେସନ(ୟୁଡିଆଇଏସ୍‌ଇ)ମିଳିଥିବା ରିପୋର୍ଟ ଅନୁସାରେ ୨୦୧୮-୧୯ ବର୍ଷରେ ଜିଲାରେ ୬ଷ୍ଠ, ୭ମ ଓ ୮ମ ଶ୍ରେଣୀରେ(ଉଚ୍ଚ ପ୍ରାଥମିକ) ସମୁଦାୟ ୭୩,୨୬୧ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେଥିମଧ୍ୟରୁ ୫୧,୮୩୮ ଛାତ୍ରୀ ରହିଛନ୍ତି। ସେହିପରି ପ୍ରାଥମିକ ବର୍ଗରେ ସମୁଦାୟ ୧,୯୧,୦୮୫ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସେଥିମଧ୍ୟରୁ ୧,୩୯,୫୩୨ଜଣ ଛାତ୍ରୀ ରହିଥିବା ରିପୋର୍ଟରେ ଦର୍ଶାଯାଇଛି। ତେବେ ଏହି ରିପୋର୍ଟକୁ ଅନୁଧ୍ୟାନ କଲେ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ ବୋଲି ଜଣାପଡୁଛି। ଏଥିରୁ ଅଧିକାଂଶ ଛାତ୍ରୀଛାତ୍ର ସ୍କୁଲକୁ ଯାଉ ନାହାନ୍ତି। ଦାରିଦ୍ର୍ୟତା, ଗ୍ରାମବସତିଠାରୁ ସ୍କୁଲର ଦୂରତା କାରଣରୁ ପାଠପଢାରୁ ଦୂରେଇ ରହିଥିବା ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକଙ୍କ ମଧ୍ୟରେ ପାଠପଢ଼ା ପ୍ରତି ଆଗ୍ରହ ଜନ୍ମାଇବା ଦିଗରେ ସମଗ୍ର ଶିକ୍ଷା ଅଭିଯାନର ବିଫଳତା ଏହାର ଏକ ପ୍ରମୁଖ କାରଣ ହୋଇପାରେ। ସେହିପରି ଗ୍ରାମାଞ୍ଚଳ ସ୍କୁଲଗୁଡ଼ିକରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଅଭାବ, ବିଭିନ୍ନ ସରକାରୀ କାର୍ଯ୍ୟରେ ଶିକ୍ଷକଙ୍କୁ ନିୟୋଜନ ଆଦି କାରଣ ଛାତ୍ରୀଛାତ୍ରଙ୍କୁ ସ୍କୁଲକୁ ଆକର୍ଷିତ କରି ପାରୁ ନାହିଁ ବୋଲି ମତପ୍ରକାଶ ପାଇଛି। ମାଗଣା ଶିକ୍ଷା ପ୍ରତି ସଚେତନତା ସୃଷ୍ଟିରେ ବିଫଳତା, ଶିକ୍ଷକଙ୍କ ଅଭାବ, ଇତ୍ୟାଦିକୁ ଏଥିପାଇଁ ଦାୟୀ କରାଯାଉଛି। ଅଭାବ ଅନଟନ ଯୋଗୁ ୪ର୍ଥ, ୫ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢି ଅଧାରୁ ବନ୍ଦ କରି ଦେଉଛନ୍ତି। ସେମାନଙ୍କ ନାମକୁ ବୟସ ଅନୁସାରେ ଶ୍ରେଣୀରେ ନାମ ଲେଖାଯାଉଛି ସତ ହେଲେ ସେହି ବାଳିକାବାଳକମାନେ ଘର କାମ କିମ୍ବା ଶିଶୁ ଶ୍ରମିକ ଭାବେ ନିୟୋଜିତ ରହୁଛନ୍ତି। ପିଲାଙ୍କୁ ସ୍କୁଲକୁ ଆକୃଷ୍ଟ କରିବାକୁ ସରକାରଙ୍କ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ମଧ କାମରେ ଲାଗୁନି। ଏ ସଂକ୍ରାନ୍ତରେ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ୧୦୦ ପ୍ରତିଶତ ଉପସ୍ଥାନ ପାଇଁ ସରକାରଙ୍କ ସମସ୍ତ ଯୋଜନାକୁ ସଫଳ ଭାବେ କାର୍ଯ୍ୟକାରୀ କରାଯାଉଛି। ଯାଜପୁର ଜିଲାରେ ମଧ ଏହା ସଫଳ ହୋଇଛି ବୋଲି ନାୟକ କହିଛନ୍ତି।

- ୨୦୧୮-୧୯ ଶିକ୍ଷା ବର୍ଷରେ ଡ୍ରପ୍ ଆଉଟ ହାର ୧୭ ପ୍ରତିଶତ
- ଏସସି, ୬୪ ପ୍ରତିଶତ ଏସଟି ଛାତ୍ରୀଛାତ୍ର
- କାମରେ ଲାଗୁନି ସରକାରଙ୍କ ଶିକ୍ଷା ଯୋଜନା

## ମାଟ୍ରିକ୍ ପରୀକ୍ଷାରୁ ବଞ୍ଚିତ ଛାତ୍ରଙ୍କ ଆତ୍ମହତ୍ୟା ଉଦ୍ୟମ

ଯାଜପୁର ଅଫିସ,୧୮।୨

ଶିକ୍ଷକଙ୍କ ଦାୟିତ୍ୱହୀନତା ଯୋଗୁ ଦଶରଥପୁର ବ୍ଲକ ଛଟିଣା ପଞ୍ଚାୟତ ହୋସେନପୁରସ୍ଥିତ ବଉଳେଶ୍ୱର ହାଇସ୍କୁଲର ଛାତ୍ର ସୌମ୍ୟରଞ୍ଜନ ମହାନ୍ତି ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ଦେବାରୁ ବଞ୍ଚିତ ହେବାରୁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏନେଇ ଛାତ୍ରଙ୍କ ମା' ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନାମରେ ଥାନାରେ ଏତଲା ଦେଇଥିବା ଜଣାଯାଇଛି। ସୂଚନା ଯେ, ସୌମ୍ୟରଞ୍ଜନ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ଦେବା ପାଇଁ ବିଦ୍ୟାଳୟରେ ଫର୍ମ ଫିଲପ କରି ନିୟମାନୁଯାୟୀ ପ୍ରଧାନ ଶିକ୍ଷକଙ୍କୁ ୫୨୦ଟଙ୍କା ପୈଠ କରିଥିଲେ। ଫର୍ମ ଫିଲପ କରିଥିବା ଅନ୍ୟ ଛାତ୍ରୀଛାତ୍ରଙ୍କର ନିର୍ଦ୍ଦିଷ୍ଟ ସମୟ ଅନୁସାରେ ଆଡ୍‌ମିଟ କାର୍ଡ ଆସିଥିବାବେଳେ ସୌମ୍ୟଙ୍କ ଆଡ୍‌ମିଟ୍ କାର୍ଡ ଆସି ନ ଥିଲା। ଏନେଇ ସେ ପ୍ରଧାନଶିକ୍ଷକଙ୍କୁ ଜଣାଇବା ପରେ ପ୍ରଧାନଶିକ୍ଷକ ତାଙ୍କୁ ପରେ ତୁମ କାର୍ଡ ଆସିବ ବୋଲି କହିଥିଲେ। ୨ଦିନ ପରେ ସୌମ୍ୟ ତାଙ୍କ ମା'ଙ୍କୁ ସାଙ୍ଗରେ ଧରି ବିଦ୍ୟାଳୟକୁ ଯାଇଥିଲେ। ପ୍ରଧାନ ଶିକ୍ଷକ ତାଙ୍କୁ ୨ଦିନ ପରେ ସୌମ୍ୟଙ୍କ ଆଡ୍‌ମିଟ୍ କାର୍ଡ ଆସିଯିବ ବୋଲି କହିଥିବାବେଳେ ପ୍ରତିଦିନ ସୌମ୍ୟ ଏବଂ ତାଙ୍କ ମା' ବିଦ୍ୟାଳୟକୁ ଦୌଡିଦୌଡି ନୟାନ୍ତ ହେବାପରେ ମଙ୍ଗଳବାର ସୌମ୍ୟଙ୍କ ମା' ପ୍ରଧାନ ଶିକ୍ଷକଙ୍କୁ ଦେଖାକରି ଆଡ୍‌ମିଟ୍ କାର୍ଡ ମାଗିବାକୁ ଆସିଥିଲେ। ମାତ୍ର ପ୍ରଧାନ ଶିକ୍ଷକ ତାଙ୍କୁ ସୌମ୍ୟ ଆସନ୍ତା ବର୍ଷ ମାଟ୍ରିକ୍ ପରୀକ୍ଷା ଦେବେ ବୋଲି କହିଥିଲେ। ଶିକ୍ଷକଙ୍କଠାରୁ ଏପରି ଶୁଣିବା ପରେ ସୌମ୍ୟ ଘରେ ପହଞ୍ଚି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ମାତ୍ର ପଡିଶା ଲୋକେ କବାଟ ଭାଙ୍ଗି ସୌମ୍ୟଙ୍କୁ ଉଦ୍ଧାର କରିଥିଲେ ବୋଲି ସୌମ୍ୟଙ୍କ ମା' ମଙ୍ଗଳପୁର ଥାନାରେ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଏତଲା ଦେଇଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଏତଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ମଙ୍ଗଳପୁର ଥାନାଧିକାରୀ ଅସିତ୍ ରଞ୍ଜନ ମହାନ୍ତିଙ୍କୁ ପଚାରିବାରେ, ବିଦ୍ୟାଳୟକୁ ପୋଲିସ୍ ତଦନ୍ତରେ ଯାଇଥିବାବେଳେ ପ୍ରଧାନ ଶିକ୍ଷକ ସାହୁ ଏବଂ କ୍ଲର୍କ ବିଦ୍ୟାଳୟରେ ନ ଥିବାସହ ମୋବାଇଲ୍ ସୁଇଚ୍ ବନ୍ଦ କରି ରଖିଛନ୍ତି। ଏଣୁ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି । ଏ ସମ୍ପର୍କରେ ପ୍ରଧାନ ଶିକ୍ଷକଙ୍କ ମୋବାଇଲ ବନ୍ଦ ଥିବାରୁ ତାଙ୍କ ମତାମତ ମିଳିପାରି ନାହିଁ।

### ପ୍ରଧାନ ଶିକ୍ଷକଙ୍କ ଦାୟିତ୍ୱହୀନତା ଅଭିଯୋଗ

## ଯାଜପୁର ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଚଢ଼ାଉ, ୫ ଗିରଫ

ଧର୍ମଶାଳା,୧୮।୨(ଡିଏନ୍‌ଏ)

ଧର୍ମଶାଳା ଓ ଜେନାପୁର ଥାନାର ବିଭିନ୍ନ ସ୍ଥାନରେ ମଙ୍ଗଳବାର ଯାଜପୁର ଅବକାରୀ ଫ୍ଲାଇଂ ସ୍କ୍ୱାଡ ପକ୍ଷରୁ ଚଢାଉ କରାଯାଇ ବିପୁଳ ପରିମାଣର ଚୋରାମଦ, ଏକ ବାଇକ ଜବତ କରାଯିବା ସହ ୫ ଜଣଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ଯାଜପୁର ଅବକାରୀ ଇନ୍ସପେକ୍ଟର ବିଜୟାଲକ୍ଷ୍ମୀ ଦାସଙ୍କ ନେତୃତ୍ୱରେ ଗଠିତ ଫ୍ଲାଇଂ ସ୍କ୍ୱାଡ ଧର୍ମଶାଳା ଥାନାର ଆଳିଜଙ୍ଗା ଗ୍ରାମରେ ଚଢାଉ କରି ବୋଧିରାମ ମୁଣ୍ଡା ଓ ଦମଜନ୍ତୀ ସେଠୀଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧୫ ଲିଟର ଦେଶୀ ଚୋରାମଦ ଜବତ କରିଥିଲେ। ସେହିପରି ଜେନାପୁର ଥାନା ଗୟାସାହିର ଗୋପାଳ ସିଂ ଓ ଅରଖପୁରର ଗ୍ରାମର ମନୋରଞ୍ଜନ ସାମଲଙ୍କ କ୍ୟାବିନ ଉପରେ ଚଢାଉ କରି ୩୦ ଲିଟର ଚୋରାମଦ ଜବତ କରିବା ସହ ଉଭୟଙ୍କୁ ଗିରଫ କରିଥିଲେ। ନେଥକା ଗ୍ରାମର ପ୍ରମୋଦ ସାହୁଙ୍କ କ୍ୟାବିନ ଉପରେ ଚଢାଉ କରି ୨୦ ଲିଟର ଦେଶୀ ମଦ ସହ ଓଡି୦୬୧୪୩୮ ନମ୍ବର ବିଶିଷ୍ଟ ଏକ ବାଇକ ଜବତ କରିବା ସହ ପ୍ରମୋଦଙ୍କୁ ଗିରଫ କରିଥିଲେ। ଏମାନଙ୍କ ବିରୋଧରେ ଯଥାକ୍ରମେ ୧୧୩/୨୦, ୧୧୨/୨୦, ୧୧୦/୨୦, ୧୧୧/୨୦, ୧୧୪/୨୦ ନମ୍ବରରେ ମାମଲା ରୁଜୁ କରାଯାଇ ଗିରଫ ୫ ଅଭିଯୁକ୍ତଙ୍କୁ ମଙ୍ଗଳବାର ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଜଣାଯାଇଛି।

## ଜାଗର ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଡୁବୁରୀ,୧୮।୨(ଡିଏନ୍‌ଏ)

ଡୁବୁରୀ ଅଞ୍ଚଳର ଆରାଧ୍ୟ ଦେବତା ଶ୍ରୀକପିଳେଶ୍ୱରଙ୍କ ଜାଗର ଯାତ୍ରା ଆସନ୍ତା ୨୧ ତାରଖରୁ ଆରମ୍ଭ ହେବାକୁ ଯାଉଥିବାବେଳେ ଏହି ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡୁବୁରୀ ଜାଗର ମେଳା କମିଟି ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ କିପରି ଶାନ୍ତିଶୃଙ୍ଖଳାର ସହ ହୋଇପାରିବ ସେନେଇ ବୈଠକରେ ଆଲୋଚନା କରାଯାଇଥିଲା। ଶିବରାତ୍ରୀ ଦିନ ମନ୍ଦିର ପରିସରରେ ପ୍ରବଳ ଭିଡ ହେବାର ସମ୍ଭାବନା ଥିବାରୁ ସେଠାରେ ସ୍ଥାନୀୟ ପୋଲିସ ସହ କମିଟିର ସଦସ୍ୟମାନେ ରାତି ତମାମ ଉପସ୍ଥିତ ରହିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ମହାଦେବଙ୍କ ପୂଜା, ଯଜ୍ଞ, ହୋମ ଓ ଅନ୍ୟାନ୍ୟ କାର୍ଯ୍ୟ ମନ୍ଦିର ପରିଚାଳନା କମିଟି ତଦାରଖ କରିବେ ଓ ମେଳା, ସାଂସ୍କୃତିକ କାର୍ଯ୍ୟକ୍ରମ ଜାଗର ମେଳା କମିଟି ସଭ୍ୟ ତଦାରଖ କରିବେ ବୋଲି କମିଟିର ଆବାହକ ଜୟନ୍ତ ରାଉତ ସୂଚନା ଦେଇଛନ୍ତି। ବୈଠକରେ ମନ୍ଦିର ପରିଚାଳନା କମିଟିର ଅଲେକ ପ୍ରସାଦ ଜେନା, ସନ୍ତୋଷ କୁମାର ଦେଓ, ଟୁକୁ ଦେଓ, ରଞ୍ଜନ ନାୟକ, ମଣ୍ଟି ପାତ୍ର, ଜ୍ଞାନରଞ୍ଜନ ସାହୁ, ନୀଳମଣି ସାହୁ, ସତ୍ୟବ୍ରତ ସ୍ୱାଇଁଙ୍କ ସମେତ ଡୁବୁରୀ ବାରଗାଡିଆ ଓ ନଡିଆଭଙ୍ଗା ମୌଜାର ମୁରବୀ ଓ ଯୁବକମାନେ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ମେଳା କମିଟିର ସଦସ୍ୟମାନେ।

## ଯୋଗଦେବେ ୨୦ ହଜାର ବିଜେଡି କର୍ମୀ

ଧର୍ମଶାଳା,୧୮।୨(ଡିଏନ୍‌ଏ)

ମାର୍ଚ୍ଚ ୫ରେ ପଞ୍ଚାୟତିରାଜ ଦିବସ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜୟନ୍ତୀ ଏବଂ ନବୀନ ସରକାରଙ୍କ ୨୦ ବର୍ଷ ପୂର୍ତ୍ତି ଅବସରରେ କଟକ ବାଲିଯାତ୍ରା ପଡ଼ିଆରେ ଏକ ସମାବେଶର ଆୟୋଜନ କରାଯାଉଛି। ଏ ନେଇ ଯାଜପୁର ଜିଲା ବିଜେଡି ପକ୍ଷରୁ ଧର୍ମଶାଳା ବ୍ଲକ ନୂଆଗାଁସ୍ଥିତ ବିଜେଡି କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାର ବରିଷ୍ଠ ନେତା ତଥା ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, କୋରେଇ ବିଧାୟକ ଅଶୋକ ବଳ, ବରୀ ବିଧାୟିକା ସୁନନ୍ଦା ଦାସ ଯୋଗ ଦେଇଥିଲେ। ଉକ୍ତ ସମାବେଶରେ ଯାଜପୁର ଜିଲାର ୭ଟିଯାକ ନିର୍ବାଚନ ମଣ୍ଡଳୀରୁ ୨୦ହଜାରରୁ ଅଧିକ ବିଜେଡି କର୍ମୀ ଯୋଗଦେବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି, ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ପୂର୍ବତନ ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ମହାନ୍ତି ପ୍ରମୁଖ ବହୁ ବରିଷ୍ଠ ବିଜେଡି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ବିଜୁ ଜୟନ୍ତୀରେ କଟକ ବାଲିଯାତ୍ରା ପଡ଼ିଆରେ ହେବ ସମାବେଶ

## 'ଜାତି, ଧର୍ମ, ବର୍ଣ୍ଣ ବିଚାରରୁ ଊର୍ଦ୍ଧ୍ୱରେ ଥିଲେ ଜ୍ଞାନ ଦେବୀ'

ଧର୍ମଶାଳା,୧୮।୨(ଡିଏନ୍‌ଏ)

ଜ୍ଞାନ ଦେବୀ ଜାତି, ଧର୍ମ, ବର୍ଣ୍ଣ ବିଚାରରୁ ଊର୍ଦ୍ଧ୍ୱରେ ଥିଲେ। ବିଜୁବାବୁ ଯାହା କରୁଥିଲେ ତାକୁ ସେ ସମର୍ଥନ କରୁଥିଲେ। ତାଙ୍କ ସହଯୋଗ ଓ ସମର୍ଥନ ଯୋଗୁ ବିଜୁବାବୁ ଜୀବନର ଝଡ଼ଝଞ୍ଜାକୁ ମୁକାବିଲା କରିବାରେ ସମର୍ଥ ହୋଇଥିଲେ ବୋଲି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଧର୍ମପତ୍ନୀ ଜ୍ଞାନ ପଟ୍ଟନାୟକଙ୍କ ୧୧ତମ ଶ୍ରାଦ୍ଧ ବାର୍ଷିକ ଉତ୍ସବରେ ଯୋଗଦେଇ ପୂର୍ବତନ ପୋଲିସ ଡିଜି ଅମୀୟ ଭୂଷଣ ତ୍ରିପାଠୀ ମତବ୍ୟକ୍ତ କରିଛନ୍ତି। ଧର୍ମଶାଳା ବ୍ଲକ ଅରଙ୍ଗାବାଦଠାରେ ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ସଭାପତିତ୍ୱରେ ଜ୍ଞାନ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତ୍ରିପାଠୀ ମୁଖ୍ୟଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ 'ନାରୀ ନିର୍ଯାତନା ଆମ ସମସ୍ତଙ୍କ ପାଇଁ ଏକ ଆହ୍ୱାନ' ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ମହିଳାଙ୍କ ପ୍ରତି ନିର୍ଯାତନା ବୃଦ୍ଧି ପାଉଥିବା ନେଇ ସେ ଉଦବେଗ ପ୍ରକାଶ କରିଥିଲେ। ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ପ୍ରଶାନ୍ତ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ମହିଳାଙ୍କ ଦ୍ୱାରା ୧୧ଟି ସମୂହ ଦୀପଦାନ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭାରେ ପଣ୍ଡିତ କାହ୍ନୁଚରଣ ଦାଶ ବେଦପାଠ, ମହମ୍ମଦ ସୋଏବ ଆଲାମ୍ କୋରାନ ପାଠ ଏବଂ ରେଭରେଣ୍ଡ କାଲେବ କର ବାଇବେଲ ପାଠ କରିଥିଲେ। ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ର ପକ୍ଷରୁ ଆୟୋଜିତ ଉତ୍ସବରେ ସଙ୍ଗୀତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁନାମଧନ୍ୟ କଣ୍ଠଶିଳ୍ପୀ ଗୀତା ଦାଶଙ୍କୁ ଅନୁଷ୍ଠାନ ପକ୍ଷରୁ ଚଳିତ ବର୍ଷର ଜ୍ଞାନ ପଟ୍ଟନାୟକ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ଉତ୍ସବରେ ଅଧ୍ୟାପକ ପ୍ରଶାନ୍ତ ସାହୁଙ୍କ ଦ୍ୱାରା 'ବାପୁ ୧୫୦' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କବି ଦୀନବନ୍ଧୁ ପଣ୍ଡା ଧନ୍ୟବାଦ ଦେଇଥିଲେ।

### କଣ୍ଠଶିଳ୍ପୀ ଗୀତା ଦାଶଙ୍କୁ ଜ୍ଞାନ ପଟ୍ଟନାୟକ ଗୌରବ ସମ୍ମାନ




ଗୀତା ଦେବୀଙ୍କୁ ସମ୍ମାନିତ କରାଯାଉଛି।

## ଘର ନ ଦେଇ ଟଙ୍କା ଅସୁଲି ଉଦ୍ୟମ

ଯାଜପୁର ଅଫିସ,୧୮।୨

ଯାଜପୁର ଜିଲା କୋରେଇ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପୁଣି ଏକ ଦୁର୍ନୀତିର ପର୍ଦ୍ଦାଫାଶ ହୋଇଛି। ଏହି ବ୍ଲକରେ ପ୍ରକୃତ ହିତାଧିକାରୀ ହାତଗୁଞ୍ଜା ନ ଦେଲେ କାର୍ଯ୍ୟାଦେଶ ପାଉ ନାହାନ୍ତି, ବରଂ ଥିଲାବାଲା ଲୋକେ ରାଜନୈତିକ ପ୍ରଭାବରେ ଆବାସ ଯୋଜନାରେ ହିତାଧିକାରୀ ସାଜୁଥିବା ନଜିର ରହିଛି। ଏପରିକି ହିତାଧିକାରୀଙ୍କ ଆବାସ ଟଙ୍କାକୁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ପ୍ରଦାନ କରି ହିତାଧିକାରୀଙ୍କ ଠାରୁ ଟଙ୍କା ଅଦାୟ କରିବା ପାଇଁ ଚାପ ପ୍ରୟୋଗ ହେଉଥିବା ନେଇ ଅଭିଯୋଗ ହେଉଛି। ଚଞ୍ଚକତା କରି ହିତାଧିକାରୀଙ୍କଠାରୁ ଅନ୍ୟ ନାମରେ ଆବାସ ଚୋରି ହୋଇଥିବା ଏଥିରୁ ସନ୍ଦେହ କରାଯାଉଛି। ଏହିଭଳି ଏକ ଘଟଣା ଦେଖିବାକୁ ମିଳିଛି କୋରେଇ ବ୍ଲକ ଅର୍ନ୍ତଗତ ରଣପୁର ପଞ୍ଚାୟତ ରଣପୁର ଗ୍ରାମର କରୁଣାକର ଜେନାଙ୍କ ପୁଅ ରବୀନ୍ଦ୍ର ଜେନାଙ୍କ କ୍ଷେତ୍ରରେ। ରବୀନ୍ଦ୍ରଙ୍କ କହିବା ମୁତାବକ ତାଙ୍କୁ ୨୦୧୬-୧୭ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ କରାଇଦେବା ପାଇଁ ପଞ୍ଚାୟତର ଜଣେ ରାଜନେତା ଓ ଜିଆର୍‌ଏସ୍ ୨ହଜାର ଟଙ୍କା ନେଇଥିଲେ। ଏହାପରେ ରବୀନ୍ଦ୍ରଙ୍କ ନାମ(ଓଆର୍‌୩୧୦୩୪୭୨)ରେ କାର୍ଯ୍ୟାଦେଶ ବ୍ଲକ ପ୍ରସାଶନ ତରଫରୁ ଜାରି ହୋଇଥିଲା ସତ କିନ୍ତୁ ସେହି କାର୍ଯ୍ୟାଦେଶ ରବୀନ୍ଦ୍ର ପାଇ ନ ଥିଲେ। କିଛି ଦିନ ତଳେ ବ୍ଲକ ପ୍ରସାଶନ ତରଫରୁ ପଞ୍ଚାୟତର ଭିଏଲ୍‌ଡବ୍ଲ୍ୟୁ ଓ ଜିଆର୍‌ଏସ୍ ରବୀନ୍ଦ୍ର ଜେନାଙ୍କ ନିକଟରେ ପହଞ୍ଚି ଆବାସ କରିବା ପାଇଁ ସରକାରଙ୍କ ଠାରୁ ପଇସା ନେଇ ଘର କରିନାହଁ କାହିଁକି କହିବା ସହିତ ସମସ୍ତ ଟଙ୍କା ଫେରାଅ ବୋଲି କହିଥିଲେ। ଏହି କଥା ଶୁଣି ତାଙ୍କୁ କାର୍ଯ୍ୟାଦେଶ ଦିଆଯାଇ ନାହିଁ ବୋଲି ରବୀନ୍ଦ୍ର କହିଥିଲେ। ଏହାପରେ ଜିଆର୍‌ଏସ୍ ତାଙ୍କୁ ପଇସା ନେଇଥିବା ଯେଉଁ ତଥ୍ୟ ପ୍ରଦାନ କଲେ ତାହା ଦେଖି ରବୀନ୍ଦ୍ର ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତଥ୍ୟ ମୁତାବକ ରବୀନ୍ଦ୍ରଙ୍କୁ ଗୃହ ନିର୍ମାଣ ପାଇଁ ବ୍ଲକ ପ୍ରସାଶନ ୨୧।୪।୨୦୧୭ରେ ୨୦ହଜାର ଟଙ୍କା, ୧।୮।୨୦୧୭ ତାରିଖରେ ୩୫ ହଜାର ଓ ୨୬।୧୨।୨୦୧୮ ତାରିଖରେ ୪୫ ହଜାର ଟଙ୍କା ମିଶାଇ ସମୁଦାୟ ୧ଲକ୍ଷ ଟଙ୍କା ରବୀନ୍ଦ୍ରଙ୍କ ନାମରେ ବ୍ୟାଙ୍କ ଅଫ ବରୋଦାରେ ଏକ ଖାତାରେ ପ୍ରଦାନ କରାଯାଇଛି, ଯାହା ରବୀନ୍ଦ୍ର ଜେନାଙ୍କ ନୁହେଁ। ଏହା ସହିତ ପ୍ରଧାନମନ୍ତ୍ରୀ ଆବାସ ୱେବ ସାଇଟରେ ୩ଟି ପର୍ଯ୍ୟାୟରେ ଯେଉଁ ଫଟୋ ଅପ୍‌ଲୋଡ କରାଯାଇଛି ତାହା ରବୀନ୍ଦ୍ର ଜେନା କିମ୍ବା ତାଙ୍କ ପରିବାରର କାହାରିଙ୍କ ଫଟୋ ନୁହେଁ। ଏହି ଘଟଣା ଜଣାପଡ଼ିବା ପରେ ବ୍ୟାପକ ହେରାଫେରି ହୋଇଥିବା ସ୍ପଷ୍ଟ ହୋଇଛି। ଏହି ମର୍ମରେ ରବୀନ୍ଦ୍ର କୋରେଇ ମଣ୍ଡଳ ଉନ୍ନୟନ ଅଧିକାରି(ବିଡିଓ)ଙ୍କ ଉଦ୍ଦେଶ୍ୟରେ ଅଭିଯୋଗ କରିବା ସହିତ ଏହାର ସଠିକ ତଦନ୍ତ କରି ଦୃଢ କାଯର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ତେବେ କୋରେଇ ବିଡିଓ ନ ଥିବାରୁ ତାଙ୍କ ମତାମତ ନିଆଯାଇ ପାରିନାହିଁ।

### କୋରେଇ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଚୋରି




### ବିଡିଓଙ୍କୁ ଫେରାଦ ହେଲେ ହିତାଧିକାରୀ



ଯେତେବେଳେ ମନ ଭିତରକୁ ଖରାପ ଚିନ୍ତା ମାଡ଼ି ଆସୁଛି, ସେତେବେଳେ ଭଗବାନଙ୍କୁ ରଡ଼ିଛାଡ଼ି ଡାକ, ଫଳରେ ଦୁର୍ବୁଦ୍ଧି ମନ ଭିତରେ ପଶିପାରିବ ନାହିଁ।
-ଶିରିଡି ସାଇବାବା



# ପରିଣତ ହାତରେ ଜୀବନ୍ତ ଚିତ୍ର

**ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଚିତ୍ରଶିଳ୍ପୀ ପ୍ରଫୁଲ୍ଲ**

**ଚଣ୍ଡିଖୋଲ,୧୮।୨ (ପ୍ରଦୀପ୍ତ କୁମାର ପୃଷ୍ଟି)**

ଭାରତ ବାହାରେ ୧୨ଟି ଦେଶରେ ନିଜ ଚିତ୍ରକଳାର ଯାଦୁ ଦେଖାଇ ପ୍ରଶଂସା ସାଉଣ୍ଟିଥିବା ଆନ୍ତର୍ଜାତିକ ଚିତ୍ରଶିଳ୍ପୀ ହେଉଛନ୍ତି ପ୍ରଫୁଲ୍ଲ ମହାନ୍ତି। କେବଳ ଚିତ୍ର ଶିଳ୍ପ ନୁହେଁ, ବିଦେଶରେ ପୁସ୍ତକ ରଚନା କରି ଜଣେ ଆନ୍ତର୍ଜାତିକ ଲେଖକଭାବେ ମଧ୍ୟ ପରିଚୟ ସୃଷ୍ଟି କରିଛନ୍ତି। ସୁଦୂର ଲଣ୍ଡନରେ ରହୁଥିଲେ ମଧ୍ୟ ଗାଁ ମାଟିକୁ କେବେ ବି ଭୁଲିପାରନ୍ତି ନାହିଁ। ପ୍ରତ୍ୟେକ ବର୍ଷ ନିଜ ଗାଁକୁ ଆସି ଦୁଇମାସ ସମୟ ଅତିବାହିତ କରିଯାଇଥାନ୍ତି। ଏବେ ତାଙ୍କର ବୟସ ୮୫ ବର୍ଷ, ତଥାପି ଅଟକି ଯାଇନି ତାଙ୍କ ହାତ। ଘରେ ବସି ଚିତ୍ର ଆଙ୍କୁଥିଲାବେଳେ କୁନିକୁନି ପିଲାଙ୍କୁ ଚିତ୍ର ଆଙ୍କିବା ଏବଂ ପ୍ରତିଯୋଗିତା କରାଇବା ସହିତ ଗାଁର ବଣମଲ୍ଲିକୁ ଦୁନିଆ ପରିଚିତ କରାଇବା ପାଇଁ ପ୍ରତ୍ୟେକ ବର୍ଷ କୁନିକୁନି ପିଲାଙ୍କ ମଧ୍ୟରେ ପ୍ରତିଯୋଗିତା କରି ପିଲାଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ସେ ଇଂଲଣ୍ଡ, ଜର୍ମାନ, ଫ୍ରାନସ୍, ନରୱେ, ଇଟାଲୀ,



ଆମେରିକା, ଜାପାନ, ଫିଲିପାଇନ୍ସ ଓ ଭାରତର ବହୁ ସ୍ଥାନରେ ଚିତ୍ରକଳା ପ୍ରଦର୍ଶନୀରେ ଭାଗ ନେଇ ପୁରସ୍କୃତ ଓ ସମ୍ମାନିତ ହୋଇଛନ୍ତି। ଏପରିକି ତାଙ୍କର ଗୋଟିଏ ଚିତ୍ରକୁ ଇଂଲଣ୍ଡ ସରକାର ୧୫ହଜାର ପାଉଣ୍ଡରେ କିଣିନେଇ ବ୍ରିଟିଶ୍ ମ୍ୟୁଜିୟମ ସ୍ଥାନିତ କରିଛନ୍ତି। ଯାଜପୁର ଜିଲା ବଡ଼ଚଣା ବ୍ଲକ ନାନପୁର ଗ୍ରାମରେ ୧୯୩୫ ମସିହା ଏପ୍ରିଲ ୧୬ରେ ସେ ଜନ୍ମଗ୍ରହଣ କରିଥିଲେ। ନିକଟସ୍ଥ କୁସୁପୁରସ୍ଥିତ ନନ୍ଦକିଶୋର ବିଦ୍ୟାମନ୍ଦିରରେ ବିଦ୍ୟାଳୟ ଶିକ୍ଷା ସମାପ୍ତ ପରେ ରେଭେନ୍ସା କଲେଜରେ ପାଠ ପଢିଥିଲେ। ଡାକ୍ତର ହେବାକୁ ଇଚ୍ଛା କରି ସେ ବିଜ୍ଞାନରେ ଆଇଏ ପାସ କଲେ ଏହାପରେ ବିଜ୍ଞାନରେ ବିଏ ଖଲିକୋଟ କଲେଜରେ ପାସ କଲେ। ପିଲାଦିନୁ ଡାକ୍ତର ହେବେ ଓ ଲୋକଙ୍କ ସେବା କରିବାର ପ୍ରବଳ ଇଚ୍ଛା ଥିଲେ ମଧ୍ୟ ଡାକ୍ତରୀ ପାଠ ପଢି ପାରିଲେ ନାହିଁ। ଶେଷରେ ୧୯୫୫ରେ ସ୍ଥାପତ୍ୟକଳା ଉପରେ ପଢିବା ପାଇଁ ବମ୍ବେ ଚାଲି ଯାଇଥିଲେ। ସେଠାରେ ୫ବର୍ଷ ପଢ଼ିବା ପରେ ୧୯୬୦ ମସିହାରେ ଇଂଲଣ୍ଡ ଯାଇଥିଲେ। ଇଂଲଣ୍ଡରେ ପ୍ରଥମେ ବିମାନ ବନ୍ଦର ସଂପ୍ରସାରଣ କାର୍ଯ୍ୟ କରିବା ପାଇଁ ନିଯୁକ୍ତ ହେଲେ। ତେବେ ପଢିବାର ଆଗ୍ରହ ତାଙ୍କ ମଧ୍ୟରେ କମି ନ ଥିଲା। ସେଠାରେ ନର୍ଥ ଇଂଲଣ୍ଡରେ ରହୁଥିବା ଲିଡସ୍ ୟୁନୁଭର୍ସିଟିରେ ଟାଉନ୍ ପ୍ଲାନିଂ ପଢିଲେ। ସେ ସମୟରେ ସେଠାରେ ଗୋରା କଳା ଭେଦଭାବର ଶିକାର ହୋଇଥିଲେ। ଯେଉଁଥିପାଇଁ ତାଙ୍କୁ ରହିବା ପାଇଁ ଘର ଖଣ୍ଡିଏ ମିଳି ନ ଥିଲା। ସେଥିପାଇଁ ବହୁ କଷ୍ଟ କରି ଏକ ପୁରୁଣା ଦଦରା ଘରେ ଭଡ଼ା ନେଇ ରହିଲେ। ଘରର କାନ୍ଥଗୁଡ଼ିକ କଦର୍ଯ୍ୟ ଥିବାରୁ ନିଜ ଚିତ୍ର କଳାମାଧ୍ୟମରେ କାନ୍ଥର ଚର୍ତ୍ତୁପାର୍ଶ୍ୱ ଚିତ୍ରକଳାଗୁଡ଼ିକ ଟଙ୍ଗାଇ ଦେଇଥିଲେ। ଯାହାକି ତାଙ୍କ ଜୀବନରେ ଏକ ପରିବର୍ତ୍ତନ ଆଣିଥିଲା। ସେ ପୂର୍ବରୁ ସୁନ୍ଦର ଚିତ୍ର କରନ୍ତି ବୋଲି ଇଂଲଣ୍ଡରେ ଧାରଣା ନ ଥିଲା। ଘରେ ଟଙ୍ଗା ହୋଇଥିବା ସୁନ୍ଦର ଚିତ୍ରକୁ ଦେଖି ସାଙ୍ଗସାଥି ଏବଂ ଅଧ୍ୟାପକମାନେ ତାଙ୍କୁ ବେଶ ଉତ୍ସାହିତ କରିଥିଲେ। ଏହାପରେ ସେ ଟାଉନ ପ୍ଲାନିଂ ପାଠ ଶେଷ କରି ଜଣେ ପ୍ଲାନର ହିସାବରେ ଇଂଲଣ୍ଡର ବହୁ ସହରରେ କାର୍ଯ୍ୟ କରିଛନ୍ତି। ୧୯୭୧ରେ ଓଡ଼ିଶାରେ ହୋଇଥିବା ବାତ୍ୟା ଖବର ପାଇ ଗାଁକୁ ଆସିଥିଲେ। ଏଠାରୁ ଗାଁର ଚିତ୍ର ଦେଖି ସେ 'ମାଇଁ ଭିଲେଜ୍ ମାଇଁ ଲାଇଫ' ନାମରେ ଏକ ପୁସ୍ତକ ରଚନା କରିଥିଲେ। ତାହା ପ୍ରଥମେ ୧୯୭୩ରେ ଲଣ୍ଡନରେ ପ୍ରକାଶିତ ହେଲା। ନିଜ ଗାଁ ଓ ପଲ୍ଲୀମାଟିର କଥାକୁ ନେଇ ଲେଖିଥିବା ପୁସ୍ତକଟି ଧିରେଧିରେ ବହୁଳ ପ୍ରଚାର ହେବାପରେ ୮ଟି ଦେଶରେ ପ୍ରକାଶିତ ହେଲା। ଯେଉଁଥିପାଇଁ ତାଙ୍କୁ ପୁସ୍ତକ ରଚନା କରିବାର ଆଗ୍ରହ ବହୁତ ବଢି ଯାଇଥିଲା। ଏପର୍ଯ୍ୟନ୍ତ ସେ ଇଂରେଜୀ ଭାଷାରେ ୬ଟି ପୁସ୍ତକ ରଚନା କରିଛନ୍ତି। ସେଥିରୁ ମାଇ ଭିଲେଜ ମାଇ ଲାଇଫ୍, ଇଣ୍ଡିଆନ୍ ଭିଲେଜ ଟିଅରସ୍, ଥ୍ରୋ ବ୍ରାଉନ୍ ଆଇଜ, ଚେଞ୍ଜିଂ ଭିଲେଜ ଚେଞ୍ଜିଂ ଲାଇଫ୍, ଲଗିଙ୍ଗ୍, ଶୂନ୍ୟ। ସମସ୍ତ ପୁସ୍ତକ ଇଂରାଜୀ ଭାଷାରେ ଓ ପ୍ରଥମେ ଲଣ୍ଡନରେ ପ୍ରକାଶିତ ହେଲା ପରେ ଅନ୍ୟ ଦେଶରେ ପ୍ରକାଶିତ ହୋଇଛି। ତେବେ ପରିଣତ ବୟସରେ ବି ସେ ଲେଖିବା ଓ ଚିତ୍ର କରିବାରେ ଆଗ୍ରହ ଦେଖାଉଛନ୍ତି। ମା'ଙ୍କ ମୃତ୍ୟୁ ହୋଇଯାଇଛି ସତ କିନ୍ତୁ ଆଜି ବି ତାଙ୍କୁ ଆଦର୍ଶ ଓ ଗୁରୁ ଭଳି ମାନିଥାନ୍ତି ଆନ୍ତର୍ଜାତିକ ଚିତ୍ରଶିଳ୍ପୀ ପ୍ରଫୁଲ୍ଲ ମହାନ୍ତି।

## ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

**ଧର୍ମଶାଳା,୧୮।୨(ଡିଏନଏ)**

ଧର୍ମଶାଳା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଡ଼ଚଣା ଥାନା ଅରଖପୁର ଗ୍ରାମର ଜଣେ ଯୁବକ ଅପହରଣ କରିନେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଧର୍ମଶାଳା ପୋଲିସ ସୋମବାର ନାବାଳିକାକୁ ଉଦ୍ଧାର କରିବା ସହିତ ଅଭିଯୁକ୍ତକୁ ଗିରଫ କରିଛି। ଅରଖପୁର ଗ୍ରାମର ଚିନ୍ମୟ କୁମାର ସିଂ (୨୩) ଧର୍ମଶାଳା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗତବର୍ଷ ଜୁନ ୫ରେ ଅପହରଣ କରିନେଇଥିବା ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ରାଜ୍ୟ ବାହାରେ ରହୁଥିବା ଚିନ୍ମୟ ନାବାଳିକାକୁ ସାଙ୍ଗରେ ଧରି ଘରକୁ ଅସିଥିବା ପୋଲିସ ଖବର ପାଇ ସୋମବାର ରାତିରେ ଚଢାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହିତ ଚିନ୍ମୟକୁ ଗିରଫ କରିଥିଲା। ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ଉଭୟଙ୍କ ଡାକ୍ତରୀମାଇନା କରାଯାଇଛି। ବୁଧବାର ସେମାନଙ୍କୁ ଯାଜପୁରସ୍ଥିତ ପୋସ୍କୋ କୋର୍ଟକୁ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ସଂକ୍ଷେପରେ

### ଯୁବ ବିଜେଡି ଉପସଭାପତିଙ୍କ ସ୍ମୃତିଚାରଣ ସଭା

ବରୀ,୧୮।୨(ସ୍ୱ.ପ୍ର)- ବରୀର ଯୁବ ବିଜେଡି ଉପସଭାପତି ଅମୂଲ୍ୟ କୁମାର ପରିଡା ଥିଲେ ସୁସଙ୍ଗଠକ, ବନ୍ଧୁବତ୍ସଳ, ପରୋପକାରୀ। ତାଙ୍କ ପାଇଁ ବରୀ ନିର୍ବାଚନ ମଣ୍ଡଳୀରେ ଯୁବ ସଂଗଠନ ସୁଦୃଢ ହୋଇ ପାରିଥିଲାବୋଲି ଅମୂଲ୍ୟଙ୍କ ସ୍ମୃତିଚାରଣ ସଭାରେ ମତ ପ୍ରକାଶ ପାଇଛି। ବିଜେଡି ନେତା ଦେବେନ୍ଦ୍ର ଦାସଙ୍କ ଉଦ୍ୟମରେ ଅମୂଲ୍ୟଙ୍କ ନିଜ ଗ୍ରାମ ଅରୁଆଳରେ ଏକ ସ୍ମୃତିଚାରଣ ସଭା ବିଜେଡି ସଭାପତି କେଦାର ସାମଲଙ୍କ ସଭାପତିତ୍ୱରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଭାଜପା, କଂଗ୍ରେସ, ବିଜେଡି ସବୁ ଦଳର ସ୍ଥାନୀୟ ନେତା ଓ କର୍ମୀ ଉପସ୍ଥିତ ରହି ଅମୂଲ୍ୟଙ୍କ ସ୍ମୃତିଚାରଣ କରିଥିଲେ। ପ୍ରକାଶ ଥାଉକି ସ୍ୱର୍ଗତଃ ପରିଡାଙ୍କ ଅକାଳରେ ବିୟୋଗ ଘଟିଥିଲା। ସେ ଯୋଡା ଅଞ୍ଚଳରେ ନିଜ ବ୍ୟବସାୟୀ ପ୍ରତିଷ୍ଠାନରେ କାର୍ଯ୍ୟରତ ଥିବାବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରି ମୃତ୍ୟୁବରଣ କରିଥିଲେ। ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲାବେଳେ ଏକାଦଶାହ ଉପଲକ୍ଷେ ସ୍ୱର୍ଗତଃ ପରିଡାଙ୍କ ସ୍ମୃତିଚାରଣ ସଭା ଆୟୋଜନ କରାଯାଇଥିଲା। ଶେଷରେ ରାଜ୍ୟ ଭାଜପା ପଛୁଆ ବର୍ଗ ଉପସଭାପତି ଆଶୁତୋଷ ପରିଡା ଧନ୍ୟବାଦ ଦେଇଥିଲେ।

### ଅନୁକୂଳ ଚନ୍ଦ୍ରଙ୍କ ୧୩୨ତମ ଜନ୍ମ ଜୟନ୍ତୀ

କଳିଙ୍ଗନଗର,୧୮।୨(ଡି.ଏନ.ଏ)- ଦାନଗଦୀ ସତ୍‌ସଙ୍ଗ କେନ୍ଦ୍ରରେ ପରମ ପ୍ରେମମୟ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୨ତମ ଜନ୍ମ ମହୋତ୍ସବ ଏହି ଉପଲକ୍ଷେ ଶତାଧିକ ଭକ୍ତ ଏକତ୍ରିତ ହୋଇ ପ୍ରାତଃକାଳରେ ଭଜନକୀର୍ତ୍ତନ କରିବା ସହ ନଗର ପରିକ୍ରମା କରିଥିଲେ । ସନ୍ଧ୍ୟାରେ ବିନତୀ ପ୍ରାର୍ଥନା, ସଦଗ୍ରନ୍ଥ ପାଠ ଆଦି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିରାଟ ଧର୍ମ ସଭାକୁ ବ୍ୟାସନଗର ସତସଙ୍ଗ ବିହାରର ସଭାପତି ସନାତନ ନାୟକ, ମୁଖ୍ୟଅତିଥି ଭାବେ ଦିନବନ୍ଧୁ ସାହୁ, ପଦ୍ମନାଭ ଦାସ ପ୍ରମୁଖ ଉପସ୍ଥିତ ରହି ସଭା ପରିଚାଳନା କରିଥିଲେ । ମୁଖ୍ୟବକ୍ତାଭାବେ ଗୋପବନ୍ଧୁ ନାୟକ ଯୋଗଦେଇ ଠାକୁର ଅନୁକୁଳ ଚନ୍ଦ୍ରଙ୍କର ଅମୀୟ ବାଣୀ ଓ ଜୀବନୀ ଉପରେ ଆଲୋକପାତ କରିଥିଲେ । ସଂକୀର୍ତ୍ତନରେ ମୁଖ୍ୟତଃ ଆନନ୍ଦ ଚନ୍ଦ୍ର ଦାସ, ମାନସ ରଞ୍ଜନ ପଣ୍ଡା ପ୍ରମୁଖ ନେତୃତ୍ୱ ନେଇଥିଲେ। କାର୍ଯ୍ୟକ୍ରମକୁ ଗୁରୁଭାଇ ଗୋପାଳ ଚରଣ ମହାନ୍ତି ପରିଚାଳନା କରିଥିଲେ।

### ସୁଜନପୁର ମହାବିଦ୍ୟାଳୟ ଓଡ଼ିଆ ବିଭାଗ ବାର୍ଷିକୋତ୍ସବ

ଯାଜପୁର ଟାଉନ,୧୮।୨(ଡିଏନଏ) ଆଞ୍ଚଳିକ ପଞ୍ଚାୟତ ମହାବିଦ୍ୟାଳୟ ସୁଜନପୁର ପରିସରରେ ଶନିବାର ଅଧାପକ ପ୍ରଫେସର ଗଙ୍ଗାଧର ଦାସଙ୍କ ସଭାପତିତ୍ୱରେ ଓଡ଼ିଆ ବିଭାଗର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ସମ୍ମାନ ବିଭାଗ ପକ୍ଷରୁ ଅନୁଷ୍ଠିତ ‘ଓଡ଼ିଆ ପ୍ରଗତିବାଦୀ କାବ୍ୟ ଆନ୍ଦୋଳନ ଓ ସଚ୍ଚି ରାଉତରାୟ’ ଶୀର୍ଷକ ଆଲୋଚନାଚକ୍ର ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଶିଶିର କୁମାର ବେହେରା ମୁଖ୍ୟଅତିଥି, ମୁଖ୍ୟବକ୍ତାଭାବେ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ମହେଶ୍ୱର ପାଢୀ, ମହାବିଦ୍ୟାଳୟ ପ୍ରାଧାପକ ଉପେନ୍ଦ୍ର କୁମାର ସାହୁ , ବିଜୟ କୁମାର ଦାସ, ପ୍ରଭାତ କୁମାର ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଓଡ଼ିଆ କାବ୍ୟ ଆନ୍ଦୋଳନକୁ ଗତିଶୀଳ ଓ ପ୍ରତିଷ୍ଠିତ କରିବା କ୍ଷେତ୍ରରେ ପଦ୍ମଶ୍ରୀ ସଚ୍ଚିଦାନନ୍ଦ ରାଉତରାୟଙ୍କ ଅମର ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବିଭାଗୀୟ ଅଧାପକ ଭବାନୀକିଙ୍କର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାପକ ଶତୃଘ୍ନ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପାଠଚକ୍ର ସମ୍ପାଦିକା ରଶ୍ମିତା ବାରିକ ବିବରଣୀ ପାଠ କରିଥିବାବେଳେ ସୀତା ଘଡ଼ାଇ, ତସ୍ମୀୟା ପରୱିନ, ବିଷ୍ଣୁପ୍ରିୟ ନାଥଶର୍ମା, ସୁଚିସ୍ମିତା ସାମଲ, ଲକ୍ଷ୍ମୀପ୍ରୀୟା ସାହୁ, ଅପର୍ଣ୍ଣା ବେହେରା ପ୍ରମୁଖ ପ୍ରବନ୍ଧ ପାଠ କରିଥିଲେ। ଗବେଷକ ଶିଶିର କୁମାର ବେହେରା ଓ ମହେଶ୍ୱର ପାଢ଼ୀଙ୍କୁ ସାରସ୍ୱତ କୃତିତ୍ୱ ନିମନ୍ତେ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧାପିକା ସିପ୍ରାଞ୍ଜଳୀ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ରାଜ୍ୟସ୍ତରୀୟ କଳିଙ୍ଗନଗର ସାହିତ୍ୟ ସଂସ୍କୃତି ମହୋତ୍ସବ ପ୍ରସ୍ତୁତି




ସଂସ୍କୃତି ମହୋତ୍ସବ ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅତିଥି ।

**ଯାଜପୁର ଅଫିସ,୧୮।୨**

ସାହିତ୍ୟ ପତ୍ରିକା କ୍ରାନ୍ତି କାମୋଦୀ କଳକୀ ପକ୍ଷରୁ ବ୍ୟାସନଗର ପବ୍ଲିକ ସ୍କୁଲ ଅଡିଟୋରିୟମ ହଲଠାରେ ରବିବାର ରାଜ୍ୟସ୍ତରୀୟ କଳିଙ୍ଗନଗର ସାହିତ୍ୟ ସଂସ୍କୃତି ମହୋତ୍ସବ-୨୦୨୦ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାରୋହ ସମ୍ପାଦକ ଘନ ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା, ସମୃଦ୍ଧି ଓ ତାର ପ୍ରଚାରପ୍ରସାର କ୍ଷେତ୍ରରେ ଯାଜପୁର ଜିଲା ଅଗ୍ରଣୀ ଭୂମିକା ଗ୍ରହଣ କରିବ ବୋଲି ଆଶାବ୍ୟକ୍ତ କରିଥିଲେ। ଏପ୍ରିଲ୍‌ରେ ବ୍ୟାସନଗରଠାରେ ଅନୁଷ୍ଠିତ ହେବାକୁ ଥିବା ତିନିଦିନିଆ ରାଜ୍ୟସ୍ତରୀୟ କଳିଙ୍ଗନଗର ସାହିତ୍ୟ ସଂସ୍କୃତି ମହୋତ୍ସବ ପାଇଁ ଏକ ପ୍ରସ୍ତୁତି କମିଟି ଗଠନ କରାଗଲା। ଏଥିରେ ଓଡ଼ିଶାର ପ୍ରାକ୍ତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ମୁଖ୍ୟ ଉପଦେଷ୍ଟା, ସ୍ଥାନୀୟ କୋରେଇ ବିଧାୟକ ଅଶୋକ କୁମାର ବଳ ମୁଖ୍ୟ ପୃଷ୍ଠପୋଷକ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ, ପୂର୍ବତନ ଅଧ୍ୟକ୍ଷା ସବିତା ରାଉତ ପ୍ରମୁଖଙ୍କୁ ଉପାଧ୍ୟକ୍ଷଭାବେ ମନୋନୀତ କରାଯାଇଛି। ଏହା ସହିତ ମହାସଚିବଭାବେ ଘନ ପରିଡ଼ା, ସାଧାରଣ ସମ୍ପାଦକଭାବେ ଦେବସ୍ମିତା ସାହୁ, ଲୋକନାଥ ରାଉତ, ହୃଷିକେଶ ସାହୁ, ଅକ୍ଷୟ କୁମାର ପଣ୍ଡା, ହିମାଂଶୁ ଶେଖର ଦ୍ୱିବେଦୀ, ବିଜୟ କୁମାର ସାହୁ ଓ ଚନ୍ଦ୍ରମଣି ସାମଲ, କୋଷାଧ୍ୟକ୍ଷ ଭାବେ ଜ୍ଞାନ ରଞ୍ଜନ ରାଉତ, ସମ୍ପାଦକଭାବେ ପ୍ରଜ୍ଞାପ୍ରବର୍ତ୍ତିକା ଦାଶ, ଯୁଗପ୍ରଭା ସାବତ୍, ପ୍ରଣତୀ ହୋତା, ବିଚିତ୍ରାନନ୍ଦ ମହାନ୍ତି, ତାରିଣୀ ପ୍ରସାଦ ପୁହାଣ, ଦୟାନିଧି ଦାଶ, ଅଜୟ କୁମାର ମହାନ୍ତି, ରାଜାବାରୁଣୀ ବସୁକଳ୍ପ ରାଉତରାୟ, ଯୁଗ୍ମ ସମ୍ପାଦକଭାବେ ଅଞ୍ଜୁବାଳା ଜେନା, ଗାୟତ୍ରୀ ନାୟକ, ଲବଙ୍ଗଲତା ପରିଡ଼ା, ସୁଦାମ ଚରଣ ନାୟକ, ମଳୟ କୁମାର ମଲ୍ଲିକ ଓ କାର୍ଯ୍ୟକାରୀ କମିଟି ସଭ୍ୟଭାବେ ପ୍ରଭାତୀ ରାଉତ, କାଞ୍ଚନ ବାଳା ମଲ୍ଲ, ଗୋକୁଳ ବିହାରୀ ପୃଷ୍ଟି, କୁଳମଣି ଦତ୍ତ, ଗଣେଶ ଦାସ, ଯୁଗଳ କିଶୋର ହୋତା, ନାରାୟଣ ରାଉତରାୟ ଓ ନିର୍ମଳଚନ୍ଦ୍ର ରାଉତଙ୍କୁ ମନୋନୀତ କରାଯାଇଛି। ଆସନ୍ତା ମାର୍ଚ୍ଚ ୨୨ରେ ଅନୁଷ୍ଠିତ ହେବାକୁ ଥିବା ସାହିତ୍ୟ ଆସର ଓ ବନ୍ଧୁ ମିଳନରେ ରାଜ୍ୟସ୍ତରୀୟ କଳିଙ୍ଗନଗର ସାହିତ୍ୟ ସଂସ୍କୃତି ମହୋତ୍ସବ-୨୦୨୦ର ପୂର୍ଣ୍ଣାଙ୍ଗ ରୂପରେଖ ଓ ବିସ୍ତୃତ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହେବ ବୋଲି ସୂଚନା ଦିଆଯାଇଛି।

## ରାମକୋ କପ୍ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲରେ ଥାନୁଆଳ, ବାଟିଜଙ୍ଗା

**ଧର୍ମଶାଳା,୧୮।୨(ଡିଏନଏ)**

ଧର୍ମଶାଳା ବ୍ଲକ ହରିଦାସପୁର-ଥାନୁଆଳ ପଞ୍ଚାୟତସ୍ଥିତ ରାମକୋ ସିମେଣ୍ଟ କମ୍ପାନୀ ପକ୍ଷରୁ ବାଟିଜଙ୍ଗା ଖେଳ ପଡ଼ିଆରେ ଚାଲିଥିବା ରମକୋ କପ୍ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ,୨ଟି ମ୍ୟାଚରେ ଥାନୁଆଳ ଓ ବାଟୀଜଙ୍ଗା ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛନ୍ତି । ହରିଦାସପୁର ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୮ ୱିକେଟ ହରାଇ ୧୨୭ ରନ ସଂଗ୍ରହ କରିଥିଲା। ଜବାବରେ ଥାନୁଆଳ ଟିମ ବ୍ୟାଟିଂ କରି ୯.୩ ଓଭରରେ ୫ ୱିକେଟ ହରାଇ ୧୨୮ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ବାଟିଜଙ୍ଗା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୪ ଉଇକେଟ ହରାଇ ୧୩୧ରନ କରିଥିଲା। ଜବାବରେ ଆରୁହା ଟିମ ୧୨ ଓଭରରେ ୮ ୱିକେଟ ହରାଇ ୧୦୧ ରନ କରି ପରାସ୍ତ ହୋଇଥିଲା। ବାଟିଜଙ୍ଗା ପକ୍ଷରୁ ଆନନ୍ଦ ରାଉଳ ୫ଟି ଉଇକେଟ ନେଇଥିଲେ। ଖେଳକୁ ରଞ୍ଜନ ପାଳ ଓ ଅମରେଶ ପରିଡା ପରିଚାଳନା କରିଥିଲେ। ଅରବିନ୍ଦ ସେଠୀ ଓ ସୌମ୍ୟକାନ୍ତ ନାୟକ ସ୍କୋରରେ ସହାୟତା କରିଥିଲେ। ବୁଧବାର ରାମକୋ ଏକାଦଶ ସହିତ ସ୍ଥାନୀୟ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହେବ। ଗୁରୁବାର ଫାଇନାଲ ମ୍ୟାଚ ଥାନୁଆଳ ଓ ବାଟିଜଙ୍ଗା ମଧ୍ୟରେ ଅନୁଷ୍ଠିତ ବୋଲି ରାମକୋ ଏଜିଏମ୍ ସୁଧାଂଶୁ ରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି।

## ଆଜି ମାଟ୍ରିକ ପରୀକ୍ଷା

**ପରୀକ୍ଷା ଦେବେ ୧୯୬୫ ଛାତ୍ରୀଛାତ୍ର**

**ବରୀ,୧୮।୨(ସ୍ୱ.ପ୍ର)**

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ଦ୍ୱାରା ବୁଧବାର ହେବାକୁ ଥିବା ମାଟ୍ରିକ ପରୀକ୍ଷା ପାଇଁ ବରୀରେ ମଙ୍ଗଳବାର ଅପରାହ୍ନ ସୁଦ୍ଧା ପ୍ରସ୍ତୁତି ପର୍ବ ଶେଷ ହୋଇଛି। ୧୯୬୫ଜଣ ପରୀକ୍ଷାର୍ଥୀ ବରୀ ବ୍ଲକର ୧୨ଟି ପରୀକ୍ଷାକେନ୍ଦ୍ରରେ ପରୀକ୍ଷା ଦେବେ ବୋଲି ସୂଚନା ମିଳିଛି। ଏ ନେଇ ବରୀ ମାଉଣ୍ଡସ୍ଥିତ କୃପାସିନ୍ଧୁ ବିଦ୍ୟାଭବନକୁ ନୋଡାଲ କେନ୍ଦ୍ରଭାବେ ଗ୍ରହଣ କରାଯାଇଛି। ଏହି କେନ୍ଦ୍ରରେ ପରୀକ୍ଷା କେନ୍ଦ୍ରର ଅଧୀକ୍ଷକ ଉପଅଧୀକ୍ଷକଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରୀ ବ୍ଲକ ଶିକ୍ଷାଧିକାରୀ ଅଭୟ କୁମାର ବେହେରା ଉପସ୍ଥିତ ରହି ପରୀକ୍ଷା କିପରି ଶାନ୍ତିଶୃଙ୍ଖଳାରେ ପରିଚାଳିତ ହେବ ସେନେଇ ତାଲିମ ପ୍ରଦାନ କରିଥିବା ଜଣାପଡିଛି। ଏହି ନୋଡାଲ କେନ୍ଦ୍ର ଅଧୀନରେ ବରୀ, ବଡଚଣାର କିଛି ଅଂଶ ବିଦ୍ୟାଳୟ ଯୋଡି ହୋଇଥିବା ଜଣାପଡିଛି। ବଡଚଣା ବ୍ଲକର ୩ଟି ପରୀକ୍ଷା କେନ୍ଦ୍ରର ଅଧୀକ୍ଷକ ଓ ଉପଅଧୀକ୍ଷକ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ତେବେ ସମୁଦାୟ ୧୫ଟି ପରୀକ୍ଷାକେନ୍ଦ୍ରକୁ ଏହି ନୋଡାଲ କେନ୍ଦ୍ରରୁ ବୁଧବାର ସକାଳୁ ପ୍ରଶ୍ନପତ୍ର ମାଜିଷ୍ଟ୍ରେଟ ଓ ପୋଲିସ ଉପସ୍ଥିତିରେ ବଣ୍ଟନ କରାଯିବ ବୋଲି ସ୍ଥିର ହୋଇଛି। ଏ ନେଇ ୩ଟି ଟିମ୍ ଗଠନ କରାଯାଇଛି। ବରୀ ବ୍ଲକର ୧୨ଟି ପରୀକ୍ଷାକେନ୍ଦ୍ରରେ ୧୨ଜଣ ଅବଜରଭର ରହିବେ ବୋଲି ସ୍ଥିର ହୋଇଛି। ଏହି ଅବଜରଭରଙ୍କୁ ବରୀ ବିଡିଓ ନିଯୁକ୍ତ କରିବେ ବୋଲି ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ କୁହାଯାଇଛି। ବରୀ ବ୍ଲକର ୬ଟି ପରୀକ୍ଷାକେନ୍ଦ୍ରରେ ଚଳିତ ବର୍ଷ ପରୀକ୍ଷା ପାଇଁ ସିସି କ୍ୟାମେରା ଲଗାଯାଇଛି। ହାଇସ୍କୁଲ ଶିକ୍ଷୟିତ୍ରୀଶିକ୍ଷକଙ୍କ ଅଭାବ ଯୋଗୁ ନିକଟସ୍ଥ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପରୀକ୍ଷା ପରିଚାଳନାରେ ସହଯୋଗ କରିବା ପାଇଁ ଅସ୍ଥାୟୀ ନିଯୁକ୍ତି ଦିଆଯାଇଛି। ପରୀକ୍ଷା ସମୟରେ କୌଣସି ତ୍ରୁଟି ପରିଲିକ୍ଷିତ ନ ହେବାପାଇଁ ଶିକ୍ଷାଧିକାରୀ ବେହେରା କଡା ନଜର ରଖିଥିବା ସୂଚନା ଦେଇଛନ୍ତି।

## ବାଲୁଙ୍କେଶ୍ୱର ମନ୍ଦିରର ଦଶମ ବାର୍ଷିକ ଯଜ୍ଞ

**ରତ୍ନଗିରି,୧୮।୨(ଡିଏନଏ)**

ବରୀ ବ୍ଲକ ଅଧୀନ ବାଲୁଙ୍କେଶ୍ୱର ମନ୍ଦିରର ଦଶମ ବାର୍ଷିକ ଯଜ୍ଞ କାର୍ଯ୍ୟ ସୋମବାର ବିଳମ୍ବିତ ରାତିରୁ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ୩ଦିନ ଧରି ଚାଲୁ ରହିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ମଧ୍ୟାହ୍ନରେ ଆନନ୍ଦ ବଜାରରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥାର ଆୟୋଜନ କରାଯାଇଥିବା ଦେଖିବାକୁ ମିଳିଛି। ଏହି ଅଞ୍ଚଳର ଏହା ଏକ ସର୍ବପୁରାତନ ମନ୍ଦିର ହୋଇଥିବାରୁ ରାମଚନ୍ଦ୍ରପୁର, ଅଲିପୁର, ଭବାନିପୁର ଓ ବାଲିବିଲି ଗ୍ରାମର ଜନସାଧାରଣଙ୍କ ସହଯୋଗ କରୁଥିବା ଦେଖିବାକୁ ମିଳିଛି। ବିଶେଷ କରି ଏହି ଯଜ୍ଞ କମିଟି ସଭାପତି ପୂର୍ବତନ କେନ୍ଦ୍ରାପଡ଼ା ଜିଲା ଶିକ୍ଷାଧିକାରୀ ବନୋଜ ସାମଲ, ଗୋକୁଳାନନ୍ଦ ପତି, ସୁରେଶ ସାମଲ, ବୈକୁଣ୍ଠ ସାମଲ, ଗୌରାଙ୍ଗ ନାଥ, ବାସୁଦେବ ସାମଲ, ସମ୍ଭୁନାଥ ଶର୍ମା ପ୍ରମୁଖ ସହଯୋଗ କରୁଛନ୍ତି।

## ଟ୍ରକ ଧକ୍କାରେ ମହିଳା ମୃତ

**ଚଣ୍ଡିଖୋଲ,୧୮।୨(ଡି.ଏନ୍.ଏ)**

ବଡଚଣା-ବାଲିଚନ୍ଦ୍ରପୁର ପୂର୍ତ୍ତ ବିଭାଗ ରାସ୍ତାର ଭାକୁଡ ଛକ ନିକଟରେ ମଙ୍ଗଳବାର ଏକ ଟ୍ରକ ଧକ୍କାରେ ଜଣେ ମହିଳାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ମୃତକ ଜଣକ ହେଉଛନ୍ତି ବାଲିଚନ୍ଦ୍ରପୁର ଥାନା ଭାକୁଡ ଗ୍ରାମର ଶଙ୍କର୍ଷଣ ବାରିକଙ୍କ ପତ୍ନୀ ଉର୍ମିଳା (୫୫)। ଭାକୁଡ ଛକ ନିକଟରେ ଉର୍ମିଳା ରାସ୍ତାପାର ହେଉଥିବାବେଳେ ତାଙ୍କୁ ଏକ ଟ୍ରକ (ଓଆର୍୧୬ସି-୭୭୪୮) ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଉର୍ମିଳାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉର୍ମିଳାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ।

## କୋର୍ଟରେ ଆତ୍ମସମର୍ପଣ କଲେ ମୁଖ୍ୟ ଅଭିଯୁକ୍ତ

**ଜଙ୍ଗଲରୁ ଝୁଲନ୍ତା ଅବସ୍ଥାରେ ଯୁବତୀଙ୍କ ମୃତଦେହ ଉଦ୍ଧାର ଘଟଣା**

**କଳିଙ୍ଗନଗର,୧୮।୨(ଡିଏନଏ)**

ସୁକିନ୍ଦା ଥାନା ପଣସପାଳ ଗାଁର ଜଣେ ଆଦିବାସୀ ଯୁବତୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ କଳିଙ୍ଗନଗର ପୋଲିସ ପୂର୍ବରୁ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲାବେଳେ ମୁଖ୍ୟ ଅଭିଯୁକ୍ତ ହାତୀମୁଣ୍ଡା ଗ୍ରାମର ଘନ ହେମ୍ବ୍ରମ(୨୪) ଯାଜପୁର ଜେଏମ୍ଏଫ୍‌ସି କୋର୍ଟରେ ସୋମବାର ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ଗତ ୧୫ ତାରିଖରେ ଉକ୍ତ ଯୁବତୀ ଜଣକ ଟୁସୁ ପର୍ବ ଦେଖିବାକୁ ଝୁମ୍ପାଣ ଗାଁକୁ ଯାଇଥିବାବେଳେ ରାତିରେ ଆଉ ଘରକୁ ଫେରି ନ ଥିଲେ। ପରଦିନ ସକାଳେ ହାତୀମୁଣ୍ଡା ଜଙ୍ଗଲରୁ ଝୁଲନ୍ତା ଅବସ୍ଥାରେ ଯୁବତୀଙ୍କ ମୃତଦେହକୁ କଳିଙ୍ଗନଗର ପୋଲିସ ଉଦ୍ଧାର କରିଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ପରେ ତାଙ୍କ



ପରିବାର ଲୋକେ ଏ ନେଇ ହତ୍ୟା ଅଭିଯୋଗ ଆଣିଥିଲେ। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ବେଲହୁଡି ଗାଁର ରମେଶ ବାଲମୁଚ୍ଛଙ୍କୁ ପୋଲିସ ଗିରଫ କରିବା ପରେ ଘଟଣାର ପର୍ଦ୍ଦାଫାସ କରିଥିଲା। ଯୁବତୀଙ୍କୁ ୪/୫ ଜଣ ଯୁବକ ଉଠାଇ ନେଇ ହାତୀମୁଣ୍ଡା ଜଙ୍ଗଲରେ ଗଣବଳାତ୍କାର କରିବା ପରେ ତାଙ୍କୁ ହତ୍ୟା କରିଥିବା ପୋଲିସ ନିକଟରେ ପ୍ରକାଶ କରିଥିଲେ। ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବା ପାଇଁ ପୋଲିସ ଘନଘନ ଚଢ଼ାଉ କରିଥିଲା। ଫଳରେ ମୁଖ୍ୟ ଅଭିଯୁକ୍ତ ଭୟଭୀତ ହୋଇ କୋର୍ଟରେ ଆତ୍ମସମର୍ପଣ କରିବାକୁ ବାଧ ହୋଇଥିଲେ।

## ଆନ୍ତଃ ସିନିୟର କ୍ଲବ କ୍ରିକେଟ ଟୁର୍ନାମେଣ୍ଟ, ଗୁଲଜାରନଗର ପାଟଣା ବିଜୟୀ

**ଧର୍ମଶାଳା,୧୮।୨(ଡିଏନଏ)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଓ ଯାଜପୁର ଜିଲା କ୍ରିକେଟ ଆସୋସିଏଶନ ଅନୁକୂଲ୍ୟରେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିଅମରେ ଚାଲିଥିବା ୨୩ ବର୍ଷରୁ କମ ପୁରୁଷ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ଧର୍ମଶାଳା ସ୍ପୋର୍ଟସ କାଉନସିଲକୁ ୧୦୩ ରନରେ ପରାସ୍ତ କରି ଗୁଲଜାରନଗର ପାଟଣା ବିଜୟୀ ହୋଇଛି। ଟସ ଜିତି ଗୁଲଜାନଗର ପାଟଣା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୪୫ ଓଭରରେ ୮ଉଇକେଟ ହରାଇ ୩୩୬ ରନ ସଂଗ୍ରହ କରିଥିଲା। ଜବାବରେ ଧର୍ମଶାଳା ବ୍ୟାଟିଂ କରି ନିର୍ଦ୍ଧାରିତ ୪୫ ଓଭରରେ ୭ ଉଇକେଟ ହରାଇ ୨୩୩ ରନ କରି ପରାସ୍ତ ହୋଇଥିଲା। ଏହି ମ୍ୟାଚକୁ ଉତ୍ତମ ସାମଲ ଓ ଛାୟାକାନ୍ତ ଦ୍ୱିବେଦୀ ପରିଚାଳନା କରିଥିଲେ। ଜିତେନ୍ଦ୍ର ସେନାପତି ସ୍କୋରରେ ସହାୟତା କରିଥିଲେ।

## ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ମିଳୁନି ସରକାରୀ ସୁବିଧା

**ଯାଜପୁର ଟାଉନ,୧୮।୨(ଡିଏନଏ)–**

ଗର୍ଭବତୀ, ପ୍ରସୂତି ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯଦିଓ ଉଭୟ ପୁରୁଷ ଓ ମହିଳା ସ୍ୱାସ୍ଥ୍ୟକର୍ମୀ କ୍ଷେତ୍ର ଉପରେ କାର୍ଯ୍ୟ କରୁଛନ୍ତି କିନ୍ତୁ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କୁ ସରକାର ଯେଉଁ ସବୁ ସୁବିଧାସୁଯୋଗ ଯୋଗାଇ ଦେଉଛନ୍ତି, ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ସେସବୁ ସୁବିଧା ପ୍ରଦାନ କରାଯାଉ ନାହିଁ। କେବଳ ଯାଜପୁର ଜିଲା ନୁହେଁ, ସମଗ୍ର ରାଜ୍ୟରେ ଏମିତି ଅବସ୍ଥା ରହିଥିବା ଜଣାପଡିଛି। ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଗର୍ଭବତୀ, ପ୍ରସୂତି ଓ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ସନ୍ତାନ ପ୍ରସବ କାର୍ଯ୍ୟରେ ନିୟୋଜିତ ରହିଥାନ୍ତି। ଏହାଛଡା ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଯକ୍ଷ୍ମା, ମ୍ୟାଲେରିଆ, ଫାଇଲେରିଆ, ଅପପୁଷ୍ଟିର ଶିକାର ହୋଇଥିବା ମହିଳା ଓ ଶିଶୁଙ୍କ ଚିକିତ୍ସା କରାଇଥାନ୍ତି। ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସାଙ୍ଗକୁ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ଔଷଧ ଆଦି ପ୍ରଦାନ କରି ଡାକ୍ତର ଓ ରୋଗୀଙ୍କ ମଧ୍ୟରେ ସମ୍ପର୍କର ସେତୁ ପାଲଟିଥାନ୍ତି। କେବଳ ଏହି କାର୍ଯ୍ୟ ନୁହେଁ ବିଭିନ୍ନ ପ୍ରକାର ଟିକାକରଣ ଦାୟିତ୍ୱ ମଧ୍ୟ ମହିଳା ସ୍ୱାସ୍ଥ୍ୟକର୍ମୀମାନେ ହିଁ ସମ୍ପାଦନ କରିଥାନ୍ତି। କିନ୍ତୁ ବିଡମ୍ବନାର ବିଷୟ ଯେ ଏମାନେ ମହିଳା ହୋଇଥିଲେ ହେଁ ସେମାନଙ୍କ ସୁରକ୍ଷା ଓ ସୁବିଧା ପ୍ରତି ସରକାର ଆଖି ବୁଜି ଦେଇଥିବା ଅଭିଯୋଗ ହେଉଛି। ଉଭୟ ଦିନ ଓ ରାତିରେ ସେମାନେ କାମ କରୁଥିବାରୁ ସମ୍ପୃକ୍ତ ଅଞ୍ଚଳରେ ଅନ୍ତତଃପକ୍ଷେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ରହିବା ଏବଂ ଚିକିତ୍ସା ସେବା ଯୋଗାଇ ଦେବାର ସବୁ ବନ୍ଦୋବସ୍ତ ଥିବା ଘରଟିଏ ଯୋଗାଇଦେବା ଆବଶ୍ୟକ। ଏମାନଙ୍କୁ ଚିକିତ୍ସା ଓ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ସମସ୍ତ ଆନୁସଙ୍ଗିକ ସରଞ୍ଜାମ ଏବଂ ଔଷଧପତ୍ର ପ୍ରଦାନ କରୁଥିଲେ ମଧ୍ୟ ଏହି କାର୍ଯ୍ୟ ତୁଲାଇବା ପାଇଁ ଘର ଖଣ୍ଡେ ଭଡ଼ା ଦେବା ପାଇଁ ସ୍ୱାସ୍ଥ୍ୟ ପ୍ରଶାସନ ଅନୁଦାନ ପ୍ରଦାନ କରୁନାହିଁ। ଯଦିଓ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାରେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ କାର୍ଯ୍ୟ ତୁଲାଇବା ପାଇଁ ଘର ଯୋଗାଇ ଦେବା କିମ୍ବା ଘରଭଡ଼ା ବାବଦକୁ ଅର୍ଥ ଯୋଗାଇ ଦେବାର ବ୍ୟବସ୍ଥା ରହିଛି, ମାତ୍ର ଏହି ଜିଲାରେ ପ୍ରଶାସନ ଏଥିପ୍ରତି ସମ୍ପୂର୍ଣ୍ଣ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ଏହାଦ୍ୱାରା ମହିଳା ସ୍ୱାସ୍ଥ୍ୟକର୍ମୀମାନେ କେବଳ ଯେ ଅସୁରକ୍ଷିତଭାବେ କାର୍ଯ୍ୟ କରୁଛନ୍ତି ତାହା ନୁହେଁ ସରକାରଙ୍କ ଯୋଜନାର ସଫଳ ରୂପାୟନ ପାଇଁ କେନ୍ଦ୍ର ସରକାର ପ୍ରଦାନ କରୁଥିବା ଅନୁଦାନର ଠିକ ବିନିଯୋଗ ମଧ୍ୟ କରାଯାଇପାରୁ ନାହିଁ। ତେବେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ଆସିଥିବା ଘରଭଡ଼ା ଏବଂ ଗର୍ଭବତୀ ଓ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ତଥା ଅନ୍ୟାନ୍ୟ ପରୀକ୍ଷାନିରୀକ୍ଷା ପାଇଁ ଆସୁଥିବା ଅନୁଦାନ କୁଆଡେ ଯାଉଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କୁ ଯେଉଁସବୁ ସୁବିଧା ସୁଯୋଗ ପ୍ରଦାନ କରାଯାଉଛି, ତାହା ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ମଧ୍ୟ ପ୍ରଦାନ କରାଯିବାକୁ ସାଧାରଣରେ ଦାବି ହୋଇଛି।

ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୧୯ ଫେବୃୟାରୀ, ୨୦୨୦



# ବଦଳିବ ନୟାଗଡ଼ ଷ୍ଟାଡିୟମ ରୂପରେଖ

ନୟାଗଡ଼ ଅଫିସ,୧୮।୨

ନୟାଗଡ଼ ଷ୍ଟାଡିୟମର ଉତ୍ତର ପୂର୍ବ କୋଣରେ ହେବ ଇନ୍‌ଡୋର ହଲ। ୧୪୫ ଫୁଟ ଓ ୬୪ ଫୁଟ ମଧ୍ୟରେ ୨ ମହଲା ଉପରେ ଆଜବେଷ୍ଟସ୍ ପଡି କରାଯିବ ଇଣ୍ଡୋର ହଲ । ଏଥିରେ ବ୍ୟାଡମିଣ୍ଟନ, ଟେବୁଲ ଟେନିସ୍ ପରି ଇଣ୍ଡୋର ଖେଳ ହୋଇପାରିବ। ଏଥିପାଇଁ ୧କୋଟି ୮୯ ଲକ୍ଷ ଟଙ୍କା ଅନୁଦାନ ଆସିଛି। କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ ଅନୁଦାନ ମଞ୍ଜୁର ହୋଇଥିବା ଚିଠି ଜିଲା କ୍ରୀଡା ବିଭାଗରେ ସୋମବାର ପହଞ୍ଚିଛି। ଏହି ଅର୍ଥକୁ ପୂର୍ତ୍ତ ବିଭାଗ ଖର୍ଚ୍ଚ କରିବ ବୋଲି ଜିଲା କ୍ରୀଡା ଅଧିକାରୀ ସୁଜାତା ସାହୁ ପ୍ରକାଶ କରିଛନ୍ତି। ତେବେ ଏହାର ରୂପ ରେଖ କିପରି ହେବ ସେ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ୨୯ ତାରିଖର ବୈଠକ ପରେ ଜଣାପଡିବ ବୋଲି କହିଛନ୍ତି ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ କିଶୋର ଶତପଥୀ। ଷ୍ଟାଡିୟମରେ ଇନ୍‌ଡୋର ହଲ ହେବା ପରେ ଏହାର ରୂପରେଖ ବଦଳିଯିବ ବୋଲି କୁହାଯାଉଛି।

### କମିଯିବ ଷ୍ଟାଡିୟମର ପରିସୀମା

ନୟାଗଡ଼ ଷ୍ଟାଡିୟମ ଭିତରେ ଇନ୍‌ଡୋର ହଲ ନିର୍ମାଣକୁ କ୍ରୀଡାପ୍ରେମୀ ଓ ବୁଦ୍ଧିଜୀବୀ ନାପସନ୍ଦ କରୁଛନ୍ତି। କ୍ରୀଡାପ୍ରେମୀଙ୍କ ଅଭିଯୋଗ ଅନୁସାରେ ୧୦ ଏକର ଜମି ଉପରେ ଗଢ଼ି ଉଠିଛି ନୟାଗଡ଼ ଷ୍ଟାଡିୟମ। ଇନ୍‌ଡୋର ହଲ ନିର୍ମାଣ ହେଲେ ୨୧ ଡେସିମିଲ (.୨୧ ଏକର) ଚାଲିଯିବ। ଫଳରେ ଷ୍ଟାଡିୟମରେ ବିଭିନ୍ନ ପ୍ରକାର ଖେଳ ପାଇଁ ଅସୁବିଧା ହେବ। ଏହାକୁ ଅନ୍ୟତ୍ର କରାଗଲେ ଭଲ ହୁଅନ୍ତା। ତେବେ ନୟାଗଡରେ ସ୍ଥାନ ଅଭାବ ସମସ୍ୟା ଯୋଗୁ କେହି ପ୍ରତିବାଦ କରିବାକୁ ଚାହୁଁ ନ ଥିବା ଜଣାପଡିଛି।

**ଇନ୍‌ଡୋର ହଲ୍ ପାଇଁ ଅନୁଦାନ ୧.୮୯ କୋଟି**



ଘାସ ନ ଥିବା ଷ୍ଟାଡ଼ିୟମ।

### ସୁଇମିଂ ପୁଲ୍ ପାଇଁ ପଠାଯାଇଛି ପ୍ରସ୍ତାବ

ନୟାଗଡ଼ ଷ୍ଟାଡିୟମ ନିକଟରେ ହେବ ସୁଇମିଂ ପୁଲ୍। ଏଥିପାଇଁ ଜିଲା କ୍ରୀଡା ବିଭାଗ ପକ୍ଷରୁ ପ୍ରସ୍ତାବ ପଠାଯାଇଛି। ତେବେ ଏଯାବତ୍ ଏହା ମଞ୍ଜୁରି ମିଳି ନାହିଁ। ସୁଇମିଂ ପୁଲ ଯେଉଁ ସ୍ଥାନରେ ହେବ ସେଠାରେ ପାଣି ଜମି ରହୁଛି। ଏହା ହେଲେ ନୟାଗଡ ବାସିନ୍ଦା ଉପକୃତ ହେବେ। କାରଣ ନୟାଗଡ଼ ସହରରେ କୌଣସି ସ୍ଥାନରେ ସୁଇମିଂ ପୁଲ୍ ନାହିଁ।

### ଘାସ ଲଗାରେ ଦୁର୍ନୀତି ଅଭିଯୋଗ

ଜିଲା ସଦର ମହକୁମାରେ ଥିବା ନୟାଗଡ଼ ଷ୍ଟାଡିୟମ ଆବଡାଖାବଡା ହୋଇ ପଡି ରହିଛି। ଏଥିରେ ୨୦୧୪-୧୫ ଆର୍ଥିକ ବର୍ଷରେ ୮୦ ଲକ୍ଷ ବ୍ୟୟରେ ଘାସ ଲଗା ଯାଇଥିଲା। ହେଲେ ବର୍ତ୍ତମାନ ପଡିଆରେ ଘାସ ଦେଖିବାକୁ ମିଳୁନି। ଘାସ ଲଗାରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଘାସ ଲଗାଇବାର ୬ମାସ ପରେ ପଡିଆ ଚନ୍ଦା ଦେଖାଯାଉଥିଲା ବୋଲି ଅଭିଯୋଗ ହୋଇଥିଲା। ହେଲେ ଏହାକୁ କେହି ଶୁଣି ନ ଥିଲେ। ଏଭଳିସ୍ଥଳେ ଷ୍ଟାଡିୟମରେ ପୁଣି ଘାସ ଲଗାଇବାର ଆବଶ୍ୟକତା ପଡିଲାଣି। ଏହି ଘୋଟାଲାର ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଥିବା ଜଣାପଡିଛି।

## ସଂକ୍ଷେପରେ



### ବାଇକ୍ ଚୋରି ଅଭିଯୋଗରେ ଯୁବକ ଗିରଫ

ଓଡ଼ଗାଁ, ୧୮।୨(ସ୍ୱ.ପ୍ର.): ବାଇକ୍ ଚୋରି ଅଭିଯୋଗରେ ଓଡଗାଁ ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଶରଣକୁଳ ଥାନା ଡିମିଶର ଗ୍ରାମର ପ୍ରଭାତ ରାଉତ ଓରଫ ପାଙ୍ଗାଟିନ୍ (୩୦)। ଓଡଗାଁ ଓ ଶରଣକୁଳ ଥାନାରେ ଗିରଫ ଅଭିଯୁକ୍ତଙ୍କ ବିରୋଧରେ ୧୨ରୁ ଉର୍ଦ୍ଧ୍ୱ ମାମଲା ରହିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ପାଙ୍ଗାଟିନ୍ କୌଣସି ଏକ ମାମଲାରେ ଜାମିନରେ ଆସିଥିବାବେଳେ ସ୍ଥାନୀୟ ଜାରିଙ୍ଗୀ ଅଞ୍ଚଳରୁ ୬ ସେପ୍ଟେମ୍ବର ୨୦୧୯ରେ ସୌମ୍ୟରଞ୍ଜନ ଦୋରାଙ୍କଠାରୁ ନୂଆ ଆପାଚି ବାଇକ୍ ଛଡାଇନେଇ ଫେରାର ହୋଇଯାଇଥିଲେ। ସୌମ୍ୟରଞ୍ଜନଙ୍କ ଅଭିଯୋଗ ଅନୁସାରେ ପୋଲିସ ମାମଲା (ନଂ.୧୫୧/୧୯) ରୁଜୁ କରି ତଦନ୍ତ ଚଳାଇଥିଲା । ମଙ୍ଗଳବାର ସକାଳେ ପାଙ୍ଗାଟିନ୍ ସ୍ଥାନୀୟ ରାଧାକାନ୍ତ ମଠ ନିକଟରେ ବୁଲୁଥିବା ସୂଚନା ପାଇ ପୋଲିସ ଏସ୍‌ଆଇ ସଞ୍ଜୟ କୁମାର ପରିଡା ସଦଳବଳ ପହଞ୍ଚି ତାଙ୍କୁ ଧରିଥିଲେ। ସେ କୌଣସି ଜଣେ ଅପରାଧୀଙ୍କୁ ଚୋରି ବାଇକ୍ ଦେଇଥିବା ପୋଲିସ ତଦନ୍ତରୁ ଜାଣିପାରିଛି। ପାଙ୍ଗାଟିନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ ସୂଚନା ଦେଇଛି।

### ଅଖଣ୍ଡ ହନୁମାନ ଚାଳିଶା ଓ ଅଷ୍ଟପ୍ରହର ନାମଯଜ୍ଞ

ଗଣିଆ, ୧୮।୨ (ଡି.ଏନ.ଏ.)- ଗଣିଆ ବ୍ଲକ ରାସଙ୍ଗ ପଞ୍ଚାୟତ ହଟିଆପଲ୍ଲୀ ଗ୍ରାମରେ ଗତ ୩ଦିନ ଧରି ଚାଲୁରହିଥିବା ଅଖଣ୍ଡ ହନୁମାନ ଚାଳିଶା ଓ ଅଷ୍ଟପ୍ରହର ନାମଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଶୁକ୍ରବାର ଶୁଭାଧିବାସ ସହ ଶନିବାର ଅଖଣ୍ଡ ହନୁମାନ ଚାଳିଶା, ରବିବାର ଅଷ୍ଟପ୍ରହର ନାମଯଜ୍ଞ ଓ ସୋମବାର ନଗରକୀର୍ତ୍ତନ କରାଯାଇଥିଲା । ଗ୍ରାମଦାଣ୍ଡରେ ସୁସଜ୍ଜିତ କୁଞ୍ଜରେ ଶ୍ରୀରାଧାକୃଷ୍ଣଙ୍କ ବିଗ୍ରହକୁ ପୂଜାର୍ଚ୍ଚନା କରାଯାଇ ବିଭିନ୍ନ ସଙ୍କୀର୍ତ୍ତନ ଦଳଙ୍କ ଦ୍ୱାରା ହରିନାମ ମହାମନ୍ତ୍ର କୀର୍ତ୍ତନ କରାଯାଇଥିଲା । ସେହିପରି ଛାମୁଣ୍ଡିଆ ପଞ୍ଚାୟତ କୁମ୍ଭୀରଖଣି ଗୋଡିସାହି ଗ୍ରାମରେ ସୋମବାର ଅଷ୍ଟପ୍ରହର ନାମଯଜ୍ଞ ଓ ମଙ୍ଗଳବାର ନଗରକୀର୍ତ୍ତନ କାର୍ଯ୍ୟକ୍ରମ କରାଯାଇଥିଲା । ହରିନାମ ସଙ୍କୀର୍ତ୍ତନରେ ଗ୍ରାମ ଦାଣ୍ଡରେ ଏକ ଭକ୍ତିଭାବାମୟ ପରିବେଶ ସୃଷ୍ଟି ହୋଇଥିଲା ।

### ୨ଗାଡ଼ି ଧକ୍କା, ଚାଳକ ଫେରାର

ନୂଆଗାଁ, ୧୮।୨ (ଡି.ଏନ.ଏ.)- ନୟାଗଡ ଜିଲା ନୂଆଗାଁ ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ଏକ ହୋଟେଲ ସମ୍ମୁଖରେ ମଙ୍ଗଳବାର ଏକ ଦୁର୍ଘଟଣା ଘଟିଛି। ଗୋଟିଏ ମାରୁତି କାରକୁ ପିକଅପ ଭ୍ୟାନ ଧକ୍କା ଦେଇଛି । ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ ମାରୁତି କାର(ନଂ. ଓଆର ୦୫ ୪୭୮୯)ହୋଟେଲରୁ ବାହାରୁଥିବା ସମୟରେ ପିକଅପ ଭ୍ୟାନ(ନଂ.ଓଡି୨୫ ଡି ୩୬୫୫) କାରକୁ ଧକ୍କା ଦେଇଥିଲା । ଫଳରେ କାରଟି ଚୂରମାର ହୋଇଯିବା ସହ ଛିଟିକି ଯାଇ ଖାଲ ମଧ୍ୟରେ ପଡିଥିଲା । ଦୁର୍ଘଟଣା ପରେ ଉଭୟ ଗାଡିର ଚାଳକ ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି । ନୂଆଗାଁ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି କାରଟିକୁ ଖାଲରୁ ବାହାର କରିବା ସହ ଗାଡି ଦୁଇଟିକୁ ଜବତ କରଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଶ୍ୱଶୁରଘରେ ନିଆଁ ଲଗାଇ ଜ୍ୱାଇଁ ଗିରଫ

ଭାପୁର,୧୮।୨(ଡି.ଏନ୍.ଏ.)

ଶ୍ୱଶୁର ଘରେ ନିଆଁ ଲଗାଇ ଜ୍ୱାଇଁ ଗିରଫ ହୋଇଛନ୍ତି। ଭାପୁର ବ୍ଲକ ଫତେଗଡ଼ ଥାନାର ଛେଳିଆ ଗ୍ରାମରେ ମଙ୍ଗଳବାର ଘଟିଥିବା ଏହି ଘଟଣା ଆଲୋଚନାର ବିଷୟ ହୋଇଛି। ପ୍ରକାଶ ଯେ, ଛେଳିଆ ଗ୍ରାମର ମାୟାଧର ଡ଼ାଲୁଆ (୩୨) ସେହି ଗ୍ରାମର ମମତା ସାହୁ(୨୨)ଙ୍କୁ ପ୍ରେମ ବିବାହ କରିଥିଲେ। ଏହି ଦମ୍ପତିଙ୍କର ଏକ ୯ମାସର ପୁତ୍ର ସନ୍ତାନ ରହିଛି। ବିବାହର କିଛିଦିନ ଭଲରେ କଟିଥିଲା ବେଳେ ପରବର୍ତ୍ତୀ ସମୟରେ ମାୟାଧର ଯୌତୁକ ପାଇଁ ମମତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିବା ଅଭିଯୋଗ ହେଉଥିଲା। ଏପରିସ୍ଥଳେ ମଙ୍ଗଳବାର ମାୟାଧର ହଠାତ୍ ଶ୍ୱଶୁର ଘରେ ନିଆଁ ଲଗାଇ ଦେଇଥିଲେ। ଏଥିରେ ଘର ସହ ଓଡ଼ି୨୫ଏଚ୍-୮୯୫୮ ନମ୍ବର ସ୍କୁଟି ପୋଡ଼ିଯାଇଥିଲା। ଏ ସମ୍ପର୍କରେ ମମତା ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୭/୨୦) ରୁଜୁ କରିଛି। ମାୟାଧରଙ୍କୁ ଗିରଫ ପରେ ଭାପୁର ଜେଏମ୍‌ଏଫ୍‌ସି କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

# ବେଆଇନ ଔଷଧ ଦୋକାନ ସିଲ୍

ନୟାଗଡ଼ ଅଫିସ,୧୮।୨

**ଜବତ ହେଲା ୧୦ ହଜାର ଟଙ୍କାର ଔଷଧ**

ନୟାଗଡ଼ ବ୍ଲକ ପୁରୁଷୋତ୍ତମପୁର ଛକରେ ଲାଇସେନ୍ସ ନ ଥିବା ଏକ ବେଆଇନ ଔଷଧ ଦୋକାନକୁ ଇଟାମାଟି ପୋଲିସ ସହାୟତାରେ ନୟାଗଡ଼ ଡ୍ରଗ୍‌ସ ଇନ୍ସପେକ୍ଟର ମଙ୍ଗଳବାର ସିଲ୍ କରିଛନ୍ତି। ଏଥିସହ ଉକ୍ତ ଦୋକାନରୁ ୧୦ ହଜାର ଟଙ୍କାର ଔଷଧ ଜବତ କରିଛନ୍ତି । ବୁଧବାର ଔଷଧ ବ୍ୟବସାୟୀ ରୋହିତ କୁମାର ସାହୁଙ୍କ ନାଁରେ ମକଦ୍ଦମା କରାଯିବ ବୋଲି ଡ୍ରଗ୍‌ସ ଇନ୍ସପେକ୍ଟର ପ୍ରିୟଙ୍କା ଚକ୍ରବର୍ତ୍ତି ସୂଚନା ଦେଇଛନ୍ତି । ପ୍ରାପ୍ତ ସୂଚନା ଅନୁସାରେ ପୁରୁଷୋତ୍ତମପୁର ଛକରେ ଲାଇସେନ୍ସ ନ ଥିବା ଏକ ବେଆଇନ ଔଷଧ ଦୋକାନ ଚାଲିଥିବା ଜଣାପଡିଥିଲା। ଡ୍ରଗ୍‌ସ ଇନ୍ସପେକ୍ଟର ଘଟଣାସ୍ଥଳରେ ପହଞ୍ଚି ଦୋକାନ ମାଲିକଙ୍କୁ ଲାଇସେନ୍ସ ଦେଖାଇବାକୁ କହିଥିଲେ। ହେଲେ ସେ ଏହା ଦେଖାଇ ନ ପାରି ଚାଲିଯାଇଥିଲେ।

# ହମ୍ପ୍‌ସ ହେଲା କାଳ: ପୁଅର ବାଇକ୍‌ରୁ ଖସି ମା' ମୃତ

ଓଡ଼ଗାଁ, ୧୮।୨(ସ୍ୱ.ପ୍ର.)

ଓଡ଼ଗାଁ-ବାହାଡ଼ାଝୋଲା, ବାହାଡ଼ାଝୋଲା-ମହୀପୁର-ନୂଆଗାଁ, ଗୋଡିପଲ୍ଲୀ-କୁରାଳ-ସୁନାମୁହିଁ ଆଦି ରାସ୍ତାରେ ସରକାର ପକ୍କା ସଡକ ନିର୍ମାଣ କରିବା ସମୟରେ ଲୋକେ ଜୋର ଜବରଦସ୍ତ ହମ୍ପ୍‌ସ ନିର୍ମାଣ କରିବାରେ ସଫଳ ହୋଇଛନ୍ତି । ଏସବୁ ରାସ୍ତାରେ ବହୁ ଦୁର୍ଘଟଣା ଘଟିଥିବା ବେଳେ କେତେକ ମାମଲା ରୁଜୁ ହୋଇ ନ ଥିବା ଜଣାଯାଇଛି। ଏପରିସ୍ଥଳେ ମଙ୍ଗଳବାର ମଧ୍ୟାହ୍ନରେ କୁରାଳ-ସୁନାମୁହିଁ ରାସ୍ତାରେ ହମ୍ପ୍‌ସରେ ପଡି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି । ବୃଦ୍ଧା ଜଣକ ଧଝୋଲାରେ ଥିବା ଏକ ବ୍ୟାଙ୍କର ଗ୍ରାହକ ସେବା କେନ୍ଦ୍ରରେ ବ୍ୟାଙ୍କ କାମସାରି ପୁଅ ସହିତ ବାଇକ୍ ପଛରେ ବସି ନିଜ ଗ୍ରାମ ଶାଲୁଆପଲ୍ଲୀକୁ ଫେରୁଥିଲେ। ହେଲେ ଅନ୍ଧାରୀବାଉତୀ ଠାକୁରାଣୀ ମନ୍ଦିର ନିକଟରେ ରାସ୍ତାରେ ଥିବା ହମ୍ପ୍‌ସ ପାରହେବା ବେଳକୁ ବୃଦ୍ଧା ଜଣକ ବାଇକ୍‌ରୁ ଖସି ପଡିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ପରିବାର ଲୋକେ ବୃଦ୍ଧାଙ୍କ ମୃତଦେହ ପୋଡିଦେଇଥିବା ଜଣାଯାଇଛି। ଏହି ବେଆଇନ ହମ୍ପ୍‌ସ ଭାଙ୍ଗିବାକୁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ସିଧାମୂଳାରେ ଭାଗବତ ସପ୍ତାଙ୍ଗ ଉଦ୍‌ଯାପିତ



ଖଣ୍ଡପଡା,୧୮।୨(ସ୍ୱ.ପ୍ର.)

ଖଣ୍ଡପଡା ବ୍ଲକ ଅନ୍ତର୍ଗତ ସିଧାମୂଳା ପଞ୍ଚାୟତର ବାସୁଦେବ ସତ୍‌ସଙ୍ଗ ମଣ୍ଡଳୀ ପକ୍ଷରୁ ସିଧାମୂଳା ବାଲିସାହିଠାରେ ୧୧ ତାରିଖରୁ ଆରମ୍ଭ ହୋଇଥିବା ସପ୍ତାହ ବ୍ୟାପୀ ଭାଗବତ ସପ୍ତାଙ୍ଗ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ୟାସ ଭାବେ ପଣ୍ଡିତ ପବିତ୍ର କୁମାର କର, ଧାରକ ପଣ୍ଡିତ ବଂଶୀଧର ପଣ୍ଡା ଓ ଆଚାର୍ଯ୍ୟ ଭାବେ ପ୍ରଦୀପ କୁମାର କର ଯୋଗଦେଇ ପାରମ୍ପରିକ ହୋମଯଜ୍ଞ ପରିଚାଳନା କରିଥିଲେ । ଧାରାବାହିକ ପ୍ରବକ୍ତା ଭାବେ ପଣ୍ଡିତ ଗଣେଶ୍ୱର ସ୍ୱାଇଁ ସାତଦିନ ବ୍ୟାପୀ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀମଦ୍ ଭାଗବତ ମାହାତ୍ମ୍ୟ ସହିତ ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରବଚନ ପ୍ରଦାନ କରିଥିଲେ । ସୋମବାର ଅପରାହ୍ନ ପ୍ରାୟ ସାଢେ ୪ଟାରେ ପୂର୍ଣ୍ଣାହୁତି କାର୍ଯ୍ୟ ଦର୍ଶନ ପାଇଁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ୩ ଗିରଫ ପରେ ଜାମିନରେ ଗଲେ

ନୟାଗଡ଼ ଅଫିସ,୧୮।୨

**ଷଣ୍ଢ ଚାଲାଣ ବେଳେ ଧରା ପଡ଼ିଲା**



ଷଣ୍ଢ ଚାଲାଣ ହେଉଥିବାବେଳେ ଧରାପଡ଼ିଥିବା ଗାଡ଼ି।

ନୟାଗଡ ଟାଉନ ଥାନା ରତନପୁରରୁ ଷଣ୍ଢ ଚାଲାଣ ବେଳେ ଧରା ପଡ଼ିଛି। ପୋଲିସ ଷଣ୍ଢ ଚାଲାଣକାରୀ ଦେଉଳପଲ୍ଲୀର ଶ୍ରୀକାନ୍ତ ଜେନା(୨୩), ଶ୍ରୀକାନ୍ତ ପ୍ରଧାନ(୨୧) ଓ କାବୁଲି ପ୍ରଧାନ (୨୫)ଙ୍କୁ ଗିରଫ କରି ୪୧ ନୋଟିସ୍‌ରେ ଜାମିନ ଦେଇଛି। ଏହି ୩ ଅଭିଯୁକ୍ତଙ୍କୁ ପୁଣି କୋର୍ଟରେ ଜାମିନ ହେବାକୁ ପଡିବ। ଏମାନଙ୍କ ନାଁରେ ୩୭୯, ୩୪ ଆଇପିସି, ୧୧(ଏ), ୧୧(ବି) ପ୍ରିଭେନ୍‌ଶନ ଅଫ ଆନିମଲ ଆକ୍ଟରେ ଏକ ମାମଲା (ନଂ.୩୩/୨୦) ରୁଜୁ ହୋଇଛି । ପ୍ରାପ୍ତ ସୂଚନା ଅନୁସାରେ ସୋମବାର ରାତିରେ ରତନପୁରରୁ ୪ଟି ଷଣ୍ଢକୁ ଅମାନୁଷିକ ଭାବେ ବାନ୍ଧି ଏକ ଡାଲା ଅଟୋ ଯୋଗେ ଚାଲାଣ କରାଯାଉଥିଲା। ଖବର ପାଇ ବିଶ୍ୱହିନ୍ଦୁ ପରିଷଦର କିଛି କର୍ମକର୍ତ୍ତା ପହଞ୍ଚି ଏହାକୁ ବିରୋଧ କରିଥିଲେ। କେତେଜଣ ଗଣମାଧ୍ୟମ ପ୍ରତିନିଧି ମଧ ଘଟଣାସ୍ଥଳରେ ପହଞ୍ଚି ଭିଡିଓ ଓ ଫଟୋ ଉତ୍ତୋଳନ କରିଥିଲେ। ଏପରିସ୍ଥଳେ ଷଣ୍ଢ ଚାଲାଣକାରୀ ବାହାନା ଦେଖାଇଥିଲେ। ବିଲରେ ଫସଲ ନଷ୍ଟ କରିବା କାରଣରୁ ସେମାନଙ୍କୁ ଗାଡିରେ ନେଇ ଅନ୍ୟତ୍ର ଛାଡିବାକୁ ଯୋଜନା କରିଥିଲୁ ବୋଲି କହିଥିଲେ। ହେଲେ ତାହା ସତ୍ୟ ନ ଥିଲା ବୋଲି ଜଣାପଡିବା ପରେ ପୋଲିସ ସେମାନଙ୍କୁ ନେଇ ଅଟକ ରଖିଥିଲା। ପରେ ମାମଲା ରୁଜୁ କରି ଗିରଫ କରିଥିଲା।

### ଗୋଚାଲାଣ ପରେ ଷଣ୍ଢ

ନୟାଗଡରେ ଗୋଚାଲାଣ ଉପରେ ରୋକ ଲଗାଇବାରେ ପୋଲିସ ବିଫଳ ହୋଇଛି। ଏପରିସ୍ଥଳେ ଷଣ୍ଢ ଚାଲାଣ ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ପୋଲିସ ଏହାକୁ ଅଣଦେଖା ନ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିବାର ଥିଲା ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତ ଦେଇଛନ୍ତି।

# ଜିଲାପାଳଙ୍କୁ ଭେଟିଲା ଅମଲା ସଂଘ



ଜିଲାପାଳଙ୍କୁ ସ୍ମାରକ ପତ୍ର ଦିଆଯାଉଛି।

ନୟାଗଡ଼ ଅଫିସ,୧୮।୨

**■ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର**

ଓଡିଶା ରାଜ୍ୟ ଅମଲା ସଂଘର ନିଷ୍ପତ୍ତି ଅନୁସାରେ ନୟାଗଡ ଜିଲା ଶାଖା ପକ୍ଷରୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନୟାଗଡ଼ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ୨୦୧୯ ଜୁଲାଇ ୧ତାରିଖଠାରୁ ପିଛିଲା ଭାବେ ୫ ପ୍ରତିଶତ ଡିଏ, ବର୍ଦ୍ଧିତ ଦରମାର ବକେୟା ୬୦ ପ୍ରତିଶତ ପ୍ରଦାନ କରିବା, ଏଚ୍‌ଆରଏ ଓ ଆରଏ କେଶକୁ ନେଇ ପ୍ରତିବାଦ କରାଯାଇଛି। ସ୍ମାରକପତ୍ର ଦେବା ସମୟରେ ଜିଲା ସଭପତି ମନୋଜ କୁମାର ଜେନା, ସମ୍ପାଦକ ବିପିନ ବିହାରୀ ପଟ୍ଟନାୟକ, ଅଧକ୍ଷ ନୃସିଂହ ନାୟକ, ଉପସଭାପତି ଅନିତା ରାମ, ଜିଲାପାଳଙ୍କ କାର୍ଯ୍ୟାଳୟର ଅଧୀକ୍ଷକ ପ୍ରଣବ କିଶୋର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଦଶପଲ୍ଲାରେ ରାସ୍ତାରୋକୋ ସ୍ଥଗିତ

ଦଶପଲ୍ଲା, ୧୮।୨(ଡି.ଏନ୍.ଏ.)

ଦଶପଲ୍ଲା ଏନ୍‌ଏସି ତରଫରୁ ୧୯ ତାରିଖରେ ହେବାକୁ ଥିବା ରାସ୍ତାରୋକୋ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ୭ଶହ ହିତାଧିକାରୀଙ୍କ ଅନ୍‌ଲାଇନ୍ ସାଇଟ୍ ୧୯ ତାରିଖରେ ଖୋଲିବ। ଅନ୍ୟ ହିତାଧିକାରୀଙ୍କ ସାଇଟ୍ ପରେ ଖୋଲିବ ବୋଲି ଜିଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମଧ ଆନ୍ଦୋଳନରୁ ନିବୃତ୍ତ ରହିବା ପାଇଁ ଅନୁରୋଧ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ରାସ୍ତାରୋକୋ ସ୍ଥଗିତ ରଖାଯାଇଥିବା ଏନ୍‌ଏସି ତରଫରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଏନ୍‌ଏସିର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସାଇଟ୍‌କୁ ଦୀର୍ଘମାସ ହେଲା ବନ୍ଦ ରଖାଯାଇଥିବାରୁ ହିତାଧିକାରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏଥିନେଇ ଏନ୍‌ଏସି ଅଧକ୍ଷା ବବିତା ସାହୁଙ୍କ ଚିଠି ନମ୍ବର ୨୮୧ ଅନୁଯାୟୀ ୧୯ ତାରିଖରେ ୧୨ ଘଣ୍ଟିଆ ରାସ୍ତାରୋକୋ ଆନ୍ଦୋଳନ ଡାକରା ଦିଆଯାଇଥିଲା।

# ଖଣ୍ଡପଡ଼ା ବ୍ଲକରେ ୧୦୮ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ

ଖଣ୍ଡପଡା,୧୮।୨(ସ୍ୱ.ପ୍ର.)

ସରକାରଙ୍କ ପକ୍ଷରୁ ଖଣ୍ଡପଡା ବ୍ଲକ ଅଞ୍ଚଳବାସୀଙ୍କ ସୁବିଧା ନିମନ୍ତେ ଏକ ନୂତନ ୧୦୮ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ ଅବସରରେ ଏକ ସ୍ୱତନ୍ତ୍ର ପୂଜାର ଆୟୋଜନ କରାଯାଇଥିଲା । ବିଡିଓ ପ୍ରମୋଦ କୁମାର ନାୟକ, ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବରିଷ୍ଠ ଡାକ୍ତର ପ୍ରଦୀପ କୁମାର ପାଇକରାୟ, ୧୦୮ ଆମ୍ବୁଲାନ୍ସ ସେବା ନୟାଗଡ ଜିଲା କ୍ଲଷ୍ଟରର ମୁଖ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ଷଡଙ୍ଗୀ ଓ ଭାଗୀରଥି ସୀଠଙ୍କ ଉପସ୍ଥିତିରେ ନୂତନ ୧୦୮ ଆମ୍ବୁଲାନ୍ସ ସେବା ଉଦ୍‌ଘାଟିତ ହୋଇଯାଇଛି।



ଆମ୍ବୁଲାନ୍ସ ସେବା ଶୁଭାରମ୍ଭ କରାଯାଉଛି।

# ଅନିୟମିତତା ଜାଣି ନୀରବ ରହିଲେ ଅଧିକାରୀ

ନୂଆଗାଁ, ୧୮।୨ (ଡି.ଏନ.ଏ.)

ନୟାଗଡ ଜିଲା ନୂଆଗାଁ ବ୍ଲକରେ ସ୍ୱଚ୍ଛ ଭାରତ ଘରୋଇ ପାଇଖାନା ନିର୍ମାଣରେ ହୋଇଥିବା ଦୁର୍ନୀତି ପଦାରେ ପଡିବାରେ ଲାଗିଛି । ନିମ୍ନମାନର ପାଇଖାନା ନିର୍ମାଣ, ଅଧାପନ୍ତରିଆ ପାଇଖାନା ନିର୍ମାଣ, ଗୋଟିଏ ପାଇଖାନାକୁ ଦେଖାଇ ଦୁଇ ଦୁଇ ଥର ବିଲ, ଏପରି କି ମୃତ ଲୋକଙ୍କ ନାମରେ ପାଇଖାନା ବିଲ କରି ଟଙ୍କା ହଡପ କରିବା ଘଟଣା ବାରମ୍ବାର ଅଭିଯୋଗ ହୋଇ ଆସୁଛି । ତେଣୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଡିଓ ପ୍ରତିଶ୍ରୁତି ଦେବା ସହ ଅନିୟମିତତାରେ ସତ୍ୟତା ଥିବା ସ୍ୱୀକାର କରିଥିଲେ । ଦୁର୍ନୀତିରେ ସମ୍ପୃକ୍ତ ଥିବା କର୍ମଚାରୀଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ । କିନ୍ତୁ ଏ ଯାଏ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ।

ପ୍ରକାଶ ଯେ, ନୂଆଗାଁ ବ୍ଲକ ଜାକେଡା ପଞ୍ଚାୟତ ଚଡକମରା ଗ୍ରାମର ୧୧ ଜଣ ହିତାଧିକାରୀଙ୍କ ପାଇଖାନା ଗୁମି ପଞ୍ଚାୟତର ବରଡିହ ଗ୍ରାମରେ ନିର୍ମାଣ କରାଯାଇଛି । ଏ ବିଷୟରେ ଖବରକାଗଜରେ ପ୍ରକାଶ ପାଇବା ପରେ ଠିକାଦାର ଓ ବିଭାଗୀୟ କର୍ମଚାରୀଙ୍କ ଭିତରେ ଛନକା ପଶିଥିଲା। ତେଣୁ ଲେଖା ଯାଇଥିବା ନାମକୁ ଲିଭାଇ ରାତାରାତି ବରଡିହ ଗ୍ରାମର କିଛି ଲୋକଙ୍କ ନାମ ଲେଖିଦିଆଯାଇଥିବା ଦେଖିବାକୁ ମିଳିଥିଲା । ସେହିପରି ଉଦୟପୁର ପଞ୍ଚାୟତ ସିଙ୍ଗାପୁର ଗ୍ରାମର ମୃତ ଲୋକଙ୍କ ନାମରେ , କିଛି ହିତାଧିକାରୀଙ୍କ ପାଇଖାନା ନିର୍ମାଣ ନ କରି ଏବଂ ଗୋଟିଏ ପାଇଖାନାର ଦୁଇ ପାର୍ଶ୍ୱରେ ଦୁଇଜଣ ହିତାଧିକାରୀଙ୍କ ନାମ ଲେଖି ବିଲ ହଡପ କରାଯାଇଛି । ଅଭିଯୋଗ ପାଇ ଏହାର ସତ୍ୟାସତ୍ୟ ଜାଣିବା ପାଇଁ ବିଭାଗୀୟ ଯନ୍ତ୍ରୀ ଓ ଡାଟା ଅପରେଟରଙ୍କୁ ତଥ୍ୟ ମାଗିବାରେ ନ ଦେବାରୁ ଗଣମାଧ୍ୟମର ପ୍ରତିନିଧି ଅନଶନରେ ବସିଥିଲେ । ତେଣୁ ଏହାର ସମାଧାନ କରିବାକୁ ଯାଇ ତତ୍କାଳୀନ ନୂଆଗାଁ ବିଡିଓ ଶିରିୟାଲ ଶୁଭ୍ର ପଟେଲ ନିଜେ ଏହା ତଦନ୍ତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ତଦନ୍ତରେ ଏହାର ସତ୍ୟତା ଥିବା ମଧ୍ୟ ଜାଣିବାକୁ ପାଇଥିଲେ । ଅନିୟମିତତାରେ ସଂପୃକ୍ତ ଥିବା କର୍ମଚାରୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ନୀରବ ରହିଲେ ବିଡିଓ । ସେହିପରି ପାରାଢିପ ପଞ୍ଚାୟତ ପୋକସୁଙ୍ଗା ଗ୍ରାମରେ ବାସ କରୁଥିବା ଆଦିବାସୀ ହିତାଧିକାରୀଙ୍କ ପାଇଁ ପାଇଖାନା ନିର୍ମାଣ କରିବାରେ ଠିକାଦାର ଲକ୍ଷାଧିକ ଟଙ୍କା ହେରଫେର କରିଥିବା ଅଭିଯୋଗ ହୋଇଛି। ପାଇଖାନା ଗୃହ ନିର୍ମାଣ ଅତି ନ୍ୟୁନମାନର କରାଯାଇଥିବା ବେଳେ କିଛି ପାଇଖାନାରେ ଗୋଟିଏ ଟାଙ୍କି ନିର୍ମାଣ କରିଥିଲେ ମଧ୍ୟ ଢାଙ୍କୁଣି ପକା ଯାଇ ନାହିଁ । ଆଉ କିଛି ଟାଙ୍କି ସହ ପାଇପ ସଂଯୋଗ କରାଯାଇ ନାହିଁ। ଆଉ କିଛି ପାଇଖାନାରେ ଟାଙ୍କି ମଧ୍ୟ ନିର୍ମାଣ ହୋଇନାହିଁ । କହିବାକୁ ଗଲେ ସମସ୍ତ ପାଇଖାନା ଅର୍ଦ୍ଧ ନିର୍ମିତ ଅବସ୍ଥାରେ ଥିବା ବେଳେ ଠିକାଦାର ଅନୁଦାନ ହଡପ କରି ନେଇଛନ୍ତି । ପାଇଖାନା ଦୁର୍ନୀତି ବିଷୟରେ ଗ୍ରାମ୍ୟ ପରିମଳ ଓ ଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ରାଜୀବ ଲୋଚନ ପାଣିଗ୍ରାହୀଙ୍କୁ ପଚାରିବାରେ ମୁଁ ଏ ବିଷୟରେ ବିଡିଓ ଏବଂ କନିଷ୍ଠ ଯନ୍ତ୍ରୀଙ୍କ ସହ କଥା ହେବା ପରେ ଜଣାଇବି ବୋଲି କହିଛନ୍ତି।

**ନୂଆଗାଁ ବ୍ଲକରେ ପାଇଖାନା ଦୁର୍ନୀତି ଘଟଣା**



ପୋକସୁଙ୍ଗାରେ ଅର୍ଦ୍ଧ ନିର୍ମିତ ପାଇଖାନା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୯ ଫେବୃଆରୀ, ୨୦୨୦



## ସଂକ୍ଷେପରେ

### ପଙ୍କୋଦ୍ଧାର ଏକାଦଶୀ ଆଜି

**ପୁରୀ ଅଫିସ, ୧୮।୨:** ବୁଧବାର ପବିତ୍ର ପଙ୍କୋଦ୍ଧାର ଏକାଦଶୀ। ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିରରେ ଏହା ଧୂମ୍‌ଧାମ୍‌ରେ ଅନୁଷ୍ଠିତ ହେବ। ବର୍ଷକରେ ଏହି ଗୋଟିଏ ଦିନ ପ୍ରଭୁ ଶ୍ରୀଲୋକନାଥଙ୍କ ପ୍ରତ୍ୟକ୍ଷ ଲିଙ୍ଗ ଦର୍ଶନ କରିବାର ସୁଯୋଗ ପାଇଥାନ୍ତି ଶ୍ରଦ୍ଧାଳୁ। ତେଣୁ ପଙ୍କୋଦ୍ଧାର ଏକାଦଶୀରେ ଲୋକନାଥଙ୍କ ପୀଠରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି। ଭକ୍ତମାନେ କିପରି ଶାନ୍ତି ଶୃଙ୍ଖଳାର ସହ ଦର୍ଶନ କରିପାରିବେ ସେ ନେଇ ବ୍ୟାପକ ବ୍ୟବସ୍ଥା ହୋଇଛି।
ବୁଧବାର ସକାଳ ୬ଟା ମଧ୍ୟରେ ସକାଳ ଧୂପ ଏବଂ ୮ଟା ମଧ୍ୟରେ ମଧ୍ୟାହ୍ନ ଧୂପ ସାରିବାକୁ ସ୍ଥିର କରାଯାଇଛି। ସକାଳ ୮ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ପଙ୍କୋଦ୍ଧାର ଓ ମହାସ୍ନାନ ନୀତି ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୧ଟାରୁ ପଙ୍କୋଦ୍ଧାର ଏକାଦଶୀ ଦର୍ଶନ ଆରମ୍ଭ ହୋଇ ରାତ୍ରି ୧୦ଟା ପର୍ଯ୍ୟନ୍ତ ଚାଲିବ। ଏହାପରେ ଠାକୁରଙ୍କ ସନ୍ଧ୍ୟା ଧୂପ ଏବଂ ଅନ୍ୟାନ୍ୟ ନୀତି ହେବ ବୋଲି ନୀତି ନିର୍ଘଣ୍ଟ ହୋଇଛି। ତେବେ ଶ୍ରଦ୍ଧାଳୁମାନେ କିପରି ଶୃଙ୍ଖଳିତ ଭାବେ ଦର୍ଶନ କରିପାରିବେ ସେଥିଲାଗି ସମସ୍ତ ପ୍ରକାର ବ୍ୟବସ୍ଥା ହୋଇଛି। ପଙ୍କୋଦ୍ଧାର ଏକାଦଶୀରେ ୨୦୦୦ ଦର୍ଶନ ଟିକେଟ କରାଯାଇଛି। ପ୍ରତ୍ୟେକ ଟିକେଟର ଦାମ୍ ୧୦୦ ଟଙ୍କା ରହିଛି। ଦର୍ଶନ ଟିକେଟଧାରୀ, ଭିଆଇପି ଏବଂ ସେବାୟତ ବୃଷଭ ଦ୍ୱାର ଦେଇ ଠାକୁରଙ୍କୁ ଦର୍ଶନ କରିବେ। ଅନ୍ୟମାନେ ଲକ୍ଷ୍ମୀଦ୍ୱାର ଦେଇ ଠାକୁରଙ୍କୁ ଦର୍ଶନ କରିବେ। କିନ୍ତୁ ସମସ୍ତେ ବଉଳଗଛ ଦ୍ୱାର ଦେଇ ପ୍ରସ୍ଥାନ କରିବେ ବୋଲି ବ୍ୟବସ୍ଥା କରାଯାଇଛି।

### ପୁରୀ ଇନ୍ଦିରା ଭବନରେ ଗୋଷ୍ଠୀ ସଂଘର୍ଷ ଘଟଣା: ୩ ଗିରଫ

**ପୁରୀ ଅଫିସ, ୧୮।୨:** ପୁରୀ ଜିଲା କଂଗ୍ରେସ କାର୍ଯ୍ୟାଳୟ ଇନ୍ଦିରାଭବନରେ ଗୋଷ୍ଠୀ ସଂଘର୍ଷ ଘଟଣାରେ ମଙ୍ଗଳବାର କୁମ୍ଭାରପଡ଼ା ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲି ସାହିର ଆନନ୍ଦ ସାହୁ (୨୫), କାଳିକାଦେବୀ ସାହିର ଆଲୋକ ସାହୁ (୨୫) ଏବଂ ରାଜା ସ୍ୱାଇଁ (୨୫)। ଛାତ୍ର କଂଗ୍ରେସ ନେତା ସ୍ୱପ୍ନଜିତ ରାୟଙ୍କ ଅଭିଯୋଗ କ୍ରମେ ପୋଲିସ ଏକ କେସ୍ (ନଂ. ୫୫/୨୦) ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ସୋମବାର ପୁରୀ ଜିଲାର ସାଙ୍ଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ଲାଗି ଇନ୍ଦିରା ଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେବାକୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଓଡ଼ିଶା ପ୍ରଭାରୀ ଜିତେନ୍ଦ୍ର ସିଂ, ସମ୍ପାଦକ ରୁଦ୍ର ରାଜୁ, ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ପ୍ରମୁଖ ଶୋଭାଯାତ୍ରାରେ ଇନ୍ଦିରା ଭବନକୁ ପ୍ରବେଶ କରୁଥିଲେ। ଏହି ସମୟରେ ଭବନ ପରିସରରେ ଦୁଇ ଗୋଷ୍ଠୀ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା। ଏଥିରେ ଯୁବନେତା ଆଲୋକ ଦାଶ, ଛାତ୍ରନେତା ଆଶୁତୋଷ ମିଶ୍ର ଓ ସ୍ୱପ୍ନଜିତ ରାୟ ଗୁରୁତର ଆହତ ହୋଇଥିଲେ।

# ବିପଦ ଆଣିପାରେ କୂଅ, ପାଇଖାନା ଟାଙ୍କି

**ଉଚ୍ଛେଦ ବେଳେ କେତେଦୂର ସଚେତନ ପ୍ରଶାସନ**

ପୁରୀ ଅଫିସ, ୧୮।୨

ବଦଳିବ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ରୂପରେଖ। ଶ୍ରୀମନ୍ଦିର ଚୌହଦିରେ ଉଦ୍‌ଭାଷିତ ହେବ ଜଗନ୍ନାଥଙ୍କ ଗାଥା। ଶିଳ୍ପୀଙ୍କ ପଥର ନିହାଣ ବିଶ୍ୱବାସୀଙ୍କୁ କହିବ ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାର କାହାଣୀ। ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ପ୍ରତିଟି କାରୁକାର୍ଯ୍ୟରେ ଝଲସିବ ଓଡ଼ିଆ ଐତିହ୍ୟର ଛାପ। ଜଗନ୍ନାଥଙ୍କ ଲୀଳା, ଭକ୍ତ-ଭଗବାନଙ୍କ ସମ୍ପର୍କ, ପୁରାଣ ଓ କିମ୍ବଦନ୍ତୀ କାହାଣୀର ଚିତ୍ର ଟାଣିବ ସାରା ବିଶ୍ୱର ନଜର। ଏଥିପାଇଁ ଐତିହ୍ୟ କରିଡରର ପରିକଳ୍ପନା କରିଛନ୍ତି ରାଜ୍ୟ ସରକାର। କରିଡର ରୂପରେଖ ସଂକ୍ରାନ୍ତରେ ଜନସାଧାରଣଙ୍କଠାରୁ ମତାମତ ନେଇଛନ୍ତି। ଆସନ୍ତା ଏପ୍ରିଲ ସୁଦ୍ଧା କରିଡର ନକ୍ସା ଚୂଡ଼ାନ୍ତ ହେବା ପରେ କାମ ଆରମ୍ଭ ହେବ। ଏଥିପାଇଁ ମେଘନାଦ ପାଚେରିଠାରୁ ୭୫ ମିଟର ପରିଧି ମଧ୍ୟରେ ଚାଲିଛି ଉଚ୍ଛେଦ ଅଭିଯାନ। ଶ୍ରୀମନ୍ଦିର ସୁରକ୍ଷା ଜୋନ୍ କୁହାଯାଉଥିବା ଏହି ଅଞ୍ଚଳରେ ଥିବା ମଠ, ଘର, ବ୍ୟବସାୟିକ ପ୍ରତିଷ୍ଠାନ, ଭବନ ଆଦି ଭଙ୍ଗା ସରିଲାଣି। ବିଭିନ୍ନ ମଠ, ଘର, ଭବନ ଆଦି ଉଚ୍ଛେଦ ବେଳେ ଏହା ପରିସରରେ ଥିବା କୂଅ, ବଡ଼ ବଡ଼ ପାଇଖାନା ଟାଙ୍କି ପ୍ରତି ପ୍ରଶାସନ କେତେଦୂର ସଚେତନ ସେ ନେଇ ଉଠିଛି ପ୍ରଶ୍ନ। ସାଧାରଣତଃ ପାଇଖାନା ଟାଙ୍କି ଉପରେ ସ୍ଲାବ ପଡୁଥିବାବେଳେ ଅଧିକାଂଶ ଲୋକେ କୂଅକୁ ଘୋଡ଼ାଇ ରଖିଥାନ୍ତି। ତେଣୁ ଉଚ୍ଛେଦ ପୂର୍ବରୁ ଏହାକୁ ଚିହ୍ନଟ



କଟକୀ ମଠରେ ଥିବା କୂଅ।

କରାଯାଇ ଭଲ ଭାବେ ପୋତାଯାଇଛି ନା ନାହିଁ ତାହା ପରଖିବା ଉଚିତ। ନଚେତ ଭବିଷ୍ୟତରେ ଏହା ବିପଦ ଆଣିପାରେ ବୋଲି କୁହାଯାଉଛି।

ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ରହିଛି ଅନେକ ପ୍ରାଚୀନ ମଠ। ମହାପ୍ରଭୁଙ୍କ ନୀତିକାନ୍ତି ସହ ଏହି ମଠଗୁଡ଼ିକ ପ୍ରାୟତଃ ଜଡ଼ିତ। ତେବେ ସେତେବେଳେ ନଳକୂପ କିମ୍ବା ପାଇପ ଯୋଗେ ପାନୀୟଜଳ ବ୍ୟବସ୍ଥା ନ ଥିଲା। ତେଣୁ ପାଣି ପାଇଁ ଗଭୀର କୂଅ, ବାମ୍ଫି ଓ କେତେକ ମଠରେ ପୋଖରୀ ରହିଥିଲା। ସମୟ କ୍ରମେ ପୋଖରୀଗୁଡ଼ିକ ପୋତି ହୋଇଯାଇଥିଲା। ସେହିପରି ନଳକୂପ, ବୋରୱେଲ ବସାଯିବା ପରେ ଅନେକ କୂଅ ଓ ବାମ୍ଫି ପରିତ୍ୟକ୍ତ ହୋଇପଡ଼ିଲା। ପରବର୍ତ୍ତୀ ସମୟରେ ଏହାକୁ ପୋତି ଦିଆଗଲା। ତଥାପି ଅନେକ ମଠରେ ବଡ଼ ବଡ଼ କୂଅ ଏବେ ବି ରହିଛି। କେବଳ ମଠ ନୁହେଁ, ସୁରକ୍ଷା ଜୋନ୍ ମଧ୍ୟରେ ଥିବା ପୁରୁଣା ଘର ଓ ଆଶ୍ରମରେ ବି କୂଅ ରହିଛି। ଗୋଟିଏ ଗୋଟିଏ କୂଅର ବ୍ୟାସ ୨ ମିଟର ଓ ଗଭୀର ପ୍ରାୟ ୧୯ ମିଟର। ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୦ଟି ମଠ ଭଙ୍ଗାଯାଇଥିବାବେଳେ ଅନେକ ବ୍ୟବସାୟିକ ପ୍ରତିଷ୍ଠାନ, ଲଜ୍, ଭବନ, ଆଶ୍ରମ ଏବଂ ବ୍ୟକ୍ତିଗତ ଘର ବି ଉଚ୍ଛେଦ ହୋଇଛି। କିନ୍ତୁ ଯେଉଁଠି କୂଅ ରହିଥିଲା ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇନାହିଁ। କେଉଁଠି ଭଗ୍ନାବଶେଷ ପଡ଼ି କୂଅ ପୋତି ହୋଇଯାଇଛି ତ ପୁଣି କେଉଁଠି ସ୍ଲାବ ପକାଯାଇଛି। ସେହିପରି ସୁରକ୍ଷା ଜୋନ୍‌ରେ ଥିବା ଘର ହେଉ କି ମଠ ଅବା ବ୍ୟବସାୟିକ ପ୍ରତିଷ୍ଠାନ ସବୁଠି ପାଇଖାନା ଟାଙ୍କି ରହିଛି। ଏ ସବୁକୁ ଭଲ ଭାବେ ପୋତା ନ ଗଲେ ଭବିଷ୍ୟତ ପାଇଁ ଏହା ବିପଦର କାରଣ ପାଲଟିବ। କୌଣସି ସମୟରେ ବର୍ଷା ହେଲେ ବା ସ୍ଲାବ ଦବିଲେ ବିପର୍ଯ୍ୟୟ ଆଣିବ।

ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଐତିହ୍ୟ କରିଡର ତିଆରି କରାଯିବ। ଏଥିପାଇଁ ପ୍ରସ୍ତୁତି ଚାଲିଛି। ତେବେ ଏହି ସମୟରେ କୌଣସି କାରଣରୁ କୂଅ କିମ୍ବା ପାଇଖାନା ଟାଙ୍କି ଯଦି ଦବେ ତାହାଲେ କିଛି ବି ଦୁର୍ଘଟଣା ଘଟିପାରେ। ତେଣୁ ଏବେଠାରୁ ପ୍ରଶାସନ ସତର୍କ ହେବା ଉଚିତ। ଯେଉଁ ଯେଉଁ ଜାଗାରେ ଉଚ୍ଛେଦ କରାଯାଉଛି ସେଠାରେ କୂଅ ରହିଛି କି ନାହିଁ ତାହା ଭଲ ଭାବେ ଅନୁଧ୍ୟାନ କରାଯିବା ଦରକାର। ଯଦି ପୁରୁଣା କୂଅ ବା ପରିତ୍ୟକ୍ତ ଅବସ୍ଥାରେ କୌଣସି କୂଅ ରହିଛି ତାହାକୁ ପ୍ରଥମେ ଭଲ ଭାବେ ପୋତି ଏହାପରେ ଉଚ୍ଛେଦ କରିବା ଦରକାର ବୋଲି ସହରର ବୁଦ୍ଧିଜୀବୀ ସରୋଜ କୁମାର ବେହେରା କହିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ଶ୍ରୀମନ୍ଦିର ନୀତିକାନ୍ତି ସହିତ ଯେଉଁ କୂଅ ଜଡ଼ିତ ରହିଛି ତାହାକୁ ସୁରକ୍ଷିତ ଭାବେ ରଖାଯାଉଛି। ଯେଉଁ କୂଅଗୁଡ଼ିକ ପରିତ୍ୟକ୍ତ ଅବସ୍ଥାରେ ଅଛି ତାହାକୁ ଭଲ ଭାବେ ପୋତାଯାଉଛି। ସେହିପରି ପାଇଖାନା ଟାଙ୍କିଗୁଡ଼ିକୁ ମଧ୍ୟ ପୋତି ଦିଆଯାଉଥିବା ଉପଜିଲାପାଳ ସୂଚନା ଦେଇଛନ୍ତି।

# ହଜିଗଲାଣି ପୋଲିସର ମାନବିକତା



ରାସ୍ତା କଡ଼ରେ ପଡିଥିବା ଅଚିହ୍ନା ବୃଦ୍ଧ।

ନୂଆଗାଁ, ୧୮।୨ (ଡି.ଏନ.ଏ.)

ଜନସାଧାରଣଙ୍କ ସେବା କରିବା ପାଇଁ ପୋଲିସ କର୍ମଚାରୀମାନେ ଶପଥ ନେଉଥିବା ବେଳେ ପରବର୍ତ୍ତୀ ମୁହୂର୍ତ୍ତରେ ତାହା ଭୁଲି ଯାଉଛନ୍ତି। ଏପରି କି ନିଜର ମାନବିକତାକୁ ହଜାଇ ଦେଉଛନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ନୟାଗଡ ଜିଲା ନୂଆଗାଁ ଥାନା ପୋଲିସ ନିକଟରେ ।

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ନୂଆଗାଁ ଥାନା ମୁଦୁରାଙ୍ଗ ନିକଟ ୫୭ ନଂ ଜାତୀୟ ରାଜପଥ ଉପରେ ଜଣେ ଅଚିହ୍ନା ବୃଦ୍ଧ ସୋମବାର ରାତି ୧୧ଟାରେ କ୍ଲାନ୍ତ ହୋଇ ପଡିଯାଇଥିଲେ। ସେ ରାସ୍ତାଉପରୁ ଉଠି ପାରି ନ ଥିଲେ । କେତେକ ଯୁବକ ବୃଦ୍ଧଙ୍କୁ ରାସ୍ତା ଉପରୁ ଉଠାଇ କଡରେ ଶୁଆଇ ଦେଇଥିବା ବେଳେ ସକାଳୁ ନୂଆଗାଁ ଥାନାକୁ ଖବର ଦେଇଥିଲେ । ପୋଲିସ ନ ଆସିବାରୁ କିଛି ଲୋକ ଥାନାକୁ ଯାଇ ଥାନାଧିକାରୀଙ୍କୁ ଭେଟି ଜଣାଇବାରେ ଥାନା କର୍ମଚାରୀ ଯାଇ ବୃଦ୍ଧଙ୍କୁ ଦେଖିବା ସହ ଖଣ୍ଡିଏ ବିସ୍କୁଟ ଓ ପାଣି ଦେଇଥିଲେ । କିନ୍ତୁ ସେ ନ ଖାଇବାରୁ ମୁମୂର୍ଷୁ ଅବସ୍ଥାରେ ବୃଦ୍ଧଙ୍କୁ ଛାଡି ପୋଲିସ ଚାଲି ଆସିଥିଲା । ସ୍ଥାନୀୟ ସମାଜସେବୀ ମଣ୍ଟୁ ଖାନ୍ ପୋଲିସକୁ ଜଣାଇ ସାହାଯ୍ୟ କରିବା ପାଇଁ ଅନୁରୋଧ କରିଥିଲେ । ଖବର ପାଇ ଗଣମାଧ୍ୟମର ପ୍ରତିନିଧିମାନେ ଘଟଣାସ୍ଥଳରେ ପହଞ୍ଚି ନୂଆଗାଁ ଥାନାଧିକାରୀଙ୍କୁ ଜଣାଇଥିଲେ । କିନ୍ତୁ ସୁଫଳ ନ ମିଳିବାରୁ ନୟାଗଡ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦିଲୀପ କୁମାର ସାହାଣିଙ୍କୁ ଅବଗତ କରାଇବାରେ ସେ ନୂଆଗାଁ ଥାନା ଅଧିକାରୀଙ୍କୁ ପଠାଇବା ପାଇଁ କହିଥିଲେ । କିନ୍ତୁ ଦୀର୍ଘ ସମୟର ଅପେକ୍ଷା ପରେ କୌଣସି ଥାନା କର୍ମଚାରୀ ନ ଯିବାରୁ ବାଧ୍ୟ ହୋଇ ଗଣମାଧ୍ୟମ ପ୍ରତିନିଧିମାନେ ମୋଟର ସାଇକେଲ ଯୋଗେ ନୂଆଗାଁ ପ୍ରାଥମିକ ଚିକିତ୍ସାଳୟରେ ବୃଦ୍ଧଙ୍କୁ ଭର୍ତ୍ତି କରିବା ପରେ ଫାର୍ମାସିଷ୍ଟ ସଦାଶିବ ବେହେରା ଚିକିତ୍ସା କରିଥିଲେ ।

# ଚେକ୍ ବାଉନ୍ସ ମାମଲା: ଅଭିଯୁକ୍ତଙ୍କୁ ୧ ବର୍ଷ ଜେଲ

ବ୍ରହ୍ମପୁର ଅଫିସ,୧୮।୨

ଗଞ୍ଜାମ ଜିଲା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଜେଏମ୍‌ଏଫସି) ଯୁଧିଷ୍ଠିର ଦଳାଇ ଏକ ଚେକ ବାଉନ୍ସ ମାମଲାର ମଙ୍ଗଳବାର ବିଚାର କରିଥିଲେ। ପ୍ରମାଣ ମିଳିବାରୁ ଅଭିଯୁକ୍ତ ଶେଷଦେବ ସାହୁଙ୍କୁ ୧ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ଆବେଦନକାରୀ ପଦ୍ମନାଭ ଦଳାଇଙ୍କୁ ୫ ଲକ୍ଷ ଟଙ୍କା ଫେରସ୍ତ କରିବାକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ କରିଛି। ଟଙ୍କା ଫେରସ୍ତ ନ କଲେ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ ରହିଛି ବୋଲି ଓକିଲ ଜି.କାନ୍ତା ରାଓ କହିଛନ୍ତି।

ପ୍ରକାଶ ଯେ, ଗୋଷାଣୀନୂଆଗାଁର ଶେଷଦେବ ସାହୁ ଓ ତୁଳସୀନଗରର ପଦ୍ମନାଭ ଦଳାଇ ଦୁଇ ବନ୍ଧୁ। ୨୦୧୬ ସେପ୍ଟେମ୍ବର ୨୨ରେ ଶେଷଦେବ ତାଙ୍କ ଘର ତିଆରି ପାଇଁ ପଦ୍ମନାଭଙ୍କଠାରୁ ୫ ଲକ୍ଷ ଟଙ୍କା ଧାର ନେଇଥିଲେ। ଠିକ ସମୟରେ ସେ ଟଙ୍କା ନ ଫେରାଇ ୪ଲକ୍ଷ ୧୦ ହଜାର ଟଙ୍କାର ୨ଟି ଚେକ୍ ପଦ୍ମନାଭଙ୍କୁ ଦେଇଥିଲେ। ଉକ୍ତ ୨ଟି ଚେକ୍‌କୁ ସେ ବ୍ୟାଙ୍କରେ ଜମା କରିଥିଲେ। ଶେଷଦେବଙ୍କ ଆକାଉଣ୍ଟରେ ଟଙ୍କା ନ ଥିବାରୁ ଉକ୍ତ ଚେକ୍‌ଗୁଡିକ ବାଉନ୍ସ ହୋଇଯାଇଥିଲା। ପରେ ପଦ୍ମନାଭ ୨୦୧୬ ସେପ୍ଟେମ୍ବର ୧୭ରେ କୋର୍ଟ ନୋଟିସ ଶେଷଦେବଙ୍କୁ ପଠାଇଥିଲେ। ଶେଷରେ ପଦ୍ମନାଭ ଏନେଇ କୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ମଙ୍ଗଳବାର ଏହି ମାମଲାର ବିଚାର ବେଳେ ୩ ଜଣ ସାକ୍ଷୀଙ୍କ ବୟାନ ଆଧାରରେ ଅଭିଯୁକ୍ତଙ୍କୁ ଜେଏମ୍‌ଏଫସି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଜି. ପକାନ୍ତା ରାଓ ଏବଂ ଅଭିଯୁକ୍ତଙ୍କ ପକ୍ଷରୁ ରାମକୃଷ୍ଣ ପଲାଇ ମକଦ୍ଦମା ପରିଚାଳନା କରିଥିଲେ।

# ଅଖିଳ ଉତ୍କଳ ଅଗ୍ନିକୁଳ କ୍ଷତ୍ରିୟ ସମାଜ ମହାସଭା

କନିଷି,୧୮।୨(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକ କନିଷି ହାଟସ୍ଥିତ ଶ୍ରୀ ଅଖିଳେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଅଖିଳ ଉତ୍କଳ ଅଗ୍ନିକୁଳ କ୍ଷତ୍ରିୟ ସମାଜର ମହାସଭା ଅନୁଷ୍ଠିତ ହୋଇଥିଲା। ଅଖିଳ ଉତ୍କଳ ଅଗ୍ନିକୁଳ କ୍ଷତ୍ରିୟ ସମାଜର ଉପସଭାପତି ଡି.ଫକୀରଙ୍କ ସଭାପତିତ୍ୱରେ ୫୬ ଖଣ୍ଡ ଗ୍ରାମର ବ୍ୟକ୍ତି ଯୋଗଦେଇ ସମାଜର ବିବାହ ପାଇଁ କୂଳ ତରଫରୁ ନୂତନ ଭାବେ ନିୟମ ପାଳନ କରାଯାଇଥିଲା। ବଡ଼କୁଟ୍ଟୁ, ଆଗୁରାମ, ରାମୟାପଲ୍ଲୀ, ଭାଗିନୀପେଣ୍ଟ ଗ୍ରାମରେ ଏନେଇ ଅସନ୍ତୋଷ ରହିଥିଲା।

# ବ୍ରହ୍ମପୁରର ବିଭିନ୍ନ ଅଞ୍ଚଳରୁ ୫ ଶିଶୁ ଶ୍ରମିକ ଉଦ୍ଧାର

ବ୍ରହ୍ମପୁର ଅଫିସ,୧୮।୨

ବ୍ରହ୍ମପୁରର ବିଭିନ୍ନ ଅଞ୍ଚଳରୁ ମଙ୍ଗଳବାର ୫ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଜିଲା ଚାଇଲ୍ଡ ପ୍ରୋଟେକ୍ସନ ଅଫିସର, ଚାଇଲ୍ଡ ଲାଇନ୍, ସିଡବ୍ଲ୍ୟୁସି ସଦସ୍ୟ, ବିଏନ୍‌ପୁର ପୋଲିସ, ଶ୍ରମ କାର୍ଯ୍ୟାଳୟ ଅଧିକାରୀଙ୍କ ଦ୍ୱାରା ମିଳିତ ଭାବେ ଗଠିତ ୫ ଜଣିଆ ଟିମ୍ ବ୍ରହ୍ମପୁର ସହରର ବିଭିନ୍ନ ଅଞ୍ଚଳରୁ ଏହି ଶ୍ରମିକଙ୍କୁ ଉଦ୍ଧାର କରିଛନ୍ତି ।

ସୂଚନା ମୁତାବକ, ବିଏନ୍‌ପୁର ଥାନା ଅଧୀନରେ ଥିବା ଇଞ୍ଜିନିୟରିଂ ସ୍କୁଲ, ନୂଆବସ୍‌ଷ୍ଟାଣ୍ଡ, ସେଲଟ୍ୟାକ୍ସ ଛକ, ପଣ୍ଡାକଲୋନୀ ଅଞ୍ଚଳରେ ଦୀର୍ଘ ଦିନ ଧରି ହୋଟେଲ, ଫାଷ୍ଟଫୁଡ ସେଣ୍ଟରେ ଏହି ଶିଶୁମାନେ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ଭିତ୍ତିକରି ଟିମ୍ ମଙ୍ଗଳବାର ପୂର୍ବାହ୍ନରେ ଶିଶୁମାନେ କାର୍ଯ୍ୟ କରୁଥିବା ହୋଟେଲ, ଫାଷ୍ଟଫୁଡ ସେଣ୍ଟର ଉପରେ ଚଢାଉ କରି ୫ ଶିଶୁଙ୍କୁ ଉଦ୍ଧାର କରିଥିଲେ । ତେବେ ଉଦ୍ଧାର କରାଯାଇଥିବା ଶିଶୁମାନଙ୍କୁ ସିଡବ୍ଲ୍ୟୁସି ଚାଇଲ୍ଡ ୱେଲଫେୟାର କମିଟି ତତ୍ତ୍ୱାବଧାନରେ ରଖାଯାଇଛି। ସେମାନଙ୍କ ମଧ୍ୟରୁ କେତେଜଣ ୧୪ ବର୍ଷରୁ କମ ଥିବା ଅନୁମାନ କରାଯାଉଥିବା ବ୍ରହ୍ମପୁର ଶ୍ରମ ଅଧିକାରୀ ବାବୁ ଚରଣ ପାତ୍ର ସୂଚନା ଦେଇଛନ୍ତି । କାଉନ୍‌ସେଲିଂ ପରେ ଉକ୍ତ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପାତ୍ର କହିଛନ୍ତି ।

# କର୍ଣ୍ଣାଟକ ନାଟ୍ୟ ମହୋତ୍ସବରେ ଭାଗନେବ ଗଞ୍ଜାମ ପଶୁମୁଖା ନୃତ୍ୟ




ବ୍ରହ୍ମପୁର ଷ୍ଟେଶନ୍‌ରେ ନାଟ୍ୟ ମହୋତ୍ସବରେ ଯୋଗଦେବାକୁ ଯାଉଥିବା କଳାକାର ସଂଘ ।

ବ୍ରହ୍ମପୁର ଅଫିସ୍,୧୮।୨

ଇଦାଗୁଞ୍ଜି ମହାଗଣପତି ଯକ୍ଷଗାନ ମଣ୍ଡଳୀ ଆନୁକୂଲ୍ୟରେ ୧୧ତମ କେରେମାନ୍ ଶମ୍ଭୁ ହେଗଡେ ରାଷ୍ଟ୍ରୀୟ ନାଟ୍ୟ ମହୋତ୍ସବ କର୍ଣ୍ଣାଟକର ହୋନାଭରରେ ଆସନ୍ତା ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ କଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସମ୍ବର୍ଦ୍ଧନା ଓ ଆଲୋଚନାଚକ୍ର ଆୟୋଜିତ ହେବ। ଏହି ଅନ୍ତର୍ଜାତୀୟସ୍ତରର ନାଟ୍ୟୋତ୍ସବରେ ଓଡ଼ିଶାର ବିଶିଷ୍ଟ ଲୋକକଳା ଗବେଷକ, ଲେଖକ, ନିର୍ଦ୍ଦେଶକ ତଥା ତରୁଣ କଳାକାର ସଂସ୍ଥାନ ସଭାପତି ମନ୍ମଥ କୁମାର ଶତପଥୀଙ୍କ ନେତୃତ୍ୱରେ ବେଲଗୁଣ୍ଠା ତରୁଣ କଳାକାର ସଂସ୍ଥାର ମହେନ୍ଦ୍ର ପାତ୍ର ଓ ଦିଗପହଣ୍ଡି ବିଚିତ୍ର ବର୍ଣ୍ଣାଳୀ ନାଟ୍ୟ ସଂସଦର ଆଲୋକ ବିଶୋୟୀ ଓ ସାଥୀ କଳାକାରମାନେ କଣ୍ଢେଇ ଓ ଗଞ୍ଜାମ ପଶୁମୁଖା ନୃତ୍ୟ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ଗବେଷକ ମନ୍ମଥ ଶତପଥୀଙ୍କୁ ସମ୍ମାନିତ କରାଯିବ।

# ଶାଳଗଛ କାଟିବା ଅଭିଯୋଗ, ଜଣେ କୋର୍ଟ ଚାଲାଣ

ଦାରିଙ୍ଗବାଡ଼ି,୧୮।୨(ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ବନ ବିଭାଗ ପକ୍ଷରୁ ଶାଳଗଛ କାଟିବା ଅଭିଯୋଗରେ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଉକ୍ତ ବନାଞ୍ଚଳ କାରଟିଙ୍ଗିଆ ପଞ୍ଚାୟତ ତିଆରିଗାଁର ରାଧାକାନ୍ତ ପ୍ରଧାନ। ବନାଞ୍ଚଳ ଅଧିକାରୀ ପ୍ରଦୀପ ବେହେରା କହିଛନ୍ତି, ରାଧାକାନ୍ତ ଜଣେ କାଠମାଫିଆ ଏବଂ ଦିର୍ଘଦିନ ଧରି ଉକ୍ତ ଅଞ୍ଚଳରେ ଶାଳ କାଠ ସମେତ ବହୁ ମୁଲ୍ୟବାନ କାଠ କାଟି ବିକ୍ରି କରୁଥିଲେ। ସେ କାଟିଙ୍ଗିଆ ସଂରକ୍ଷିତ ଜଙ୍ଗଲରୁ ଶାଳ କାଠ କାଟୁଥିବା ଖବର ପାଇ ବନାଞ୍ଚଳ ଅଧିକାରୀ ପ୍ରଦୀପ ବେହେରାଙ୍କ ନିର୍ଦ୍ଦେଶକ୍ରମେ ବନପାଳ ହରିଶ ପ୍ରଧାନ ଏବଂ ଅନ୍ୟକର୍ମଚାରୀ ଚଢ଼ାଉ କରି ରାଧାକାନ୍ତଙ୍କୁ ଗିରଫ କରି ଦାରିଙ୍ଗବାଡ଼ି ପ୍ରଥମ ଶ୍ରେଣୀ ବିଚାର ବିଭାଗରେ ହାଜର କରାଇଥିଲେ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଛି।

# ଆବେଦନପତ୍ରକୁ ଅଣଦେଖା ସୂଚନା ନ ଦେବା ସହ ସମାନ

**ସୂଚନା ଅଧିକାର ଆଇନ ସଂକ୍ରାନ୍ତ କର୍ମଶାଳା**

ପୁରୀ ଅଫିସ,୧୮।୨

ସ୍ଥାନୀୟ ସଂସ୍କୃତି ଭବନରେ ମଙ୍ଗଳବାର ସୂଚନା ଅଧିକାର ଆଇନ ସଂକ୍ରାନ୍ତ ଦକ୍ଷତା ବୃଦ୍ଧି ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜନ ସୂଚନା ଅଧିକାରୀ, ସହକାରୀ ଜନ ସୂଚନା ଅଧିକାରୀ ଏବଂ ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ନିମନ୍ତେ ଉଦ୍ଦିଷ୍ଟ ଏହି କର୍ମଶାଳାକୁ ଅତିରିକ୍ତ ଜିଲାପାଳ (ଏଡିଏମ୍) ପ୍ରଦୀପ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ସୂଚନା ଅଧିକାର ସମ୍ବନ୍ଧୀୟ ଦରଖାସ୍ତ ଗ୍ରହଣ ଓ ସୂଚନା ପ୍ରଦାନ ସମୟସୀମା ମଧ୍ୟରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ସେ ପରାମର୍ଶ ଦେଇଥିଲେ। ଆବେଦନପତ୍ରକୁ ଅଣଦେଖା କରିବା ସୂଚନା ନ ଦେବା ସହ ସମାନ। ଏସବୁ କ୍ଷେତ୍ରରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଦୃଷ୍ଟାନ୍ତ ରହିଛି ବୋଲି ଅତିରିକ୍ତ ଜିଲାପାଳ କହିଛନ୍ତି। ଲୁମିନସ ଇନ୍‌ଫୋଟେକର ହର୍ଷ ପରିଚ୍ଛା ଅଧିକାରୀମାନଙ୍କୁ ତାଲିମ ଦେବା ସହ ବୈଷୟିକ ଭାବେ ସୂଚନା ପରିଚାଳନା କରିବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ସେମାନଙ୍କ କାର୍ଯ୍ୟାଳୟର ୟୁଜର ଆଇଡି ଓ ପାସ୍‌ୱାର୍ଡ ପ୍ରଦାନ କରିଥିଲେ। ଅନ୍‌ଲାଇନ ମାଧ୍ୟମରେ ସୂଚନା ପରିଚାଳନା କ୍ଷେତ୍ରରେ ଥିବା ସମସ୍ତ ପ୍ରସଙ୍ଗ ଉପରେ କର୍ମଶାଳାରେ ଆଲୋଚନା ହୋଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୁରୁବୀର ସିଂ ଏହାକୁ ପରିଚାଳନା କରିଥିବାବେଳେ ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

# ହାଇୱା ପଛରେ ପିଟିହେଲା ବାଇକ୍, ୨ ଯୁବକ ମୃତ

ଗୋପାଳପୁର/କନିଷି, ୧୮।୨ (ଡି.ଏନ.ଏ.)

ଗୋଳନ୍ଥରା ଚଟି ଛକରେ ସୋମବାର ରାତିରେ ଏକ ହାଇୱା ପଛରେ ବାଇକ୍ ପିଟି ହେବାରୁ ୨ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ ଗୋଳନ୍ଥରା ଥାନା ନିମକୁଡିଆ ଗ୍ରାମର କାଳିଆ ପ୍ରଧାନ ଓ ସୋରଡ଼ ଜଙ୍କଶନ ନିକଟରେ ରହୁଥିବା ବିହାରର ଗଣେଶ ଚୌଧୁରୀ। ମଙ୍ଗଳବାର ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଗୁରୁତର ଆହତ ଭାଲିଆଗଡ ଗ୍ରାମର ଏ. କୃଷ୍ଣ ଦୋରା ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

ସୋମବାର ରାତିରେ କାଳିଆ, ଗଣେଶ ଓ କୃଷ୍ଣ ବ୍ରହ୍ମପୁରରୁ କାମ ସାରି ବାଇକ (ନଂ.ଓଡି୦୭ପି୧୧୯୬)ରେ ସୋରଡ଼ ଜଙ୍କଶନକୁ ଫେରୁଥିଲେ। ଗୋଳନ୍ଥରା ଚଟି ଛକ ନିକଟରେ ଠିଆ ହୋଇଥିବା ଚିପ୍ସ ବୋଝେଇ ହାଇୱା (ନଂ.ଓଡି୦୨ଏମ୪୪୫୪) ପଛରେ ବାଇକଟି ଭାରସାମ୍ୟ ହରାଇ ପିଟି ହୋଇଥିଲା। ଫଳରେ ୩ ଆରୋହୀ ଗୁରୁତର ଆହତ ହୋଇଥିଲେ। ଖବରପାଇ ଗୋଳନ୍ଥରା ଥାନାଧିକାରୀ ବାବୁଲି ନାୟକଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ସେଠାରେ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ଆହତମାନଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲ ନେଇଥିଲେ। ସେଠାରେ କାଳିଆ ଓ ଗଣେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ନଂ.୪୮/୨୦ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ହାଇୱା ଓ ବାଇକକୁ ଜବତ କରାଯାଇଥିବା ଥାନାଧିକାରୀ ନାୟକ ସୂଚନା ଦେଇଛନ୍ତି।

# ଟ୍ରଲିରେ ମୃତଦେହ ନେଲେ ପରିବାର ଲୋକେ

ବ୍ରହ୍ମପୁର ଅଫିସ,୧୮।୨

ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଦୃଷ୍ଟିକୁ ଆସିଛି। ମେଡିକାଲରେ ମୃତ୍ୟୁ ଘଟିଥିବା ରୋଗୀଙ୍କୁ ନେବା ପାଇଁ ମହାପ୍ରୟାଣ ଆମ୍ବୁଲାନ୍ସ ବ୍ୟବସ୍ଥା ରହିଛି। ହେଲେ ଏହା ନ ମିଳିବାରୁ ଜଣେ ବୃଦ୍ଧାଙ୍କ ମୃତଦେହ ତାଙ୍କ ପରିବାର ଲୋକେ ଏକ ଟ୍ରଲିରେ ନେଇଛନ୍ତି।

ଘଟଣାରୁ ପ୍ରକାଶ, ଟାଉନ ଥାନା ଅନ୍ତର୍ଗତ ଗେଟ୍‌ବଜାର ଜାଗିଲି ସାହିରେ ରହୁଥିବା ତ୍ରିନାଥ ସିଂଙ୍କ ମା' ଚନ୍ଦ୍ରମା (୬୦) ସୋମବାର ହଠାତ୍ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତ୍ରିନାଥ ଗରିବ ଶ୍ରେଣୀର ହୋଇଥିବା ବେଳେ ସେ ତାଙ୍କ ଭଉଣୀ ସନ୍ତୋସିନୀ କାମ କରି ଯାହା କିଛି ଅର୍ଥ ଉପାର୍ଜନ କରୁଥିଲେ ସେଥିରେ ମା ଓ ୨ ଭାଇ ଭଉଣୀ ଚଳୁଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ଚନ୍ଦ୍ରମାଙ୍କ ମୃତ୍ୟୁ ଘଟିଥିଲା। ବୃଦ୍ଧାଙ୍କ ମୃତଦେହ ହସ୍ପିଟାଲରୁ ନେଇଯିବା ପାଇଁ ଡାକ୍ତର ତ୍ରିନାଥଙ୍କୁ କହିଥିଲେ। ମହାପ୍ରୟାଣ ଆମ୍ବୁଲାନ୍ସରେ ତାଙ୍କ ମା'ଙ୍କ ମୃତଦେହ ନେବା ପାଇଁ ସେମାନେ ଇଛା କରିଥିଲେ। ହେଲେ ସେମାନଙ୍କ ପାଖରେ ଟଙ୍କା ନ ଥିଲା। ସେହିପରି ତାଙ୍କ ଗୁହାରି କେହି ଶୁଣି ନ ଥିବା ସନ୍ତୋସିନୀ ଅଭିଯୋଗ କରିଛନ୍ତି। ଶେଷରେ ବାଧହୋଇ ତ୍ରିନାଥ ଏକ ଟ୍ରଲି ଆଣି ମା'ଙ୍କ ମୃତଦେହ ଶ୍ମଶାନକୁ ନେଇଥିଲେ।



ମୃତଦେହକୁ ଟ୍ରଲି ରିକ୍ସାରେ ନିଆଯାଉଛି।

**ଆମ୍ବୁଲାନ୍ସ ମିଳିଲାନି**

ଏମ୍‌କେସିଜି ଦ୍ୱିତୀୟ ଫାଟକ ନିକଟରେ କେତେଜଣ ସ୍ୱେଚ୍ଛାସେବୀ ଓ ଖବରଦାତା ସେମାନଙ୍କୁ ଭେଟିଥିଲେ। ସେଠାରେ ତାଙ୍କୁ ସେମାନେ ଆର୍ଥିକ ସହାୟତା ଦେଇଥିଲେ। ପରେ ଏକ ଘରୋଇ ଆମ୍ବୁଲାନ୍ସ ଜରିଆରେ ବୃଦ୍ଧାଙ୍କ ମୃତଦେହ ଗେଟବଜାର ନିକଟ ଶ୍ମଶାନକୁ ନେଇ ସଂସ୍କାର କରିଥିଲେ। ଏନେଇ ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ସନ୍ତୋଷ କୁମାର ମିଶ୍ର କୁହନ୍ତି, ଜଣେ ବୃଦ୍ଧାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ମୃତ୍ୟୁ ଘଟିଥିଲା। ମହାପ୍ରୟାଣ ଆମ୍ବୁଲାନ୍ସ ନ ପାଇ ତାଙ୍କ ମୃତଦେହ ଏକ ଟ୍ରଲିରେ ତାଙ୍କ ପୁଅ ଓ ଝିଅ ନେଇଥିବା ମୁଁ ଶୁଣିବାକୁ ପାଇଛି। ଏପରି ଘଟଣା ମେଡିକାଲରେ କିପରି ଘଟିଲା ସେନେଇ କାଜୁଆଲଟି ମେଡିକାଲ ଅଫିସର, କାଜୁଆଲଟି ମ୍ୟାନେଜର ଓ ଡ୍ୟୁଟିରେ ଥିବା ସୁରକ୍ଷା କର୍ମୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ବୋଲି ସେ କହିଛନ୍ତି।